# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଫେବୃୟାରୀ ୧୬/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ ) Sambalpur, Saturday, February 16 / 2019 (Career & Appointment) | ★★

୧୫ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ୨୦ରୁ ପ୍ରଥମ 'ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ'

**ଭୁବନେଶ୍ୱର,୧୫।୨(ବ୍ୟୁରୋ):** ବିଶ୍ୱରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଲକ୍ଷ୍ୟରେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି 'ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୦ରୁ ୨୮ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘର ସହଯୋଗିତାରେ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଏହି ପୁସ୍ତକ ମହୋତ୍ସବରେ ମୁମ୍ବାଇ, କୋଲକାତା, ହାଇଦ୍ରାବାଦ୍ ଏବଂ ଦିଲ୍ଲୀର ଖ୍ୟାତନାମା ପ୍ରକାଶକମାନେ ଯୋଗଦେବେ। ଏହାସହ ପଡ଼ୋଶୀ ନେପାଳ, ମାଳଦ୍ୱୀପ ଓ ଭୁଟାନରୁ ମଧ୍ୟ ପ୍ରକାଶକମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ରହିବ, ଯେଉଁଠାରେ ସଂସ୍କୃତି ବିଭାଗ, ଅଭିଲେଖାଗାର, ବିଭିନ୍ନ ଏକାଡେମୀ ଓ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପ୍ରକାଶିତ ପୁସ୍ତକ ବିକ୍ରି ନିମନ୍ତେ ଉପଲବ୍ଧ ହେବ। ପ୍ରତିଦିନ କ୍ରେତାମାନଙ୍କୁ ବହିକିଣା ଉପରେ ଅଧିକ ହାରରେ ରିହାତି ପ୍ରଦାନ କରାଯିବ। ରାଜ୍ୟରେ ପଠନ ଅଭ୍ୟାସ ବୃଦ୍ଧି ସାଙ୍ଗକୁ ଅଧିକ ସଂଖ୍ୟକ ପାଠକଙ୍କୁ ପ୍ରୋତ୍ସାହନ ପ୍ରଦାନ ଉଦ୍ଦେଶ୍ୟରେ ଏପରି ରିହାତି ଦେବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିଷ୍ପତ୍ତି ନେଇଛି। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ପୁସ୍ତକ ମେଳା ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ତେଜୁଛି ଅସନ୍ତୋଷ, ବଢ଼ୁଛି ରାଜସ୍ୱ

# ସରକାରଙ୍କ ମଦନୀତି ବନାମ ମହିଳାଙ୍କ ଠେଙ୍ଗା

**ପ୍ରଭଞ୍ଜନ ମିଶ୍ର**
**ଝାରସୁଗୁଡ଼ା ଅଫିସ,୧୫।୨**

ରାଜ୍ୟରେ ଅବାଧ ମଦ କାରବାର ବଢ଼ି ଚାଲିଛି । ମଦ୍ୟପଙ୍କ ଦୌରାତ୍ମ୍ୟ ବି ସେହି ଗୁଣାରେ ବୃଦ୍ଧି ପାଉଛି । ଏହା ପରେ ବି ପୋଲିସ ଓ ଅବକାରୀ ବିଭାଗ ହାତବାନ୍ଧି ବସିଛନ୍ତି। ଫଳରେ ତେଜୁଛି ମଦ ବିରୋଧୀ ଆନ୍ଦୋଳନ। ମହିଳାମାନେ ନେଉଛନ୍ତି ଏହାର ନେତୃତ୍ୱ। ସରକାରଙ୍କ ମଦନୀତିକୁ ବିରୋଧ କରି ସେମାନେ ଧରିଛନ୍ତି ଠେଙ୍ଗା । କେଉଁଠି ସେମାନେ ଏକଜୁଟ୍ ହୋଇ ମଦଭାଟି ଭାଙ୍ଗୁଛନ୍ତି ତ' କେଉଁଠି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଉଛନ୍ତି। ଦେଶୀ, ବିଦେଶୀ ମଦ ଦୋକାନ ଆଗରେ ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ ଚାଲିଛି । ଗାଁରୁ ସହରକୁ ଏହି ଆନ୍ଦୋଳନ ବ୍ୟାପୁଛି । ତଥାପି ସରକାର ଚେତୁ ନାହାନ୍ତି। ଚିରାଚରିତ ଢଙ୍ଗରେ ବଢାଇ ଚାଲିଛନ୍ତି ଅବକାରୀ ରାଜସ୍ୱ। ମଦରୁ ଆଦାୟ ରାଜସ୍ୱ ରାଜକୋଷକୁ ସୁଦୃଢ଼ କରୁଛି ସତ, କିନ୍ତୁ ସାମାଜିକ ଶୃଙ୍ଖଳା, ମହିଳାଙ୍କ ନିରାପତ୍ତା ଏବଂ ପାରିପାର୍ଶ୍ୱିକ ଶାନ୍ତିକୁ ନଷ୍ଟ କରୁଛି ବୋଲି ଅଭିଯୋଗ ହୋଇଛି ।

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ଶ୍ରୀପୁରାରେ ୨୦୧୭ ମେ'ରେ ଆରମ୍ଭ ହୋଇଥିଲା ଏହି ମଦ ବିରୋଧୀ ଆନ୍ଦୋଳନ । ମହିଳାମାନେ ଏହାର ନେତୃତ୍ୱ ନେଇ ସଫଳତା ପାଇଥିଲେ । ଏବେ କିର୍ମିରା ବ୍ଲକରେ ଚାଲିଛି ମଦ ବିରୋଧୀ ଆନ୍ଦୋଳନ। କିର୍ମିରା ବ୍ଲକର ଭାଲୁପତ୍ରାଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗତ ୧୨ ଦିନ ହେବ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଭାଟି ନିକଟରେ ଧାରଣା ଜାରି ରଖିଛନ୍ତି। ଏହା ପୂର୍ବରୁ ଶ୍ରୀପୁରା, ବଢେଇମୁଣ୍ଡା ଭଳି ଯେଉଁ କେତୋଟି ମଦ ବିରୋଧୀ ଆନ୍ଦୋଳନ ସଫଳ ହୋଇଛି ସେଥିରୁ ପ୍ରେରଣା ପାଇଛି ଭାଲୁପତ୍ରା ଆନ୍ଦୋଳନ।




ଭାଟି ସାମ୍ନାରେ ମହିଳାଙ୍କ ଧାରଣା।

ଝାରସୁଗୁଡା ସଦର ବ୍ଲକ ଶ୍ରୀପୁରାଠାରେ ମେ' ୨୦୧୭ରେ ଏକ ମଦଭାଟି ସ୍ଥାନାନ୍ତର ଦାବିରେ ଗାଁ ଲୋକ ଆରମ୍ଭ କରିଥିଲେ ଆନ୍ଦୋଳନ। ଶାନ୍ତିପୂର୍ଣ୍ଣ ଭାବେ ମଦଭାଟି ସାମ୍ନାରେ ଜଗି ରହିଥିଲେ। ଅନ୍ଧାର ରାତିରେ ମହିଳାମାନେ ଠେଙ୍ଗା ଖଣ୍ଡେ ଖଣ୍ଡେ ଧରି ବିପଦପୂର୍ଣ୍ଣ ଅବସ୍ଥାରେ ଭାଟି ସାମ୍ନାରେ ବସି ରହିଥିଲେ। ପ୍ରଥମେ ଏହି ଆନ୍ଦୋଳନ ଭଣ୍ଡୁର କରିବାକୁ ଚାରିଆଡୁ ଚାପ ପଡୁଥିଲା। ହେଲେ ମହିଳାମାନେ ବାରମ୍ବାର ପ୍ରଶାସନ ସହ ଯୋଗସୂତ୍ର ରଖି ଧାରଣା ଜାରି ରଖିଥିଲେ। ଏହି ଆନ୍ଦୋଳନ ପ୍ରାୟ ୭ ମାସ ଧରି ଚାଲିଥିଲା। ୭ ମାସର ଧାରଣା ପରେ ଡିସେମ୍ବର ୨୦୧୭ରେ ତତ୍କାଳୀନ ଜିଲାପାଳ ଉକ୍ତ ଭାଟିର ଲାଇସେନ୍ସ ନବୀକରଣ କରି ନ ଥିଲେ। ଫଳରେ ମହିଳାଙ୍କ ଦୀର୍ଘଦିନର ଆନ୍ଦୋଳନ ସଫଳ ହୋଇଥିବା ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ମୀନତି ପାତ୍ର କହିଥିଲେ। ସେହିପରି ଭାବେ ବଢେଇମୁଣ୍ଡାଠାରେ ମହିଳାମାନେ ଚୋରା ମଦ ବ୍ୟବସାୟୀଙ୍କୁ ସାବାଡ କରିବା ପାଇଁ ଠେଙ୍ଗା ଅଭିଯାନ ଆରମ୍ଭ କରିଥିଲେ। ମହିଳାମାନେ ସନ୍ଧ୍ୟାରେ ଠେଙ୍ଗାଧରି ପଡାରେ ପଇଁତରା ମାରିବା ସହ ବେଆଇନ୍ ମଦ କାରବାରକୁ ବନ୍ଦ କରିବାରେ ବହୁମାତ୍ରାରେ ସଫଳ ହୋଇଥିଲେ।

ଏହିପରି ଭାବେ ଦୁର୍ଲଗା, ତାଳପଟିଆ, ବେହେରାମାଲ, ଏତାକାଲି ଏବଂ ଜିଲାର ଅନ୍ୟ ବ୍ଲକରେ ମଧ୍ୟ ଏହି ଆନ୍ଦୋଳନ ସଫଳ ହୋଇଛି। ସଫଳ ଆନ୍ଦୋଳନ ଗୁଡିକୁ ଅନୁଧ୍ୟାନ କରି ଭାଲୁପତ୍ରାର ମହିଳାମାନେ ବାରମ୍ବାର ପ୍ରଶାସନକୁ ଦାବିପତ୍ର ଦେଇ ନୟାନ୍ତ ହେବାପରେ ଶେଷରେ ଏହି ପନ୍ଥା ଅବଲମ୍ବନ କରିଛନ୍ତି। ଭାଟି ସାମ୍ନାରେ ଅହୋରାତ୍ର ଧାରଣାରେ ବସି ରହିଛନ୍ତି। ପ୍ରଶାସନ ନ ଶୁଣିବା ଯାଏଁ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ଜାହ୍ନବୀ ନାଏକ, ପଦ୍ମିନୀ ଗର୍ଡିଆ, ସାବିତ୍ରୀ ରୋହିଦାସ, ପ୍ରେମଶୀଳା ଗୋଖରା ପ୍ରମୁଖ କହିଛନ୍ତି। ଗୋଟିଏ ପଟେ ମଦକୁ ବିରୋଧ କରି ଗାଁ ଗାଁରେ ବିରୋଧ ହେଉଥିବା ବେଳେ ସରକାର କିନ୍ତୁ ଅବକାରୀ ରାଜସ୍ୱ ପରିମାଣ ବୃଦ୍ଧି କରିବାରେ ଲାଗିଛନ୍ତି, ଯାହାକୁ ନେଇ ଲୋକ ଅସନ୍ତୋଷ ତୀବ୍ର ରୂପ ନେଉଛି। ଅବକାରୀ ବିଭାଗରୁ ମିଳିଥିବା ତଥ୍ୟ ମୁତାବକ, ଜିଲାରେ ୧୪ଟି ଦେଶୀ ମଦଭାଟି ରହିଛି, ଯେଉଁଥିରୁ ବାର୍ଷିକ ୧୪କୋଟି ୭୦ଲକ୍ଷ ୨୯୩୫୨ ଟଙ୍କାର ରାଜସ୍ୱ ସରକାରୀ ତହବିଲକୁ ଯାଉଛି। ସେହିପରି ଅଫ୍-ଶପ୍‌ରୁ ୧କୋଟି ୯୦ଲକ୍ଷ ୨୦୦୦, ଅନ୍-ଶପ୍‌ରୁ ୮୭ ଲକ୍ଷ ସମେତ ୩୩ଟି ଭାଟିର ଶାଖା କାଉଣ୍ଟରରୁ ରାଜସ୍ୱ ସରକାରୀ ରାଜକୋଷକୁ ଯାଉଛି ବୋଲି ଇନସ୍ପେକ୍ଟର ଝସକେତନ ବରିହା କହିଛନ୍ତି। ଗୋଟିଏ ପଟେ ସରକାର ନୂଆ ଭାଟି କିମ୍ବା ଅଫ୍‌ସପ୍ ପାଇଁ ଲାଇସେନ୍ସ ପ୍ରଦାନ କରୁ ନ ଥିବା ବେଳେ ଅନ୍ୟପଟେ ଜିଲାର ରାଜସ୍ୱ ଆଦାୟ ଲକ୍ଷ୍ୟ ବୃଦ୍ଧି କରିବାରେ ଲାଗିଛନ୍ତି। ଏହାଦ୍ୱାରା ମଦଭାଟି ଏବଂ ଦୋକାନୀମାନେ ମନଇଚ୍ଛା ମଦ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଯାହାର ପରିଣାମ ସ୍ୱରୂପ ସାମାଜିକ ବାତାବରଣ ନଷ୍ଟ ହେଉଛି। ୨୦୧୭-୧୮ରେ ଜିଲାର ଅବକାରୀ ରାଜସ୍ୱ ଲକ୍ଷ୍ୟ ୩୨କୋଟି ୯୦ଲକ୍ଷ ରହିଥିବା ବେଳେ ୨୦୧୮-୧୯ରେ ଏହା ବୃଦ୍ଧିପାଇ ୩୪ କୋଟିରେ ପହଞ୍ଚିଛି।

**ଏନ୍‌ଜିଟିଙ୍କ କଡ଼ା ଆଦେଶ**

# ବିଛାଯାଇଥିବା ପାଇପ୍‌ରେ ପାଣି ନେଇପାରିବନି ମଦ କମ୍ପାନୀ

**କଟକ ଅଫିସ, ୧୫।୨**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ଟିଟିରିକଟା ଗ୍ରାମରେ ସ୍ଥାପିତ ହୋଇଥିବା ବୌଦ୍ଧ ଡିଷ୍ଟିଲେରି (ମଦ କମ୍ପାନୀ) ଉପରେ ଏନ୍‌ଜିଟି ଅଙ୍କୁଶ ଲଗାଇଛନ୍ତି। ଆଗତ ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ଦିଲ୍ଲୀସ୍ଥିତ ମୁଖ୍ୟ ଖଣ୍ଡପୀଠ କମ୍ପାନୀ ପକ୍ଷରୁ ଜଙ୍ଗଲ ଜମି ଉପରେ ବେଆଇନ ଭାବେ ବିଛାଯାଇଥିବା ପ୍ରାୟ ୪ କିଲୋମିଟର ବ୍ୟାପି ପାଣି ପାଇପ୍ ଲାଇନକୁ ବ୍ୟବହାର କରିବା ଉପରେ ରୋକ ଲଗାଇଛନ୍ତି।

ସୂଚନାଥାଉ କି, ଏହି ମଦ କମ୍ପାନୀ ୨୦୧୭ ଡିସେମ୍ବରରେ ପୋଲିସ ପ୍ରଶାସନ ସହାୟତାରେ ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ଉକ୍ତ ପାଇପ୍ ବିଛା କାର୍ଯ୍ୟ କରିଥିଲା। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବାରୁ କେତେଜଣଙ୍କ ବିରୋଧରେ ପୋଲିସ ମିଛ ମକଦ୍ଦମା ରୁଜୁ କରିଥିଲା। ଉକ୍ତ ବେଆଇନ କାର୍ଯ୍ୟର ବିରୋଧ କରି ଫକିରପୁର ଗ୍ରାମର ୫ ଜଣ ବ୍ୟକ୍ତି ୨୦୧୮ ଜାନୁୟାରୀରୁ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିବର୍ଷ ଜାନୁୟାରୀ ୧୨ରେ ଏନ୍‌ଜିଟିଙ୍କ ପକ୍ଷରୁ ବୌଦ୍ଧ ଡିଏଫ୍‌ଓ ଓ ଜିଲାପାଳଙ୍କୁ ସ୍ଥିତିର ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ବୌଦ୍ଧ ଡିଏଫ୍‌ଓ ଦର୍ଶାଇଥିଲେ ଯେ, ବେଆଇନ ଭାବେ ଜଙ୍ଗଲ ଜମିରେ ପାଇପ୍ ଲାଇନ ବିଛାଯାଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଠିକ୍ ସେହିପରି ଜିଲାପାଳ ତାଙ୍କ ଜବାବରେ ଦର୍ଶାଇଥିଲେ ଯେ, କମ୍ପାନୀକୁ ଲିଜ୍ ଆକାରରେ ଦିଆଯାଇଥିବା ଜମି ଜଙ୍ଗଲ ବିଭାଗର ବିନା ଅନୁମତିରେ ବ୍ୟବହାର ନ କରିବାକୁ ସର୍ତ୍ତାବଳୀ ରହିଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ସର୍ତ୍ତାବଳୀର ଉଲ୍ଲଂଘନ କରାଯାଇଥିଲା। ଫଳରେ ଜିଲାପାଳ ଉକ୍ତ ଜମି ଲିଜ୍‌କୁ ବାତିଲ କରିଥିବା ଦର୍ଶାଇଥିଲେ। କମ୍ପାନୀ ପକ୍ଷରୁ ଯେଉଁଭଳି ଆଇନର ଉଲ୍ଲଂଘନ କରାଯାଇଛି ସେନେଇ ବନ ବିଭାଗ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଜିଟି ନିଜ ଆଦେଶରେ ସ୍ପଷ୍ଟ କରିଛନ୍ତି।




# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ସୋନପୁର,୧୫।୨(ନି.ପ୍ର.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ସୋନପୁର ସହର ଉପକଣ୍ଠ ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ମନମୁଣ୍ଡା ଥାନା ଫଗୁଣାମାଳ ଗ୍ରାମର ପରମେଶ୍ୱର ବଘାର(୨୫) ଓ ରଞ୍ଜିତ ମଲ୍ଲିକ(୩୦)। ସେମାନେ ଗାଁରେ ଆୟୋଜିତ ନାମଯଜ୍ଞ ପାଇଁ ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ସୋନପୁର ପୋଲିସ ଏକ ମାମଲା ରୁଜୁ କରି ଟ୍ରକ୍ ଓ ବାଇକକୁ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ଲୁହା ବୋଝେଇ ଟ୍ରକ୍ (ଟ୍ରକ୍ ନଂ ଓଆର୧୪ଡବ୍ଲ୍ୟୁ-୭୨୯୩) ସହିତ ବୌଦ୍ଧ ଜିଲା ମନମୁଣ୍ଡାକୁ ଫେରୁଥିବା ବାଇକ୍ ସହିତ ଧକ୍କା ହୋଇଥିଲା। ବାଇକ୍ ଟି(ନଂ ଓଡି୩୧ଡି-୮୯୧୧) ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ପରମେଶ୍ୱର ଓ ରଞ୍ଜିତ୍ ରାସ୍ତାପାର୍ଶ୍ୱକୁ ଛିଟ୍‌କି ପଡିଥିଲେ। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ମହାପ୍ରୟାଣ ଗାଡି ଯାଇ ମୃତଦେହକୁ ଆଣିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଫଗୁଣାମାଳ ଗ୍ରାମରେ ଆସନ୍ତା ୨୦ତାରିଖରୁ ନାମଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥି ସକାଶେ ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ପରମେଶ୍ୱର ଓ ରଞ୍ଜିତ ଯାଇଥିଲେ। ଏଥିଯୋଗୁ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଟ୍ରକ ଚାଳକ ଫେରାର ହୋଇ ଯାଇଛନ୍ତି।

■ନାମଯଜ୍ଞ ପାଇଁ ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇ ଫେରୁଥିଲେ



ଦୁର୍ଘଟଣାରେ ଭାଙ୍ଗି ରୁଜି ଯାଇଥିବା ବାଇକ୍ ।

# କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

■ ପ୍ରଥମ ପର୍ଯ୍ୟାୟରେ ୧୧ଲୋକ ସଭା, ୭୭ ବିଧାନସଭା ଆସନ ପାଇଁ ବଛାଗଲା

■ ମାର୍ଚ୍ଚ ପ୍ରଥମ ସପ୍ତାହରେ ଚୂଡ଼ାନ୍ତ ତାଲିକା ଘୋଷଣା

ରାଜ୍ୟରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୧ ଲୋକ ସଭା ଓ ଏହା ଅନ୍ତର୍ଗତ ୭୭ ବିଧାନସଭା ଆସନ ପାଇଁ ଏହି ତାଲିକା ପ୍ରସ୍ତୁତ ହୋଇଛି। କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡା ଏବଂ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ କାହାକୁ ପ୍ରାର୍ଥୀ କରାଗଲେ ଦଳ ଭଲ ପ୍ରଦର୍ଶନ କରିପାରିବ ସେନେଇ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥିସାନ ୩ଦିନ ଧରି ରାଜ୍ୟ କାର୍ଯ୍ୟାଳୟଠାରେ ବିଭିନ୍ନ ବର୍ଗର ନେତା ଓ କର୍ମୀଙ୍କ ମତାମତ ଲୋଡ଼ିଥିଲେ। ତାହାକୁ ଆଧାର କରାଯାଇ ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ୨ରୁ ୪ ଜଣ ଲେଖାଏ ବଛାଯାଇଛି। ସେହିପରି ଏହି ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭା କ୍ଷେତ୍ରଗୁଡିକ ପାଇଁ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯାଇଛି। ସେହିପରି ଆସିକା, ବ୍ରହ୍ମପୁର, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅଧୀନ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଚୟନ ନିମନ୍ତେ ସ୍କ୍ରିନିଂ କମିଟିର ଅନ୍ୟଜଣେ ସଦସ୍ୟ ନୌସାଦ ସୋଲାଙ୍କି ବ୍ରହ୍ମପୁରଠାରେ ଦଳୀୟ ନେତା ଓ କର୍ମୀଙ୍କ ମତ ସଂଗ୍ରହ କରିଥିଲେ। ତଦନୁଯାୟୀ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ ଲୋକ ସଭା ଆସନ ଓ ୭୦ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ ଚୟନ ପାଇଁ ପୁନର୍ବାର ଦଳର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସିବେ।

ଏହାପରେ ୨୫ ତାରିଖ ମଧ୍ୟରେ ଦଳର ପିଇସି (ପ୍ରଦେଶ ଇଲେକ୍ସନ କମିଟି) ବୈଠକ ବସିବ। ସେଥିରେ ସ୍କ୍ରିନିଂ କମିଟିର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏକ ତାଲିକା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ନିକଟକୁ ପଠାଯିବ। ଫେବୃୟାରୀ ଶେଷସୁଦ୍ଧା କଂଗ୍ରେସ ନିଜ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ହେଲେ ଏଥିରେ ସାମାନ୍ୟ ବିଳମ୍ବ ହୋଇ ମାର୍ଚ୍ଚ ପ୍ରଥମ ସପ୍ତାହରେ ଚୂଡାନ୍ତ ପ୍ରାର୍ଥୀ ତାଲିକା କଂଗ୍ରେସ ଘୋଷଣା କରିବ ବୋଲି ସୂଚନା ମିଳିଛି। ତେବେ ପିଇସି ବୈଠକରେ ଚୂଡାନ୍ତ ପ୍ରାର୍ଥୀଙ୍କ ନାମ ଜଣାପଡିବା ସମ୍ଭାବନା ରହିଛି। ତେଣୁ ପିଇସି ବୈଠକ ଉପରେ ସଭିଙ୍କ ନଜର ରହିଛି। ବହୁ ନୂଆ ମୁହଁ ଏବେ ଟିକେଟ ପାଇଁ ପିଇସି ସଦସ୍ୟମାନଙ୍କ ପାଖରେ ଲବି ଆରମ୍ଭ କରିଦେଇଥିବା ଜଣାପଡିଛି।

ଅନ୍ୟପଟେ କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଆସନ ପାଇଁ ସାଥିସାନଙ୍କ ତାଲିକାରେ କେଉଁମାନଙ୍କ ନାମ ସ୍ଥାନପାଇଛି ତାହା ଏକ ସୂତ୍ରରୁ ଜଣାପଡିଛି। ଢେଙ୍କାନାଳ ଲୋକ ସଭା ଆସନ ପାଇଁ କେ.ପି. ସିଂଦେଓ, ଶାରଦା ପ୍ରସାଦ ପ୍ରଧାନ ଓ ହେମନ୍ତ ସାମଲଙ୍କ ନାମ ରହିଥିବା ଜଣାପଡିଛି। ଅନ୍ୟପଟେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଧାନସଭା କ୍ଷେତ୍ର ତଥା ଢେଙ୍କାନାଳ ପାଇଁ ନବୀନ ଚନ୍ଦ୍ର ନାରାୟଣ ଦାସ, ସରୋଜ ପଟ୍ଟନାୟକ ଓ ଶ୍ରୀଧର ସାହୁଙ୍କ ନାମ ଯାଇଛି। ତେବେ ପୂର୍ବତନ ବିଧାୟକ ନବୀନ ନନ୍ଦ ଯଦି ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେବେ ତେବେ ତାଙ୍କୁ କଂଗ୍ରେସ ଟିକେଟ ମିଳିବା ନିଶ୍ଚିତ ବୋଲି ଜଣାପଡ଼ିଛି। ହିନ୍ଦୋଳ ଆସନ ପାଇଁ ବାମଦେବ ନାୟକ, ମମତାଞ୍ଜଳି ବେହେରା ଓ ଦିବାକର ନାୟକଙ୍କ ନାମ ରହିଛି। କାମାକ୍ଷାନଗର ଆସନ ପାଇଁ ଭବାନୀ ମହାପାତ୍ର, ଆଦିତ୍ୟ ମହାପାତ୍ର ଓ ବିନୟ ସାହୁଙ୍କ ନାମ ରହିଛି। ପରଜଙ୍ଗ ପାଇଁ ବିଶ୍ୱତୋଷ ସାହୁଙ୍କ ନାମ ପ୍ରଥମେ ରହିଥିବାବେଳେ ବିମଳ ବେହେରା ଓ ସନ୍ତୋଷ ରାଉତଙ୍କ ନାଁ ରହିଛି। ଅନୁଗୋଳ ପାଇଁ ଅମ୍ବିକା ପ୍ରସାଦ ଭଞ୍ଜ, ବିପ୍ଳବ ଜେନା, ଜିତେନ୍ଦ୍ର ସାହୁ ଓ ଜୟନ୍ତ ସାହୁଙ୍କ ନାମ ରହିଛି। ତାଳଚେର ଆସନ ପାଇଁ ସୁରେଶ ବେହେରା, ପ୍ରଫୁଲ୍ଲ ଦାସ, ବିଷ୍ଣୁ ରଥ ଓ କେଶବ ଭୂତିଆଙ୍କ ନାମ ରହିଛି। ପାଲଲହଡା ପାଇଁ ସୁବୋଧ ପାଣି ଓ ସୁବ୍ରତ ଗଡନାୟକଙ୍କ ନାମ ରହିଛି। ଅପରପକ୍ଷରେ କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ଭାଗବତ ମହାନ୍ତି, ଧରଣୀଧର ନାୟକ, ଚିନ୍ମୟ ବେଉରା ଏବଂ ଲୋକନାଥ ମହାରଥୀଙ୍କ ନାମ ଥିବା ଜଣାପଡ଼ିଛି। ଏହି ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭା କ୍ଷେତ୍ର ତଥା କେନ୍ଦ୍ରାପଡା ଆସନ ପାଇଁ ଗଣେଶ୍ୱର ବେହେରା, ହଳଧର ସେଠୀ, ମାନସ ମଲିକଙ୍କ ନାମ ରହିଛି। ପାଟକୁରା ଆସନ ପାଇଁ ଜୟନ୍ତ ମହାନ୍ତି, ଚିନ୍ମୟ ବେଉରା, ଗାୟତ୍ରୀ ମହାନ୍ତି ଓ ଅଜୟ ସାମଲଙ୍କ ନାମ ରହିଛି। ମହାକାଳପଡା ଆସନ ପାଇଁ ଲୋକନାଥ ମହାରଥୀ ଓ ରାକେଶ ମହାନ୍ତିଙ୍କ ନାମ ରହିଛି। ସାଲେପୁର ଆସନ ପାଇଁ ପ୍ରକାଶ ବେହେରାଙ୍କ ନାମ ଥିବାବେଳେ ଆଳି ଆସନ ପାଇଁ ଦେବେନ୍ଦ୍ର ଶର୍ମା ଓ ଦେବସ୍ମିତା ଶର୍ମାଙ୍କ ନାମ ରହିଛି। ମାହାଙ୍ଗା ପାଇଁ ଦେବାଶିଷ ଭୁୟାଁ ଓ ଦେବେନ୍ଦ୍ର ସାହୁଙ୍କ ନାମ ତାଲିକାରେ ଥିବାବେଳେ ରାଜନଗର ଆସନ ପାଇଁ ଅଂଶୁମାନ ମହାନ୍ତିଙ୍କ ନାମ ଥିବା ଜଣାପଡିଛି।

ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଫେବୃୟାରୀ ୧୬/୨୦୧୯ Sambalpur, Saturday, February 16 / 2019 | ପୃଷ୍ଠା-୧



**ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅମିତାଭ୍‌ଙ୍କ ୫୦ବର୍ଷ ପୂର୍ତ୍ତି**

ସୁପରଷ୍ଟାର ଅମିତାଭ୍ ବଚ୍ଚନ ଶୁକ୍ରବାର ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିବାର ୫୦ବର୍ଷ ପୂରଣ କରିଛନ୍ତି।

୧୧ ୧୨

**ହନୁମାଙ୍କ ରେକର୍ଡ**

ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ କପ୍‌ରେ ହ୍ୟାଟ୍ରିକ ଶତକ ହାସଲ କରିଛନ୍ତି।



### ଆଜିର ସମ୍ପାଦକୀୟ

**ମିଶ୍ରିତ ଦ୍ୱନ୍ଦ୍ୱ**

### ଆଜିର ମନ୍ତବ୍ୟ

"ପାକିସ୍ତାନ ସହ ଶାନ୍ତି ଆଲୋଚନା ସମୟ ସରିଯାଇଛି। ଠିକଣା ଜବାବ ଦ୍ୱାରା ଇସ୍‌ଲାମାବାଦକୁ ଶିକ୍ଷା ଦେବାକୁ ହେବ।

–ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ରବି ଋତୁରେ ବର୍ତ୍ତମାନ ସୁଦ୍ଧା ୨୯୮.୪୭ ଲକ୍ଷ ହେକ୍ଟର ଜମିରେ ଗହମ ଚାଷ ହୋଇଛି। ଏହା ଗତ ବର୍ଷ ୨୯୯.୮୪ ଲକ୍ଷ ହେକ୍ଟର ଥିଲା।

–କୃଷି ମନ୍ତ୍ରଣାଳୟ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 15.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 73 | 123 | 133 |
| BLS | 75 | 126 | 136 |
| ANG | 72 | 122 | 132 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers

## ଆତଙ୍କବାଦୀ ଆକ୍ରମଣ ପରେ ଭାରତର ଚେତାବନୀ

# ପରିଣାମ ଭୋଗିବ ପାକିସ୍ତାନ

**ନୂଆଦିଲ୍ଲୀ, ୧୫।୨**

ଜମ୍ମୁ ଓ କଶ୍ମୀରର ପୁଲଓ୍ୱାମା ଜିଲାରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ପାଇଁ ପଡ଼ୋଶୀ ଦେଶକୁ କ୍ଷମା ଦିଆଯିବ ନାହିଁ ବୋଲି ଭାରତ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଆତ୍ମଘାତୀ ବିସ୍ଫୋରଣ ଘଟାଇ ପାକିସ୍ତାନର ଆତଙ୍କବାଦୀମାନେ ଯେଉଁ ସାଂଘାତିକ ଭୁଲ କରିଛନ୍ତି ତାହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପୁଲଓ୍ୱାମା ସଂହାରଲୀଳା ପାକିସ୍ତାନ ପ୍ରାୟୋଜିତ। ତେଣୁ ଯେସାକୁ ତେସା ନୀତିରେ ଇସ୍‌ଲାମାବାଦ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ଶୁକ୍ରବାର ନିରାପତ୍ତା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ହୋଇଥିବା ଜରୁରୀ ବୈଠକରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମଣ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ପ୍ରମୁଖ ସୁରକ୍ଷା ବଳଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ସମୀକ୍ଷା କରିଥିଲେ। ପାକିସ୍ତାନକୁ ଆର୍ଥିକ, ସାମରିକ ☞ପୃଷ୍ଠା–୬



- ସବୁଠୁ ଅନୁଗୃହୀତ ରାଷ୍ଟ୍ର ମାନ୍ୟତା ବାତିଲ୍
- ପାକିସ୍ତାନକୁ ଏକଘରିଆ କରିବା ଲାଗି କୂଟନୈତିକ ପ୍ରସ୍ତୁତି
- ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେନାକୁ ପୂର୍ଣ୍ଣ ସ୍ୱାଧୀନତା
- ଜାତିସଂଘରେ ପାକିସ୍ତାନକୁ ଘେରିବ ଭାରତ

## କାନ୍ଦୁଛି ଶହୀଦ ପ୍ରସନ୍ନଙ୍କ ଜନ୍ମମାଟି

**ନାଉଗାଁ, ୧୫।୨(ସ୍ୱ.ପ୍ର.)**



ଜମ୍ମୁ–କଶ୍ମୀରର ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ମଧ୍ୟରେ ଅଛନ୍ତି ଜଗତ୍‌ସିଂହପୁର ଜିଲା ନାଉଗାଁର ପ୍ରସନ୍ନଜିତ ସାହୁ (୪୬)। ନାଉଗାଁ ବ୍ଲକ ଶିଖର ପଞ୍ଚାୟତର ଦେବୀନଦୀ ଦକ୍ଷିଣ ପାର୍ଶ୍ୱରେ ଥିବା ପାରିଶିଖର ଗ୍ରାମରେ ତାଙ୍କ ଘର। ଜମ୍ମୁ–କଶ୍ମୀରରେ ସିଆରପିଏଫ୍ ୬୧ ବାଟାଲିୟନରେ ହାବିଲଦାର ଭାବେ ସେ କାର୍ଯ୍ୟ କରୁଥିଲେ। ପିତା ସ୍ୱର୍ଗତ କାଶୀନାଥ ସାହୁ ଓ ମା' ଲଳିତା ଦେବୀଙ୍କ ୫ ଝିଅପୁଅଙ୍କ ମଧ୍ୟରେ ପ୍ରସନ୍ନ ଥିଲେ ସାନ। ସ୍ତ୍ରୀ ମୀନା, ☞ପୃଷ୍ଠା–୬

## ମନୋଜଙ୍କୁ ଝୁରୁଛି ନିଆଳି

### ୧୪ ତାରିଖରେ ମା', ସ୍ତ୍ରୀଙ୍କ ସହ ଶେଷଥର କଥା ହୋଇଥିଲେ

**ନିଆଳି, ୧୫।୨(ଡି.ଏନ୍.ଏ.)**



ଜମ୍ମୁ–କଶ୍ମୀରର ପୁଲଓ୍ୱାମାଠାରେ ଗୁରୁବାର ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଛନ୍ତି ନିଆଳି ବ୍ଲକ ଅନ୍ତର୍ଗତ ରତନପୁର ପଞ୍ଚାୟତ ଗଜାବର ଗ୍ରାମର ମନୋଜ ବେହେରା(୩୨)। ଏହି ଖବର ମିଳିବା ପରେ ମନୋଜଙ୍କ ଗ୍ରାମ ସହିତ ସମଗ୍ର ନିଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକମାତ୍ର ପୁଅକୁ ହରାଇ ତାଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। ମୋ' ପୁଅ ଦେଶମାତୃକାର ସେବା କରି ଶହୀଦ ହୋଇଛି। ☞ପୃଷ୍ଠା–୬

### ଟିକସଦାତାଙ୍କୁ ସିବିଡିଟିର ତାଗିଦ

## ମାର୍ଚ୍ଚ ୩୧ ପୂର୍ବରୁ ଆଧାର-ପାନ୍ ସଂଯୋଗ କର




**ନୂଆଦିଲ୍ଲୀ, ୧୫।୨**

ଆୟକର ରିଟର୍ନ ଦାଖଲ କରୁଥିବା ଟିକସଦାତାଙ୍କୁ ପାନ୍ ସହ ଆଧାର ସଂଯୋଗ କରିବା ବାଧ୍ୟତାମୂଳକ ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏହା ସାରିବାକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ପକ୍ଷରୁ ତାଗିଦ କରାଯାଇଛି। ଆୟକର ଆଇନ, ୧୯୬୧ର ଧାରା ୧୩୯ଏଏ ଏବଂ ସିବିଡିଟି ପକ୍ଷରୁ ୨୦୧୮ ଜୁନ୍ ୩୦ରେ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ପାନ ସହ ଆଧାର ସଂଯୋଗ ଅତ୍ୟନ୍ତ ଜରୁରୀ। ସୁପ୍ରିମକୋର୍ଟ ଫେବୃୟାରୀ ୬ରେ ପ୍ରଦତ୍ତ ରାୟରେ ମଧ୍ୟ ଏହା ଦର୍ଶାଇଛନ୍ତି। ସେହିଭଳି ବିଚାରପତି ଏ.କେ.ସିକ୍ରି, ବିଚାରପତି ଏସ୍.ଅବଦୁଲ ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆୟକର ରିଟର୍ନ ଦାଖଲ ପାଇଁ ପାନ୍ ଜରୁରୀ ବୋଲି ଦର୍ଶାଇ ଆୟକର ଆଇନର ଧାରା ୧୩୯ଏଏକୁ କାଏମ ରଖିଥିଲେ।






## ଆଜି ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା/ଜୁନାଗଡ଼,୧୫।୨(ଡି.ଏନ.ଏ.): ଶନିବାର ଦିନିକିଆ କଳାହାଣ୍ଡି ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଛନ୍ତି। ଭବାନୀପାଟଣାରେ ଆୟୋଜିତ ମହିଳା ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଏଥିପାଇଁ ଭବାନୀପାଟଣା ନିକଟସ୍ଥ ରାଧାକୃଷ୍ଣ ନଗରଠାରେ ସମାବେଶ ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରଥମେ ଜୁନାଗଡ଼ଠାରେ ଦଳୀୟ ମିଶ୍ରଣ ପର୍ବରେ ଯୋଗଦେଇ ପରେ ଭବାନୀପାଟଣାଠାରେ ମହିଳା ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ରାଜ୍ୟ ଓ ଜିଲା ବିଜେଡି କର୍ମକର୍ତ୍ତା, କେତେଜଣ ମନ୍ତ୍ରୀ, ଜିଲାର ସମସ୍ତ ବିଧାୟକ ଓ ନେତା ଦିନରାତି ପ୍ରସ୍ତୁତିରେ ଲାଗି ପଡିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରୁ ଆସି ଉତକେଲା ଏୟାରଷ୍ଟ୍ରିପରେ ଦିନ ଘ.୧୧.୧୦ ମି.ରେ ପହଞ୍ଚିବେ। ସେଠାରୁ ପ୍ରଥମେ ଜୁନାଗଡ଼ ଯାଇ ଦଳୀୟ ମିଶ୍ରଣ ସମାବେଶରେ ଯୋଗଦେବେ । ଏହାପରେ ସେ ମହିଳା ସମାବେଶରେ ଯୋଗଦେବେ।

# ସୋସିଆଲ ମିଡିଆରେ ପ୍ରଚାର କଲେ ଖର୍ଚ୍ଚ ମିଶିବ

**ସତର୍କ କଲେ ନିର୍ବାଚନ କମିଶନ**
- ନିର୍ବାଚନ ଉପରେ ନଜର ରଖିବ ଆପ୍
- ରାଜ୍ୟରେ ୩୭ ହଜାର ବୁଥ
- ପ୍ରଥମ ଥର ପାଇଁ ଭିଭିପାଟ୍ ବ୍ୟବହାର ହେବ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ସୋସିଆଲ ମିଡିଆରେ ଯଦି କୌଣସି ପ୍ରାର୍ଥୀ ନିର୍ବାଚନ ପ୍ରଚାର କରିବେ ତେବେ ତାହାକୁ ସେହି ପ୍ରାର୍ଥୀଙ୍କର ନିର୍ବାଚନ ଖର୍ଚ୍ଚରେ ଯୋଡ଼ା ଯିବ। ଭାରତର ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ନେତୃତ୍ୱରେ ଓଡିଶା ଗସ୍ତରେ ଆସିଥିବା ୬ଜଣିଆ ଟିମ୍ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଲାଭାସା କହିଛନ୍ତି ଯେ, ବିଭିନ୍ନ ଆପ୍ ନିର୍ବାଚନ ଉପରେ କଡା ନଜର ରଖିବ। ଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ପାଇଁ ଭାରତର ନିର୍ବାଚନ କମିଶନ ସୂଚନା ପ୍ରଯୁକ୍ତି ବିଦ୍ୟାର ସାହାର ନେଇଛନ୍ତି। ବିଭିନ୍ନ ଆପ୍ ମାଧ୍ୟମରେ ନିର୍ବାଚନ ମଣ୍ଡଳୀ, ପ୍ରାର୍ଥୀମାନଙ୍କର ପ୍ରଚାର ଖର୍ଚ୍ଚ ଏବଂ ମତଦାନ ଆଦିକୁ ସିଧାସଳଖ ନିୟନ୍ତ୍ରଣ କରିବେ। ସମାଧାନ, ସୁବିଧା, ସିଭିଜିଲ ଆପ୍, ମୋବାଇଲ ଆପ୍, ଭୋଟର ହେଲ୍ପ ଲାଇନ ଆପ୍, ପିଡବ୍ଲୁଡି ଆପ୍, ଅବଜରଭର ଆପ୍‌ଗୁଡିକୁ ବ୍ୟବହାର କରାଯିବ। ରାଜନୈତିକ ଦଳ କିମ୍ବା ଜନସାଧାରଣ ସରକାରୀ କର୍ମଚାରୀଙ୍କ ଉପରେ ନିର୍ଭର ନ କରି ନିଜର ଅଭିଯୋଗ ସମାଧାନ ଆପ୍ ମାଧ୍ୟମରେ କରିପାରିବେ। ସେହିପରି ସୁବିଧା ଆପ୍ ସିଙ୍ଗିଲୱିଣ୍ଡୋ ଭଳି କାର୍ଯ୍ୟ କରିବ। ଏହି ଆପ୍‌ରେ ନାମାଙ୍କନ ଦାଖଲ, ଅନୁମତି, ଭୋଟ ଗଣତି ଏବଂ ଫଳାଫଳ ପ୍ରଦର୍ଶିତ କରାଯିବ। ନିର୍ବାଚନ ଘୋଷଣା ହେବା ମାତ୍ରେ ସିଭିଜିଲ ଆପ୍ ଓଡିଶାରେ କାର୍ଯ୍ୟକ୍ଷମ ହେବ। ଯେ କୌଣସି ବ୍ୟକ୍ତି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ଜାଣିବା ମାତ୍ରେ ଏହି ଆପ୍ ଜରିଆରେ ଅଭିଯୋଗ କରିପାରିବେ। ନିର୍ବାଚନ କମିଶନ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଲାଭାସା କହିଛନ୍ତି। ଏହି ଆପ୍ ଗତ ବିଧାନସଭା ନିର୍ବାଚନଗୁଡିକରେ ସଫଳତାର ସହ କାର୍ଯ୍ୟ କରିଛି। ଏହାଛଡା ନିର୍ବାଚନ ବେଳେ ଆଇନ ଶୃଙ୍ଖଳା ରକ୍ଷା କରିବା ଓ ବିଶୃଙ୍ଖଳାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଓ ପୋଲିସ ଅଧିକାରୀମାନଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଅଧିକାରୀ ଦାୟିତ୍ୱ ସମ୍ପନ୍ନ ବେଳେ ନିଜର କର୍ତ୍ତବ୍ୟ ଠିକ୍ ଭାବେ ପାଳନ ନ କରିବେ କିମ୍ବା କୌଣସି ରାଜନୈତିକ ଦଳକୁ ସମର୍ଥନ ଜଣାଇବେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ସତର୍କ କରାଇ ଦେଇଛନ୍ତି। ଗତ ନିର୍ବାଚନରେ ହୋଇଥିବା ହିଂସାକାଣ୍ଡର ପଡିରହିଥିବା ମାମଲାଗୁଡିକୁ ତୁରନ୍ତ ଫଇସଲା କରିବା ସହ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲୁ)କୁ କଡାକଡି ଲାଗୁ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ସମ୍ବେଦନଶୀଳ ସ୍ଥାନରେ ଆବଶ୍ୟକ ପରିମାଣର ସିଆରପିଏଫ ନିଯୁକ୍ତି ଦେବା ଓ ଅପରାଧୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଚେକ୍‌ପୋଷ୍ଟକୁ ୨୪ ଘଣ୍ଟିଆ ଭିଡିଓଗ୍ରାଫ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ନୂତନ ମତଦାତା ଓ ଦିବ୍ୟାଙ୍ଗମାନଙ୍କ ନାମ ପଞ୍ଜୀକରଣ ପାଇଁ ଫେବୃୟାରୀ ୧୭ରୁ ୨୩ ମଧ୍ୟରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବ । ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଭୋଟର ସହାୟତା କେନ୍ଦ୍ର ସ୍ଥାପନ କରାଯିବ। ପ୍ରତ୍ୟେକ ରାଜନୈତିକ ଦଳ ବ୍ଲକସ୍ତରରେ ଜଣେ ଲେଖାଏ ଏଜେଣ୍ଟ ଦେବାକୁ କମିଶନ ପରାମର୍ଶ ଦେଇଛନ୍ତି। ସମ୍ପ୍ରଦାୟ ଆଧାରରେ ଭୋଟଗ୍ରହଣ କେନ୍ଦ୍ର ନ କରିବାକୁ କମିଶନ କଡା ଚେତାବନୀ ଦେଇଛନ୍ତି। ରାଜ୍ୟରେ ୩୦ ହଜାର ୭୯୮ଟି ସ୍ଥାନରେ ୩୭ ହଜାର ୬୦୬ ପୋଲିଂ ଷ୍ଟେଶନ ରହିଛି। ସେହି ସବୁ ସ୍ଥାନରେ ୬୩.୧୧ ପ୍ରତିଶତ ବିଦ୍ୟୁତ୍ ବ୍ୟବସ୍ଥା ଥିବା ବେଳେ ୯୨.୬୦ ପ୍ରତିଶତ ର୍ୟାମ୍ପ, ୯୮.୫୧ ପ୍ରତିଶତ ପିଇବା ପାଣି, ୯୨.୭୮ ପ୍ରତିଶତ ପାଇଖାନା ଏବଂ ୧୦୦ ପ୍ରତିଶତ ୱେଟିଂ ରୁମ ନିର୍ମାଣ କରାଯାଇଛି ବୋଲି କମିଶନ ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଭୋଟ କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ଓ ବାହୁବଳକୁ ରୋକିବା ପାଇଁ କଡା ପଦକ୍ଷେପ ନେବାକୁ ନିର୍ବଚାନ ଅଧିକାରୀମାନଙ୍କୁ କମିଶନ ପରାମର୍ଶ ଦେଇଛନ୍ତି। ପେଡ୍ ନ୍ୟୁଜ ଉପରେ ସତର୍କ ଦୃଷ୍ଟି ରଖିବାକୁ ମିଡିଆ ସାର୍ଟିଫିକେଶନ କମିଟି ମେମ୍ବରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଲଗାଯାଇଥିବା ହୋର୍ଡିଂଗୁଡିକୁ ତୁରନ୍ତ ହଟାଇବାକୁ ପରାମର୍ଶ ଦିଆଯାଇଛି। ପ୍ରଥମ ଥର ଲାଗି ସମସ୍ତ ବୁଥରେ ଭିଭିପାଟ୍ ମେଶିନ ବ୍ୟବହାର କରାଯିବ। ଏହାଦ୍ୱାରା ମତଦାତା କାହାକୁ ଭୋଟ ଦେଲେ ଜାଣିପାରିବେ। ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅତି କମ୍‌ରେ ଗୋଟିଏ ମହିଳା ବୁଥ୍ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ସେହି ବୁଥ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଯେତେ ଅଧିକ ମହିଳା ବୁଥ କରାଯାଇ ପାରିବ ସେ ନେଇ ପଦକ୍ଷେପ ନେବାକୁ ନିର୍ବାଚନ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। କମିଶନଙ୍କ ଟିମ୍ ଦୁଇଦିନ ଧରି ବିଭିନ୍ନ ରାଜନୈତିକ ଦଳ, ରାଜ୍ୟ ପ୍ରଶାସନ ସହ ଆଲୋଚନା କରିଥିଲେ। ଦଳଗୁଡିକ ଦେଇଥିବା ପ୍ରସ୍ତାବକୁ ଗୁରୁତର ସହ ନେଇଥିବା କମିଶନର ସୂଚନା ଦେଇଥିଲେ।






# ମିଶ୍ରିତ ଦ୍ୱନ୍ଦ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜାତୀୟ ନମୁନା ସର୍ଭେ କାର୍ଯ୍ୟାଳୟ (ଏନ୍ଏସ୍ଏସ୍ଓ)ର ଲେବର ସର୍ଭେ ରିପୋର୍ଟ ଏକ ଡ୍ରାଫ୍ଟ ମାତ୍ର, ଏହା ସର୍ବଶେଷ ରିପୋର୍ଟ ନୁହେଁ ବୋଲି ମୋଦି ସରକାର ଦାବି କରିବାର କେଇଦିନ ପରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଲୋକ ସଭାରେ କହିଲେ ଯେ, ଜାତୀୟ ପରିସଂଖ୍ୟାନ ଆୟୋଗ (ଏନ୍ଏସ୍ସି) ଉକ୍ତ ରିପୋର୍ଟକୁ ଅନୁମୋଦନ କରିସାରିଛନ୍ତି। ସରକାରଙ୍କ ପାଇଁ ଏହା ଅଧିକ ଅଡୁଆ ସୃଷ୍ଟି କରିଛି। ୪୫ ବର୍ଷ ଭିତରେ ବେକାରି ସମସ୍ୟା ଚରମକୁ ଛୁଇଁଛି ବୋଲି ଉଲ୍ଲିଖିତ ଉକ୍ତ ରିପୋର୍ଟକୁ ଚାପିଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରି ଇସ୍ତଫା ଦେଇଥିବା ଏନ୍ଏସ୍ସିର ଦୁଇଜଣ ସଦସ୍ୟଙ୍କ ମତକୁ ସମ୍ଭବତଃ ଶ୍ରମମନ୍ତ୍ରୀ ସମର୍ଥନ କରିବାକୁ ଯାଇ ଏପରି କହିଛନ୍ତି। ଏନ୍ଏସ୍ସିର ଅନୁମୋଦନ ପରେ ହିଁ ରିପୋର୍ଟକୁ ଏନ୍ଏସ୍ଏସ୍ଓ ସର୍ବସାଧାରଣରେ ପ୍ରକାଶ କରିଥାଏ। ତେବେ ସରକାରଙ୍କ ଆଭିମୁଖ୍ୟ ବିରୋଧରେ ଯାଇ ଶ୍ରମମନ୍ତ୍ରୀ ଏପରି ମନ୍ତବ୍ୟ କାହିଁକି ଦେଲେ? କେତେକେ ଅନୁମାନ କରୁଛନ୍ତି ଯେ, ଗଙ୍ଗୱାର ସମ୍ଭବତଃ ମନ୍ତ୍ରଣାଳୟର କେତେକ ବାବୁଙ୍କ ଦ୍ୱାରା ଭ୍ରମିତ ହୋଇ ଏପରି କହିଦେଇଛନ୍ତି। ତା' ନ ହେଲେ କ୍ୟାବିନେଟ୍‌ରେ ଅସନ୍ତୋଷ ଦେଖାଦେଇଥିବ, ଯାହା ଏବେ ପଦାକୁ ବାହାରିବାକୁ ଆରମ୍ଭ କରିଛି।

### ବେତନରେ ସମାନତା

କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଆର୍‌ପିଏଫ୍)ର ଅଧିକାରୀମାନେ ସମାନ ପାହ୍ୟାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଓ ଅନ୍ୟ ଗ୍ରୁପ୍ ଏ ସଂଗଠିତ ସେବା ଅଧିକାରୀଙ୍କ ସହ ସମାନ ବେତନ ପାଇବାକୁ ନେଇ ଯେଉଁ ଲଢ଼େଇ ଲଢ଼ିଆସୁଥିଲେ ସେଥିରେ ବିଜୟମଣ୍ଡିତ ହୋଇଛନ୍ତି। ସିଆର୍‌ପିଏଫ୍, ସିଆଇଏସ୍ଏଫ୍, ବିଏସ୍ଏଫ୍, ଏନ୍ଏସ୍‌ଜି ପ୍ରଭୃତିର ଯେଉଁ ଅଫିସରମାନେ ଖାଲିସ୍ଥାନ ଅଭାବରୁ ଉଚ୍ଚତର ପଦବୀକୁ ପଦୋନ୍ନତି ପାଇପାରୁ ନାହାନ୍ତି, ବିନା ପଦୋନ୍ନତିରେ ଅନ୍ତତଃ ତଦନୁରୂପ ସେମାନଙ୍କର ଦରମା ବୃଦ୍ଧି କରିବାକୁ ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୦୬ରେ ଷଷ୍ଠ ବେତନ ଆୟୋଗ ସୁପାରିସ କରିଥିଲେ ଯେ, ଅଣ-ଆଇଏଏସ୍ ବାବୁମାନଙ୍କଠାରୁ ଦୁଇବର୍ଷ କନିଷ୍ଠ ଆଇଏଏସ୍ ବାବୁମାନେ ପଦୋନ୍ନତି ପାଉଥିବା ବେଳେ ପ୍ରତିଥର ସେମାନଙ୍କର ମଧ୍ୟ ବେତନ ବୃଦ୍ଧି କରାଯିବା ଆବଶ୍ୟକ। ତା'ହେଲେ ସେମାନଙ୍କର ଆର୍ଥିକ ସ୍ଥାଣୁତା ଦୂର ହୋଇପାରିବ। ଏହି ସୁପାରିସକୁ କେନ୍ଦ୍ରୀୟ ପ୍ରାଶାସନିକ ସେବାର ସମସ୍ତ ବିଭାଗ ପାଇଁ ଗ୍ରହଣ କରି ନିଆଯାଇ ଥିବାବେଳେ ସିଆର୍‌ପିଏଫ୍‌କୁ ସଂଗଠିତ ସେବା ନୁହେଁ ବୋଲି ଦର୍ଶାଇ କେନ୍ଦ୍ର ସରକାର ସେମାନଙ୍କୁ ଏଥିରୁ ବଞ୍ଚିତ କରିଥିଲେ। କିନ୍ତୁ ସୁପ୍ରିମ୍‌କୋର୍ଟ ଏହି ଅସମାନତାକୁ ଏବେ ଦୂର କରିଛନ୍ତି। ତେବେ ସିଆର୍‌ପିଏଫ୍‌ର ଆଇପିଏସ୍ ବାବୁମାନଙ୍କ ସହିତ ଆଉ ଏକ ବିବାଦ ଲାଗିରହିଛି, କାରଣ ଅର୍ଦ୍ଧସାମରିକ ବାହିନୀର ଅଧିକାଂଶ ବରିଷ୍ଠ ପଦବୀ ଆଇପିଏସ୍ ବାବୁମାନେ ଦଖଲ କରିଆସୁଛନ୍ତି। ଏପର୍ଯ୍ୟନ୍ତ ପ୍ରତ୍ୟେକ ସିଆର୍‌ପିଏଫ୍ ବାହିନୀରେ ଜଣେ ଜଣେ ଆଇପିଏସ୍ ଅଫିସର ହିଁ ମୁଖ୍ୟ ପଦରେ ରହିଛନ୍ତି। ଏପରି କି ଅତିରିକ୍ତ ଡିଜି, ଆଇଜି, ଡେପୁଟି ଆଇଜି ପଦବୀଗୁଡ଼ିକ ମଧ୍ୟ ଅଧିକାଂଶ ଆଇପିଏସ୍ ଅଫିସରଙ୍କ ପାଇଁ ସଂରକ୍ଷିତ ରଖାଯାଉଛି। ଏ ନେଇ ଏକ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି।

### ୟୁପି ବାବୁଙ୍କ ଦାବି

ଉତ୍ତରପ୍ରଦେଶ ଆଇଏଏସ୍ ସଂଘର ବାର୍ଷିକ ସମ୍ମେଳନରେ ଆଇଏଏସ୍ ଅଫିସରମାନଙ୍କ କେନ୍ଦ୍ରୀୟ ନିଯୁକ୍ତି ପାଇଁ ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ରକ୍ଷା କରାଯିବାକୁ ଆହ୍ୱାନ ଦିଆଯାଇଥିଲା। ତା'ଛଡ଼ା ପୌର ଉନ୍ନୟନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ବିଭିନ୍ନ ପୌରସଂସ୍ଥାରେ ସେମାନଙ୍କ ନିଯୁକ୍ତି ଲାଗି ଦାବି କରାଯାଇଥିଲା। ପୂର୍ବରୁ ବାର୍ଷିକ ଗୁପ୍ତ ରିପୋର୍ଟ ଭିତ୍ତିରେ ବାବୁମାନଙ୍କ ଯୋଗ୍ୟତା ଆକଳନ କରାଯାଉଥିଲା ଏବଂ ଏଥିରେ କୌଣସି ବାବୁଙ୍କ ସମ୍ବନ୍ଧରେ ତାଙ୍କ ଉପରିସ୍ଥ ଅଧିକାରୀଙ୍କ ମତାମତ ହିଁ ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ଥିଲା। ତାଲିକା ପ୍ରସ୍ତୁତକାରୀ କମିଟି ବାବୁମାନଙ୍କର ବାର୍ଷିକ ପ୍ରଗତି ରିପୋର୍ଟ ବା ଗୁପ୍ତ ରିପୋର୍ଟ ଆଧାରରେ ସେମାନଙ୍କୁ ଉଚ୍ଚ ପଦପଦବୀ ପାଇଁ ଚୟନ କରୁଥିଲା। ଏହି ରିପୋର୍ଟ ଜଣେ ଲୋକ ଦ୍ୱାରା ପ୍ରସ୍ତୁତ ହେଉଥିଲା ଏବଂ ସେ ହେଉଛନ୍ତି ସମ୍ପୃକ୍ତ ବାବୁଙ୍କର ଉପରିସ୍ଥ ଅଧିକାରୀ। କିନ୍ତୁ ମୋଦି ସରକାର ୨୦୧୭ରେ ଅତିରିକ୍ତ ସଚିବ ବା ସଚିବ ହେବାର ଦ୍ୱାରଦେଶରେ ପହଞ୍ଚିଥିବା ବାବୁମାନଙ୍କ ଲାଗି ଏକ ୩୬୦-ଡିଗ୍ରୀ ଫିଡ୍‌ବ୍ୟାକ୍ ପଦ୍ଧତିର ପ୍ରଚଳନ କଲେ। ତେଣୁ ବର୍ତ୍ତମାନ କେବଳ ଉପରିସ୍ଥ ବାବୁମାନେ ଅଧସ୍ତନଙ୍କ ଚରିତ୍ର ରିପୋର୍ଟ ଦେବେ ନାହିଁ, ଅଧସ୍ତନମାନେ ମଧ୍ୟ ଉପରିସ୍ଥ ବାବୁମାନଙ୍କ ସମ୍ବନ୍ଧରେ ରିପୋର୍ଟ ଦେଇପାରିବେ। ବାବୁମାନଙ୍କ ମଧ୍ୟରେ ବ୍ୟବହାରଗତ ପରିବର୍ତ୍ତନ ଆଣିବା ଏବଂ ପ୍ରତ୍ୟେକଙ୍କ ସମ୍ବନ୍ଧରେ ଠିକ୍ ଆକଳନ କରିବା ପାଇଁ ଏହି ନୂଆ ନୀତି ଗ୍ରହଣ କରାଯାଇଛି। ଏହି ୩୬୦ ଡିଗ୍ରୀ ସମୀକ୍ଷା ନୀତି ବାବୁ ମହଲରେ ଆଲୋଡନ ସୃଷ୍ଟି କରିଛି, କାରଣ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇଁ ଆଉ ଉପରିସ୍ଥ ବାବୁମାନଙ୍କ ଗୁପ୍ତ ରିପୋର୍ଟକୁ ଏକମାତ୍ର ମାନଦଣ୍ଡ ରୂପେ ଗ୍ରହଣ କରାଯାଉ ନାହିଁ। ସଂଘ ଆହୁରି ଦାବି କରିଛି ଯେ, କନିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ମଧ୍ୟ ପୌର କମିଶନର ହିସାବରେ ନିଯୁକ୍ତି ଦେବା ଲାଗି ବିଚାର କରାଯାଉ, ଯାହା ଦିଲ୍ଲୀ ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରଚଳନ ଅଛି।

Email: dilipcherian@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | B | | | | 3 | |
| E | 5 | D | | | | | | | 3 | 6 | | 0 | | 2 |
| | B | | C | | | 8 | 4 | | | | | | | |
| | C | | | B | A | | | 1 | 8 | D | | | | 7 |
| | | | 6 | | 2 | | | | | | | | 1 | |
| | E | | 0 | | | | | | 6 | | | D | | |
| | | 8 | A | 7 | | 3 | 6 | | 9 | | | | | |
| 4 | | | | | B | 9 | | 8 | | | D | | C | E |
| | | | | | C | | | | | | | 2 | 4 | 3 |
| 3 | | | | | 5 | 0 | D | | 1 | | | | | 9 |
| 8 | | 5 | 9 | D | | A | | E | 0 | | | | | |
| B | | | | 0 | | | 9 | 3 | 7 | | | | | |
| | | | | E | 8 | C | | 7 | | B | | | 9 | |
| C | | 0 | | | | D | | | 5 | | | 4 | | |
| | A | E | 3 | | | B | | | 4 | | 2 | 6 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | B | 8 | C | A | 7 | 6 | D | E | 9 | 3 | 5 | 1 | 0 |
| 6 | 8 | C | 0 | 1 | 5 | B | 3 | A | 7 | D | 4 | 2 | 9 | E |
| 0 | 1 | D | 3 | 6 | 9 | 5 | E | C | 2 | B | A | 8 | 4 | 7 |
| 7 | E | A | 2 | 4 | D | 1 | 9 | 0 | 5 | 8 | 6 | B | C | 3 |
| 9 | 5 | 3 | B | 7 | E | 2 | 4 | 8 | 0 | 1 | C | A | D | 6 |
| A | 7 | 4 | D | E | B | 0 | 2 | 5 | 9 | 6 | 8 | C | 3 | 1 |
| C | B | 0 | 7 | 9 | 8 | E | D | 6 | 3 | 2 | 1 | 4 | A | 5 |
| 8 | D | 5 | 6 | 2 | 1 | A | 7 | 3 | 4 | C | 0 | E | B | 9 |
| E | 2 | 6 | 4 | A | 3 | C | 1 | 9 | B | 5 | D | 7 | 0 | 8 |
| 1 | 3 | 9 | C | 5 | 0 | 8 | B | 4 | A | E | 7 | 6 | 2 | D |
| 5 | 9 | 7 | E | D | 2 | 4 | 8 | 1 | C | 3 | B | 0 | 6 | A |
| B | C | 1 | 5 | 8 | 4 | 6 | 0 | E | D | A | 9 | 3 | 7 | 2 |
| D | 0 | 2 | 9 | B | 6 | 3 | A | 7 | 8 | 4 | 5 | 1 | E | C |
| 3 | 6 | E | A | 0 | C | 9 | 5 | B | 1 | 7 | 2 | D | 8 | 4 |
| 4 | A | 8 | 1 | 3 | 7 | D | C | 2 | 6 | 0 | E | 9 | 5 | B |

ଗତକାଲିର ଉତ୍ତର

# ପ୍ରବାସୀ ଓ ଆପ୍ରବାସୀ



ଶରତ ଚନ୍ଦ୍ର ମିଶ୍ର

ପ୍ରତ୍ୟେକ ଦେଶରେ ଅଳ୍ପବହୁତ ବିଦେଶାଗତ ବ୍ୟକ୍ତି ଥାଆନ୍ତି ଓ କେତେକ ସ୍ଥାନରେ ସେମାନେ ନାଗରିକତ୍ୱ ଲାଭକରି ପୁରୁଷାନୁକ୍ରମେ ସେଠାରେ ବାସ କରନ୍ତି। ଯେଉଁମାନେ ବିଦେଶରେ ଯାଇ ରହନ୍ତି ଆମେ ସେମାନଙ୍କୁ ପ୍ରବାସୀ କହୁ, ଆଉ ସେ ଦେଶର ଲୋକମାନେ ସେମାନଙ୍କୁ ଆପ୍ରବାସୀ କହନ୍ତି। ଧନୀ ଓ ଉନ୍ନତ ରାଷ୍ଟ୍ର, ବିକାଶଶୀଳ ଓ ଜନବହୁଳ ରାଷ୍ଟ୍ରଗୁଡ଼ିକର ଆପ୍ରବାସୀମାନଙ୍କୁ ଆକୃଷ୍ଟ କରନ୍ତି। ଯୁଦ୍ଧବିଗ୍ରହରେ ବିସ୍ଥାପିତ ବ୍ୟକ୍ତିମାନେ ମଧ୍ୟ ଶରଣାର୍ଥୀ ଭାବରେ ଅନ୍ୟ ଦେଶକୁ ଗମନ କରି କାଳକ୍ରମେ ସେଠାକାର ନାଗରିକ ହୁଅନ୍ତି। ଉନ୍ନତ ଦେଶଗୁଡ଼ିକରେ ଯୁବଶକ୍ତିର ଅଭାବ ହେତୁ ଓ ଶସ୍ତା ଶ୍ରମିକ ପାଇବା ଆଶାରେ ସେମାନେ କିଛି ମାତ୍ରାରେ ଆପ୍ରବାସୀ ଗ୍ରହଣ କରନ୍ତି।

ଆପ୍ରବାସୀମାନେ ସାଧାରଣତଃ କଠୋର ପରିଶ୍ରମୀ ଓ କାଳକ୍ରମେ ନିଜକୁ ପ୍ରତିଷ୍ଠିତ କରି, ଶ୍ରେଣୀ ଆରୋହଣ କରି ସ୍ଥାନୀୟ ବାସିନ୍ଦାଙ୍କ ଈର୍ଷାର ଶରବ୍ୟ ହୁଅନ୍ତି। କେତେକ କ୍ଷେତ୍ରରେ ପୂର୍ବପିଢ଼ିର ପ୍ରତିଷ୍ଠିତ ଆପ୍ରବାସୀମାନେ ଅଧିକ ଆପ୍ରବାସୀ ଆଗମନକୁ ବିରୋଧ କରନ୍ତି। ୟୁରୋପରୁ ପଳାୟନ କରି ଓ ବିତାଡ଼ିତ ହୋଇ ଆପ୍ରବାସୀମାନେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଦେଶସମୂହକୁ ବିକଶିତ ଓ ଉନ୍ନତ କରିଥିଲେ। ପରବର୍ତ୍ତୀ ସମୟରେ ଏଇ ଦେଶଗୁଡ଼ିକ ଆପ୍ରବାସୀମାନଙ୍କ ପ୍ରବେଶ ବିରୋଧରେ କଠୋର ଆଇନ ପ୍ରଣୟନ କରିଥିଲେ ଏବଂ ଏସିଆ, ଆଫ୍ରିକା ମହାଦେଶର ଆପ୍ରବାସୀମାନଙ୍କୁ ସେମାନଙ୍କ ଦେଶରେ ପ୍ରବେଶ କରାଇ ଦେଉ ନ ଥିଲେ। ଦ୍ୱିତୀୟ ମହାଯୁଦ୍ଧ ପରେ ଆଇନ ସବୁ କୋହଳ ହେଲା ପରେ ମଧ୍ୟ କେତେକ କ୍ଷେତ୍ରରେ କଟକଣା ରହିଛି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ଦେଶକୁ ଆଉ ଅଧିକ ଆପ୍ରବାସୀ ଆଗମନକୁ ପସନ୍ଦ କରନ୍ତି ନାହିଁ ଏବଂ ହିସ୍ପାନିକ (ଦକ୍ଷିଣ ଆମେରିକାନ୍)ମାନଙ୍କ ବେଆଇନ ପ୍ରବେଶକୁ ରୋକିବା ନିମନ୍ତେ ମେକ୍ସିକୋ ସୀମାନ୍ତରେ ପ୍ରାଚୀର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଡେମୋକ୍ରାଟିକ୍ ଦଳ ଏହାକୁ ବିରୋଧ କରିବା ଦ୍ୱାରା ସରକାରରେ ପ୍ରାୟ ଅଚଳାବସ୍ଥା ସୃଷ୍ଟି ହୋଇଛି। ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହୋଇଯିବା ପଛରେ ବ୍ରିଟେନରେ ଆପ୍ରବାସୀମାନଙ୍କ ସହଜ ପ୍ରବେଶ ବିରୋଧୀ ମନୋଭାବ ଏକ ମୁଖ୍ୟ କାରକ ଥିଲା। ମଧ୍ୟପ୍ରାଚ୍ୟରୁ ପଶ୍ଚିମ ୟୁରୋପକୁ ବର୍ତ୍ତମାନ ବହୁସଂଖ୍ୟାରେ ଆପ୍ରବାସୀ ଶରଣାର୍ଥୀ ଭାବରେ ପ୍ରବେଶ କରୁଛନ୍ତି ଓ ତାହା ଜର୍ମାନୀ, ଫ୍ରାନ୍ସ ଓ ଇଟାଲୀର ରାଜନୈତିକ ପରିସ୍ଥିତିକୁ ପ୍ରଭାବିତ କରୁଛି। ଆମ ଦେଶର ଉତ୍ତର-ପୂର୍ବ ଅଞ୍ଚଳରେ ସଦ୍ୟ ଗୃହୀତ ହୋଇଥିବା ନାଗରିକତ୍ୱ ଆଇନର ବିରୋଧ ଶରଣାର୍ଥୀ ବିରୋଧୀ ମନୋଭାବର ପ୍ରତିଫଳନ। ଏ ସମସ୍ତ ପ୍ରତିକୂଳ କାରକ ସତ୍ତ୍ୱେ ପୃଥିବୀରେ ଶରଣାର୍ଥୀ, ଆପ୍ରବାସୀ ଓ ରାଷ୍ଟ୍ରବିହୀନ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜାତିସଂଘ ପକ୍ଷରୁ ଶରଣାର୍ଥୀଙ୍କ ସମସ୍ୟା ସମାଧାନ ନିମନ୍ତେ ଏକ ଶରଣାର୍ଥୀ ହାଇକମିଶନର ନିଯୁକ୍ତ ହୋଇଛନ୍ତି। କେତେକ ରାଷ୍ଟ୍ରରେ ଆପ୍ରବାସୀଙ୍କ ଚାହିଦା ବୃଦ୍ଧି ପାଉଛି ଓ ଆଉ କେତେକ ଦେଶରେ ସେମାନେ ନିଜକୁ ପ୍ରତିଷ୍ଠିତ କରି ଦେଶରେ ସମ୍ମାନଜନକ ଓ ଉଚ୍ଚ ଆସନର ଅଧିକାରୀ ହୋଇପାରୁଛନ୍ତି। ଚାଇନା ଓ ଭାରତ ପୃଥିବୀର ଦୁଇଟି ଜନବହୁଳ ଦେଶ। ଜନବହୁଳତା ହେତୁ, ଏ ଦୁଇଟି ଦେଶରେ ପ୍ରାୟ ଦୁଇଶହ ବର୍ଷ ହେଲା ବେକାରି ସମସ୍ୟା ସୃଷ୍ଟି ହୋଇଛି ଓ ଏମାନେ କମ୍ ପାରିଶ୍ରମିକରେ ଦେଶ ବାହାରେ କାର୍ଯ୍ୟ କରିବା ନିମନ୍ତେ ସହଜଲଭ୍ୟ। ଔପନିବେଶିକ ଶକ୍ତିମାନେ ଚାଇନା ଓ ଭାରତରୁ ଶସ୍ତା ଶ୍ରମିକ ବିଭିନ୍ନ ଦେଶକୁ ଦେଇଥିଲେ। ଭାରତରେ ସେମାନଙ୍କୁ ଗିରିମିଟିଆ କୁହାଯାଉଥିଲା। ପୃଥିବୀରେ ପ୍ରାୟ ସମସ୍ତ ପ୍ରାନ୍ତରେ ପ୍ରବାସୀ ଚୀନା ଓ ଭାରତୀୟ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ। ବର୍ତ୍ତମାନ ଚାଇନାର ଆର୍ଥିକ ପ୍ରଗତି ଓ ଯୁବଶକ୍ତିର ଅଭାବ ହେତୁ ସ୍ୱଦେଶ ତ୍ୟାଗର ସଂଖ୍ୟା ହ୍ରାସ ପାଇବା ଆରମ୍ଭ କଲାଣି। ପକ୍ଷାନ୍ତରେ ଭାରତର ଜନସଂଖ୍ୟାରେ ଯୁବତୀଯୁବକଙ୍କ ସଂଖ୍ୟା ଅଧିକ ହେତୁ ନିଯୁକ୍ତି ପ୍ରୟାସୀ ସଂଖ୍ୟା ଅଧିକ। କୌଣସି ବି ରାଜନୈତିକ ଦଳ ଶାସନକୁ ଆସି ଭାରତର ବେକାରି ସମସ୍ୟାର ସମାଧାନ କରିପାରିବ ନାହିଁ। ସମାଜର ମଣ୍ଡଳୀକରଣ, ମହିଳାମାନଙ୍କ ନିମନ୍ତେ ସଂରକ୍ଷଣ ହେତୁ ସାଧାରଣବର୍ଗ ପୁରୁଷଙ୍କ ନିଯୁକ୍ତି ସୁଯୋଗରେ ସଙ୍କୋଚନ ଘଟିଛି। ସରକାର ଓ ଶିଳ୍ପସଂସ୍ଥାଗୁଡ଼ିକରେ ମଧ୍ୟ ଅଧିକ ଯାନ୍ତ୍ରିକ ପ୍ରୟୋଗ ହେତୁ ନିଯୁକ୍ତି ହ୍ରାସ ପାଉଛି। ଫଳତଃ ଭାରତରୁ ସ୍ୱଦେଶତ୍ୟାଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣତଃ ନିଜ ଦେଶରେ ଅସଫଳ ବ୍ୟକ୍ତିମାନେ ସ୍ୱଦେଶତ୍ୟାଗୀ ହୁଅନ୍ତି। କିନ୍ତୁ ଭାରତବର୍ଷରେ ଅଧିକ ସୁଯୋଗ ଓ ଅର୍ଥ ଆଶାରେ ପ୍ରତିଭାବାନ୍ ବ୍ୟକ୍ତି ସ୍ୱଦେଶତ୍ୟାଗୀ ହେଉଛନ୍ତି। କୁହାଯାଏ ଯେ, ଜଣେ ଛାତ୍ର ଆଇଆଇଟିରେ ଯୋଗଦାନ ପରେ, ତା'ର ଶରୀର ଭାରତରେ ରହେ ଓ ଆତ୍ମା ଆମେରିକା ଚାଲିଯାଏ। ଆଇଆଇଟି ପ୍ରତିଷ୍ଠାରେ ଭାରତ ଅପେକ୍ଷା ଆମେରିକା ଅଧିକ ଲାଭବାନ ହୋଇଛି। ବର୍ତ୍ତମାନ ସାରା ଜଗତରେ ପ୍ରାୟ ୩ କୋଟି ୨୦ ଲକ୍ଷ ଭାରତୀୟ ବଂଶୋଦ୍ଭବ ଅଛନ୍ତି। ସେମାନଙ୍କ ମଧ୍ୟରେ ଶ୍ରମିକ ଭାବରେ ମରିସସ୍, ଫିଜି, ଗାଏନା, ଦକ୍ଷିଣ ଆଫ୍ରିକାକୁ ଯାଇଥିବା, ବ୍ୟବସାୟୀ ଭାବରେ ପୂର୍ବ ଆଫ୍ରିକାକୁ ଯାଇଥିବା, ଦ୍ୱିତୀୟ ମହାଯୁଦ୍ଧ ପରେ ଆମେରିକା, ଇଂଲଣ୍ଡ, କାନାଡ଼ା ଆଦିକୁ ଯାଇଥିବା ଶିକ୍ଷିତ ବ୍ୟକ୍ତି ଓ ମଧ୍ୟପ୍ରାଚ୍ୟକୁ ଯାଇଥିବା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଅନ୍ତର୍ଭୁକ୍ତ। ସବୁଠାରୁ ଆମେରିକାରେ ବେଶି ଭାରତୀୟ ଅଛନ୍ତି। ସେମାନଙ୍କ ସଂଖ୍ୟା ପ୍ରାୟ ୪୬ ଲକ୍ଷ। ସେମାନଙ୍କୁ ସ୍ଥାନୀୟ ଲୋହିତ ଭାରତୀୟଙ୍କଠାରୁ ଅଲଗା ହିସାବ କରିବା ନିମନ୍ତେ ଆମେରିକାରେ ସରକାରୀ ଭାବରେ ଏସିଆନ ଇଣ୍ଡିଆନ ନାମିତ କରାହୋଇଛି। ଆମେରିକାସ୍ଥ ଭାରତୀୟମାନେ ସ୍ୱଚ୍ଛଳ, ଶିକ୍ଷିତ ଓ ସରକାରୀସ୍ତରରେ ଦେଶ ପ୍ରତି ତାଙ୍କର ଅବଦାନ ସ୍ୱୀକୃତ। ବର୍ତ୍ତମାନ ଆମେରିକାର ଶାସନ କଳରେ ଅନେକ ଭାରତୀୟ ଉଚ୍ଚପଦାଧିକାରୀ। ଆମେରିକାସ୍ଥ ଭାରତୀୟ ମେଡିକାଲ ଆସୋସିଏଶନର ସଭ୍ୟ ସଂଖ୍ୟା ୩୫,୦୦୦ରୁ ଅଧିକ। କାନାଡ଼ାରେ ପ୍ରାୟ ୧୬ ଲକ୍ଷ ଭାରତୀୟ ବଂଶୋଦ୍ଭବ ଅଛନ୍ତି। ସେମାନଙ୍କ ମଧ୍ୟରେ ୩୫% ଶିଖ୍, ୨୮% ହିନ୍ଦୁ ଓ ୧୭% ମୁସଲମାନ। କାନାଡ଼ାର ଶିଖ୍‌ମାନଙ୍କ ମଧ୍ୟରୁ କେତେକ ଖଲିସ୍ଥାନ ଆନ୍ଦୋଳନର ସକ୍ରିୟ ସମର୍ଥକ। କେତେଜଣ ଶିଖ୍ ମନ୍ତ୍ରିପଦ ପ୍ରାପ୍ତ ହୋଇଛନ୍ତି ଓ ଦେଶର ଗୁରୁତ୍ୱପୂର୍ଣ୍ଣ ଦେଶରକ୍ଷା ବିଭାଗର ମନ୍ତ୍ରୀ ଜଣେ ଶିଖ୍।

ଇଂଲଣ୍ଡରେ ପ୍ରାୟ ଅଠରଲକ୍ଷ ଭାରତୀୟ ଅଛନ୍ତି। ସେମାନେ ଚିକିତ୍ସା, ହୋଟେଲ ଓ ଆଇନ କ୍ଷେତ୍ରରେ ବିଶେଷ ପ୍ରତିଷ୍ଠା ଲାଭ କରିଛନ୍ତି ଓ କେତେକ ସରକାରୀ ପଦବୀ ପ୍ରାପ୍ତ ହୋଇଛନ୍ତି। ଇଂଲଣ୍ଡ ବିଶ୍ୱବିଦ୍ୟାଳୟଗୁଡ଼ିକର ଅତ୍ୟଧିକ ଫି ହେତୁ ବର୍ତ୍ତମାନ ଭାରତୀୟ ଛାତ୍ରମାନେ କାନାଡ଼ା, ଆମେରିକା ଓ ଅଷ୍ଟ୍ରେଲିଆକୁ ଅଧିକ ସଂଖ୍ୟାରେ ଯାଉଛନ୍ତି। ଭାରତୀୟମାନେ ନ୍ୟୁଜିଲାଣ୍ଡ ଓ ସିଙ୍ଗାପୁରରେ ରାଜନୈତିକ କ୍ଷେତ୍ରରେ ସଫଳ। ଜଣେ ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲାଣ୍ଡର ଗଭର୍ନର ଜେନେରାଲ ହୋଇପାରିଥିଲେ ଓ ଏକାଧିକ ଭାରତୀୟ ସିଙ୍ଗାପୁରରେ ରାଷ୍ଟ୍ରପତି ପଦବୀ ଅଳଙ୍କୃତ କରିଛନ୍ତି। ମରିସସ୍, ଫିଜି ଓ ଗାଏନାରେ ଭାରତୀୟମାନେ ରାଜନୈତିକ କ୍ଷେତ୍ରରେ ସଫଳ ଓ ମରିସସ୍ ହିଁ ଏକମାତ୍ର ରାଷ୍ଟ୍ର, ଯେଉଁଠାରେ ଭାରତୀୟ ବଂଶୋଦ୍ଭବମାନେ ସଂଖ୍ୟାଧିକ, ମଧ୍ୟପ୍ରାଚ୍ୟରେ ଭାରତୀୟମାନେ ବହୁସଂଖ୍ୟାରେ ଅଛନ୍ତି କିନ୍ତୁ ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯାଉନାହିଁ। ପ୍ରବାସୀ ଭାରତୀୟମାନେ ସ୍ୱଦେଶକୁ ଅର୍ଥ ପ୍ରେରଣ କରିବାରେ ପୃଥିବୀରେ ପ୍ରଥମ, ଭାରତ ପଛକୁ ଚାଇନା ଓ ଫିଲିପାଇନ୍ସ। ଆମର ପାର୍ଶ୍ୱବର୍ତ୍ତୀ ଦେଶ ବାଂଲାଦେଶ ମଧ୍ୟ ବିଦେଶରୁ ପ୍ରଚୁର ଅର୍ଥ ପାଏ। ନେପାଳୀମାନେ ଭାରତରୁ ନିଜ ଦେଶକୁ ପ୍ରଚୁର ଅର୍ଥ ପ୍ରେରଣ କରନ୍ତି।

ବିଦେଶରେ ବାସ କରୁଥିବା ଭାରତୀୟମାନଙ୍କୁ ଭାରତରେ ପୁଞ୍ଜିଲଗାଣରେ ଆକୃଷ୍ଟ କରିବା ନିମନ୍ତେ ସରକାର କେତେକ କୋହଳ ବ୍ୟବସ୍ଥା ପ୍ରଣୟନ କରିଛନ୍ତି। ସେମାନଙ୍କୁ ଦୀର୍ଘକାଳୀନ ଭିଜା ଓ ଦ୍ୱୈତ ନାଗରିକତ୍ୱ ପ୍ରଦାନ କରାଯାଉଛି। People of Indian Origin Cord ପ୍ରଦାନ କରାହେଉଛି ଓ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ଜାନୁୟାରୀ ୯ ତାରିଖରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାହେଉଛି। ସେହିଦିନ (ଜାନୁୟାରୀ ୯) ଦକ୍ଷିଣ ଆଫ୍ରିକାରୁ ମହାତ୍ମା ଗାନ୍ଧୀ ଭାରତକୁ ଫେରି ଆସିଥିଲେ।

ଅଧୁନା ପ୍ରବାସୀ ଭାରତୀୟମାନଙ୍କର ପାଶ୍ଚାତ୍ୟ ଜଗତରେ ଭାବମୂର୍ତ୍ତି ଉଜ୍ଜ୍ୱଳ। ଭାରତ ଏକ ଡାକ୍ତର, ଇଞ୍ଜିନିୟର ଓ ପ୍ରଫେସରଙ୍କ ଦେଶ ଭାବରେ ବିଦେଶରେ ସମ୍ମାନିତ ହେଉଛି। ପ୍ରବାସୀମାନେ ସେମାନଙ୍କ ମୂଳ ଭୂଖଣ୍ଡ ସହିତ ସମ୍ପର୍କ ରକ୍ଷା କରିପାରିଲେ ଉଭୟଙ୍କ ପାଇଁ ହିତକର ହେବ।

ମୋ-୯୯୩୭୪୨୨୫୨୧

# ମହାଦାନୀ



ଶିବରାମ ଶତପଥୀ

ପୁରାଣ ପୃଷ୍ଠା ଓଲଟାଇଲେ ଆମେ କେତେଜଣ ମହାଦାନୀଙ୍କ ବିଷୟରେ ଅବଗତ ହେଉ। ସୂର୍ଯ୍ୟବଂଶର ପ୍ରାତଃସ୍ମରଣୀୟ ସମ୍ରାଟ୍ ହରିଶ୍ଚନ୍ଦ୍ର ନିଜର ରାଜ୍ୟ ସହ ସର୍ବସ୍ୱ ଦାନ କରିବା ପରେ ଦକ୍ଷିଣା ଦେବା ପାଇଁ ନିଜର ପତ୍ନୀ ଓ ପୁତ୍ରକୁ ବିକ୍ରିକରି ପରିଶେଷରେ ନିଜକୁ ଚଣ୍ଡାଳ ହାତରେ ବିକିଦେଇ ଶ୍ମଶାନ ରକ୍ଷକ ସାଜିଥିଲେ। ବିଷ୍ଣୁଭକ୍ତ ବଳିରାଜା ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଉପଦେଶ ନ ମାନି ବାମନଙ୍କୁ ତ୍ରିପାଦ ଭୂମିଦାନ କରି ପାତାଳଗାମୀ ହୋଇଥିଲେ। ମହାରାଜା ଶିବି ଶରଣାଗତ କପୋତକୁ ରକ୍ଷାକରିବା ପାଇଁ ସ୍ୱଦେହରୁ ମାଂସ କାଟି ଛଞ୍ଚାଣର କ୍ଷୁଧା ଉପଶମ କରିଥିଲେ। ପରମଯୋଗୀ ଦଧୀଚି ରାକ୍ଷସଙ୍କ ବିନାଶ ସକାଶେ ବଜ୍ର ନିର୍ମାଣ ପାଇଁ ସ୍ୱଶରୀରର ଅସ୍ଥି ଦାନ କରିଥିଲେ। ପୁଣ୍ୟଶ୍ଳୋକ ସମ୍ରାଟ୍ ରଘୁ ଯଜ୍ଞରେ ସର୍ବସ୍ୱ ଦାନ କରି ନିଃସ୍ୱ ହୋଇଯିବା ପରେ ବି ଗୁରୁଦକ୍ଷିଣା ଦେବା ପାଇଁ ଭିକ୍ଷା କରିବାକୁ ଆସିଥିବା କୌତ୍ସଙ୍କୁ ନିରାଶ କରି ନ ଥିଲେ। ଦାନବୀର କର୍ଣ୍ଣ ଛଦ୍ମବେଶୀ ଇନ୍ଦ୍ରଙ୍କୁ ସ୍ୱଶରୀର କାଟି କବଚ ଓ କୁଣ୍ଡଳ ଦାନ କରି ନିଜ ମୃତ୍ୟୁପଥ ସୁଗମ କରିଦେଇଥିଲେ। ସମ୍ରାଟ୍ ହର୍ଷବର୍ଦ୍ଧନ ପ୍ରୟାଗର କୁମ୍ଭମେଳା ସମୟରେ ନିଜର ସବୁକିଛି, ଏପରି କି ପରିଧାନ କରିଥିବା ବସ୍ତ୍ର ମଧ୍ୟ ଦାନକରି ନିଜ ଭଉଣୀଙ୍କୁ ମାଗି ଖଣ୍ଡେ ଲୁଗା ପିନ୍ଧୁଥିଲେ। ଏମିତି ଅନେକ ଉଦାହରଣ ରହିଛି।

ମହାଦାନୀ ହେଉଛନ୍ତି ସର୍ବବ୍ୟାପୀ ବିଷ୍ଣୁ, ଯିଏ ସ୍ଥାବର ଜଙ୍ଗମ, କୀଟପତଙ୍ଗ ସମସ୍ତଙ୍କ ପାଇଁ ଅନ୍ନସଂସ୍ଥାନ କରିଛନ୍ତି। ପୁଣି ସେ ଅନ୍ନକୁ ଜଠରାଗ୍ନି ରୂପେ ଜୀର୍ଣ୍ଣ କରି ପ୍ରାଣୀ ଶରୀରରେ ଶକ୍ତି ସଞ୍ଚାର କରନ୍ତି। ମୃତ୍ତିକା, ଜଳ, ଜ୍ୟୋତି, ବାୟୁ ଓ ଆକାଶ ସୃଷ୍ଟିକରି ସେ ପ୍ରାଣିଜଗତର ସୃଷ୍ଟି ଓ ସ୍ଥିତି ସମ୍ଭବ କରିଛନ୍ତି। ଟିକେ ଭାବି ଦେଖନ୍ତୁ, ଆମେ ଯେପରି ପ୍ରଦୂଷଣ ଯୋଗୁ ଜଳ, ବାୟୁ ଓ ଆକାଶ ଦୂଷିତ କରିଚାଲିଛୁ, ଯଦି ପବନ ନ ବହନ୍ତା, ବୃଷ୍ଟି ନ ହୁଅନ୍ତା ଓ ଉଦ୍ଭିଦ ଜଗତ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ନ ଦିଅନ୍ତେ ତେବେ କ'ଣ ପୃଥିବୀରେ ପ୍ରାଣୀମାନେ ତିଷ୍ଠି ପାରନ୍ତେ? ପବନ ପ୍ରବାହ ହେତୁ ବାୟୁମଣ୍ଡଳର ଧୂଳିକଣା ଓ ବିଷାକ୍ତ ବାଷ୍ପ ଅପସୃତ ହୁଏ। ସେପରି ବୃଷ୍ଟି ଯୋଗୁ ଆକାଶରେ ପରିବ୍ୟାପ୍ତ ଧୂଳି ଓ ବିଷାକ୍ତ ବାୟୁ ଛାଣି ହୋଇଯାଏ। ଏସବୁ ଈଶ୍ୱରଙ୍କ ସୃଷ୍ଟି।

ମାଟି ନ ଥିଲେ ବୃକ୍ଷ ଓ ଶସ୍ୟସମ୍ଭାର ସୃଷ୍ଟି ହୁଅନ୍ତା ନାହିଁ। ସେହିପରି ଜଳ ବିନା ପ୍ରାଣିଜଗତର କଳ୍ପନା ବା କରିବା କିପରି? ଦିନରେ ସୂର୍ଯ୍ୟାତପ ଓ ରାତିରେ ଚନ୍ଦ୍ରଙ୍କ ସ୍ନିଗ୍ଧ କିରଣ ବିନା ପ୍ରାଣୀଙ୍କ ଲାଳନପାଳନ ଓ ଅଭିବୃଦ୍ଧି ଅସମ୍ଭବ। ଗ୍ରହନକ୍ଷତ୍ର, ପ୍ରାଣୀ ଅପ୍ରାଣୀ ସମସ୍ତଙ୍କ ଅବସ୍ଥାନ ପାଇଁ ଆକାଶ ଆବଶ୍ୟକ। ଏ ପଞ୍ଚମହାଭୂତ ଯେ ଅକୁଣ୍ଠ ଚିତ୍ତରେ ଦାନ କରିଛନ୍ତି ତାଙ୍କୁ ମହାଦାନୀ ନ କହି ଆଉ କାହାକୁ କହିବା? ଏଥିପାଇଁ ଶ୍ରୀରାମଚରିତମାନସ ବାଳକାଣ୍ଡର ସ୍ୱାୟଂଭୁବ ମନୁ ପ୍ରସଙ୍ଗରେ ଗୋସ୍ୱାମୀ ତୁଳସୀଦାସ ପରଂବ୍ରହ୍ମଙ୍କ ମୁଖରେ କୁହାଇଛନ୍ତି–

ବୋଲେ କୃପାନିଧାନ ପୁନି ଅତି ପ୍ରସନ୍ନ ମୋହି ଜାନି,
ମାଗହୁ ବର ଜୋଇ ଭାବ ମନ ମହାଦାନୀ ଅନୁମାନି।

ଭଗବାନଙ୍କ ଦ୍ୱାରା ଅଦେୟ କିଛି ନାହିଁ। ଏକାଗ୍ର ଚିତ୍ତରେ ଥରେ ମାଗି ଦେଖ ତ। ତେବେ ଯାହା ପ୍ରଭୁ ଆମକୁ ଆବଶ୍ୟକତାଠାରୁ ଅଧିକ ଦାନ କରିଛନ୍ତି ତା'ର ଅସଦ୍‌ବ୍ୟବହାର କରିବା କେତେଦୂର ଯୁକ୍ତିଯୁକ୍ତ? ଅନାୟାସଲବ୍ଧ ବୋଲି ଆମେ ଏ ପଞ୍ଚମହାଭୂତର ଅପଚୟ କରିବା କି? ସେଦିନ ଗୋଟେ ଖେଳନା ପୁରୁଣା ହୋଇଗଲା ଭାବି ମୁଁ ଡ୍ରଇଂରୁମ୍‌ରୁ ବାହାର କରିବା ଦେଖି ମୋ ଝିଅ କହିଲା, ''ବାପା! ସେଇଟା ଆମେ ପୁଣେରୁ ବଦଳି ହୋଇ ଆସିଲାବେଳେ ମୋ ସାଙ୍ଗ ମୋତେ ଉପହାର ଦେଇଥିଲା।'' ଉପହାର ବା ଦାନରେ ପାଇଥିବା ବସ୍ତୁକୁ ଆଦର ଓ ସମ୍ମାନ ସହିତ ବ୍ୟବହାର କରାଯାଏ। ଧର୍ମଗ୍ରନ୍ଥ କହେ, ଦାନରେ ମିଳିଥିବା ଦ୍ରବ୍ୟରେ ଆଉ କିଛି ମିଶାଇ ଅନ୍ୟକୁ ଦାନ କର, ଯେ ଅଭାବୀ ସେ ତା'ର ଉଚିତ ସଦ୍‌ବ୍ୟବହାର କରିବ। ଏ ଦୃଷ୍ଟିରୁ ବିଚାର କଲେ ପରମାତ୍ମା ଆମକୁ ଦେଇଥିବା ମୃତ୍ତିକା, ଜଳବାୟୁ, ଜ୍ୟୋତି ଓ ଆକାଶର ସଂରକ୍ଷଣ କରି, ଏହାକୁ ଉତ୍କୃଷ୍ଟତର କରି ଆଗାମୀ ପିଢି ପାଇଁ ଛାଡ଼ିଯିବା ଆମର ପରମ କର୍ତ୍ତବ୍ୟ।

ଏହା ପରିବର୍ତ୍ତେ ଆମେ କରୁଛୁ କ'ଣ? ହାନିକାରକ ରାସାୟନିକ ବର୍ଜ୍ୟବସ୍ତୁ ଓ ପଲିଥିନ ଦ୍ୱାରା ମୃତ୍ତିକାକୁ କଳୁଷିତ କରିଚାଲିଛେ। ପବିତ୍ର ନଦୀଜଳ ଏପରିକି ତୀର୍ଥରାଜ ସମୁଦ୍ରରେ ମଧ୍ୟ ଆମେ କଳକାରଖାନାରୁ ନିର୍ଗତ ଦୂଷିତ ଜଳ ମିଶିବାକୁ ଦେଇ ଅପରିଷ୍କାର କରୁଛୁ। ହାନିକାରକ ବାଷ୍ପ ଦ୍ୱାରା ଆକାଶର ଓଜୋନ ସ୍ତରରେ ଛିଦ୍ରର ପରିସର ବଢ଼ାଇ ଚାଲିଛୁ। ଏତଦ୍ୱାରା ମହାକାଶ ଦେଇ ହାନିକାରକ ଅତିବାଇଗଣୀ ରଶ୍ମିର ଅବାଧ ପ୍ରବେଶ ଯୋଗୁ ଲୋକେ ଦୁରାରୋଗ୍ୟ ରୋଗର ଶିକାର ହେଉଛନ୍ତି। ଫ୍ୟାକ୍ଟ୍ରିର ଧୂଆଁ ପରିଷ୍କରଣ ବିନା ବାୟୁମଣ୍ଡଳକୁ ଛାଡ଼ିବା ଯୋଗୁ ଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ ପରି ବଡ଼ ବଡ଼ ସହରରେ କେବଳ ଲୋକଙ୍କୁ ନାକରେ ମାସ୍କ ବାନ୍ଧି ବାହାରକୁ ବାହାରିବାକୁ ପଡୁନାହିଁ ବରଂ ଘର ଭିତରେ ମଧ୍ୟ ଏୟାର ପ୍ୟୁରିଫାୟର ବ୍ୟବହାର କରିବାକୁ ପଡୁଛି। ନଚେତ୍ ଶ୍ୱାସରୋଗରେ ଆକ୍ରାନ୍ତ ହେବା ଅବଶ୍ୟମ୍ଭାବୀ। ଭୂମି ଭିତରେ ଭଗବାନ ଯେଉଁ ଦୁର୍ମୂଲ୍ୟ କୋଇଲା, ଖଣିଜତୈଳ ସହିତ ହୀରା, ନୀଳା, ମାଣିକ୍ୟ ତଥା ଅପର୍ଯ୍ୟାପ୍ତ ସୁନା, ରୁପା, ତମ୍ବା, ସୀସା, ଆଲୁମିନିୟମ ଆଦି ସାଇତି ରଖିଛନ୍ତି, ତା' ସକାଶେ ମନଇଚ୍ଛା ଭୂଖନନ କରି ଭୂପୃଷ୍ଠର ଭାରସାମ୍ୟରେ ଅନ୍ତରାୟ ସୃଷ୍ଟି କରିବା କେତେଦୂର ଯୁକ୍ତିଯୁକ୍ତ? ଏବେ ସମୟ ଆସିଛି ଆମେ ସେ ମହାଦାନୀ (ଈଶ୍ୱର)ଙ୍କ ଅକୁଣ୍ଠଦାନର ଅସଦ୍‌ବ୍ୟବହାର କରିବାରୁ କ୍ଷାନ୍ତ ହେବା। ତେବେ ଯାଇ ପୃଥିବୀପୃଷ୍ଠରେ ପ୍ରାଣିଜଗତ ତିଷ୍ଠିପାରିବ।

ଇ-୧୮, ପଦ୍ମପାଣି ବିହାର, ଶୈଳଶ୍ରୀ ବିହାର,
ଭୁବନେଶ୍ୱର, ମୋ-୯୪୩୭୦୧୭୨୦୨

## ଏଇ ଭାରତରେ

ଭାରତବର୍ଷ ଏକ ମନ୍ଦିରମାଳିନୀ ଦେଶ। ଅନେକ ମନ୍ଦିରରେ ଅଲୌକିକ ଘଟଣା ଘଟୁଥିବା ଦେଖିବାକୁ ମିଳେ। ଏଭଳି ଘଟଣାମାନ କାହିଁ କେତେ ବର୍ଷରୁ ଚଳିଆସୁଛି, ଯାହାର ଉତ୍ତର ଦେବାକୁ ଆଧୁନିକ ବିଜ୍ଞାନ ମଧ୍ୟ ସକ୍ଷମ ହୋଇପାରି ନାହିଁ। ଆମ ଦେଶରେ ଏପରି ମନ୍ଦିର ରହିଛି, ଯେଉଁଠାରେ ଏକ ଅଖଣ୍ଡ ଦୀପ ଦୀର୍ଘ ୫୫୦ ବର୍ଷ ଧରି ଜଳିଆସୁଛି। ମଧ୍ୟପ୍ରଦେଶର ମନାସା ସହରଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଅହ୍ଲେଡ଼ଠାରେ ରହିଛି 'ଆଇ ଜୀ ମାତା'ଙ୍କ ମନ୍ଦିର। ସେଠାରେ ୫୦୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଜଳିଆସୁଥିବା ଦୀପ କେବେ ବି ଲିଭିନାହିଁ ବୋଲି ଏହି ଅଞ୍ଚଳର ପୁରୁଖା ଲୋକେ କହିଛନ୍ତି। ଦୀପରୁ କଳା ପରିବର୍ତ୍ତେ କେଶର ଠୋପା ନିର୍ଗତ ହୁଏ। ଏହାକୁ ଭକ୍ତମାନେ ଶ୍ରଦ୍ଧାରେ ମା'ଙ୍କ ପ୍ରସାଦ ଭାବେ ଗ୍ରହଣ କରିଥାଆନ୍ତି। କେଶରକୁ ଆଖିରେ ଲଗାଇଲେ ବିଭିନ୍ନ ଆଖିରୋଗ ଭଲ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ପ୍ରତିଦିନ ଦେଶର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଏହି ମନ୍ଦିରରେ ଗହଳି ଲଗାଇ ଥାଆନ୍ତି।

## ଚିରନ୍ତନୀ

ଅମର କଥା ନୁହଇ କିଛି
    ମରଣ ଅବିକଳ
ସାନ୍ତ୍ୱନାର ଗୋଟାଏ ଖାଲି ଭାବ
ରଚଇ କବି ଶିଳ୍ପୀ ଲେଖେ
    ଲାଗଇ ବୋଲି ଭଲ
କି ତହିଁ ଆଉ ରହିଚି ତାର ଲାଭ?
ମୃତ୍ୟୁ ପରେ କି ସୁଖ ଅଛି
    କି ଅବା ବିଭୀଷିକା
କଳ୍ପନାର ରାଇଜେ ବୁଲ କାହିଁ?
ନିଭିଲେ ଥରେ ନ ଜଳେ ଆଉ
    ଜୀବନ-ଦୀପଶିଖା
ଜୀବନ ପରେ ନାହିଁରେ କିଛି ନାହିଁ!

(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଂଶୋଧିତ ଘରଭଡ଼ା ମିଳିବ କେବେ

ମହାଶୟ,

ରାଜ୍ୟ ସରକାର ୨୦୧୬ରୁ ସପ୍ତମ ବେତନ ଲାଗୁ କରିଛନ୍ତି। ଅଦ୍ୟାବଧି ୩ବର୍ଷ ପୂରଣ ହୋଇସାରିଲାଣି। ଅଥଚ ସଂଶୋଧିତ ଘରଭଡ଼ା ଦେବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅପରପକ୍ଷରେ ପ୍ରତିଦିନ କିଛି ନା କିଛି ଯୋଜନା ଘୋଷଣା କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ମଧ୍ୟରେ ଲୋକମାନେ ପେଷିହୋଇ ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମଧ୍ୟରେ ଚାକିରିଆଙ୍କୁ ଅଣଦେଖା କରାଯାଉଛି। ଘରଭଡ଼ା ବାବଦ ଅର୍ଥ କେଉଁ ଯୋଜନାରେ ଖର୍ଚ୍ଚ ହେଉଛି, ପାଟି ଖୋଲିବାକୁ ସରକାରୀ ଚାକିରିଆଙ୍କର ମୁହଁ ନାହିଁ। ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥାରେ ଥିବା ଚାକିରିଆଙ୍କର ଅବସ୍ଥା ନ କହିଲେ ଭଲ। ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରି ସମାନ କାମକୁ ସମାନ ଦରମା ଦେବା ସରକାରଙ୍କ ନୈତିକ କର୍ତ୍ତବ୍ୟ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ବରଂ ନିବାସ ଭଲ ଜରା ନିବାସେ

ପ୍ରତ୍ୟେକ ମା'ବାପା ଜୀବନର ସାୟାହ୍ନରେ ପୁଅବୋହୂ, ନାତିନାତୁଣୀଙ୍କ ଗହଣରେ ରହିବାକୁ ଇଚ୍ଛା ପୋଷଣ କରିଥାନ୍ତି। କିନ୍ତୁ ଆଜିର ଅକୃତଜ୍ଞ ପୁଅବୋହୂମାନେ ଅଧିକ ରୋଜଗାର ଆଶାରେ ମା'ବାପାଙ୍କୁ ଏକୁଟିଆ ଛାଡିଦେଇ ବିଦେଶରେ ରହିବାକୁ ଉଚିତ ମଣୁଛନ୍ତି। ତାଙ୍କର ଦେଖାଶୁଣା କରିବା ପାଇଁ ଚାକରଟିଏ ରଖିଦେଇ ନିଜ କର୍ତ୍ତବ୍ୟ ସାରିଦେଲେ ବୋଲି ବିଚାରୁଛନ୍ତି। ଏହି ଚାକର କ'ଣ ବୁଢ଼ା ମା'ବାପାଙ୍କର ଆଶା ପୂରଣ କରିପାରିବ? ଆଉ କିଛି ଅର୍ଦ୍ଧଶିକ୍ଷିତ କିମ୍ବା ଅଶିକ୍ଷିତ ପୁଅବୋହୂ ମଧ୍ୟ ବୁଢ଼ା କାଳରେ ମା'ବାପାଙ୍କର ସେବାଶୁଶ୍ରୂଷା କରିବା ଦୂରର କଥା, ଦୁଇଓଳା ଦୁଇମୁଠା ଖାଇବାକୁ ଓ ରୋଗ ହେଲେ ଟିକିଏ ଔଷଧ ଦେଉନାହାନ୍ତି। ଫଳରେ ଜୀବନସାରା ଏତେ ତ୍ୟାଗ କରିଥିବା ବୁଢାମା'ବାପା ନିଃସଙ୍ଗ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି କିମ୍ବା ପୁଅବୋହୂଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଜରାଶ୍ରମ ଆଡକୁ ମୁହାଁଉଛନ୍ତି। ଜରା ନିବାସର ଅନ୍ତେବାସୀଙ୍କ ସହ ମିଳିମିଶି ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ଜୀବନର ଅବଶିଷ୍ଟ ସମୟତକ ବିତାଇବାକୁ ଉଚିତ ମଣୁଛନ୍ତି।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



**ସଂକ୍ଷେପରେ**

## ୪୦ଫୁଟ ତଳକୁ ଖସିପଡିଲା ବାଇକ, ୨ ମୃତ

ମୋହନା,୧୫।୨(ଡି.ଏନ୍.ଏ.): ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ନିଜୁମା ଘାଟିରେ ଭାରସାମ୍ୟ ହରାଇ ଏକ ବାଇକ ଗଛରେ ପିଟିହୋଇ ୪୦ଫୁଟ ତଳକୁ ଖସି ପଡିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ବଡଗଡ ଥାନା ବଲରାମପୁର ପଞ୍ଚାୟତର ଏ. ବିଜନ ମଣ୍ଡଳ (୨୩) ଓ ମୋହନା ଥାନା ଗୋବିନ୍ଦପୁର ପଞ୍ଚାୟତ ହିତାଗାନ୍ଧୀ ଗ୍ରାମର ରବି ରଇତ (୨୨)। ବିଜନ ଓ ରବି ବାଇକ (ନଂ.ଓଆର୦୭-୭୨୭୬) ଯୋଗେ ମୋହନା ନିକଟସ୍ଥ ନିଜୁମା ଘାଟି ଦେଇ ଫେରୁଥିଲେ। ଘାଟିର ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ବାଇକଟି ଏକ ଗଛରେ ପିଟି ହୋଇ ଘାଟି ତଳକୁ ଖସି ପଡିଥିଲା। ଘଟଣା ସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ରାତିରେ ପୋଲିସ ମୃତଦେହ ଜବତ କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେମାନଙ୍କ ନିକଟରେ ଥିବା ମୋବାଇଲରୁ ପରିବାର ଲୋକଙ୍କୁ ଫୋନ କରିବା ପରେ ପରିଚୟ ମିଳିଥିଲା।

# ମହିଳାଙ୍କୁ ମିଳୁନି ସୁଯୋଗ

**କଳାହାଣ୍ଡି ଜିଲା**
- ସ୍ୱାଧୀନତାର ୭୧ବର୍ଷ ମଧ୍ୟରେ ଜଣେ ମହିଳା ବିଧାୟିକା
- ପ୍ରମୁଖ ରାଜନୀତି ଦଳ ବି ମହିଳାଙ୍କୁ ଟିକେଟ୍ ଦେଉନାହାନ୍ତି




ଉତ୍ତମ କୁମାର ଦାଶ
ଭବାନୀପାଟଣା,୧୫।୨(ସ୍ୱ.ପ୍ର.)

ନାରୀ ଜାଗ୍ରତ ହେଲେ ଦେଶ ଓ ରାଜ୍ୟର ସର୍ବାଙ୍ଗୀନ ବିକାଶ ହୋଇଥାଏ। ଏଥିପାଇଁ ମହିଳାଙ୍କୁ ପୁରୁଷଙ୍କ ସହିତ ପାଦ ମିଳାଇ ଚାଲିବାକୁ ଅଗ୍ରାଧିକାର ଦିଆଯିବାକୁ ଉଦ୍ୟମ ଆରମ୍ଭ ହୋଇଛି । ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ସଂରକ୍ଷଣ ପ୍ରଦାନ କରିବାକୁ କେନ୍ଦ୍ର ତଥା ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। କିନ୍ତୁ କଳାହାଣ୍ଡି ଜିଲା ରାଜନୀତି କ୍ଷେତ୍ରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଏହି ଜିଲାରେ କୌଣସି ପ୍ରମୁଖ ରାଜନୀତି ଦଳ ମହିଳାମାନଙ୍କୁ ପ୍ରାର୍ଥୀ କରିବାକୁ ଉଚିତ୍ ମଣି ନାହାନ୍ତି। ସ୍ୱାଧୀନତାର ୭୧ବର୍ଷ ମଧ୍ୟରେ ଜଣେ ମାତ୍ର ମହିଳା ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ହୋଇଥିବା ନଜୀର ରହିଛି । ଏହା ପରେ କୌଣସି ମହିଳାଙ୍କୁ ସେହି ସୁଯୋଗ ମିଳି ନାହିଁ।

ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ଏଥିପାଇଁ ମହିଳାମାନଙ୍କୁ ସୁଯୋଗ ମିଳୁଛି । ବିଧାନସଭା କିମ୍ବା ଲୋକସଭା ନିର୍ବାଚନ ପାଇଁ ସେହି ବ୍ୟବସ୍ଥା ନ ଥିବାରୁ ମହିଳା ପ୍ରାର୍ଥୀଙ୍କୁ ଉପେକ୍ଷା କରାଯାଉଛି। ଗତ ୧୫ଟି ବିଧାନସଭା ନିର୍ବାଚନରେ ଏ ଯାଏଁ କଳାହାଣ୍ଡି ଜିଲାର ମାତ୍ର ଜଣେ ମହିଳା ବିଧାୟକ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ବର୍ତ୍ତମାନର ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂ ଦେଓଙ୍କ ମା’ ରୋଶନି ସିଂଦେଓ । ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ଚନ୍ଦ୍ରଭାନୁ ସିଂଦେଓଙ୍କ ପରଲୋକ ପରେ ସେ ରାଜନୀତି ମଇଦାନକୁ ଓହ୍ଲାଇଥିଲେ। ଅନୁକମ୍ପାମୂଳକ ଭୋଟ ପାଇ ବିଜେଡି ପ୍ରାର୍ଥୀ ଭାବେ ସେ ୧୯୯୫-୨୦୦୦ରେ ପୂର୍ବରୁ ଥିବା କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ତାଙ୍କ ପରଠାରୁ କୌଣସି ଜଣେ ମହିଳାଙ୍କୁ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଟିକେଟ ମିଳିନାହିଁ। ୨୦୦୯ରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ କଲ୍ୟାଣୀ ନାଏକ ଓ ସମୃଦ୍ଧ ଓଡ଼ିଶା ପକ୍ଷରୁ ସୁଶ୍ରୀ ହିରା ବାଗଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦିଆଯାଇଥିଲା।

କଳାହାଣ୍ଡି ଜିଲାରେ ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡିକ ହେଲା ଜୁନାଗଡ, ଭବାନୀପାଟଣା, ଧର୍ମଗଡ, ଲାଞ୍ଜିଗଡ ଓ ନର୍ଲା। ଏହି ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ମହିଳା ନେତ୍ରୀଙ୍କ ଅଭାବ ନାହିଁ। ଜିଲାରେ ସରପଞ୍ଚ, ସମିତିସଭ୍ୟଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକ, ଏନ୍‌ଏସି ଓ ଜିଲା ପରିଷଦ ପଦରେ ମହିଳାମାନେ ରହିଛନ୍ତି । ଏହାସହ ରାଜନୈତିକ ଦଳର ପଦପଦବୀରେ ମହିଳାମାନେ ରହିଛନ୍ତି। ହେଲେ ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀ ଚୟନ ବେଳେ ମହିଳାମାନଙ୍କୁ ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଏବେ ଜିଲାର ମହିଳା ନେତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଦକ୍ଷତା ଅଛି । ଦଳ ପକ୍ଷରୁ ସୁଯୋଗ ମିଳିଲେ ମହିଳାମାନେ ଭଲ ବିଧାୟକ ହୋଇପାରିବେ ବୋଲି ଜିଲା ବିଜେଡି ସଭାନେତ୍ରୀ କଲ୍ୟାଣୀ ନାଏକ କହିଛନ୍ତି । ଭାଜପା ଜିଲା ସଭାନେତ୍ରୀ କୁନ୍ତି ପାଲ ଓ କଂଗ୍ରେସ ସଭାନେତ୍ରୀ ସୁକାନ୍ତି ସରାଫ ମଧ୍ୟ ମହିଳାଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏ ସଂକ୍ରାନ୍ତରେ କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ କହିଛନ୍ତି ମହିଳାମାନଙ୍କୁ ସୁଯୋଗ ଦେବାରେ କୌଣସି ପ୍ରତିବନ୍ଧକ ନାହିଁ । ଆଗକୁ ସେ ସଂକ୍ରାନ୍ତରେ ଚିନ୍ତା କରାଯିବ । ଭାଜପା ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକ କହିଛନ୍ତି, ମହିଳାମାନେ ସମସ୍ତ ଦୃଷ୍ଟି କୋଣରୁ ସକ୍ଷମ, ନିଶ୍ଚିତ ଭାବେ ସେମାନଙ୍କୁ ସୁଯୋଗ ମିଳିବା ଦରକାର। ପୂର୍ବତନ କଂଗ୍ରେସ ଜିଲା ସଭାପତି ଗୋବର୍ଦ୍ଧନ ଦାଶ କହିଛନ୍ତି ମହିଳାମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ସୁଯୋଗ ମିଳିବା ଦରକାର ।



ଜିଲାର ପ୍ରଥମ ଓ ଏକମାତ୍ର ବିଧାୟିକା ରୋଶନୀ ସିଂଦେଓ ।

# ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ବାତିଲ




ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ।

ସମ୍ବଲପୁର,୧୫।୨(ବ୍ୟୁରୋ)

ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ଯୋଗୁ ସମ୍ବଲପୁର ଧନକଉଡ଼ାଠାରେ ଶୁକ୍ରବାର ହେବାକୁ ଥିବା ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ବାତିଲ କରି ଦିଆଯାଇଛି । ଏଥିସହିତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସମ୍ବଲପୁର ଗସ୍ତକୁ ମଧ୍ୟ ବାତିଲ କରାଯାଇଛି । ଉକ୍ତ ସମ୍ମିଳନୀରେ ଶାହ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ତେବେ ଏହି ସମ୍ମିଳନୀକୁ ଶହୀଦ ଯବାନଙ୍କୁ ସମର୍ପିତ କରାଯାଇଛି ।

**ଆସିଲେ ନାହିଁ ଅମିତ ଶାହ**

ଶହୀଦ ଯବାନଙ୍କ ପାଇଁ ନୀରବପ୍ରାର୍ଥନା କରିବା ପରେ ଉକ୍ତ ସମ୍ମିଳନୀକୁ ବନ୍ଦ ଘୋଷଣା କରାଯାଇଥିଲା। ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ପୁଣି ଥରେ ଆୟୋଜନ କରାଯିବ ବୋଲି ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ କହିଛନ୍ତି।

ଏହି ଅବସରରେ ରାଜ୍ୟସଭାପତି ବସନ୍ତ ପଣ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଉଗ୍ରବାଦୀଙ୍କ ଏପରି ଆକ୍ରମଣକୁ ନିନ୍ଦା କରିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପାଟଣାଗଡ଼ ବିଧାୟକ କେଭି ସିଂ ଦେଓ, ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ, ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ସୁବାଷ ଚୌହାନ, ଅଶ୍ୱିନୀ ଷଡଙ୍ଗୀ, ରୁଦ୍ର ପାଣି ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ରହିଥିଲେ। ପ୍ରଥମେ ଭାଜପା କର୍ମକର୍ତ୍ତା ମା’ସମଲେଇଙ୍କ ଦର୍ଶନ କରିବା ପରେ ନେଲସନ ମେଣ୍ଡେଲା ଛକକୁ ଆସିଥିଲେ। ସେଠାରେ ଶହୀଦସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ବଲପୁର, ବରଗଡ଼, ଢେଙ୍କାନାଳ, ଦେବଗଡ଼ ନିର୍ବାଚନୀ ମଣ୍ଡଳୀର ପ୍ରାୟ ୪୦ହଜାର ବୁଥସ୍ତରୀୟ କର୍ମକର୍ତ୍ତା ଉକ୍ତ ସମ୍ମିଳନୀରେ ଯୋଗଦେବାକୁ ଆସିଥିଲେ । ହେଲେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସେମାନେ ଫେରିଯାଇଥିଲେ ।

## ମଦନପୁର କାଜୁ ଜଙ୍ଗଲରେ ମାଙ୍କଡ଼ା ପଥର ଖନନ

# ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେଲେ ସ୍ଥାନୀୟ ଅଧିବାସୀ

କଟକ ଅଫିସ, ୧୫।୨

କେନ୍ଦୁଝର ଜିଲା ଘସିପୁରା ତହସିଲ ଅନ୍ତର୍ଗତ ମଦନପୁର ମୌଜାରେ ବେଆଇନ ମାଙ୍କଡ଼ା ପଥର ଖନନ ଚାଲିଛି। ଏଭଳି ବେଆଇନ କାରବାର ବିରୋଧରେ ସ୍ଥାନୀୟ ଅଧିବାସୀ ପ୍ରଶାସନକୁ ନିବେଦନ କରି ବିଫଳ ହେବା ପରେ ଓକିଲ ଶଙ୍କର ପ୍ରସାଦ ପାଣିଙ୍କ ଜରିଆରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛନ୍ତି।

ଆବେଦନକାରୀ ତଥା ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର କୁଅଁର ନିଜ ଆବେଦନରେ ଦର୍ଶାଇଛନ୍ତି ଯେ, ମଦନପୁର ମୌଜାରେ ଅବସ୍ଥିତ ପ୍ରାୟ ୧୦୦ ଏକର ଜମିରେ ଥିବା କାଜୁ ଜଙ୍ଗଲକୁ ୩୦ ବର୍ଷ ତଳେ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣ ଯୋଜନା (ଇଆର୍‌ଆର୍‌ପି)ରେ ସ୍ଥାନୀୟ ଲୋକଙ୍କୁ ଫଳଭୋଗ ପଟ୍ଟା ଆକାରରେ ପ୍ରଦାନ କରାଯାଇଥିଲା। କିନ୍ତୁ ୨୦୦୦ ପରଠାରୁ ଉକ୍ତ ଜମିକୁ ପଥର ମାଫିଆମାନେ ଜୋରଜବରଦସ୍ତ ନିଜ ଅକ୍ତିଆରକୁ ନେଇ ସେଠାରେ ମାଙ୍କଡ଼ା ପଥର ଖୋଳିବା ଆରମ୍ଭ କଲେ। ଏ ବାବଦରେ ସ୍ଥାନୀୟ ଗ୍ରାମବାସୀ ତହସିଲଦାର ଓ କେନ୍ଦୁଝର ଜିଲାପାଳଙ୍କୁ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ବେଆଇନ ମାଙ୍କଡ଼ା ପଥର ଖନନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶବ୍ଦ ଓ ବାୟୁ ପ୍ରଦୂଷଣ ହେଉଛି। ଛାତ୍ରୀଛାତ୍ରଙ୍କ ପାଠପଢା ଓ ଯାତାୟାତରେ ବାଧା ଉପୁଜୁଛି। ସ୍ଥାନୀୟ ପଟିଲୋ ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଆସି ମାଙ୍କଡ଼ା ଖଣିରେ ପଡ଼ି ପ୍ରାଣ ହରାଉଥିବା ଉଦାହରଣ ରହିଛି। ସେହିପରି ପାହାଡ଼ରୁ ଆସୁଥିବା ପାଣି ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ତାହା ବର୍ତ୍ତମାନ ଉକ୍ତ ଖଣିରେ ଜମା ହୋଇ ରହିବା ଫଳରେ ଜମିକୁ ପାଣି ଯାଇପାରୁ ନାହିଁ। ଦୈନିକ ଆନୁମାନିକ ୩୦୦ ଟ୍ରାକ୍ଟର ପଥର ଉତ୍ତୋଳନ ହୋଇ ଚାଲାଣ ହେଉଛି। ଏ ନେଇ ସରକାର ବହୁ ରାଜସ୍ୱ ହରାଉଛନ୍ତି। ମାଫିଆମାନେ କାଜୁ ଜଙ୍ଗଲକୁ ସଫା କରି ଏବଂ ବିଭିନ୍ନ ଗଛକୁ କାଟିଦେଉଛନ୍ତି। ଏଭଳି ଦିବାରାତ୍ର ବେଆଇନ ଖନନରେ ସ୍ଥାନୀୟ ପ୍ରଶାସନ ଓ ତହସିଲ ଅଫିସ୍‌ର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। କେନ୍ଦୁଝର ଜିଲାପାଳ, ଘସିପୁରା ତହସିଲଦାର, ଜିଲା ବନଖଣ୍ଡ ଅଧିକାରୀ, ରାଜସ୍ୱ ବିଭାଗ ଓ ଜଙ୍ଗଲ ପରିବେଶ ବିଭାଗ ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ମାଛମରାକୁ ନେଇ ବିବାଦ, ଦୁଇଗୋଷ୍ଠୀ ଥାନାର ଦ୍ୱାରସ୍ଥ

ଲୋଇସିଂହା,୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ନାରାୟଣ ସାଗରରେ ମାଛମରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ଗୋଷ୍ଠୀ ପକ୍ଷରୁ ଲୋଇସିଂହା ଥାନାରେ ଅଭିଯୋଗ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଉଭୟ ଗୋଷ୍ଠୀକୁ ନେଇ ପୋଲିସ ଆଲୋଚନା ଆରମ୍ଭ କରିଛି । ଆପୋଷ ବୁଝାମଣା ପାଇଁ ଉଭୟ ପକ୍ଷରୁ ବୁଝାଯାଉଥିବା ଏସଆଇ ଜେ.କେ. ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ, ନାରାୟଣସାଗରର ଉନ୍ନତୀକରଣ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସାଗରର ପାଣି ନିଷ୍କାସନ କରାଯାଉଛି । ପାଣି ଶୁଖାଯାଉଥିବାରୁ ମାଛ ଜାଆଁଳ ଛାଡିଥିବା ସ୍ଥାନୀୟ ପ୍ରାଥମିକ ମତ୍ସଜୀବୀ ସମବାୟ ସମିତି ପକ୍ଷରୁ ମାଛ ଧରାଯାଉଛି । ଅପରପକ୍ଷେ କେକେକବ୍ୟକ୍ତି ବେଆଇନ ଭାବେ ଜାଲ ପକାଇ ମାଛ ଧରୁଥିବାରୁ ମତ୍ସଜୀବୀ ସମବାୟ ସମିତି ପକ୍ଷରୁ ବିରୋଧ କରାଯାଉଛି। ଅନ୍ୟପକ୍ଷରେ ଉପରୋକ୍ତ ବ୍ୟକ୍ତି ସମିତି ସହ ଗଣ୍ଡଗୋଳ କରୁଛନ୍ତି। ଏନେଇ ସମିତି ପକ୍ଷରୁ ଉପରୋକ୍ତ ୪ ଜଣ ବ୍ୟକ୍ତିଙ୍କ ବିରୋଧରେ ଲୋଇସିଂହା ଥାନାରେ ଫେରାଦ ହୋଇଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଗୁରୁବାର ରାତି ସାଢେ ୧୦ଟାରୁ ମତ୍ସଜୀବୀ ପରିବାର ଲୋଇସିଂହା ଥାନାକୁ ଆସି ଧାରଣାରେ ବସିଥିଲେ । ଅପରପକ୍ଷେ ଅପରଗୋଷ୍ଠୀ ଥାନକୁ ଆସି ସମିତି ପକ୍ଷରୁ ନାରାୟଣ ସାଗର ଉନ୍ନତୀକରଣରେ ବାଧକ ସାଜୁଥିବା ଅଭିଯୋଗ କରିଥିଲେ। ଏହା ଫଳରେ ପରିସ୍ଥିତି ବିବାଦୀୟ ହୋଇ ପଡିଥିଲା।

## ଘର ଭାଙ୍ଗି ଚାଉଳ ଖାଇଲା ହାତୀ

ଝୁମ୍ପୁରା, ୧୫।୨(ଡି.ଏନ.ଏ.)

କିଛିଦିନର ନିରବତା ପରେ ଗୋଠଛଡା ଦନ୍ତାହାତୀ ପୁଣିଥରେ ଉତ୍ପାତ ଆରମ୍ଭ କରିଛି। ଏ ନେଇ କେନ୍ଦୁଝର ଜିଲା ବାମେବାରୀ ଫରେଷ୍ଟ ସେକଶନ ଅନ୍ତର୍ଗତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ପଟୁଆ କୁଦର, କାଳିଆପାଳ, ଗୋଡୁଆଟୋପା, ନେଦିଗୋଠ, ନୁଣଗାଡିଆ, ବାମନଡିହା, ନଇବୁଗା, କାଶିଆ, ସାନକାଳିମାଟି ଆଦି ଗ୍ରାମର ବାସିନ୍ଦା ଆତଙ୍କିତ ହୋଇପଡ଼ିଛନ୍ତି। ଗୋଟିଏ ରାତ୍ରିରେ ଗୋଠଛଡା ଦନ୍ତା ୩ରୁ ୪ଟି ଗ୍ରାମକୁ ପଶି ଯାଉଛି। ହାତୀ ପାଇଁ ଲୋକେ ରାତି ଉଜାଗର ରହିବାକୁ ପଡୁଛି। ବୁଧବାର ବିଳମ୍ବିତ ରାତ୍ରିରେ ଗୋଠଛଡା ଦନ୍ତାହାତୀ ପଟୁଆକୁଦର ଗ୍ରାମର ଭାଗବତ ମାଝୀ ଏବଂ ନେଦିଗୋଠ ଗ୍ରାମର ପ୍ରତାପ ନାଏକଙ୍କ ଘର ଭାଙ୍ଗି ଚାଉଳ, ଧାନ ଖାଇ ଦେଇଛି।

ଲୋକେ ଶୋଇଥିବା ବେଳେ ଦନ୍ତା ଘର ଭାଙ୍ଗି ଦେଇଥିଲା। ୨ ପରିବାରର ସଦସ୍ୟ ଅଳ୍ପକେ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଦନ୍ତା ବହୁ ବାଡି ବଗିଚା ମାଡି ଦଳି ନଷ୍ଟ କରି ଦେଇଛି। ଏହି ଦନ୍ତା ଯୋଗୁଁ ବନ ବିଭାଗକୁ ମଧ ନାକେଦମ ହେବାକୁ ପଡୁଛି। ହାତୀଟି ଏକୁଟିଆ ହୋଇ ପଡିଥିବାରୁ କେତେବେଳେ କେଉଁଠି ପହଞ୍ଚିବ ଠିକ ଜାଣି ହେଉ ନ ଥିବା ବାମେବାରୀ ଫରେଷ୍ଟର ଯତିନ୍ଦ୍ର ସାହୁ କହିଛନ୍ତି। ଘର ଭଙ୍ଗା, ଫସଲ ନଷ୍ଟ ଜନିତ କ୍ଷୟକ୍ଷତି ରିପୋର୍ଟ ଅଣା ଯାଉଥିବା ଫରେଷ୍ଟର କହିଛନ୍ତି।

# ଆନ୍ତଃରାଜ୍ୟ କେନ୍ଦୁ କାଠ ଚୋର ର୍‍ୟାକେଟ୍ ଠାବ

**କଳାହାଣ୍ଡି ଜିଲା**
- ଟ୍ରକ୍, କାର, ବାଇକ୍ ସହ ୬ ଅଭିଯୁକ୍ତ ଗିରଫ
- ବିଦେଶକୁ ଚୋରାଚାଲାଣ ହେଉଛି କେନ୍ଦୁକାଠ
- ଲକ୍ଷାଧିକ ଟଙ୍କାର କେନ୍ଦୁ କାଠ ଗଣ୍ଡି ଜବତ

ବଲାଙ୍ଗୀର ଅଫିସ, ୧୫।୨

ବଲାଙ୍ଗୀର ବନବିଭାଗ ଟିମ୍ ଏକ ବଡଧରଣର ଆନ୍ତଃରାଜ୍ୟ କେନ୍ଦୁକାଠ ଚୋର ର୍‍ୟାକେଟ୍‌କୁ ଠାବ କରିଛି । ଗୁରୁବାର ବିଳମ୍ବିତ ରାତିରେ କେନ୍ଦୁ କାଠଗଣ୍ଡି ବୋଝେଇ ଟ୍ରକ୍, କାର ଓ ବାଇକ୍ ଜବତ କରିଛି । ଏହି ଘଟଣାରେ ୬ଜଣଙ୍କୁ ଗିରଫ କରିଛି। ଜବତ୍ କେନ୍ଦୁ କାଠଗଣ୍ଡିର ସ୍ଥାନୀୟ ବଜାର ଦର ପ୍ରାୟ ୫ ଲକ୍ଷ ଟଙ୍କା ହୋଇଥିବାବେଳେ ଆନ୍ତର୍ଜାତିକ ବଜାର ମୂଲ୍ୟ ୨୦ ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି । କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରୁ କେନ୍ଦୁ କାଠ ସଂଗ୍ରହ କରାଯାଇ କଲିକତା, ରାୟପୁର, ଉତ୍ତରପ୍ରଦେଶ ଚାଲାଣ ହେଉଛି। ବନବିଭାଗ ହାତରେ ଧରାପଡିଥିବା ୬ଅଭିଯୁକ୍ତ ଆନ୍ତଃରାଜ୍ୟ କେନ୍ଦୁକାଠ ଚୋରାଚାଲାଣ ର୍‍ୟାକେଟ୍‌ର ସଦସ୍ୟ ବୋଲି କୁହାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ସୋହେଲାର ମୁବାରକ୍ ଖାନ୍ (୪୪), ବାଉଁସେନ୍‌ମୁଣ୍ଡାର ଯୋଗେଶ ମିଶ୍ର (୪୨), ବରଗଡ଼ର ଶେକ୍ ସମ୍‌ସୁ(୩୨), ଚିତ୍ରସେନ୍ ଭୋଇ(୨୭), ବରପାଲିର ଶଫଦର ଅଲ୍ଲୀ(୩୭) ଓ ଡୁଙ୍ଗୁରିପାଲି ସମଲେଇଗୁଆଁ ଦୀପକ ଗୋଚ୍ଛାୟତ (୨୪) । ଅଭିଯୁକ୍ତମାନଙ୍କୁ ବନବିଭାଗ ଟିମ୍





ଗିରଫ ୬ କେନ୍ଦୁକାଠ ଚୋରାଚାଲାଣକାରୀ (ବାମ)। ଜବତ୍ କେନ୍ଦୁ କାଠ ଓ ଟ୍ରକ୍।

ପଚରାଉଚରା ଜାରି ରଖିଛି।

କଳାହାଣ୍ଡି ଜିଲା ମଦନପୁର-ରାମପୁର ଅଞ୍ଚଳରୁ ଏକ କୁଣ୍ଡା ବୋଝେଇ ଟ୍ରକ୍ ଭିତରେ କେନ୍ଦୁ କାଠଗଣ୍ଡି ଚୋରାଚାଲାଣ ହେଉଥିବା ନେଇ ବଲାଙ୍ଗୀର ବନବିଭାଗ ଟିମ୍‌କୁ ସୂଚନା ମିଳିଥିଲା । ସୂଚନା ପାଇବା ପରେ ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀ ଉକ୍ତ ର୍‍ୟାକେଟକୁ ଧରିବା ପାଇଁ ବଡଧରଣର ଚଢ଼ାଉ ଯୋଜନା ପ୍ରସ୍ତୁତ କରିଥିଲେ । ଡିଏଫ୍‌ଓ ଶତପଥୀଙ୍କ ସହ ଏସିଏଫ୍ ବାବାଜୀ ଚରଣ ରାଉଳ, ବଲାଙ୍ଗୀର ରେଞ୍ଜ ଅଫିସର ବିଜୟ ଖୁଣ୍ଟିଆ, ଦେଓଗାଁ ରେଞ୍ଜ ଅଫିସର ଆନନ୍ଦ ଚନ୍ଦ୍ର ବିଶି, ସଇଁତଳା ରେଞ୍ଜ ଅଫିସର ରାଜକିଶୋର ହୋତା, ଫରେଷ୍ଟର ବ୍ୟାସଦେବ ସାହୁ, ବାବୁଲା ଦାସ, ବନରକ୍ଷୀ ଟିମ୍ ଓ ପାରା ଫରେଷ୍ଟ ଷ୍ଟାଫ୍ ସଦସ୍ୟମାନେ ରାମପୁର-ତୁଷରା-ଦେଓଗାଁ-ବଲାଙ୍ଗୀର ରାସ୍ତାରେ ସ୍ୱତନ୍ତ୍ର ଦୃଷ୍ଟି ରଖି ଛପି ରହିଥିଲେ । ରାତି ପ୍ରାୟ ୩ଟାରେ କେନ୍ଦୁକାଠ ବୋଝେଇ ଟ୍ରକ୍ (ନଂ.ଓଡି୧୭କେ ୧୩୯୫), ଏକ ସୁଇଫ୍ଟ କାର (ନଂ.ଓଡି୧୫ ୫୬୨୭) ଓ ଏକ ୟାମାହା ବାଇକ୍ (ନଂ.ଓଡି୩୧ ୫୩୮୩) ତୁଷରା-ଦେଓଗାଁ ରାସ୍ତା ରେଲୱେ ଫାଟକ ନିକଟରେ ପହଞ୍ଚିଥିଲା । ସେତେବେଳେ ରେଳ ଫାଟକ ବନ୍ଦ ଥିବାରୁ ଉକ୍ତ ସ୍ଥାନରେ ଟ୍ରକ୍, କାର ଓ ବାଇକ୍ ଅଟକି ଯାଇଥିଲା । ଏହି ଖବର ପାଇବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ବନବିଭାଗ ସ୍ୱତନ୍ତ୍ର ଟିମ୍ ସଦସ୍ୟମାନେ ଉଭୟ ଦିଗରୁ ସେମାନଙ୍କୁ ଘେରିଥିଲେ । ପ୍ରଥମରୁ ଉକ୍ତ ଟ୍ରକ୍‌ରେ କୁଣ୍ଡା ଯାଉଥିବା ସୂଚନା ଦେଇଥିଲେ ମଧ୍ୟ ବନବିଭାଗ ଟିମ୍ ସଦସ୍ୟ ଟ୍ରକ୍ ତଲାସୀ ନେବା ପରେ କୁଣ୍ଡାବସ୍ତା ତଳେ ୭୪ଖଣ୍ଡ କେନ୍ଦୁ କାଠଗଣ୍ଡି ରହିଥିବା ଦେଖାଯାଇଥିଲା । କେନ୍ଦୁ କାଠଗଣ୍ଡି ନେଇଯାଉଥିବା ଉକ୍ତ ଟ୍ରକ୍‌କୁ କାର ଓ ବାଇକ୍‌ରେ ଏସ୍କର୍ଟ କରାଯାଇ ନିଆଯାଉଥିଲା। କେନ୍ଦୁକାଠଗଣ୍ଡିଜବତ୍‌ହେବା ପରେ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ବନବିଭାଗ ଟିମ୍ କାବୁ କରି ବଲାଙ୍ଗୀର ବନବିଭାଗ ରେଞ୍ଜ ଅଫିସକୁ ଆଣିଥିଲେ । ଏନେଇ ଡିଏଫ୍‌ଓ ଶତପଥୀଙ୍କୁ ପଚରାଯିବାରୁ ଏହା ଏକ ଆନ୍ତଃ ରାଜ୍ୟ କେନ୍ଦୁକାଠ ର୍‍ୟାକେଟ୍ ବୋଲି କହିଥିଲେ । ଆନ୍ତର୍ଜାତିକ ବଜାରରେ କେନ୍ଦୁ କାଠର ବହୁତ ଚାହିଦା ଥିବାରୁ ଏହା ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି । ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ଏଜେଣ୍ଟ ନିୟୋଜିତ କରି ଏହି ର୍‍ୟାକେଟ୍ ବେଶ୍ ସକ୍ରିୟ ରହିଥିବା ଜଣାପଡିଥିଲା । ଏଠାରୁ ସଂଗୃହୀତ ଚୋରା କେନ୍ଦୁକାଠ କଲିକତା, ରାୟପୁର, ଉତ୍ତରପ୍ରଦେଶ ଦେଇ ବିଦେଶକୁ ଚୋରାଚାଲାଣ ହେଉଥିବା ଜଣାପଡିଛି । ପୂର୍ବରୁ ଅନେକ ଥର କେନ୍ଦୁ କାଠ ଜବତ୍ ହୋଇଥିଲେ ମଧ୍ୟ କେହି ଗିରଫ ହୋଇ ନ ଥିଲେ । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏକ ବଡଧରଣର ର୍‍ୟାକେଟ୍‌ର ପର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - ସନ୍ଥ କବୀର ଦାସ



# ଓଡ଼ିଶାର ୨ ଶହୀଦ୍‌ଙ୍କ ପରିବାର ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

- ୧୦ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା
- ଆଜି ସବୁ ଶିକ୍ଷାନୁଷ୍ଠାନରେ ନୀରବ ପ୍ରାର୍ଥନା ପାଇଁ ଅନୁରୋଧ

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଗୁରୁବାର ଆତଙ୍କବାଦୀ ଆକ୍ରମଣରେ ୪୪ଜଣ ସିଆର୍‌ପିଏଫ୍ ଯବାନ୍ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶାର ୨ ଯବାନ ପ୍ରସନ୍ନ ସାହୁ ଓ ମନୋଜ ବେହେରା। ଦେଶମାତୃକା ପ୍ରତି ଯବାନମାନଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଶନିବାର ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅନୁରୋଧ କରିଛନ୍ତି। ଏହାସହ ଶହୀଦ ଯବାନ ପ୍ରସନ୍ନ ସାହୁଙ୍କ ମା' ଏବଂ ମନୋଜ ବେହେରାଙ୍କ ସ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଟେଲିଫୋନ୍ ଯୋଗେ କଥା ହୋଇ ସମବେଦନା ଜଣାଇଛନ୍ତି। ଘଟଣାରେ ସେ ବହୁତ ଦୁଃଖୀ, ସବୁବେଳେ ସେମାନଙ୍କ ପରିବାର ସହ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ୧୦ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ଶହୀଦଙ୍କ ପରିବାରବର୍ଗଙ୍କ ପାଖକୁ ଯାଇ ବ୍ୟକ୍ତିଗତଭାବେ ସମବେଦନା ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଶହୀଦ ଯବାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେ ଗଭୀର ଦୁଃଖ ପ୍ରକାଶ କରିବା ସହ ଦେଶ ପାଇଁ ଶହୀଦ ହୋଇଥିବା ଯବାନଙ୍କ ବଳିଦାନ କେବେହେଲେ ବ୍ୟର୍ଥ ଯିବନାହିଁ ବୋଲି କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଘଟଣାରେ ସାରା ଦେଶବାସୀ କେବଳ ମର୍ମାହତ ନୁହନ୍ତି, ସେମାନଙ୍କ ମନରେ ଆକ୍ରୋଷ ମଧ ରହିଛି। କେତେଥର ଶିକ୍ଷା ପାଇଲେ ପାକିସ୍ତାନ ନିଜ ସ୍ୱଭାବ ବଦଳାଇବ ବୋଲି ସେ କହିଛନ୍ତି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକାଠି ରହିବାର ଆବଶ୍ୟକତା ଅଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଘଟଣାକୁ ନେଇ ସାରା ଦେଶରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋକସଭା ଆୟୋଜିତ ହୋଇଛି। ଖବରଦାତାମାନେ ରାମମନ୍ଦିର ନିକଟରେ ସମୂହ ଦୀପଦାନ କରିଥିବାବେଳେ କଂଗ୍ରେସ ପକ୍ଷରୁ ସେଠାରେ ଶହୀଦଙ୍କ ବଳିଦାନକୁ ସମ୍ମାନ ଜଣାଇ ଶୋକସଭା କରାଯାଇଛି।

# ଲୁଣ ନ ନେଲେ ଚାଉଳ ମନା

(ଦିନେଶ ଦାସ)
ଓଡ଼ାପଡ଼ା, ୧୫।୨

- ଟଙ୍କିକିଆ ଚାଉଳକୁ ୨୦ଟଙ୍କା ଲୁଣ ବୋଝ
- ଡିଲରଙ୍କୁ ଟାର୍ଗେଟ ପୂରଣ ଚିନ୍ତା
- ଇଚ୍ଛାଧୀନ ସତ୍ତ୍ୱେ କିଣିବାକୁ ବାଧ କରାଯାଉଛି
- ଅନ୍ୟ ରାଜ୍ୟରେ ଶସ୍ତା, ମାଗଣାରେ ଦିଆଯାଉଛି

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଏବେ ସାମିଲ ହୋଇଛି ଆଇରନ୍ ଏବଂ ଆୟୋଡିନଯୁକ୍ତ ଲୁଣ। ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ (ଓଏସ୍‌ଆଇସି) ଦ୍ୱାରା ପ୍ରସ୍ତୁତ ଏହି ଅତ୍ୟାବଶ୍ୟକ ସାମଗ୍ରୀ କିଲୋ ପିଛା ୨୦ଟଙ୍କା ଦରରେ ଡିଲର ପଏଣ୍ଟରେ ବିକ୍ରି କରାଯାଉଛି। ହେଲେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଟଙ୍କିକିଆ ଚାଉଳ ଉପରେ ଏବେ ଏହା ବୋଝ ହୋଇଛି। ୨୦ଟଙ୍କା ଦେଇ କେଜିଏ ଲୁଣ ନ ନେଲେ ଟଙ୍କିକିଆ ଚାଉଳ ଦିଆଯାଇପାରିବନି ବୋଲି ରୋକ୍‌ଠୋକ୍ ଶୁଣାଉଛନ୍ତି ଡିଲର। ଏଭଳି ସ୍ଥିତିରେ ବଜାରରେ ଅପେକ୍ଷାକୃତ ଶସ୍ତାରେ ମିଳୁଥିବା ସମାନ ଗୁଣବତ୍ତାଯୁକ୍ତ ଲୁଣ ପରିବର୍ତ୍ତେ ଅଧିକ ଟଙ୍କା ଦେଇ ଡିଲର ପଏଣ୍ଟରୁ କିଣିବାକୁ ବାଧ ହେଉଛନ୍ତି ଗରିବ ଲୋକେ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତର ହିତାଧିକାରୀମାନେ ଏପରି ଅଭିଯୋଗ ଆଣିଛନ୍ତି। କେବଳ ଓଡ଼ାପଡ଼ା ନୁହେଁ, ଜିଲା ତଥା ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ ଏପରି ଘଟଣା ପଦାକୁ ଆସିଛି, ଯାହା ତଦନ୍ତ ସାପେକ୍ଷ।

ଓଡ଼ାପଡ଼ା ବ୍ଲକର ୨୮ ପଞ୍ଚାୟତରେ ଥିବା ୮୪ ଡିଲର ପଏଣ୍ଟକୁ ପ୍ରଥମ ପର୍ଯ୍ୟାୟରେ ୧୦୦ କୁଇଣ୍ଟାଲ ଆୟୋଡ଼ିନଯୁକ୍ତ ଲୁଣ ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଏହା ବ୍ୟବହାର କରାଯିବା ଉଚିତ ବୋଲି ଉକ୍ତ ଲୁଣ ପ୍ୟାକେଟରେ ଉଲ୍ଲେଖ ରହିଛି। ହେଲେ ଆୟୋଡିନଯୁକ୍ତ ଲୁଣ କିଣିବା ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ଇଚ୍ଛାଧୀନ ବ୍ୟାପାର। ହିତାଧିକାରୀଙ୍କୁ ସଚେତନ କରାଇ ଲୁଣ ବିକିବାକୁ କୁହାଯାଇଛି। ତେବେ ଲୁଣ ଅଧିକ ଦିନ ରହିଲେ ଖରାପ ହୋଇଯିବା ଭୟ ଏବେ ଡିଲରଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଏହି କାରଣରୁ ସେମାନେ ନିଜ ଉପରୁ ବୋଝ କମାଇବା ଏବଂ ଟାର୍ଗେଟ ପୂରଣ କରିବାକୁ ଯାଇ ଲୁଣ କିଣିବା ହିତାଧିକାରୀଙ୍କୁ ଚାପ ପକାଉଛନ୍ତି। ଅନ୍ୟପଟେ ବଜାରରେ ସାଧାରଣ ଲୁଣ କେଜି ପିଛା ୧୦ଟଙ୍କା ଏବଂ ଭଲ ବ୍ରାଣ୍ଡ୍‌ର ଆୟୋଡିନଯୁକ୍ତ ଲୁଣ ୧୭ଟଙ୍କାରେ ମିଳୁଥିବାବେଳେ ୨୦ଟଙ୍କିଆ ସରକାରୀ ଲୁଣ ଏବେ ଲୋକଙ୍କ ସମସ୍ୟା ବଢ଼ାଇଛି। ୨୦ଟଙ୍କାରେ ୨୦କେଜି ଚାଉଳ ନେଉଥିବା ହିତାଧିକାରୀ କେଜିଏ ଲୁଣ ନେବାକୁ ଅତିରିକ୍ତ ୨୦ଟଙ୍କା ବ୍ୟୟ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଜାତୀୟସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ସାଧାରଣ ଲୋକଙ୍କୁ ଆୟୋଡିନଯୁକ୍ତ ଲୁଣ ଯୋଗାଇଦେବା ସକାଶେ ନ୍ୟାଶନାଲ ଆୟୋଡିନ ଡେଫିସିଏନ୍ସି ଡିଜଅର୍ଡର୍ସ କଣ୍ଟ୍ରୋଲ ପ୍ରୋଗ୍ରାମ (ଏନ୍‌ଆଇଡିଡିସିପି) ଆରମ୍ଭ କରାଯାଇଛି। ଆନ୍ଧ୍ରପ୍ରଦେଶରେ ୫ଟଙ୍କା, କର୍ଣ୍ଣାଟକରେ ୬ଟଙ୍କା, ଗୁଜରାଟରେ ୧ ଟଙ୍କା, ମଧ୍ୟପ୍ରଦେଶରେ ୧ ଟଙ୍କା, ହିମାଚଳପ୍ରଦେଶରେ ୪ଟଙ୍କା, ତାମିଲନାଡୁରେ ୩ଟଙ୍କା ୫୦, ବିହାରରେ ୮ ଟଙ୍କା, କେରଳରେ ୮ଟଙ୍କା ୫୦, ରାଜସ୍ଥାନରେ ୬ଟଙ୍କା, ଉତ୍ତରପ୍ରଦେଶରେ ୧୦ ଟଙ୍କା, ଆସାମରେ ୭ଟଙ୍କା ୫୦ ଏବଂ ଛତିଶଗଡ଼ରେ ମାଗଣାରେ ଏହା ଯୋଗାଇଦେବା ବ୍ୟବସ୍ଥା କରାଯାଇଛି। ହେଲେ ଏହି ତୁଳନାରେ ଓଡ଼ିଶାରେ ଏହାର ଦାମ୍ ଅଧିକ। ରାଜ୍ୟବାସୀଙ୍କୁ ଶସ୍ତାରେ ଲୁଣ ଯୋଗାଇ ଦିଆଗଲେ ଲୋକେ ଉପକୃତ ହୋଇପାରିବେ ଏବଂ କାର୍ଯ୍ୟକ୍ରମର ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ସେମାନେ ଯାହା କହନ୍ତି.....

### ବହୁତ ବାଧୁଛି



ଲୁଣ ନ ନେଲେ ଚାଉଳ ଦେବାକୁ ମନା କରୁଛନ୍ତି। ପରିବାରର ୩ଜଣ ସଦସ୍ୟ। ତଦନୁଯାୟୀ ମାସକୁ ୧୫ କେଜି ଚାଉଳ ୧୫ଟଙ୍କାରେ ମିଳେ। କିନ୍ତୁ ୨୦ଟଙ୍କାରେ କେଜିଏ ଲୁଣ ବାଧ୍ୟରେ ନେଉଛୁ। ବଜାରରେ ୧୦ଟଙ୍କାରେ ଲୁଣ ମିଳୁଛି। ଏତେ ଦାମ୍‌ରେ ଲୁଣ କିଣିବା ବହୁତ ବାଧୁଛି।

-ସଦାନନ୍ଦ ନାଥ, ହିତାଧିକାରୀ, ଲୁଣି

### ଲୁଣ ନ ନେଲେ ଚାଉଳ ଦେବେନି



ଚାଉଳ ସାଙ୍ଗରେ ଲୁଣ ନେବାକୁ କହୁଛନ୍ତି। ନଚେତ ଚାଉଳ ଦେବାକୁ ମନା କରୁଛନ୍ତି। ଏହାଠାରୁ ବଜାରରେ ଶସ୍ତାରେ ଲୁଣ ମିଳୁଛି। ଏତେ ଦାମ୍‌ରେ ଲୁଣ କିଣି ଖାଇ ପାରିବୁନି। ବଜାର ଦରଠୁ ଶସ୍ତାରେ ଦେଲେ କିଣିବା ସହଜ ହୁଅନ୍ତା।

-ସୁଶୀଳା ବେହେରା, ହିତାଧିକାରୀ, ଲୁଣି

### ଏତେ ଦାମ୍‌ରେ କାହିଁକି କିଣିବୁ



ଲୁଣ ନ ନେଲେ ଚାଉଳ ଦେବେନି କହିଲେ। ୨୦ଟଙ୍କା ଦେଇ କିଲେ ଲୁଣ ନେବାକୁ ବାଧ ହେଉଛୁ। ୧୦ ଟଙ୍କା ଦେଲେ ବଜାରରେ ଲୁଣ ମିଳୁଛି। ଏତେ ଦାମ୍ ଦେଇ କାହିଁକି କିଣିବୁ।

-ସୁଷମା ଦେହୁରୀ, ହିତାଧିକାରୀ, ଗୁଣ୍ଡୁରାପଶି

### ବାଧ କରୁଛନ୍ତି



୨୦ଟଙ୍କାରେ କିଲେ ଲୁଣ ନେବାକୁ କହୁଛନ୍ତି। ୧୫ଟଙ୍କା ଦେଇ ୧୫ କିଲୋ ଚାଉଳ ଆଣୁଛୁ। ଏବେ ଲୁଣ ପାଇଁ ୨୦ ଟଙ୍କାର ଅତିରିକ୍ତ ବୋଝ ମୁଣ୍ଡାଇବାକୁ ପଡୁଛି। ଡିଲର ଚାଉଳ ସହ ଲୁଣ ନେବାକୁ ବାଧ କରୁଛନ୍ତି।

-ମାଳତୀ ବେହେରା, ଇନ୍ଦିପୁର

## ପ୍ରଥମ ପୃଷ୍ଠାରୁ...

### ପରିଣାମ ଭୋଗିବ...

ଏବଂ କୂଟନୈତିକ ସ୍ତରରେ ଘେରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ପାକିସ୍ତାନକୁ ଦିଆଯାଇଥିବା ସବୁଠୁ ଅନୁଗୃହୀତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ମାନ୍ୟତାକୁ ରଦ୍ଦ କରିଦିଆଯାଇଛି। ଏଥିସହିତ ପାକିସ୍ତାନକୁ କୂଟନୈତିକ ସ୍ତରରେ ସମ୍ପୂର୍ଣ୍ଣ ଏକଘରିକିଆ କରିବା ଲାଗି ପଦକ୍ଷେପ ଆରମ୍ଭ ହୋଇଥିବା ବୈଠକ ଶେଷରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଗଣମାଧ୍ୟମକୁ କହିଛନ୍ତି। ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପାକିସ୍ତାନକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। କେତେବେଳେ ଏବଂ କେଉଁଠି ଆତଙ୍କବାଦ ନିରୋଧୀ ଅଭିଯାନ ହେବ ତାହା ସୈନ୍ୟବାହିନୀ ଉପରେ ଛାଡିଦିଆଯାଇଛି। ସେହିପରି ଜାତିସଂଘରେ ପାକିସ୍ତାନକୁ ଘେରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି।

ପାକିସ୍ତାନକୁ ଏକଘରିକିଆ କରିବା ପଦକ୍ଷେପ ସ୍ୱରୂପ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆମେରିକା, ଚାଇନା, ରୁଷିଆ, ବ୍ରିଟେନ ଏବଂ ଫ୍ରାନ୍ସର ରାଷ୍ଟ୍ରଦୂତମାନଙ୍କୁ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଶୁକ୍ରବାର ଭେଟି ଆଲୋଚନା କରିଛନ୍ତି। ପୁଲୱାମା ଆକ୍ରମଣରେ ପାକିସ୍ତାନ ସମ୍ପୃକ୍ତ ଥିବା ସମ୍ପର୍କରେ ସେ ରାଷ୍ଟ୍ରଦୂତମାନଙ୍କୁ ଜଣାଇ ଦେଇଛନ୍ତି।

ଆକ୍ରମଣ ଘଟାଇ ପାକିସ୍ତାନ ଭାରତକୁ ଦୁର୍ବଳ କରିପାରିବ ନାହିଁ। ଯେଉଁମାନେ ଏହି ଆକ୍ରମଣ ପାଇଁ ଦାୟୀ ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଚେତାବନୀ ଦେଇଛନ୍ତି। ପୁଲୱାମା ଆକ୍ରମଣ ସାରା ଦେଶର ଜନସାଧାରଣଙ୍କୁ କ୍ଷୁବ୍ଧ କରିଛି। ଦେଶର ଅର୍ଦ୍ଧସାମରିକ ବାହିନୀ ଉପରେ ଗୁରୁବାର ଆକ୍ରମଣ ସବୁଠୁ ଭୟାବହ ଥିଲା। ୪୦ ଯବାନଙ୍କ ମୃତ୍ୟୁକୁ କଦାପି ଭୁଲିବୁନି କି କ୍ଷମା ଦେବୁନି ବୋଲି ସିଆରପିଏଫ୍ କହିବା ସହ ଏହାର ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଛି। ବୀର ଶହୀଦମାନଙ୍କୁ ଅର୍ଦ୍ଧସାମରିକ ବାହିନୀ ସାଲ୍ୟୁଟ ଜଣାଇବା ସହ ସେମାନଙ୍କ ପରିବାର ପଛରେ ଛିଡା ହୋଇଥିବା କହିଛି। ଆତ୍ମଘାତୀ ଆକ୍ରମଣକୁ ଦଳମତ ନିର୍ବିଶେଷରେ ସମସ୍ତେ ନିନ୍ଦା କରିଛନ୍ତି। ସବୁ ବିରୋଧୀ ଦଳ ସୁରକ୍ଷା ବାହିନୀ ଓ ସରକାରଙ୍କ ସହ ରହିଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ କଶ୍ମୀର ଯାଇ ସେଠାର ସ୍ଥିତି ଅନୁଧାନ କରିବା ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସେଠାରେ ସେ ଶହୀଦ ଯବାନଙ୍କ କଫିନକୁ ନିଜ କାନ୍ଧରେ ବୋହିଛନ୍ତି।

ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ଭାରତ ପକ୍ଷରୁ ସମନ ଜାରି କରାଯିବା ସହ ପୁଲୱାମା ଆକ୍ରମଣର ଦୃଢ଼ ପ୍ରତିବାଦ ଜଣାଇ ଦିଆଯାଇଛି। ଆତଙ୍କବାଦୀ ସଙ୍ଗଠନ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇସ୍‌ଲାମାବାଦକୁ କୁହାଯାଇଛି। ଏହା ବ୍ୟତୀତ ପାକିସ୍ତାନରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ଡକାଯାଇ ବର୍ତ୍ତମାନ ସ୍ଥିତିରେ କ'ଣ ପଦକ୍ଷେପ ନିଆଯାଇପାରିବ ସେନେଇ ପରାମର୍ଶ ନିଆଯାଇଛି।

ଶହୀଦ ଯବାନଙ୍କ କଫିନ ନୂଆଦିଲ୍ଲୀରେ ପହଞ୍ଚିବା ପରେ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବିଭିନ୍ନ ରାଜ୍ୟ ପକ୍ଷରୁ ଶହୀଦ ପରିବାର ଲାଗି ଭିନ୍ନ ଭିନ୍ନ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ଓଡ଼ିଶାର ୨ ଶହୀଦଙ୍କ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଥିବାବେଳେ ଉତ୍ତରପ୍ରଦେଶରୁ ଶହୀଦ ହୋଇଥିବା ୧୨ ଯବାନଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

### ମନୋଜଙ୍କୁ ଝୁରୁଛି...

ଏଥିପାଇଁ ମୁଁ ଗର୍ବ ଅନୁଭବ କରୁଛି। ହେଲେ ଯେଉଁମାନେ ଏଭଳି କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଉଚିତ ଜବାବ ଦିଆଯାଉ ବୋଲି କୋହଭରା କଣ୍ଠରେ ତାଙ୍କ ବାପା ଜିତେନ୍ଦ୍ର ବେହେରା କହିଛନ୍ତି। ଏଭଳି ଘଟଣା ଶୁଣିବା ପରେ ଗ୍ରାମର ଅଧିକାଂଶ ଲୋକଙ୍କ ଘରେ ଚୂଲି ଜଳି ନ ଥିବା ଜଣାପଡିଛି। ସେହିପରି ପାକିସ୍ତାନକୁ କଡା ଜବାବ ଦିଆଯାଉ ବୋଲି ଗ୍ରାମବାସୀ ଲୁହ ଛଳଛଳ ହୋଇ କହିଛନ୍ତି।

ଜିତେନ୍ଦ୍ରଙ୍କର ଏକମାତ୍ର ପୁଅ ଥିଲେ ମନୋଜ। ୨୦୦୬ରେ ମନୋଜ ପାଠପଢ଼ା ସାରି ସିଆରପିଏଫ୍‌ରେ ଯୋଗଦେଇଥିଲେ। ୨୦୧୭ ଜାନୁୟାରୀ ମାସରେ ସେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସୋମନାଥପୁର ଗ୍ରାମର ଇଲିଲତାଙ୍କୁ ବିବାହ କରିଥିଲେ। ଇତିମଧ୍ୟରେ ତାଙ୍କର ଏକ ଝିଅ ଅଛି। ଗତ ଡିସେମ୍ବର ୨୪ ତାରିଖରେ ସେ ଛୁଟିରେ ଘରକୁ ଆସିଥିଲେ। ଜାନୁୟାରୀ ୧୬ ତାରିଖରେ ଏକମାତ୍ର ଝିଅର ଜନ୍ମଦିନ ପାଳନ କରି ଫେବୃୟାରୀ ୬ ତାରିଖରେ କର୍ମକ୍ଷେତ୍ରକୁ ଚାଲି ଯାଇଥିଲେ। ଗତ ୧୪ ତାରିଖ ସକାଳେ ସ୍ତ୍ରୀଙ୍କ ସହିତ ଓ ପୂର୍ବାହ୍ନ ୧ଟାରେ ମା'ଙ୍କ ସହିତ ଶେଷଥର ପାଇଁ ସେ କଥା ହୋଇଥିଲେ। ଘରେ କେହି ବ୍ୟସ୍ତ ହୁଅନି, ମୁଁ ୧/୨ ମାସ ଭିତରେ ଛୁଟି ନେଇ ଘରକୁ ଯାଇ ଅଧା ରହିଥିବା ଘର କାମ ସମ୍ପୂର୍ଣ୍ଣ କରିବି ବୋଲି ସେ ତାଙ୍କ ମାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାଙ୍କର ଏହି ପ୍ରତିଶ୍ରୁତି ଅଧାରେ ରହିଗଲା। ମନୋଜ ଶହୀଦ ହେବା ଖବର ଶୁଣି ମା, ବାପା ଓ ସ୍ତ୍ରୀଙ୍କ ସହିତ ପରିବାରର ସମସ୍ତ ସଦସ୍ୟ ଦୁଃଖରେ ଭାଙ୍ଗି ପଡିବା ସହ କାନ୍ଦି କାନ୍ଦି ଅଚେତ ହୋଇଯାଉଥିବା ଦେଖିବାକୁ ମିଳିଥିଲା। ମାତ୍ର ଏହାରି ଭିତରେ ବାପାକୁ ଚିହ୍ନିବା ପୂର୍ବରୁ ଝିଅ ମନସ୍ୱିନୀ କିଛି ବୁଝି ନ ପାରି ସମସ୍ତଙ୍କ ଆଖିରୁ ଲୁହ ଝରୁଥିବା ଦେଖି ସେ ମଧ କାନ୍ଦି ଉଠିଥିଲା।

କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଭାଜପା ନେତା ବାଇଧର ମଲ୍ଲିକ, ପ୍ରଭାତୀ ପରିଡା, ବେଣୁଧର ବେହେରା, ସୁଶାନ୍ତ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକଙ୍କ ସହ ବହୁ ନେତା ଓ ଆର୍‌ଏସ୍‌ଏସ୍‌ର କର୍ମକର୍ତ୍ତାମାନେ ଶୁକ୍ରବାର ମନୋଜଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।

ଅନ୍ୟପକ୍ଷରେ ଏହି ଘଟଣା ପାଇଁ ସ୍ଥାନୀୟ ମାଘସପ୍ତମୀ ପଡିଆରେ ଚାଲିଥିବା ନିଆଳି ମହୋତ୍ସବକୁ ଅନୁଷ୍ଠାନର ସଭାପତି ତଥା ବିଧାୟକ ମଲ୍ଲିକ ବନ୍ଦ କରିବା ସହ ଉକ୍ତ ପଡିଆରେ ଶହୀଦ ମନୋଜଙ୍କ ଉଦ୍ଦେଶ୍ୟରେ ଶୋକସେବା କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହାପରେ ବହୁସଂଖ୍ୟାରେ ଜନସାଧାରଣ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ମାଘସପ୍ତମୀ ପଡିଆଠାରୁ ବାହାରି ନିଆଳି ବଜାର ପରିକ୍ରମା କରିଥିଲେ।

### କାନ୍ଦୁଛି ଶହୀଦ ...

ଝିଅ ରୁନି ଓ ପୁଅ ଗଗନଙ୍କୁ ନେଇ ତାଙ୍କ ପରିବାର। ପ୍ରସନ୍ନ ଅତ୍ୟନ୍ତ ମେଳାପି ସ୍ୱଭାବର ଥିଲେ ଓ ଛୁଟିରେ ଆସିଲେ ଗାଁରେ ବିଭିନ୍ନ ସାମାଜିକ କାର୍ଯ୍ୟ ଓ ମେଳା ମହୋତ୍ସବରେ ସକ୍ରିୟ ଭାବେ ସାମିଲ ହେଉଥିଲେ। ଗତ ସୋମବାର ଫୋନ ମାଧ୍ୟମରେ ଝିଅ ରୁନି ସହ କଥା ହୋଇ ଦାଦାଙ୍କ ପାଖକୁ ୨ ହଜାର ଟଙ୍କା ପଠାଇଛି, ମେସ୍ ଖର୍ଚ୍ଚ ବାବଦକୁ ନେଇଯିବାକୁ କହିଥିଲେ। ଏହି କଥା ମନେପକାଇ ତାଙ୍କ ଝିଅ ଏବେ ଝୁରି ହେଉଛନ୍ତି। ତେବେ ଦେଶ ପାଇଁ ବାପା ଜୀବନ ଦେଇଥିବାରୁ ସେ ଓ ତାଙ୍କ ପରିବାର ଗର୍ବ ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ସୋମବାର ରାତି ୯ଟା ୪୫ରେ ପ୍ରସନ୍ନ ସ୍ତ୍ରୀ ମୀନାଙ୍କ ସହ କଥା ହୋଇ ପିଲାମାନଙ୍କ ଯତ୍ନ ନେବାକୁ କହିଥିଲେ। ଏହା ସ୍ତ୍ରୀଙ୍କ ସହିତ ତାଙ୍କର ଶେଷ କଥା ଥିଲା। ପରେ କଥା ହେବେ ବୋଲି କହି ଫୋନ୍ ରଖିଦେଇଥିଲେ। ହଠାତ ଗୁରୁବାର ସନ୍ଧ୍ୟାରେ ସିଆରପିଏଫ କାର୍ଯ୍ୟାଳୟରୁ ପ୍ରସନ୍ନ ଶହୀଦ ହୋଇଥିବା ଖବର ଆସିଥିଲା। ଏଥିରେ ତାଙ୍କ ପରିବାର ଲୋକେ ସ୍ତବ୍ଧ ହୋଇଯାଇଥିଲେ। ସାଙ୍ଗସାଥୀ ଓ ଗ୍ରାମବାସୀ ସମସ୍ତଙ୍କ ମନରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଓ ପ୍ରାଶାସନିକ ଅଧିକାରୀମାନେ ଏଥିରେ ଶୋକବ୍ୟକ୍ତ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣ ସଂସାରକୁ,
ରୂପ ମଶାଣିକୁ।**

ଯାହା ପାଖରେ ଗୁଣ ଥାଏ ସଂସାରରେ ସେ ସେତେ ଯଶ, ସୁନାମ ଅର୍ଜିଥାଏ। ପରନ୍ତୁ ରୂପ ସୁନ୍ଦର ହୋଇଥିଲେ ମଧ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତେବେ ସେ ଆଦର ସମ୍ମାନ ପାଇ ପାରି ନ ଥାଏ। ଗୁଣ ନ ଥିଲେ ରୂପ ବ୍ୟର୍ଥ। ରୂପଠାରୁ ଗୁଣର ମହତ୍ତ୍ୱ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଛ ପଲଙ୍କରେ ଶୋଇଲି,
ଦିନଯାକ ଅଭିମାନରେ ଗଲା
ରାତିକି ଉପାସ ରହିଲି।**

ନିଜ ଲୋକଙ୍କ ଉପରେ ରାଗ, ରୁଷା, ମାନ, ଅଭିମାନ ଶୋଭାପାଇ ନ ଥାଏ। ଏହାର ମାତ୍ରା ଯେତେ କମ୍ ହୁଏ ସମ୍ପର୍କର ମଧୁରତା ସେତେ ବଢ଼ିଥାଏ। ଜୀବନ ସେତେ ସୁଖକର ଲାଗିଥାଏ। ଏପରିସ୍ଥଳେ ଅଯଥା ଅଭିମାନ କରି ନିଜେ ହଇରାଣ ହେବା, ଦୁଃଖକଷ୍ଟ ଭୋଗକରିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

କେନ୍ଦ୍ରାପଡ଼ାରେ କାଳିଆ ସମାବେଶରେ ଯୋଗଦେଲେ ନବୀନ

# ୩.୫ ଲକ୍ଷ ଭୂମିହୀନଙ୍କୁ ସହାୟତା

କେନ୍ଦ୍ରାପଡ଼ା ଅଫିସ୍, ୧୫।୨



କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ୩.୫ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଆର୍ଥିକ ସହାୟତା ଶୁକ୍ରବାର ପ୍ରଦାନ କରାଯାଇଛି। ଏଥିସହିତ ରାଜ୍ୟର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭୂମିହୀନ ହିତାଧିକାରୀ ଏଥିରେ ସାମିଲ ହେବେ ବୋଲି କେନ୍ଦ୍ରାପଡ଼ା ବ୍ଲକ ବାରୁଅସ୍ଥିତ ସିଦ୍ଧ ମଠ ପରିସରରେ ଆୟୋଜିତ କାଳିଆ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି।

ଅପରାହ୍ନ ୪.୧୫ରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକ ବାରୁଅ ପଞ୍ଚାୟତର ସିଦ୍ଧ ମଠ ପଡିଆଠାରେ କାଳିଆ ସମାବେଶରେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ୧୧୮.୬୦ କୋଟି ଟଙ୍କାର ୧୦ ପ୍ରକଳ୍ପ ଶିଳାନ୍ୟାସ ଓ ୫୪.୫୬ କୋଟି ଟଙ୍କାର ୨ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ୧୯୯୯ ମସିହା ମହାବାତ୍ୟା ଓଡ଼ିଶାର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ସବୁଠି ହତାଶ ଭରିଥିବା ବେଳେ ରାଜ୍ୟରେ ବିଜେଡି ସରକାର ଗଠନ ପାଇଁ ଜନମତ ମିଳିଲା। ମହାବାତ୍ୟାର ବିପର୍ଯ୍ୟୟକୁ ସୁଧାରିବାକୁ ଧୈର୍ଯ୍ୟର ସହ କାର୍ଯ୍ୟ କରିବା ପରେ କିଛି ସଫଳତା ମିଳିଥିଲା। ୨୦୦୭ ରେ କୃଷି କ୍ଷେତ୍ରରେ ଅଗ୍ରଣୀ ହୋଇ କେନ୍ଦ୍ର ସରକାରଙ୍କ ନିକଟରୁ ଶସ୍ୟ ପାଇଁ ହାତ ନ ପାତି ରାଜ୍ୟକୁ ସମୃଦ୍ଧ କରିବା ଯୋଜନା ହେଲା। ଯାହାଫଳରେ ଫସଲ ଉତ୍ପାଦନରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହୋଇପାରିଛି। ଏଥିସହିତ ଚାଷୀଙ୍କ ସହଯୋଗ ପାଇଁ ଓଡ଼ିଶା ପାଞ୍ଚ ଥର କୃଷି କର୍ମଣ ପୁରସ୍କାର ପାଇଛି। ୨୦୧୪ ମସିହା ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ଏପ୍ରିଲ ସୁଦ୍ଧା ୧୦ ଲକ୍ଷ ହେକ୍ଟର କୃଷି କ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ତେବେ ଚାଷ ପାଇଁ ଅର୍ଥ ଏକ ସମସ୍ୟା ହୋଇଥିବାରୁ ରାଜ୍ୟ ସରକାର ଚଳିତ ବର୍ଷ କାଳିଆ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ୯୨ ପ୍ରତିଶତ କୃଷକ ଉପକୃତ ହୋଇପାରିବେ। ଏହି ଅବସରରେ ସେ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କ ଏହି ଯୋଜନା ଭଳି ଅନୁରୂପ ଯୋଜନା (କିଷାନ ନିଧି ଯୋଜନା) କେନ୍ଦ୍ର ସରକାର ବଜେଟରେ ଉପସ୍ଥାପନ କରିଛନ୍ତି। ତେବେ ଏଥିରେ ଭୂମିହୀନ ଚାଷୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବା ସହ ଭୂମିହୀନ ଚାଷୀଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦାବି ଜଣାଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡିଜିଟାଲ ସୁଇଚ ଟିପି ଚାଷୀଙ୍କ ଏକାଉଣ୍ଟକୁ ପ୍ରଥମ ପର୍ଯ୍ୟାୟ ଟଙ୍କା ପଠା ଯାଇଥିବା ଘୋଷଣା କରିଥିଲେ। ସଭା ପ୍ରାରମ୍ଭରେ ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଶହୀଦ ହୋଇଥିବା ସୈନିକଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୭ଜଣ ଚାଷୀ ମଞ୍ଚ ଉପରେ ବସିଥିଲେ। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୧୭ ଜଣ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ଫେବୃୟାରୀ, ୨୦୧୯



କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ୧୭ରେ ଅଙ୍ଗନୱାଡି ସହାୟିକା ସମାବେଶ

#### ସାକ୍ଷୀପଡ଼ାରେ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୫।୨(ବ୍ୟୁରୋ)- ରାଜ୍ୟସ୍ତରୀୟ ଅଙ୍ଗନୱାଡି କର୍ମୀ ସହାୟିକା ସମାବେଶ ଚଳିତ ମାସ ୧୭ ତାରିଖ ସମ୍ବଲପୁରରେ ହେବ । ଏନେଇ ସାକ୍ଷୀପଡ଼ଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ନାରୀସେବା ସଦନଠାରୁ କର୍ମୀ ଓ ସହାୟିକାମାନେ ରାଲିରେ ବାହାରି ସହର ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ପରେ ତପସ୍ୱିନୀ ପ୍ରେକ୍ଷାଳୟରେ ପହଞ୍ଚି ସମାବେଶରେ ଯୋଗଦେବେ । ଆବାହକ ପ୍ରଶାନ୍ତ ପାଢ଼ୀ, ସଂଯୋଜିକା ପ୍ରଭାସିନୀ ପାଢ଼ୀ, ସହ ସଂଯୋଜିକା ନଳିନୀ ବାଗ ସମାବେଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗ

# ସରକାରୀ ଅଫିସ ଖୋଲାଯାଉ, ଆନ୍ଦୋଳନ ଚାଲୁ

ସମ୍ବଲପୁର,୧୫।୨(ବ୍ୟୁରୋ)
ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ଦିନ ହେଲା ଆନ୍ଦୋଳନ ଚାଲିଛି । ଶୁକ୍ରବାର ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ପାଇଁ ଜିଲା ଓକିଲ ସଂଘ ପକ୍ଷରୁ ଜନମତ ଲୋଡା ଯାଇଥିଲା । ଜିଲା ବାର ସମ୍ମିଳନୀ କକ୍ଷରେ ଏ ନେଇ ଏକ ବୈଠକ ବସିଥିଲା। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ସରକାରୀ ଅଫିସଗୁଡିକ ଖୋଲାଯାଉ ଓ ଅନ୍ୟ ଉପାୟରେ ଆନ୍ଦୋଳନ କରାଯାଉ ବୋଲି କେତେଜଣ ବ୍ୟକ୍ତି ମତ ରଖିଥିଲେ । ସେହିପରି ନିର୍ବାଚନ ସମୟ ଆସିଲା, ଏବେ ଆଉ କିଛି ସମାଧାନ ହୋଇ ପାରିବ ନାହିଁ । ତେଣୁ ନିର୍ବାଚନ ପର୍ଯ୍ୟନ୍ତ ଆନ୍ଦୋଳନ ବନ୍ଦ ରହୁ, ପରେ ନୂତନ ସରକାର ଗଠନ ହେଲେ ପୁଣି ଆନ୍ଦୋଳନ ହେବ। ସରକାରୀ ଅଫିସଗୁଡିକ ଖୋଲି କୋର୍ଟ କଚେରୀ ବନ୍ଦ କରି ଆନ୍ଦୋଳନ କରାଯାଉ ବୋଲି



ସମ୍ବଲପୁର ଜିଲା ଓକିଲ ସଂଘ ଓ ବିଭିନ୍ନ ଅନୁଷ୍ଠାନର ବୈଠକ ।

### ଜିଲା ଓକିଲ ସାଧାରଣ ପରିଷଦ ବୈଠକ ପରେ ନିଷ୍ପତ୍ତି

ବିଭିନ୍ନ ବ୍ୟକ୍ତି ବିଶେଷ ମତ ଦେଇଥିଲେ। ଜନମତ ସଂଗ୍ରହ କରିବା ପରେ ଆସନ୍ତା ସୋମବାର ଜିଲା ଓକିଲ ସଂଘ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ଜନସାଧାରଣଙ୍କ ଦାବିକୁ ନେଇ ଆଲୋଚନା କରାଯିବ । ପରେ ସର୍ବସମ୍ମତିକ୍ରମେ ଓକିଲ ସଂଘ ନିଷ୍ପତ୍ତି ନେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ସେପ୍ଟମ୍ବର ୫ ତାରିଖଠାରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଜାରି ରହିଛି । ଶୁକ୍ରବାର ୧୬୪ ଦିନରେ ଆନ୍ଦୋଳନ ପହଞ୍ଚିଥିବା ବେଳେ ରିଲେ ଅନଶନକୁ ୮୯ ଦିନ ପୁରିଛି । ଆକାଶ ପ୍ରତାପ ସିଂ, ସର୍ବେଶ୍ୱର ଦାସ, ଶିବ ପ୍ରସାଦ ଚୌଧୁରୀ, ସୁର୍ଯ୍ୟମଣୀ ପ୍ରଧାନ, ସଞ୍ଜୀବ ଦିଶରୀ ରିଲେ ଅନଶନରେ ବସିଥିଲେ ।

■ଖବରଦାତା ସମ୍ମିଳନୀରେ ଭାଜପାର ନିନ୍ଦା

# ଶହୀଦଙ୍କୁ ଅପମାନ କରିଛି ବିଜେଡି, ପ୍ରଶାସନ





ସମ୍ବଲପୁର କଚେରି ରୋଡ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନମନ୍ତ୍ରୀ ଜୟନାରାୟଣ ମିଶ୍ର ସୂଚନା ଦେଉଛନ୍ତି।

ସମ୍ବଲପୁର,୧୫।୨(ବ୍ୟୁରୋ)
ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ସମ୍ବଲପୁର ମହାନଗର ନିଗମ ଅଧୀନ ବିଭିନ୍ନ ସ୍ଥାନରେ ଶୁକ୍ରବାର ଆୟୋଜନ କରାଯାଇଥିଲା। ବିଜେଡି ସରକାରୀ ଟଙ୍କାରେ ଦଳୀୟ ପ୍ରଚାର ପ୍ରସାର କରୁଛି। ଏବେ ବିଜେଡି ସବୁ ସୀମା ଟପି ଯାଇଛି। ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ସମଗ୍ର ଦେଶ ଏହି ଘଟଣାରେ ଶୋକ ପାଳନ କରୁଛି । ବିଭିନ୍ନ ଜତୀୟଦଳ ଓ କେନ୍ଦ୍ର ସରକାରଙ୍କ ସମସ୍ତ ସରକାରୀ କାର୍ଯ୍ୟ ବାତିଲ କରିଦିଆଯାଇଛି । ହେଲେ ସମ୍ବଲପୁର ଜିଲା ପ୍ରଶାସନ ଓ ବିଜେଡି ପକ୍ଷରୁ ଶହୀଦଙ୍କୁ ଅପମାନ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ପୂର୍ବତନମନ୍ତ୍ରୀ ଜୟନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି। ସେ କହିଥିଲେ, ମହାନଗର ନିଗମ କୁଦଗୁଣ୍ଡେରପୁର, ଧନକଉଡା, ମହିଳା କଲେଜ ସମ୍ମୁଖ, ମାନେଶ୍ୱର ପ୍ରମୁଖ ସ୍ଥାନରେ ଶୁକ୍ରବାର ପିଠା କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପିଠାପଣା ସହ ମାସଂ ଭାତ ଖାଇ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା।। ଏପରି କି ଦଳୀୟ ପ୍ରଚାର ପାଇଁ ଏଲ୍‌ଇଡି ବଲ ମଧ୍ୟ ପ୍ରଦାନ କରାଯାଇଥିଲା। ଲୋକଙ୍କୁ ସରକାରୀ ସହାୟତା ଦେବା ଉଚିତ। ହେଲେ ଏହି କାର୍ଯ୍ୟକ୍ରମର ଦିନକୁ ପରିବର୍ତ୍ତନ କରାଯାଇପାରିଥାନ୍ତା। ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଜାଣି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି । ସେହିପରି ସମ୍ବଲପୁର ବିଧାୟିକା ମଧ୍ୟ ଅତିଥି ହୋଇଥିଲେ। ଏହାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଉଥିବା ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଉରୀ ନାଏକ, ଅନିଲ ବେହେରା, ଗିରିଶ ପଟେଲ, ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ ।

# ଅମୃତବିହାରରେ ଭଲିବଲ, କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଯାପିତ





ଶୁକ୍ରବାର ସମ୍ବଲପୁର ଅମୃତବିହାରଠାରେ ଆୟୋଜିତ ଭଲିବଲ୍ ଓ କ୍ୟାରମ ଟୁର୍ନାମେଣ୍ଟର ଚାମ୍ପିୟନମାନେ ଅତିଥିଙ୍କ ସହ ।

ସମ୍ବଲପୁର,୧୫।୨(ବ୍ୟୁରୋ)
ଗଙ୍ଗାଧରମେହେରବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଆନ୍ତ ବିଭାଗୀୟ ଭଲିବଲ୍ ଓ କ୍ୟାରମ ଟୁର୍ନାମେଣ୍ଟ ଶୁକ୍ରବାର ଅମୃତବିହାରଠାରେ ଉଦ୍‌ଯାପିତ ହୋଇଯାଇଛି। ଶୁଭମ୍ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କୁଳସଚିବ ଗିରିଶ ଚନ୍ଦ୍ର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଭଲିବଲ୍ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ହର୍ଷ ସାହୁ ରେଫରି ଥିଲେ। ଟିଏଫ୍ ଥଣ୍ଡର ଭଲିବଲ ଚାମ୍ପିୟନ ଓ ସ୍ୱାଇକର୍ ସିକ୍ସ ରନର୍ସଅପ୍ ଟ୍ରଫି ହାସଲ କରିଥିଲେ । ଶୁଭ୍ରାଂଶୁ ଶୁଭ୍ରଜିତ ସେଲମା, ସୁଧାଂଶୁ ଆଚାର୍ଯ୍ୟ, ଚୁମନ ପ୍ରଧାନ, ନୀତୀଶ ବାଗ ମ୍ୟାଚ ପରିଚାଳନା କରିଥିଲେ ।

# ଜିଲାସ୍ତରୀୟ କୁଷ୍ଠରୋଗ ନିରାକରଣ ଦିବସ

ସମ୍ବଲପୁର,୧୫।୨ (ବ୍ୟୁରୋ)
ଜିଲା ପ୍ରଶାସନ ପକ୍ଷରୁ କୁଷ୍ଠରୋଗ ନିରାକରଣ ଦିବସ ଶୁକ୍ରବାର ବାଲିବନ୍ଧାସ୍ଥିତ ଆଞ୍ଚଳିକ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ମୁଖ୍ୟଅତିଥି, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପଞ୍ଚାନନ ନାୟକ, ସଦର ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ଯୋଜନା ପ୍ରବନ୍ଧକ ପୁଷ୍ପଶ୍ରୀ ନାୟକ, ଜିଲା କୁଷ୍ଠରୋଗ ପରାମର୍ଶଦାତା ଡା. ହରପ୍ରସନ୍ନ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କୁଷ୍ଠ ରୋଗ ଆରୋଗ୍ୟ ବ୍ୟକ୍ତିମାନଙ୍କୁ ଥଇଥାନ ନିମନ୍ତେ ଓ ସାମାଜିକ ମିଶ୍ରଣ ପାଇଁ ସରକାରଙ୍କ ବିଭିନ୍ନ କାର୍ଯ୍ୟ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ହାତୀବାରୀ ହେଲଥ ହୋମ, ନେଗେଟିଭ ପଡା, ସାନ୍ତ୍ରାପାଲି, ଜୁନାପାଣି ଓ ଲକ୍ଷ୍ମୀଡୁଙ୍ଗୁରୀରୁ ପ୍ରାୟ ୧୨୦ଜଣ କୁଷ୍ଠରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ସାମିଲ ଥିଲେ । ସେମାନଙ୍କୁ ଗୋଲାପ ଫୁଲ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ୬୦ଜଣ କୁଷ୍ଠରୋଗରୁ ଆରୋଗ୍ୟ ପ୍ରାପ୍ତ ବ୍ୟକ୍ତିଙ୍କୁ ନୂତନ ଓ ବର୍ଦ୍ଧିତ ଭତ୍ତା, ଶୀତ ବସ୍ତ୍ର ନିମନ୍ତେ ୩ଶହ ଟଙ୍କା ଅତିରିକ୍ତ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ୧୫ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର, ୫ଜଣଙ୍କୁ ୧୦ଟି ଆଶା ବାଡି, ୧୦ଜଣଙ୍କୁ ୱାକିଂ ଷ୍ଟିକ୍ ଓ ୨ଜଣଙ୍କୁ ଶ୍ରବଣ ଯନ୍ତ୍ର ଜିଲା ଭିନ୍ନକ୍ଷମ କେନ୍ଦ୍ର ପକ୍ଷରୁ ବଣ୍ଟନ କରାଯାଇଥିଲା । ଜିଲା ପ୍ରଶାସନ ପକ୍ଷରୁ ଏମ୍‌ସିଆର ଜୋତା ବର୍ଷକୁ ୨ଥର ପ୍ରଦାନ, ଖାଦ୍ୟର ଅର୍ଥରାଶି ୫୦ ଟଙ୍କାରୁ ୧ଶହ ଟଙ୍କା ବୃଦ୍ଧି, ସମସ୍ତଙ୍କୁ ଭୋଟର କାର୍ଡ ପ୍ରଦାନ, କୁଷ୍ଠରୋଗୀମାନଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ, କୁଷ୍ଠରୋଗ କଲୋନୀକୁ ରାସ୍ତା ଓ ପାନୀୟ ଜଳର ବନ୍ଦୋବସ୍ତ ଯୋଗାଇ ଦେବା ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଞ୍ଚଳିକ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶୁକ୍ରବାର ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ଜଣେ କୁଷ୍ଠରୋଗରୁ ମୁକ୍ତ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ରେଢାଖୋଲ, ୧୫।୨(ଡି.ଏନ.ଏ)
ଗୁରୁବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବକଙ୍କ ଶୁକ୍ରବାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଯୁବକ ହେଲେ ରେଢାଖୋଲ ସହରର ଆଶିଷ କୁମାର ସାହୁ(୨୪)। ଗୁରୁବାର ସନ୍ଧ୍ୟାରେ ସାଲେସିଂ ଗ୍ରାମର ସୁବଳ କର୍ଣ୍ଣଙ୍କ ସହିତ ଏକ ବାଇକ ଯୋଗେ ଯାଉଥିବା ବେଳେ ସହର ଉପକଣ୍ଠସ୍ଥ ହଳଦିଘାଟ ପୋଲ ନିକଟରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ଥ ହୋଇଥିଲା। ଫଳରେ ଆଶିଷ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ହେଲେ ଗୁରୁତର ଥିବା ଯୋଗୁ ଡାକ୍ତରଙ୍କ ପରାମର୍ଶ କ୍ରମେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା।

■ମହାନଗର ପକ୍ଷରୁ ପିଠା କାର୍ଯ୍ୟକ୍ରମ

# ମନୋରଞ୍ଜନ କାର୍ଯ୍ୟକ୍ରମକୁ ନେଇ ପ୍ରତିକ୍ରିୟା

ସମ୍ବଲପୁର,୧୫।୨(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟିକା ରାସେଶ୍ବରୀ ପାଣିଗ୍ରାହୀ ଓ ଜିଲା ପ୍ରଶସନର ଅଧିକାରୀମାନେ ଯୋଗଦେଇଥିଲେ । ଗାଡି, ମୋଟର ସାହଯ୍ୟରେ ୱାର୍ଡବାସୀଙ୍କୁ ମହାନଗର ପକ୍ଷରୁ ଅଣାଯାଇ ଭିଡି କରାଯାଇଥିଲା। ସଭାରେ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନା କରିବା ସହ ଖାଦ୍ୟ ୨ ସୁରକ୍ଷା ଆଇନରେ ସାମିଲ ହୋଇଥବା ହିତାଧିକାରୀମାନଙ୍କୁ ୪ଟି ଏଲଇଡି ବଲ୍‌ବ ପ୍ରଦାନ କରାଯାଇଥିଲା । ପରେ ନାଚ, ଗୀତ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ସରକାରଙ୍କ ଯୋଜନାକୁ କଳକାରମାନେ ଅଭିନୟ କରି ଉପସ୍ଥିତ ଲୋକମାନଙ୍କୁ ସୂଚନା ଦେଇଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ କେତେକ ସ୍ଥାନରେ ଚାଲିଥିଲା। ଏହା ଜାଣିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରୀୟା ପ୍ରକାଶ ପାଇଥିଲା । ଏପଟେ ପୁଲୱାମାରେ ଆତଙ୍କ ଆକ୍ରମଣରେ ୪୪ ଯବାନ ଶହୀଦ ହୋଇଛନ୍ତି । ଏହାକୁ ନେଇ ସମଗ୍ର ଦେଶ ଶୋକ ପାଳନ କରୁଛି। ହେଲେ ଏହି ଦିନରେ ମଧ୍ୟ ବିଜେଡି ଓ ସମ୍ବଲପୁର ପ୍ରଶାସନ ପ୍ରଚାର ପ୍ରସାର କରୁଛି। ଲୋକଙ୍କୁ କିଛି ସାମଗ୍ରୀ ବଣ୍ଟନ କରି ଭୋଟ ପାଇବାର ଆଶା କରୁଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଧାୟିକା ପାଣିଗ୍ରାହୀ କହିଥିଲେ ଯେ ଏହା ଗରିବ ଲୋକମାନଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା । ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିଲା । କୌଣସି ନାଚଗୀତ କାର୍ଯ୍ୟକ୍ରମ ହୋଇ ନ ଥିଲା ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମାନେଶ୍ୱର, କୁଦ ଗୁଣ୍ଡେରପୁର, ମହିଳା କଲେଜ ସମ୍ମୁଖ ପଡିଆ, ଧନକଉଡା, ବୁର୍ଲାରେ ହୋଇଥିଲା ।





ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପିଠା କାର୍ଯ୍ୟକ୍ରମରେ ମନୋରଞ୍ଜନ କାର୍ଯ୍ୟକ୍ରମ ।

■ଫସଲବୀମା ପର୍‌ଦାନ ଦାବିରେ ଚାଷୀକଁର ଧାରନା

# ଲିଖିତ ପରତିଶୁରତି ଦେଲେ ଉପଜିଲାପାଳ

ରେଢାଖୋଲ ୧୫।୨(ଡି.ଏନ.ଏ.)
ପ୍ରଧାନମନ୍ତ୍ରୀ ଫସଲବୀମା ପରଦାନ ଦାବିରେ ରେଢ଼ାଖାଲ ବ୍ଲକ ଗଡ଼ଗଡ଼ବାହାଲ ପଁଚେତ୍‌ର ଚାଷୀମାନେ ଶୁକୁରବାର ଉପଜିଲାପାଳକଁର ଦପ୍‌ତର ଆଘେ ଧାରନାରେ ବସିଥିଲେ। ସଖାଲର ପାଖାପାଖି ୧୦ଟାରୁ ୫ଟା ତକ୍ ଧାରନା ଦିଆଯାଇଥିଲା। ଉପଜିଲାପାଳ ବିଶିକେଶନ ଦେହୁରୀ ଚାଷୀକୁ ବୀମାଟଁକା ଦେବାର ଲାଗି ପଦକ୍ଷେପ ନିଆଯିବା ବଲି ଲିଖିତ ପରତିଶୁର୍‌ତି ଦେଲା ଉତାରୁ ଧାରନାରୁ ଚାଷୀମାନେ ଉଠିଥିଲେ।

ସୂଚନା ହିସାବେ, ଗଲା ୨୦୧୭ ଖରିଫ୍ ରୁତୁର ଚାଷୀମାନେ ଟାଟା ଏଆଇଜି ଜେନେରାଲ ଇନ୍‌ସ୍ୟୁରାନ୍ସ କୋ.ଲିମିଟେଡ ଜରିଆରେ ଫସଲବୀମା କରିଥିଲେ। ଅଲପ୍ ବର୍ଷା ଲାଗି ଅଂଚଲରେ ମରଡ଼ି ପରିସ୍ଥିତି ଦେଖା ଦେଇଥିଲା। ଇଥିର ଲାଗି କୃଷି ବିଭାଗ ତରଫୁ ଚାଷୀକର କ୍ଷୟକ୍ଷତିର ଆକଳନ କରାଯାଇ ୭୨ ପରତିଶତ ମର୍‌ଡ଼ି ହେଇଥିବାର ସରକାରକୁଁ ରିପୋର୍ଟ ଦିଆଯାଇଥିଲା। ହେଲେ ବୀମା କମ୍ପାନୀ ତରଫୁ ଚାଷୀକୁ ଟଁକା ନାଇଁ ଦିଆଯାଇ। ଯେନ୍‌ଥିର ଲାଗି ଚାଷୀମାନେ ୨୦୧୮ ଅକ୍ଟୋବର ୬ ତାରିଖରେ ଘଟନା ବାବ୍‌ଦେ ଉପଜିଲାପାଳକୁଁ ଜନେଇଥିଲେ। ହେଲେ ଉପଜିଲାପାଳ କେହେନ୍‌ସି ପଦକ୍ଷେପ ନାଇଁ ନେଲାରୁ ଚାଷୀମାନେ ୨୨ ତାରିଖରେ ସମ୍ବଲପୁର ଜିଲାପାଳକଁର ଅଭିଯୋଗ କୁଠିରେ ଅଭିଯୋଗ କରିଥିଲେ। ଇ ଦିଗେ ପଦକ୍ଷେପ ନେବାକେ ଜିଲାପାଳ ରେଢ଼ାଖୋଲ ଉପଜିଲାପାଳକୁଁ ନିରଦେଶ ଦେଇଥିଲେ। ଉପଜିଲାପାଳକଁର କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୩୪, ତା.୧୬।୧।୨୦୧୯ରେ ଜିଲା କୃଷି ଅଧିକାରୀକୁଁ ପଦକ୍ଷେପ ନେବାକେ ଚିଠି କରିଥିଲେ। ହେଲେ କୃଷି ଅଧିକାରୀ ବି କେହେନ୍‌ସି ପଦକ୍ଷେପ ନାଇଁ ନେଲେ। ଇ ବାବ୍‌ଦେ ଚାଷୀମାନେ ଗଲା ୭ ତାରିଖରେ ହପ୍‌ତେ ଭିତରେ କେହେନ୍ ପରକାର ପଦକ୍ଷେପ ନାଇଁ ନିଆଗଲେ ଫେବୃୟାରୀ ୧୫ ତାରିଖରେ ଉପଜିଲାପାଳକଁର ଦପ୍‌ତର ଆଘେ ଧାରନା ଦିଆଯିବା ବଲି ଚେତାବନୀ ଦେଇଥିଲେ। ହିମାଂଶୁ ଧଳ, ଜୀବର୍ଦ୍ଧନ ଧଳ, ବଶିଷ୍ଟ ପ୍ରଧାନ, ଶିବପ୍ରସାଦ ବିଶ୍ୱାଳ, ଶମ୍ଭୁ ବିଶ୍ୱାଳ, ଭିକାରି ଚରଣ ବିଶ୍ୱାଳ ପରମୁଖ ଧାରନାରେ ବସିଥିଲେ। ଆଏବାର ୧୦ ଦିନ୍ ଭିତରେ କେହେନ୍‌ସି ପଦକ୍ଷେପ ନାଇଁ ନିଆଗଲେ ଫେନ୍ ଅନଶନ କରାଯିବା ବଲି ଚାଷୀମାନେ କହିଛନ୍।



ଉପଜିଲାପାଳକଁର ତପ୍‌ତର ଆଘେ ଧାରନାରେ ବସିଥିବାର ଚାଷୀମାନେ।

## ହୀରାକୁଦରେ ମହିଳାଙ୍କ ଥାନା ଘେରାଉ

ହୀରାକୁଦ, ୧୫।୨(ଡି.ଏନ.ଏ)
ମହିଳାଙ୍କୁ ପୋଡି ହତ୍ୟା ଘଟଣା ପ୍ରତିବାଦରେ ମହିଳାମାନେ ଶୁକ୍ରବାର ହୀରାକୁଦ ଥାନା ଘେରାଉ କରିଥିଲେ। ଏପରି କି ନାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରି ଆନ୍ଦୋଳନ କରିଥିଲେ। ଅନ୍ୟପକ୍ଷେ ମହିଳାଙ୍କୁ ପୋଡି ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଥିଲେ । ହୀରାକୁଦ ଥାନା ଆଇଆଇସି ତୋଫାନ ବାଗ, ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର ମହିଳାମାନଙ୍କୁ ବୁଝାଶୁଝା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଘେରାଉରେ ମମତା ମୁଦୁଲି, ବାସନ୍ତି ମହାରଣା, ଡ. ପ୍ରଜ୍ଞାପାରମିତା ପାତ୍ର, ମୀନା ବାଗ, ଭାଗ୍ୟଲତା ଚୌଧୁରୀ, ରୀନା ଚୌଧୁରୀ, ଜୟନ୍ତୀ ନାଥ, ଅନୁପମା ସାହୁ, ମାମିନା ନାୟକ, ମିନତି ଡାକୁଆ, ଗୀତାଞ୍ଜଳି ବଡପଣ୍ଡା, ମଞ୍ଜୁଲତା ପ୍ରଧାନ, ଶାନ୍ତିଲତା ରାଉତ, ସସ୍ମିତା ମହାନ୍ତି, ବନ୍ଦିତା ପଣ୍ଡା, ଜୟନ୍ତୀ ସେଠୀଙ୍କ ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ହୀରାକୁଦ ଭିଏସ୍‌ଏସ୍ କ୍ଲବ ପାଖ ଏଫ-୧୨ ବ୍ଲକରେ ରହୁଥିବା ଜ୍ୟୋତିର୍ମୟୀ ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ୨ଝିଅଙ୍କ ସମ୍ମୁଖରେ ଗତ ୧୩ ତାରିଖରେ ମହିଳାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ହାତଗୋଡ ବାନ୍ଧି ନିଆଁ ଲଗାଇ ଦେଇଥିଲେ। ଫଳରେ ଜ୍ୟୋତିର୍ମୟୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ସ୍ୱାମୀ ସ୍ମୃତିରଞ୍ଜନ ନାୟକ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ପୋଲିସ ସେମାନଙ୍କୁ ଜେଲ ହାଜତକୁ ପଠାଇଦେଇଛି। ବର୍ତ୍ତମାନ ୨ ଝିଅ ବେସାହାରା ହୋଇ ଜନୈକ ଶିକ୍ଷକଙ୍କ ଘରେ ଆଶ୍ରୟ ନେଇଛନ୍ତି । ଶୁକ୍ରବାର ଶୋକାକୁଳ ପରିବେଶରେ ଜ୍ୟୋତିର୍ମୟୀଙ୍କ ଅନ୍ତିମ ସତ୍କାର କରାଯାଇଥିଲା।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଧନୁଯାତ୍ରା: ଷୋହଳ କୁଞ୍ଜରେ ଶ୍ରୀକୃଷ୍ଣ

**ଅମ୍ଭାଭୋନା, ୧୫।୨ (ଡି.ଏନ.ଏ):** ଅମ୍ଭାଭୋନା ବ୍ଲକ ଅନ୍ତର୍ଗତ ଲେଲେହର-ଚଣ୍ଡିପାଲି ଧନୁଯାତ୍ରାର ଷଷ୍ଠ ରଜନୀରେ ମଥୁରାନଗରୀରେ କଂସର ଦିଗବିଜୟ, ଗୋପପୁରରେ ଷୋହଳ କୁଞ୍ଜରେ ଶ୍ରୀକୃଷ୍ଣ, କୃଷ୍ଣ ବଳରାମଙ୍କ ମଥୁରା ପ୍ରବେଶ ଦୃଶ୍ୟ ଅଭିନୀତ ହୋଇଥିଲା । କଂସ ଦରବାରରେ ଲଖନପୁର ୱାଇଲଡ ଲାଇଫ ରେଞ୍ଜର ଅଭିରାମ ପାତ୍ର ରାଜଅତିଥି ଭାବେ ଯୋଗ ଦେଇଥିଲେ। କଂସ ମହାରାଜଙ୍କ ନିର୍ଦ୍ଦେଶରେ ରାଜଦରବାରରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ । କଳାକାରମାନଙ୍କୁ ଧନୁଯାତ୍ରା କମିଟିର ସଭାପତି ହୀରାଧର ସାହୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

### ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ ଧାରଣା ଜାରି

**ବରଗଡ଼ ଅଫିସ୍,୧୫।୨:** ବିଭିନ୍ନ ଦାବି ନେଇ ବରଗଡ଼ ଜିଲା ବିଏସଏନଏଲ୍ ଠିକା କର୍ମଚାରୀମାନେ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିବସରେ ପହଞ୍ଚିଛି । ୪ ମାସର ବକେୟା ଦରମା ପ୍ରଦାନ, ୫ ମାସର ଇପିଏଫ, ଇଏସଆଇ ପ୍ରଦାନ ଆଦି ଦାବି ନେଇ ସେମାନେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ଦାବି ସେମାନେ ବାରମ୍ବାର ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା କର୍ମଚାରୀମାନେ କହିଛନ୍ତି । ଫଳରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ଦାବି ସମୂହ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

# ଭୂମି ଅଧିକାର ଦାବିରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୫।୨**

ଭୂମି ଅଧିକାର ପ୍ରଦାନ ଦାବି ନେଇ ବରଗଡ଼ରେ ଆନ୍ଦୋଳନ ଜୋର୍ ଧରିଛି । ସ୍ଥାନୀୟ ଭୂମିହୀନମାନେ ସଙ୍ଗଠିତ ହୋଇ ଆନ୍ଦୋଳନକୁ ବ୍ୟାପକ କରିବାରେ ଲାଗି ପଡ଼ିଛନ୍ତି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର ଆହ୍ୱାନରେ ଅଞ୍ଚଳର ବହୁସଂଖ୍ୟକ ଭୂମିହୀନ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସାଧବୀ ଦେହୁରୀଆଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ବରଗଡ଼ ସହର ସମେତ ତୋରା, ସରସରା, ବରଡ଼ୋଲ, ଖୁଣ୍ଟପାଲି ଆଦି ପଞ୍ଚାୟତର ଭୂମିହୀନ ଲୋକେ ସପରିବାର ସ୍ଥାନୀୟ ଲମ୍ବା ବିଲ୍ଡିଂ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳ ଅଫିସ ଅଭିମୁଖେ ଆସିଥିଲେ । ସେମାନେ ହାତରେ ପ୍ଲାକାର୍ଡ଼ ଧରି ଭୂମି ଅଧିକାର ପ୍ରଦାନ ଦାବି ନେଇ ନାରାବାଜି କରିଥିଲେ। ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ଭୂମିହୀନ ପରିବାର ଲୋକେ ସେଠାରେ ଧାରଣାରେ ବସିଥିଲେ । ଏହାସହିତ ସେଠାରେ ରିଲେ ଅନଶନ ଚଳାଇଥିବା ତୋରା ଚିନିକଳର ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ସମର୍ଥନ ଜଣାଇଥିଲେ।




ଜିଲାପାଳ ଅଫିସ ଆଗରେ ଭୂମିହୀନଙ୍କ ଧାରଣା, ବିକ୍ଷୋଭ ସମାବେଶ ଚାଲିଛି ।

ଧାରଣାସ୍ଥଳରେ ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର ଭବାନୀ ପ୍ରସାଦ ସାହୁ, ରମେଶ ମହାପାତ୍ର, ହର ବଣିଆଁ, ବାସନ୍ତୀ ବନଛୋର, ମାରିୟନ ବାର୍ଲା, ଅମିତାଭ ପାତ୍ର, ଏମଡ଼ି ଅସଲମ, ସୁରେଖା ଭୋଇ, ଯଶୋବନ୍ତୀ ପୋଢ଼, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ ସରକାରଙ୍କ ଜାଗା ମିଶନ ଏବଂ କେନ୍ଦ୍ର ସରକାରଙ୍କ ଭୂମି ଅଧିକାର ଘୋଷଣାକୁ ସେମାନେ କଡ଼ା ସମାଲୋଚନା କରିଥିଲେ। ପରେ ସେଠାକୁ ଡେପୁଟି କଲେକ୍ଟର ଦେହୁରୀଆ ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିଥିଲେ । ପ୍ରତ୍ୟେକ କାର୍ଯ୍ୟରେ ଜମି ପଟ୍ଟା ଭଳି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଦରକାର ପଡୁଥିବାବେଳେ ଏପର୍ଯ୍ୟନ୍ତ ସେମାନଙ୍କୁ ତାହା ମିଳିପାରିନାହିଁ। ସେଥିପାଇଁ ସ୍ଥାୟୀ ପରିଚୟରୁ ବଞ୍ଚିତ କରାଯିବା ସ୍ୱାଧୀନ ଭାରତରେ ସେମାନଙ୍କ ପାଇଁ ଉପହାସ ସଦୃଶ ବୋଲି ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ନିକଟ ଭବିଷ୍ୟତରେ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଜାଗା ମିଶନ ନାମରେ ଅଳ୍ପ କିଛି ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରିବା ଏବଂ ଠିକ୍ ଭାବେ ସର୍ଭେ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇବା ଘୋଷଣା ଲୋକଙ୍କୁ ଭୁଆଁ ବୁଲାଇବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ କହିଥିଲେ ଏବଂ ଜାଗା ମିଶନ ଘୋଷଣାନାମାକୁ ପୋଡ଼ିଥିଲେ । ଭୂମିହୀନଙ୍କୁ ଚିହ୍ନଟ କରି ତୁରନ୍ତ ଜମିପଟ୍ଟା ପ୍ରଦାନ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

**ବରଗଡ଼ ଜିଲା**
- ଜିଲାପାଳ ଅଫିସ ଆଗରେ ଧାରଣା, ବିକ୍ଷୋଭ
- କେନ୍ଦ୍ର, ରାଜ୍ୟ ସରକାର ଉପରେ ବିକ୍ଷୋଦ୍‌ଗାର
- ଘୋଷଣାନାମାକୁ ପୋଡ଼ି ପ୍ରତିବାଦ ଜଣାଇଲେ

■ ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ପ୍ରସ୍ତୁତି ବୈଠକ

# ଅବାଧ, ତ୍ରୁଟିଶୂନ୍ୟ ପରୀକ୍ଷା ଉପରେ ଗୁରୁତ୍ୱାରୋପ

**ବରଗଡ଼ ଅଫିସ୍,୧୫।୨**

ବରଗଡ଼ ଜର୍ଜ ହାଇସ୍କୁଲ ପରିସରରେ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାର ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁପରିଟେଣ୍ଡେଣ୍ଟ ଯୋଗଦାନ କରିଥିଲେ । ଚଳିତ ବର୍ଷ ଜିଲାଶର ୯୧ଟି ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୧୭୪୫୧ ରେଗୁଲାର୍, ୫୨୬ ଏକ୍ସ ରେଗୁଲାର୍, କରେସ୍‌ପଣ୍ଡେଣ୍ଟ ୯୯, ଏସ୍.ଆଇ.ଓ.ଏସ୍ ୧୨୪, ମଧ୍ୟମା ୧୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଡିଇଓ ସୂଚନା ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ ତପିରାମ ମାଝୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ବିଜ୍ଞାନ ନିରୀକ୍ଷକ ଡଃ. ମନୋଜ କୁମାର ସାହୁ, ଜର୍ଜ ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ଅମୃତା ସାହୁ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା କିପରି ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ ହେବ ସେ ବିଷୟରେ ପରୀକ୍ଷା କେନ୍ଦ୍ର ଗୁଡ଼ିକର ପରିଚାଳକମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହିତ ନୂତନ ପରୀକ୍ଷା ସମ୍ବନ୍ଧୀୟ ନିୟମ ଓ ନିର୍ଦ୍ଦେଶାବଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କୌଣସି ପରୀକ୍ଷା କେନ୍ଦ୍ରରେ ଯେଭଳି ପରୀକ୍ଷା ନିର୍ଦ୍ଦେଶାବଳୀର ବ୍ୟତିକ୍ରମ ନ ହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ କେନ୍ଦ୍ର ପରିଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଶିକ୍ଷକ ସଦାନନ୍ଦ ଜାଲ ଓ ଦିଲୀପ ସାହୁ ପରୀକ୍ଷା ସମ୍ବନ୍ଧୀୟ ନୂତନ ନିର୍ଦ୍ଦେଶାବଳୀର ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ ।




ମାଟ୍ରିକ୍ ପରୀକ୍ଷା ପରିଚାଳନା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ।





ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଝାରବନ୍ଧ (ବାମ) ଓ ସୋହେଲା ଅଞ୍ଚଳରେ ଲୋକେ କ୍ୟାଣ୍ଡେଲ ଜାଳୁଛନ୍ତି ।

### ପାଇକମାଲରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ପାଇକମାଲ,୧୫।୨(ଡି.ଏନ.ଏ)**

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ବରଗଡ଼ ଜିଲା ପାଇକମାଲରେ ଶୁକ୍ରବାର ରାତ୍ରିରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଛି। ଏଥିରେ ଶତାଧିକ ଯୁବକ, ସଚେତନ ନାଗରିକ ଯୋଗଦାନ କରି କ୍ୟାଣ୍ଡେଲ ଜାଳିବା ସହ ନିରବ ପ୍ରାର୍ଥନା କରିଥିଲେ । ଶହୀଦ ଓଡ଼ିଆ ଯବାନ ପ୍ରସନ୍ନ ସାହୁ, ଓ ମନୋଜ ବେହେରାଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ



ଖେଦାପାଲି ଛକରେ ଗୁକୁର୍ଲା ଗ୍ରାମବାସୀଙ୍କ ରାସ୍ତାରୋକୋ ।

**ଭଟଲି,୧୫।୨(ଡି.ଏନ.ଏ)**

ବରଗଡ଼-ଭଟଲି ରାସ୍ତାର ଖେଦାପାଲି ନିକଟରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ନିର୍ମାଣ ଚାଲିଛି । ନିର୍ମାଣ ଶେଷ ପର୍ଯ୍ୟାୟରେ ରହିଥିବାବେଳେ କେବଳ ଉଦଘାଟନ ବାକି ରହିଛି । ତେବେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ଉଦଘାଟନ ହେବା ପୂର୍ବରୁ ସେଠାରୁ ଗୁକୁର୍ଲା ଗ୍ରାମବାସୀଙ୍କ ନିର୍ଭରଯୋଗ୍ୟ ଏକ ଜଳାଶୟକୁ ଡାକ୍ତରଖାନାରୁ ନିଷ୍କାସିତ ପାଣି ଛଡ଼ାଯିବା ପାଇଁ କରାଯାଉଥିବା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଗୁକୁର୍ଲା ଗ୍ରାମବାସୀ ବରଗଡ଼-ଭଟଲି ରାସ୍ତାକୁ ଖେଦାପାଲି ଛକ ନିକଟରେ ଅବରୋଧ କରିଥିଲେ । ଖବର ପାଇ ସେଠାକୁ ସ୍ଥାନୀୟ ବିଧାୟକ ତଥା ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଡାକ୍ତରଖାନାରୁ ନିଷ୍କାସିତ ପାଣି ସେହି ଜଳାଶୟକୁ ଯେଭଳି ଆଦୌ ଯିବନାହିଁ, ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ ଏବଂ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

**ବରଗଡ଼ ଅଫିସ୍,୧୫।୨**

ସାଧାରଣ ନିର୍ବାଚନ ପାଖେଇ ଆସୁଛି । ଏଥିପାଇଁ ରାଜନୈତିକ ଦଳ ଗୁଡ଼ିକ ତତ୍ପର ହୋଇ ପଡ଼ିଛନ୍ତି । ଏହି କ୍ରମରେ ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବିଜେଡ଼ିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପରେ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଲୁତୁରୁ ସାହୁ, ଆନନ୍ଦ ପୂଝାରୀ, ଜୟଦେବ ଗଡ଼ତିଆ, ଗଜରାଜ ବିଶି, ଅଶ୍ୱିନୀ ତ୍ରିପାଠୀ, କ୍ଷୀରୋଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶହୀଦ ଯବାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୧୫।୨**

ଜମ୍ମୁ କଶ୍ମୀର ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କ ପ୍ରତି ବରଗଡ଼ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବରଗଡ଼ ସହରସ୍ଥିତ ମାଁ ଶ୍ୟାମାକାଳୀ ମନ୍ଦିର ସମିତି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ସଭାରେ ସମିତିର ସଭାପତି ସର୍ବେଶ୍ୱର ରଥ, ସମ୍ପାଦକ ରାଜେଶ ଶତପଥୀ, ଉପସଭାପତି ଗୌରାଙ୍ଗ ନାଏକ, ସହସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଅତାବିରା ବ୍ଲକ ଦୁଲମପୁର ଜାଗୃତି ହାଇସ୍କୁଲ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା ଏବଂ ଏଥିରେ ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ସାମିଲ ଥିଲେ । ଶହୀଦ ଯବାନଙ୍କ ସ୍ମୃତିରେ ବରଗଡ଼ ବ୍ଲକ ବରଡ଼ୋଲରେ ସ୍ଥାନୀୟ ସରସ୍ୱତୀ ପୂଜା କମିଟି ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ନିଷ୍ଠା ପରିବାର ପକ୍ଷରୁ ଏକ ରକ୍ତଦନ ଶିବିର ହୋଇଥିଲା। ଏଥିରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସିଏସଆର କୋର୍ଡ଼ିନେଟର ଜମିଲ ଖାନ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନିଷ୍ଠାର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ଶିବିର ସଂଯୋଜନା କରିଥିଲେ। ରକ୍ତଦାନ କରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବାବେଳେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ ଏବଂ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଘେଁସର ଏକ ଇଂଲିସ ମିଡ଼ିୟମ ସ୍କୁଲରେ ମଧ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ଶହୀଦଙ୍କୁ ନାଗରିକ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଓକିଲ ସଂଘ ପକ୍ଷରୁ ଆୟୋଜିତ ନାଗରିକ ଶ୍ରଦ୍ଧାଞ୍ଜଳି ଅବସରରେ ଅନୁଷ୍ଠିତ ମହମବତୀ ଶୋଭାଯାତ୍ରାରେ ସଂଘର ସଭାପତି ଅଶୋକ କୁମାର ଯୋଶୀ, ସାଧାରଣ ସମ୍ପାଦକ ଲିପ୍‌ସିତ ମିଶ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏବଂ ସହରର ନାଗରିକମାନେ ସାମିଲ ହୋଇଥିଲେ । ବରଗଡ଼ ବିଜେଡ଼ି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସେମାନେ ନୀରବ ପ୍ରାର୍ଥନା କରିଥିଲେ ।

**ଝାରବନ୍ଧ, ୧୫।୨ (ଡି.ଏନ.ଏ):** ଜମ୍ମୁ କଶ୍ମୀରରେ ଶହୀଦ ଯବାନଙ୍କୁ ଶୁକ୍ରବାର ଝାରବନ୍ଧ ଚାନ୍ଦିନୀଚୌକଠାରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଅଛି । ଏହି ଅବସରରେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ଜୁନିୟର କଲେଜ ଅଧ୍ୟକ୍ଷ ସାନନ୍ଦ କୁମାର ସାହୁ, ବୀରାଦିତ୍ୟ ସାହୁ, ଦୁର୍ଗାପ୍ରସାଦ ଅଗ୍ରୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ । ବିକାଶ ଅଗ୍ରୱାଲ, ଜୟକୁମାର ନିଗମ, କୁମାର ଗୌରବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ତହସିଲ ଅଫିସ୍‌ଠାରେ ତହସିଲଦାର ପର୍ଶୁରାମ ପଣ୍ଡାଙ୍କ ନେତୃତ୍ୱରେ ଦୁଇ ମିନିଟ ନୀରବ ପ୍ରାର୍ଥନା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରେ ଶିକ୍ଷକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

**ବରପାଲି, (ଡି.ଏନ.ଏ):** ଜାମ୍ମୁ କଶ୍ମୀରର ପୁଲୱମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୪ ଜଣ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବରପାଲିର ବହୁ ଅନୁଷ୍ଠାନ, ବରିଷ୍ଠ ଓ ସଚେତନ ନାଗରିକ, ମାରୱାଡି ମହିଳା ମଞ୍ଚ ଓ ଅବସରପ୍ରାପ୍ତ ସୈନିକମାନେ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ପରେ ବଣିକ ସଂଘ ସଭାପତି ନନ୍ଦଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶହୀଦ ହୋଇଥିବା ବୀର ଯବାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

**ଗଣ୍ଡତୁରୁମ, (ଡି.ଏନ.ଏ):** ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତରେ ନାଗରିକ ମଞ୍ଚ ତରଫରୁ ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକ ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଲୋକ ମହୁଲପାଲି ପଞ୍ଚାୟତ ଛକରୁ ସ୍ଥାନୀୟ ସ୍କୁଲ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ । ପରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୁପ୍ତେଶ୍ୱର ପୁରୋହିତ, ମନବୋଧ ସାହୁ, ସଞ୍ଜୟ କର, ପ୍ରମୋଦ ପଧାନ, ପର୍ଶୁରାମ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**ସୋହେଲା,(ଡି.ଏନ.ଏ):** ସୋହେଲାରେ ବିଜୁ ଛାତ୍ର ଜନତା ଦଳ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଶୁକ୍ରବାର ସନ୍ଧ୍ୟାରେ ଜମ୍ମୁ କଶ୍ମୀରର ପୁଲୱାମା ଅବନ୍ତୀପୁରାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଯୁବକମାନେ ସ୍ଥାନୀୟ ଡେଲି ମାର୍କେଟରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ କ୍ୟାଣ୍ଡେଲ ଓ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ସୋହେଲା ପରିକ୍ରମା କରିବା ପରେ ଦୁର୍ଗା ମନ୍ଦିରରେ ସମାପନ ହୋଇଥିଲା। ଏଥିରେ ସବୁ ସଙ୍ଗଠନର ଯୁବଗୋଷ୍ଠୀ ସାମିଲ ହୋଇଥିଲେ ।

**ଅତାବିରା, (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପୁଲୱାମା ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ପାଇଁ ନିବ ପ୍ରାର୍ଥନା କରାଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର ଚୌହାନଙ୍କ ଅଧ୍ୟକ୍ଷତାରେ ପ୍ରଫେସର ରତନ ଶର୍ମା, ଡ. ପ୍ରମୋଦ ଭୋଇ, ଡ. ଦିଗମ୍ବର ଚାନ୍ଦ, ସାମାଜିକ କର୍ମୀ ସଚିବ ମହାକୁର, ଖଗେଶ୍ୱର ମେହେର, କୃଷ୍ଣ ଚନ୍ଦ୍ର ସାଥୁଆ ପ୍ରମୁଖ ଆତଙ୍କବାଦୀଙ୍କ ଏହି ବର୍ବର କାଣ୍ଡକୁ ନିନ୍ଦା କରିଥିଲେ । ଏଥିରେ କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀମାନେ ଯୋଗ ଦେଇଥିଲେ ।



ଦୁଲମପୁର ଜାଗୃତି ହାଇସ୍କୁଲ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।
- ଗୋଲ୍ଡସ୍ମିଥ୍



**ସଂକ୍ଷେପରେ**

## ବାଇକ୍-ଟ୍ରାକ୍ଟର ଧକ୍କା, ୩ ଆହତ

**ବୌଦ୍ଧ,୧୫।୨(ସ୍ୱ.ପ୍ର):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାଧାନଗର ଠାରେ ଶୁକ୍ରବାର ଏକ ଟ୍ରାକ୍ଟର ସହ ମଟର ସାଇକେଲ ଧକ୍କା ହେବାରୁ ୩ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି । ସୂଚନା ମୁତାବକ, ଅପରାହ୍ନରେ ବୀରନରସିଂହପୁର ଗ୍ରାମର ସୌମ୍ୟରଜନ ପ୍ରଧାନ (୨୭) ଏକ ବାଇକ୍‌ରେ ଲାଣ୍ଡିବନ୍ଧ ଆରସେଟିର ଧୂପକାଠି ତାଲିମ ପାଇଁ ଯାଇଥିବା ମା' ଶାନ୍ତିଲତା ପ୍ରଧାନ ଓ ଅନ୍ୟ ଜଣେ ମହିଳା କ୍ଷୀରାବ୍ଧି ମେଣ୍ଡୁଲିଙ୍କୁ ଧରି ନିଜ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ଜାତୀୟ ରାଜପଥର ରାଧାନଗର ଠାରେ ଏକ ଟ୍ରାକ୍ଟର ସହ ତାଙ୍କର ଧକ୍କା ହୋଇଥିଲା । ଦୁର୍ଘଟଣାରେ କ୍ଷୀରାବ୍ଧିଙ୍କ ଦୁଇ ଗୋଡ, ଶାନ୍ତିଲତାଙ୍କ ହାତ ଗୋଡ ଓ ସୌମ୍ୟରଞ୍ଜନଙ୍କ ମୁଣ୍ଡ ଓ ଗୋଡରେ ଆଘାତ ଲାଗିଛି । ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ କ୍ଷୀରାବ୍ଧିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନେ ବୌଦ୍ଧ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

## ଅଷ୍ଟପ୍ରହର ନାମଯଜ୍ଞ

**ଜହ୍ନାପଙ୍କ, ୧୫।୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବୁରକଟା ଛକ ନିକଟରେ ଆନନ୍ଦମାର୍ଗ ଆଶ୍ରମଠାରେ ଶୁକ୍ରବାର ବାବାନାମ କେବଳମ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଆନନ୍ଦମାର୍ଗ ପ୍ରଚାରକ ସଂଘର କର୍ମକର୍ତ୍ତା ଅଧିବାସ ନାମଯଜ୍ଞ ଆରମ୍ଭ କରିଥିଲେ । ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳର ୧୪ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୂତି ହେବ। ଆନନ୍ଦ ମାର୍ଗର ବରିଷ୍ଠ ସଭ୍ୟ କେଦାରନାଥ ସାହୁ, ବିଦ୍ୟାଧର ସ୍ୱାଇଁ, ସନ୍ତୋଷ କୁମାର ସାହୁ, ବିରୁପାକ୍ଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

■ ଢାବା ଉଚ୍ଛେଦ ଓ ମଦ ବିକ୍ରି ବନ୍ଦ ଦାବି

# ରାସ୍ତାକୁ ଓହ୍ଲାଇଲେ ମହିଳା

**ଭଟଲି,୧୫।୨(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଖେଦାପାଲି ନିକଟରେ ସରକାରୀ ଜମିକୁ କବ୍‌ଜା କରି ସେଠାରେ ନିର୍ମିତ ଢ଼ାବାରେ ଚୋରାମଦ କାରବାରକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଟୁକୁର୍ଲା ଗ୍ରାମର ମହିଳାମାନେ ସେଠାରୁ ଢ଼ାବା ଗୁଡ଼ିକୁ ହଟାଇବାକୁ ଦାବି କରିଥିଲେ। ସେଠାରେ ପଲିଟେକନିକ୍ କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଥିବାବେଳେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ରହିଛି । ରାସ୍ତାକଡ଼ ସରକାରୀ ଜମିରେ ରହିଥିବା ସେହି ଢ଼ାବା ଗୁଡ଼ିକରେ ଅବାଧ ମଦବିକ୍ରି ଚାଲୁଥିବା ଯୋଗୁ ଅଞ୍ଚଳରେ ତାର କୁପ୍ରଭାବ ପଡୁଛି ଏବଂ ସେଠାରୁ ସେହି ଢ଼ାବା ଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରାଯାଉ ବୋଲି ଦାବି କରିଥିଲେ। ପରେ ସେଠାକୁ ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲା। ସେଠାରୁ ଢ଼ାବା ଗୁଡ଼ିକୁ ତୁରନ୍ତ ହଟା ନ ଗଲେ ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ ।



ଢ଼ାବା ଉଚ୍ଛେଦ ଓ ମଦବିକ୍ରିକୁ ବିରୋଧ କରି ମହିଳାଙ୍କ ରାସ୍ତାରୋକୋ ।

# ଜୈବିକ କୃଷି ତାଲିମ ନେଲେ ଶହେ ଚାଷୀ

**ପାଇକମାଳ, ୧୫।୨(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ ବ୍ରାହ୍ମଣଟାଲ ଗ୍ରାମରେ ୧୦ ଦିନ ଧରି ପ୍ରଧାନମନ୍ତ୍ରୀ କୃଷି ଉଦ୍ୟୋଗ ବିକାଶ ତାଲିମ ଶିବିରର ଦ୍ୱିତୀୟ ପର୍ଯ୍ୟାୟ ଶୁକ୍ରବାର ଉଦ୍‌ଯାପତି ହୋଇଯାଇଛି ପାଇକମାଳର ମାସ୍, ଭୁବନେଶ୍ୱରର ସେଞ୍ଚୁରିୟନ କୃଷି ବିଶ୍ୱ ବିଦ୍ୟାଳୟ ଓ ପାରଳାଖେମୁଣ୍ଡିର ଗ୍ରାମ ତରଙ୍ଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ମୋଟ ୧୦୦ ଜଣ ଚାଷୀଙ୍କୁ ଜୈବିକ କୃଷି ବିଷୟରେ ତାଲିମ ଦିଆଯାଇଥିଲା । ଏହି ଶିବିରରେ ସେଞ୍ଚୁରିୟନର ତାଲିମଦାତା ଶୁଭେନ ପାଣିଗ୍ରାହୀ, ଗ୍ରାମ ତରଙ୍ଗର ଯୁଧିଷ୍ଠିର ସାହୁ ଜୈବିକ କୃଷି ଉପରେ ଚାଷୀମାନଙ୍କୁ ତାଲିମ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଚାଷୀମାନଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା। ମାସ୍ କାର୍ଯ୍ୟକ୍ରମ ସଂଯୋଜକ ଆଦିକନ୍ଦ ବିଶ୍ୱାଳ ଶିବିର ପରିଚାଳନା କରିଥିଲେ। ଦିଗେଶ କପାଟ, ଦୁର୍ଯ୍ୟୋଧନ ବିଶି, ରେବତୀ ରାଉତ, କେଶବ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ ।



ଜୈବିକ କୃଷି ଉପରେ ଚାଷୀମାନଙ୍କୁ ତାଲିମ ଦିଆଯାଉଛି ।

# ଗୌରୀଶଙ୍କର ପବ୍ଲିକ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ

**ବୌଦ୍ଧ,୧୫।୨(ସ୍ୱ.ପ୍ର)**

ବୌଦ୍ଧ ଗୌରୀଶଙ୍କର ପବ୍ଲିକ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ବିଦ୍ୟାଳୟର ସମ୍ପାଦକ ଧୁରୀଣ କୁମାର ଦେହୁରୀ, ଅଧକ୍ଷା ମାନମୟୀ ରଥ ସମ୍ମାନୀତ ଅତିଥି ଓ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ହରେକୃଷ୍ଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଗତ ଗୁରୁବାର ଜମ୍ମୁ କଶ୍ମୀରଠାରେ ଶହୀଦ ହୋଇଥିବା ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷା ରଥ ବିବରଣୀ ପାଠ କରିଥିଲେ । ଜିଲାରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଗୌରୀଶଙ୍କର ପବ୍ଲିକ ସ୍କୁଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ବାଚସ୍ପତି ଅମାତ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଉପାସନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

■ ଛାତ୍ରୀ ନିବାସର ୨୯ତମ ବାର୍ଷିକ ଉତ୍ସବ

# ଛାତ୍ରୀ ଉଚ୍ଚ ଶିକ୍ଷିତା ହେଲେ ଦେଶର ପ୍ରଗତି ସମ୍ଭବ

**ଅତାବିରା, ୧୫।୨ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା ଛାତ୍ରୀ ନିବାସର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲେଜର ପୂର୍ବତନ ଅଧକ୍ଷ ଡ. ନେପାଳ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁ, ପର୍ବତାରୋହୀ ଲିପିକା ସେଠ, କଲେଜ ଅଧକ୍ଷ ଗଙ୍ଗାଧର ଚୌହାନ, ଡ. ନରେନ୍ଦ୍ର କୁମାର ବେହେରା, ଅଧ୍ୟାପକ ପବିତ୍ର କୁମାର ମାହାଣା, ଛାତ୍ରୀ ନିବାସ ସୁପରିଣ୍ଟେଣ୍ଡେଣ୍ଟ ଅମୃତା ସାମନ୍ତ, ଶାନ୍ତିଲତା ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପର୍ବତା ରୋହୀ ଲିପିକା ସେଠଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଛାତ୍ରୀମାନେ ଉଚ୍ଚ ଶିକ୍ଷିତା ହେଲେ ଦେଶର ପ୍ରଗତି ସମ୍ଭବ। ନାରୀମାନେ ଦେଶର ପ୍ରଗତିର ମାଇଲଖୁଣ୍ଟ ବୋଲି ବକ୍ତାମାନେ କହିଥିଲେ । ସାଧାରଣ ସମ୍ପାଦିକା ଅର୍ପିତା ପ୍ରିୟଦର୍ଶନୀ, ପ୍ରମୋଦ ସେଠ, ସୁଶୀଲ ମହାକୁର, ତାରାଚାନ୍ଦ କଣ୍ଟା ପ୍ରମୁଖ ସହଯୋଗ କରିଥିଲେ ।



ଲରମ୍ଭା କଲେଜ ଛାତ୍ରୀନିବାସ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରାଯାଉଛି ।

# ବଢ଼ିଗାଁକୁ ହରାଇ ବୀରମହାରାଜପୁର ବିଜୟୀ

**ବୌଦ୍ଧ,୧୫।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ବଢ଼ିଗାଁଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍ ବଢ଼ିଗାଁ ଓ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ବୀରମହାରାଜପୁର ଦଳ ଗୋଟିଏ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ବରିଷ୍ଠ ଫୁଟବଲ ଖେଳାଳି ସୁରେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଶେଷଦେବ ବେହେରା, ପ୍ରବୀଣ ବେହେରା, ସୁରେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ । ଶନିବାର ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଗୋଳ ଆଠମଲିକ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ।

**ଫୁଟବଲ ଟୁର୍ଣ୍ଣାମେଣ୍ଟ**



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

## ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

**ଅତାବିରା, ୧୫।୨ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାମ୍ପରସରା ଉଚ୍ଚ ବିଦ୍ୟାଳୟ ପରିସରରେର ଗୁରୁବାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବିଭକ୍ତ ସମ୍ବଲପୁର ଜିଲାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଟାମ୍ପରସରା ବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରୀଛାତ୍ର ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ବିଭୁତି ଭୂଷଣ ସାହୁ, ମନୋହର ଦାଶ, ସୁଷମା ସାହୁ, ଜୟକୃଷ୍ଣ କର, ଶିକ୍ଷକ ଉପେନ୍ଦ୍ର କର୍ଣ୍ଣ, ନରେନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ଥପା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । ଦଶମ ଶ୍ରେଣୀର ସୁଜାତା ମହାନନ୍ଦ, ଖୁସ୍‌ବୁ ସେଟ, ଶୁଭସ୍ମିତା ସୁଆର, ସୌରଭ ଦେହୁରୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଶେଷରେ ସତ୍ୟଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭତାରୁ ବଁଚିତ ୩ କଲାକାର



କଲାକାର ଭତାରୁ ବଁଚିତ୍ ହେଇଥିବାର ଅଂଚଲର ୩ କଲାକାର।

**ଅତାବିରା, ୧୫।୨ (ଡି.ଏନ.ଏ)**

ରାଏଜ୍‌ସରକାର ରାଏଜର କଲାକାରମାନକୁ ମାସିକ ୧୨ଶହ ଟଁକା ଲେଖେଁ କଲାକାର ଭତା ଯୁଗେଇ ଦେଉଛନ୍। ହେଲେ ଇ ଭତା ଲାଗି ଦରକାରି ପରମାନପତର, ବଏସ, ସଠିକ୍ ବିବରନ୍ ଦେବାର ଲାଗି ଆବେଦନ ଫର୍ମରେ ଲେଖା ଅଛେ। ଯେନ୍ କଲାକାରମାନକର ବଏସ୍ ୫୦ ବଛର ହେଇଥିବା ସେମାନେ ଇ ସୁଯୋଗ ପାଇପାରବେ। ହେଲେ କେତେ ଲୋକ କଲାକାର ନାଇଁହେଇ କରି ବି ଠକ୍‌ଭଁଡ଼୍ କାଗତପତର କରି ଆବେଦନ କରୁଛନ୍। ଏନ୍‌ତାଥି ପରକୁତ କଲାକାରମାନେ ଭତା ପାଏବାରୁ ବଁଚିତ ହେଉଥିଲାବେଲେ ଯେନ୍‌ମାନେ କଲାକାର ନୁହଁନ୍ ସେମାନେ ଭତା ହାତଉଥିବାର ଅଂଚଲରେ ଚରଚାର ବିଷେ ହେଇଛେ। ଇ ଦିଗେ ପରଶାସନ ତଦଁତ୍ କଲେ କିଏ ପରକୁତ କଲାକାର ଆର କିଏ ନୁହେ ସତ୍ କଥାଟା ଜନାପଡ଼ବା ବଲି ବୁଧିଜୀବୀ ମହଲରେ ଦାବି ହେଉଛେ। ଅତାବିରା ବ୍ଲକ ପାଲିବୁଗବୁଗା ଗାଁର ପାର୍ଥବ ନାୟକ, ଭେଡ଼େନ ବ୍ଲକ ବଡ଼ ପିପିଲିପାଲିର ଜଟାଧାରୀ ପ୍ରଧାନ, ବରପଦର ଗୁନା ପ୍ରଧାନ ଲେଖେଁ ଅନେକ କଲାକାର ଆଏଜ୍‌ତକ୍ କଲାକାର ଭତା ପାଏବାରୁ ବଁଚିତ ହେଇ ରହିଛନ୍। କଲାକାର ଭତା କରେଇ ଦେବାର ବାହାନାରେ କେତେ ଯୁବକ ଇମାନକରନୁ ଝନ୍‌ପିଛା ୩ଶହରୁ ୫ଶହ ଟଁକା ତକ୍ ନେଇଥିବାର ପାର୍ଥବ ନାଏକଙ୍କୁ ପଚରାଲାରୁ କହିଥିଲେ। ଇ ଦିଗେ ପରଶାସନ ଦୁରୁଷ୍‌ଟି ଦେଇ ପରକୁତ କଲାକାରମାନକୁ ଭତା ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।

# ଶହୀଦ ଯବାନଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବୌଦ୍ଧ,୧୫।୨(ସ୍ୱ.ପ୍ର)**

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ବୌଦ୍ଧ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତାଦଳ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ରଘୁନାଥ ମନ୍ଦିର ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ଶହୀଦଛକ, ଦୈନିକ ବଜାର, ଭୈରବୀ ଛକ ଦେଇ ଗାନ୍ଧୀ ଛକଠାରେ ସମାପ୍ତ ହୋଇଥିଲା । ଗାନ୍ଧୀଛକ ଠାରେ ନିରବ ପ୍ରାର୍ଥନା କରିଥିଲେ । ଏହି ଶୋଭାଯାତ୍ରାରେ ଯୁବ ଛାତ୍ର ଜନତା ଦଳର ରାକେଶ ପ୍ରଧାନ, ତୋଫାନ ପରିଡା, ସଂଗ୍ରାମ କେଶରୀ ଦାସ, ସଂଗ୍ରାମ ମଲିକ, ଶୁଭେନ୍ଦୁ ପ୍ରଧାନ, ପ୍ରଦୀପ ସାହୁ, ସୁକୁନ ବଡମାଳି, ଦେବାଶିଷ ପ୍ରଧାନଙ୍କ ସମେତ ଶତାଧିକ ବିଜୁଯୁବ ଛାତ୍ର ଜନତା ଦଳର କର୍ମୀ ଯୋଗ ଦେଇଥିଲେ । ସେହିପରି ବୌଦ୍ଧ ଜିଲା ମହିଳା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଶହୀଦ ଯବାନମାନଙ୍କୁ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜିଲା ମହିଳା ପ୍ରଭାରୀ ଅନିମା ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଭାବନୀ କ୍ଲାସେସ ଏବଂ ମୋହନ କରଡିଆ, ନିର୍ମଳ ବେହେରା କୋଚିଂ ସେଣ୍ଟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ରୀତା ମିଶ୍ର, ବନିତା ମିଶ୍ର, ମମତା ଅଗ୍ରୱାଲା, ସୁମିତା ପୃଷ୍ଟି, ରୁମିତା ଦାଶ, ପ୍ରମୁଖ ଉପସ୍ଥିତ ଥିଲେ ।




ଯୁବକମାନେ କ୍ୟାଣ୍ଡେଲ ଜାଳି ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

**ମନମୁଣ୍ଡା, (ଡି.ଏନ.ଏ):** ଜମ୍ମୁ କାଶ୍ମୀର ପୁଲୱାମା ନିକଟସ୍ଥ ଅବନ୍ତିପୁରାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ସିଆରପିଏଫର ୪୪ଜଣ ଯବାନ ଶହୀଦ ହୋଇଥିବା ବେଳେ ୪୦ଜଣ ଆହତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୫ଜଣ ଗୁରୁତର ଥିବା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ମନମୁଣ୍ଡା ସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ସୈନିକ ପୋଷାକ ଧାରୀ କୁନି କୁନି ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀମାନେ ଶୁକ୍ରବାର ସମବେତ ହୋଇ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଥିଲେ । ଏହାସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସ୍କୁଲ ଅଧକ୍ଷା ବୁଲବୁଲ ନାୟକ ସୈନିକ ମାନଙ୍କ ବୀରତ୍ୱ, ଦେଶ ସୁରକ୍ଷା ପ୍ରତି ସେମାନଙ୍କ ବଳିଦାନ ଅତୁଳନୀୟ ବୋଲି କହିଥିଲେ । ସେହିପରି ମନମୁଣ୍ଡା କମ୍ୟୁନିଟି ହଲଠାରେ କନ୍ଧମାଳ ଖବରଦାତା ସଂଘ ତରଫରୁ ମଧ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ସଂଘ ସଭାପତି ଯୋଗେଶ ପ୍ରସାଦ ନାୟକ, ବୈଦ୍ୟନାଥ ହୋତା, ବିରଜାନନ୍ଦନ ଦାନୀ, ସୁଶୀଲ କୁମାର ମିଶ୍ର, କୁନୁ ରାଜହଂସ, ବବିତା ହୋତା ପ୍ରମୁଖ ଉପସ୍ଥିତ ଥିଲେ ।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ



## ସଂକ୍ଷେପରେ

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା

**ଚିପିଲିମା, ୧୫।୨ (ଡି.ଏନ.ଏ)-** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ୪୦ଜଣ ଯବାନ ଶହୀଦ ହୋଇଛନ୍ତି । ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ସମ୍ବଲପୁର ବୁର୍ଲାଠାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦୀନଦୟାଲ ମାର୍କେଟ କମ୍ପ୍ଲେକ୍ସଠାରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜିତ ହୋଇଥିଲା । ଶହୀଦ ଯବାନଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଭୀମସାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀଙ୍କ ସମେତ ବହୁ ସଂଖ୍ୟାରେ ସଚେତନ ନାଗରିକ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ ।

### ଆରମ୍ଭ ହେଲା ସିବିଏସ୍ଇ ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୧୫।୨(ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ(ସିବିଏସ୍ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ସାରା ଦେଶରେ ୧୨ଲକ୍ଷ ୮୭ହଜାର ଛାତ୍ରୀଛାତ୍ର ଚଳିତବର୍ଷ ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ଦେଉଥିବା ବେଳେ ଓଡ଼ିଶାରୁ ପ୍ରାୟ ୧୬ହଜାର ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଥମ ଦିନରେ ଧନ୍ଦାମୂଳକ ଶିକ୍ଷା ବିଭାଗର ୬ଟି ବିଷୟରେ ପରୀକ୍ଷା ହୋଇଥିଲା। ଛାତ୍ରୀଛାତ୍ର ସକାଳ ସାଢ଼େ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚି ୯ଟା ୪୫ରେ ପରୀକ୍ଷା ହଲ୍ ଭିତରକୁ ପ୍ରବେଶ କରିଥିଲେ। ପୂର୍ବାହ୍ନ ୧୦ଟାରେ ପରୀକ୍ଷାର୍ଥୀଙ୍କୁ ଉତ୍ତର ଖାତା ଓ ଏହାର ୧୫ମିନିଟ୍ ପରେ ପ୍ରଶ୍ନପତ୍ର ଦିଆଯାଇଥିଲା। ସେହିଭଳି ପ୍ରଶ୍ନପତ୍ର ପଢ଼ିବା ପାଇଁ ୧୫ମିନିଟ୍ ସମୟ ଦିଆଯାଇଥିଲା। ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ରେ ସରିଥିଲା।

### ହୃଦ୍ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

**ଗୋପ, ୧୫।୨(ଡି.ଏନ୍.ଏ.)** ସୂର୍ଯ୍ୟ ମନ୍ଦିର ପରିସରରେ ବୁଲୁଥିବାବେଳେ ପଶ୍ଚିମବଙ୍ଗ ହାଓଡ଼ା ଅଞ୍ଚଳରୁ ଆସିଥିବା ଜନୈକ ପର୍ଯ୍ୟଟକଙ୍କର ଶୁକ୍ରବାର ହୃଦ୍ଘାତରେ ମୃତ୍ୟୁ ଘଟିଛି। ମୃତକ ଶ୍ରୀକୁମାର ଦଲାଇ (୪୩) କୋଣାର୍କ ସର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଆସିଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଗୋପ ଡାକ୍ତର ଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା

# ନୀରବ ପ୍ରାର୍ଥନା, ମହମବତି ଶୋଭାଯାତ୍ରା

■ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ, ପତାକା ପୋଡ଼ି

**ସମ୍ବଲପୁର, ୧୫।୨ (ବ୍ୟୁରୋ)**

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ୪୪ଜଣ ସିଆରପିଏଫ ଯବାନଙ୍କୁ ଶୁକ୍ରବାର ବିଭିନ୍ନ ସଙ୍ଗଠନ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସମ୍ବଲପୁର ସହରରେ ନୀରବ ପ୍ରାର୍ଥନା, ମହମବତି ଶୋଭାଯାତ୍ରା, ଦୀପ ପ୍ରଜ୍ଜଳନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି କରାଯାଇଛି । ସେହିପରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ଙ୍କ କୁଶପୁତ୍ତଳିକା ଦାହ ସହ ପାକିସ୍ତାନର ପତାକା ପୋଡା ଯାଇଛି । ଶହୀଦସ୍ତମ୍ଭ ଛକଠାରେ ସନ୍ଧ୍ୟାରେ ପଶ୍ଚିମ ଓଡିଶା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ମହମବତି ଜାଳି ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା, ପ୍ରଫେସର ଅଶ୍ୱିନୀ କୁମାର ପୂଜାହାରୀଙ୍କ ସମେତ ଅବସରପ୍ରାପ୍ତ ସୈନୀକମାନେ ସାମିଲଥିଲେ । ସେହିପରି ଚାଉଁରପୁର ଯୁବ ସେବା ସଂଘ ସଭ୍ୟମାନେ କଚେରି ଛକଠାରେ ପାକିସ୍ତାନ ପତାକା ପୋଡିଥିବା ଦେଖିବାକୁ ମିଳିଥିଲା । ସଂଘ ସଭାପତି ଆହାଲ୍ଲାଦ ମେହେର, ସମ୍ପାଦକ ସରୋଜ ଦେଓ, ସୁଧାଂଶୁ ବଡ଼େଇ, ସୌମ୍ୟଜିତ ମାଝି, ସରୋଜ ମାଝି, ଅରବିନ୍ଦ ପୁରୋହିତ, ଦୁଷ୍ମନ୍ତ ସେଠ, ରାଜେଶ ପଣ୍ଡା, ଶ୍ରୀମନ୍ତ ବେହେରା, ହିମାଂଶୁ ବଡ଼େଇ ପ୍ରମୁଖ ସାମିଲ ଥିଲେ। ସେହିପରି ବଜରଙ୍ଗ ଦଳ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ପାକିସ୍ତାନ ବିରୋଧି ସ୍ଲୋଗାନ ଦେଇଥିଲେ। ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର ରାଲି ପରିଚାଳନା କରିଥିଲେ। ଜିଲା କଂଗ୍ରେସ ପକ୍ଷରୁ ନୀରବ ମହମବତି ଶୋଭାଯାତ୍ରା କରାଯାଇଥିଲା। ଏଥିରେ ମହିଳା ସଭାନେତ୍ରୀ ସୁତାପା ମିତ୍ର, ପିସିସି ସମ୍ପାଦିକା ସୁରେଖା ସାହୁ,



ଗୋଲବଜାର ଛକଠାରେ ଜିଲା ବିଜେଡି ପକ୍ଷରୁ ମହମବତି ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।



ଜିଲା କଂଗ୍ରେସର ନୀରବ ଶୋଭାଯାତ୍ରା ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଆସଫ ଅଲ୍ଲି ଖାନ୍, ଉପସଭାପତି ବିଜୟ ଭୁୟାଁ, ନିରଞ୍ଜନ ତ୍ରିପାଠୀ, ଲାଲମୋହନ ସାଠିଆ, ଜୟରାମ ବନିଆଁ, ସତ୍ୟନ୍ଦ୍ର ବହିଦାର, ଅମରେନ୍ଦ୍ର ରାୟଗୁରୁ ପ୍ରମୁଖ ସାମିଲ ଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ବିଜେଡି ନେତା ଏବଂ କର୍ମୀମାନେ ଗୋଲବଜାର ଶହୀଦ ଛକଠାରେ ମହମବତି ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜଲକ୍ଷ୍ମୀ ପ୍ରଧାନ, ହେତମ୍ବ ଚନ୍ଦ୍ର ଦାନୀ, ପ୍ରଫୁଲ୍ଲ କୁମାର ଦାଶ, ଗୋକୁଳ ମେହେର, ମନୋଜ ମହାପାତ୍ର, ସୁଧାଂଶୁ ଶେଖର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ସମ୍ବଲପୁର ବିକାଶ ମଞ୍ଚ ଏବଂ ସଂଖ୍ୟାଲଘୁ ବିକାଶ ମଞ୍ଚ ଓ ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଜିଲା ସ୍କୁଲ ଛକଠାରେ ଶହୀଦଙ୍କୁ ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଛନ୍ତି । ମୋତି ଝରନ, ସୋନାପାଲି, ସାକ୍ଷୀପଡା ଓ କାଳୀବାଡି ଅଞ୍ଚଳରେ ପୃଥକ ଭାବେ ନୀରବ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲା ସ୍କୁଲ ଛକରେ ପହଞ୍ଚିଥିଲା । ପୂର୍ବତନ ଏସଡିଏ ଅଧ୍ୟକ୍ଷ ଜୟବ୍ରତ ଦେ, ପୂର୍ବତନ ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ସୁବାଶିଷ ସରକାର, ସଞ୍ଜିବ ସୋମ, ଶେଖ ମଜିଦ୍, ସୟଦ ଅବଦୁଲ ସିରାଜ୍, ସୟଦ ଶବିର, ମହମ୍ମଦ ନୱାବ, ହାଜି ୟୁସୁଫ, ଦେବାଶିଷ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଆତଙ୍କବାଦ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ କୁଶପତ୍ତଳିକା ଦାହ କରାଯାଇଥିଲା । ସୁଭାଷ ଚନ୍ଦ୍ର ବୋଷ କଲେଜରେ ଅଧ୍ୟକ୍ଷ ହରିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଶୋକ ସଭା ହୋଇଥିଲା। ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀମାନେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଗୋଲବଜାର ନିକଟସ୍ଥ ସୋସିଆଲ ଷ୍ଟାର କ୍ଲବ ସମ୍ମୁଖରେ ସହରର ବିଭିନ୍ନ ଅଞ୍ଚଳରୁ ନାଗରୀକମାନେ ସାମିଲ ହୋଇ ନୀରବ ପ୍ରାର୍ଥନା କରି ମହମବତି ଜାଳିଥିଲେ । ମହାନଦୀ କୋଇଲା କମ୍ପାନୀ ମୁଖ୍ୟାଳୟଠାରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆରଆର ମିଶ୍ର ଶହୀଦଙ୍କୁ ପୁଷ୍ପ ଅର୍ପଣ କରିଥିଲେ । ଏଥିରେ ନିର୍ଦ୍ଦେଶକ ଜେ.ପି. ସିଂ, ଏଲଏନ ମିଶ୍ର, ମୁନୱର ଖୁର୍ସିଦ, କେଆର ବାସୁଦେୱନ ପ୍ରମୁଖ ସାମିଲ ଥିଲେ । ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ରଘୁନାଥ ମିଶ୍ରଙ୍କ ପରିଚାଳନାରେ ଶୋକସଭା ହୋଇଥିଲା ।



ବଜରଙ୍ଗ ଦଳ କର୍ମୀମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଫଟୋଚିତ୍ରରେ ନିଆଁ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ମନ୍ତ୍ରୀସ୍ତରୀୟ କମିଟିକୁ ସବୁଜପତ୍ରିକାଧାରୀଙ୍କ ସ୍ମାରକପତ୍ର

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ରାଜ୍ୟ ସରକାରଙ୍କ ମନ୍ତ୍ରୀସ୍ତରୀୟ କମିଟିଙ୍କୁ ଭେଟି ନିଜର ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ଏବଂ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ସବୁଜ ପତ୍ରିକାଧାରୀମାନଙ୍କୁ ୮ ଡିସିମିଲ ଘରଡିହ, ସ୍ଥାୟୀ ବାସଗୃହ, ମାସିକ ହଜାରେ ଟଙ୍କା ପେନ୍ସନ୍, ଭତ୍ତା ଓ ବୀମା, ସନ୍ତାନସନ୍ତତିଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ୧୦ ପ୍ରତିଶତ ସଂରକ୍ଷଣ ଏବଂ ସରକାରୀ କର୍ମଚାରୀଙ୍କୁ ଇନକ୍ରିମେଣ୍ଟ ଭଳି ଦାବି ସଙ୍ଗଠନ ପକ୍ଷରୁ ଉପସ୍ଥାପନ କରାଯାଇଛି। ଗତ ୧୨'ରେ ଉପରୋକ୍ତ ଦାବି ନେଇ ସଙ୍ଗଠନ ପକ୍ଷରୁ ରାଜଧାନୀର ଲୋୟର ପିଏମ୍ଜିରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହା ପରେ ମନ୍ତ୍ରୀସ୍ତରୀୟ କମିଟି ଜରିଆରେ ସମାଧାନର ରାସ୍ତା ବାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସଙ୍ଗଠନ ସଭାପତି ସୁର ଜେନା କହିଛନ୍ତି।

## ବାହାର ପ୍ରାର୍ଥୀଙ୍କୁ ସମର୍ଥନ କରିବୁ ନାହିଁ

**ସମ୍ବଲପୁର,୧୫।୨ (ବ୍ୟୁରୋ)**

ଆଗାମୀ ସାଧାରଣ ନିର୍ବାଚନରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି । ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପାଇଁ ଯଦି ବାହାର ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଏ ଆମେ ସମର୍ଥନ କରିବୁ ନାହିଁ ବୋଲି କେତେକ କଂଗ୍ରେସ ନେତା କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର କଂଗ୍ରେସ ଭବନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଯୁବନେତା ସଞ୍ଜୟ ଛୁରିଆ, ତ୍ରିଲୋଚନ ମହାନନ୍ଦ ଭେଟିଥିଲେ। ସେମାନେ କହିଛନ୍ତି ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଏସ୍ସି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ନିର୍ବାଚନ ମଣ୍ଡଳୀରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏସ୍ସି ଭୋଟର ରହିଛନ୍ତି । ପୂର୍ବରୁ ଗ୍ରାମାଞ୍ଚଳରେ ଗଣ୍ଡା ସମାଜକୁ ନେଇ ଅନେକ ବୈଠକ ଅନୁଷ୍ଠିତ ହୋଇଛି। ସେଥିରେ ମଧ୍ୟ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ଟିକେଟ ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଫଳରେ ପ୍ରାର୍ଥୀ ଏମିତି ହେବା ଉଚିତ୍ ଲୋକଙ୍କ ସୁବିଧା ଅସୁବିଧା ବୁଝି ପାରିବ ଓ ନିର୍ବାଚନରେ ବିଜୟୀ ହେବାର ଆଶା ଦିଶୁଛି । ହେଲେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୧୦ ଜଣ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ନାମ ଜିଲା କଂଗ୍ରେସ ସୁପାରିସ କରି ଚୟନ କମିଟି ପିସିସି ପାଖକୁ ପଠାଇଛି ।



କଂଗ୍ରେସ ଆଶାୟୀ ପ୍ରାର୍ଥୀମାନେ ପିସିସି ସଭାପତିଙ୍କୁ ଦାବି ପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ।

### ଉତ୍ସବ ପ୍ରଧାନପାଟ ଉଦ୍ଯାପିତ

## ଲୋକନୃତ୍ୟରେ ଦୁଲୁକିଲା ମୁକ୍ତାକାଶ ମଞ୍ଚ

**ଦେବଗଡ଼,୧୫।୨ (ସ୍ୱ.ପ୍ର)**

ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ୫ଦିନ ଦିନ ଧରି ଚାଲିଥିବା ୧୯ତମ ଉତ୍ସବ ପ୍ରଧାନପାଟ-୨୦୧୯ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ, ସମ୍ମାନୀତ ଅତିଥି ଏଡିଏମ ଧରମ ହାଁସଦା, ପିଡି ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଡିଆଇପିଆରଓ ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲୀପ କୁମାର ଗୁରୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଉଦଘୋଷକ ଭାବେ ଜନ୍ମାଜୟ ନାୟକ, ବଂଶୀଧର ସାହୁ, ବିଦେଶୀ ସାହୁ, ବିଦ୍ୟୁତପ୍ରଭା ଦେହୁରୀ, ସୁନିସ୍ମିତା ପାଢୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଅନ୍ତିମ ଦିନରେ ମୀନା ବଜାର, କୃଷି ମହୋତ୍ସବ, ଉଦ୍ୟାନ ବିଭାଗ ତରଫରୁ ଫଳପୁଷ୍ପ ଓ ପନିପରିବା ପ୍ରଦର୍ଶନୀ, ଉନ୍ନୟନ ପ୍ରଦର୍ଶନୀ, ଓରମାସ ପଲ୍ଲିଶ୍ରୀ ମେଳା, ଫୁଡପ୍ଲାଜା, ପୁସ୍ତକ ମେଳା ଆଦି ବିଭିନ୍ନ ଷ୍ଟଲ ମାନଙ୍କରେ ପ୍ରବଳ ଭିଡ ଜମିଥିଲା । ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ଶିକ୍ଷାବିତ୍ ପ୍ରଫେସର ଡ.ସଦାଶିବ ପ୍ରଧାନ, କୃଷି ପାଇଁ ଗୋସାଇଁ ମିଞ୍ଜ, ଜାତୀୟ ସ୍ତରରେ କବାଡି ଖେଳରେ ପୁଷ୍ପାଞ୍ଜଳି ପାତ୍ର, ଚଳଚ୍ଚିତ୍ର, ନାଟକ ପାଇଁ ପ୍ରେମାନନ୍ଦ ମାଝି ଓ ସର୍ଗତ ଗିରିଧାରି ନନ୍ଦଙ୍କୁ ମରଣୋତ୍ତରଭାବେ ସମ୍ମାନ ତାଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା।



ଉଦ୍ଯାପନୀ ସନ୍ଧ୍ୟାରେ କଳାକାରଙ୍କ ନୃତ୍ୟ ପରିବେଷଣ।



ପରିବେଶିତ ସାଂସ୍କୃତି କାର୍ଯ୍ୟକ୍ରମ।

### ବଜରଙ୍ଗ କ୍ରିକେଟ କପ୍

## ତାରିଣୀ କ୍ଲବ ବିଜୟୀ

**ଦେବଗଡ,୧୫।୨ (ସ୍ୱ.ପ୍ର)**

ଦେବଗଡ ପୌରାଞ୍ଚଳ ମହୁଲଢିପା ସାହିସ୍ଥିତ ନାଳପଡିଆଠାରେ ଚାଲିଥିବା ନବମ ସର୍ବ ଭାରତୀୟ ବଜରଙ୍ଗ୍ କ୍ରିକେଟ କପ୍ର ଶୁକ୍ରବାର ଦ୍ୱିତୀୟ ଦିନରେ ଅନୁଗୋଳର ଲୁଟୁ ୱାରିଅର୍ ଏବଂ ମା ତାରିଣୀ କ୍ରିକେଟ କ୍ଲବ (ଆଇଆରବିଏନ୍)ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ତାରିଣୀ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ଉଇକେଟ ବିନିମୟରେ ୧୯୨ ରନ ସଂଗ୍ରହ କରିଥିଲା । ଦଳର ସୌଭାଗ୍ୟ ରାଉତ ୧୩ ବଲରେ ଧୁଆଁଧାର ୪୮ ରନ ସଂଗ୍ରହ କରିଥିବାବେଳେ ରୋହିତ ଯାଦବ ୧୮ ବଲରେ ୪୧ ରନ କରିଥିଲେ। ଯବାବରେ ଅନୁଗୋଳର ଲୁଟୁ ୱାରିଅର ମାତ୍ର ୫୪ ରନ୍ ସଂଗ୍ରହ କରି ଶୋଚନୀୟଭାବେ ପରାଜୟ ବରଣ କରିଥିଲା । ଆଇଆରବିଏନ୍ର ଅଜିତ ମହାରଣା ୪ଓଭରରେ ୧୧ ରନ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଖେଳକୁ ମହେଶ ମୁନ୍ସୀଏବଂ ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିବାବେଳେ ଦୀପକ ଶତପଥୀ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ । ସେହିପରି ବେଣୁଧର ଗଡନାୟକ ଏବଂ ପ୍ରୀତମ ବେହେରା ଧାରା ବିବରିଣୀ ପ୍ରଦାନ କରିଥିଲେ । ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ କ୍ଲବର ସମ୍ପାଦକ ଟିକେଶ୍ୱର ଗୁରୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ । ଏହି ଅବସରରେ ଭେଟେରାନ ଫୁଟବଲ ଖେଳାଳି ପ୍ରମୋଦ କୁମାର ମିଶ୍ରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମା'ତାରିଣୀ କ୍ରିକେଟ କ୍ଲବ ଆଇଆରବିଏନ୍ର ଅଜିତ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।




ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

ଧରିତ୍ରୀ
DHARITRI
ଶନିବାର, ୧୬ ଫେବୃୟାରୀ, ୨୦୧୯



“ ଜୈଶ-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାର ଏବଂ ହଫିଜ ସୟିଦଙ୍କୁ ଓସାମା ବିନ୍ ଲାଡେନ ଭଳି ଦଣ୍ଡ ମିଳିବା ଉଚିତ।

-ଯୋଗଗୁରୁ ରାମଦେବ



## ସଂକ୍ଷେପରେ

### କଶ୍ମୀରରେ ୧୭୦ ଆତଙ୍କବାଦୀ

**ନୂଆଦିଲ୍ଲୀ,୧୫।୨:** ଦକ୍ଷିଣାଞ୍ଚଳ କଶ୍ମୀରରେ ବର୍ତ୍ତମାନ ୧୭୦ ଆତଙ୍କବାଦୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ରୁ ୪୦ ପାକିସ୍ତାନୀ ରହିଥିବା ଜଣାପଡ଼ିଛି। ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ଯାଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଗୋଇନ୍ଦା ସଂସ୍ଥା ଆଇବି ଏବଂ ର'ର ଅଧିକାରୀମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ସେମାନଙ୍କୁ ନିପାତ କରିବା ପାଇଁ ଅପରେଶନ ଅଲ୍ଆଉଟ୍ ନିଷ୍ପତ୍ତି ନିଆଯାଇଛି।

### ଏନ୍ଏସ୍ଜି, ଏନ୍ଆଇଏ ଟିମ୍‌ର ଜମ୍ମୁ କଶ୍ମୀର ଗସ୍ତ

**ନୂଆଦିଲ୍ଲୀ,୧୫।୨:** ପୁଲଓ୍ୱାମାରେ ଘଟିଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣାର ତଦନ୍ତରେ ସହଯୋଗ କରିବାକୁ ଆତଙ୍କବାଦୀ ନିରୋଧୀ କମାଣ୍ଡୋ ଫୋର୍ସ ଜାତୀୟ ସୁରକ୍ଷା ଗାର୍ଡ (ଏନ୍ଏସ୍ଜି) ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ଟିମ୍ ଜମ୍ମୁ କଶ୍ମୀର ଗସ୍ତ କରିଛି। ଏଥିରେ ଫୋରେନ୍ସିକ୍ ଏକ୍ସପର୍ଟ ରହିଛନ୍ତି। ଜମ୍ମୁ କଶ୍ମୀର ପୋଲିସଙ୍କ ସହ ସେମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ। ଏନ୍ଏସ୍ଜି ବ୍ଲାକ୍ କ୍ୟାଟ୍ କମାଣ୍ଡୋର ଏକ ବିସ୍ଫୋରକ ଦଳ ମଧ୍ୟ ତଦନ୍ତ ବେଳେ ଉପସ୍ଥିତ ରହିବେ।

### ‘ଦେଶସେବା ପାଇଁ ଅନ୍ୟ ପୁଅକୁ ବି ପଠାଇବି’

**ପାଟନା,୧୫।୨:** ପୁଲ୍ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିହାର ଭାଗଲପୁରର ରତନ ଠାକୁର। ସେ ଶହୀଦ୍ ହେବା ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରତନଙ୍କ ପିତା ପୁଅ ଶହୀଦ୍ ହୋଇଥିବା ଖବର ପାଇ ଆଖିର ଲୁହ ଗାମୁଛାରେ ପୋଛି କହିଛନ୍ତି, ‘‘ମାଟି ମା’ ପାଇଁ ମୋ ପୁଅ ଶହୀଦ୍ ହୋଇଛି। ମୋର ଅନ୍ୟ ପୁଅକୁ ମଧ ଦେଶ ସେବା ଲାଗି ପଠାଇବାକୁ ପ୍ରସ୍ତୁତ ଅଛି।’’ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାଲାଗି ସେ ସରକାରଙ୍କୁ ଏହି ଅନୁରୋଧ କରିଛନ୍ତି।

### ଭୂପେନଙ୍କ ପୁଅ ଗ୍ରହଣ କରିବେ ଭାରତ ରତ୍ନ



**ନୂଆଦିଲ୍ଲୀ,୧୫।୨(ଆଇଏଏନ୍ଏସ୍):** ଅହମିୟା ଗାୟକ ତଥା ସଂଗୀତକାର ଭୂପେନ ହଜାରିକାଙ୍କ ତରଫରୁ ତାଙ୍କ ପୁତ୍ର ତେଜ୍ ହଜାରିକା ଭାରତ ରତ୍ନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ଏକ ସମ୍ମାନଜନକ ପୁରସ୍କାର ଗ୍ରହଣ କରିବା ତାଙ୍କ ପାଇଁ ସ୍ୱପ୍ନ ବାସ୍ତବରେ ପରିଣତ ହେବାଭଳି ଲାଗିବ ବୋଲି ତେଜ୍ ସରକାରଙ୍କୁ ଯୋଗାଯୋଗ କରିବା ଅବସରରେ ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗ ଉପରେ ଫେବୃୟାରୀ ୧୧ରେ ସେ ଯେଉଁ ବିବୃତି ଦେଇଥିଲେ ତାହା ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ।

## ■ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ ପ୍ରସଙ୍ଗ

# ଭାରତର ପ୍ରସ୍ତାବକୁ ଚାଇନାର ନା

**ବେଜିଂ/ଇସ୍ଲାମାବାଦ/ୱାଶିଂଟନ, ୧୫।୨(ପି.ଟି.)**

ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ଘଟଣାକୁ ସାରା ବିଶ୍ୱ ନିନ୍ଦା କରିଛି। ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ସଂଗଠନର ଆତ୍ମଘାତୀ ବିସ୍ଫୋରଣରେ ୪୦ ସିଆରପିଏଫ୍ ଯବାନ ଶହୀଦ ଘଟଣାରେ ଚାଇନା ମର୍ମାହତ ବୋଲି କହିଛି। ତେବେ ଏହି ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ମୌଲାନା ମାସୁଦ ଆଝାରଙ୍କୁ ଜାତିସଂଘର ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଭାରତର ଆବେଦନ ଉପରେ ବେଜିଂ ସମ୍ମତି ପ୍ରକାଶ କରିନାହିଁ। ଆକ୍ରମଣରେ ଶହୀଦମାନଙ୍କ ଲାଗି ଚାଇନା ଗଭୀର ଶୋକବ୍ୟକ୍ତ କରିବା ସହ ଆହତ ଓ ମୃତକଙ୍କ ପରିବାର ଲାଗି ସମବେଦନା ଜଣାଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ ଶୁଆଙ୍ଗ କହିଛନ୍ତି। ଆତଙ୍କବାଦ ଦୂର କରିବା ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ବଜାୟ ଲାଗି ସ୍ଥାନୀୟ ଦେଶଗୁଡ଼ିକ ସହଯୋଗ କରିବାକୁ ଚାଇନା ଆଶାବ୍ୟକ୍ତ କରିଛି। ଜାତିସଂଘ ନିରାପତ୍ତା ପରିଷଦ କଟକଣା ତାଲିକାରେ ଜେଇଏମ୍ ରହିଛି। ତେବେ ଏହାର ନେତାଙ୍କ ଉପରେ କଟକଣା ପ୍ରସ୍ତାବ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ନ ଦେଇ ଚାଇନା ଉକ୍ତ ପ୍ରସଙ୍ଗକୁ ଗଠନମୂଳକ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳନା କରିବ ବୋଲି ଗେଙ୍ଗ୍ କହିଥିଲେ। ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରାଗଲେ ତାଙ୍କର ଅନ୍ୟ ଦେଶକୁ ଗସ୍ତ ନିଷିଦ୍ଧ ହେବା ସହ ସମ୍ପତ୍ତି ବାଜ୍ୟାପ୍ତ ହେବ। ଭାରତର ବାରମ୍ବାର ଦାବି ସତ୍ତ୍ୱେ ପାକିସ୍ତାନର ବନ୍ଧୁ ରାଷ୍ଟ୍ର ଚାଇନା ଉକ୍ତ ପ୍ରସ୍ତାବକୁ ବିରୋଧ କରିଆସୁଛି।



ନୂଆଦିଲ୍ଲୀର ପାଲାମ୍ ବିମାନ ବନ୍ଦରରେ ଶହୀଦ ଯବାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

- ■ ଆମକୁ ଦୋଷ ଦିଅନି: ପାକିସ୍ତାନ
- ■ ଆକ୍ରମଣ ପଛରେ ଆଇଏସ୍ଆଇର ହାତ: ଆମେରିକା ବିଶେଷଜ୍ଞ
- ■ ଆତଙ୍କବାଦୀଙ୍କୁ ସହାୟତା ବନ୍ଦକରୁ ଇସ୍ଲାମାବାଦ



ମାସୁଦ ଆଝାର

ପୁଲଓ୍ୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣକୁ ପାକିସ୍ତାନ ନିନ୍ଦା କରିଛି। ତେବେ ଭାରତ ବିନା ତଦନ୍ତରେ ଇସ୍ଲାମାବାଦକୁ ଏହି ଆକ୍ରମଣ ସହ ଯୋଡୁଥିବାରୁ ପାକିସ୍ତାନ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଆକ୍ରମଣ ପାଇଁ ଆମକୁ ଦୋଷ ଦିଅନି ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଜେଇଏମ୍‌ର ଏହି ଆକ୍ରମଣ ପାଇଁ ଭାରତ ପକ୍ଷରୁ ପାକିସ୍ତାନକୁ ଦାୟୀ କରାଯାଇଥିଲା। ନିଜ ମାଟିରେ ଆତଙ୍କବାଦୀଙ୍କୁ ସହାୟତା ବନ୍ଦ କରିବା ସହ ଆତଙ୍କବାଦର ଭିତ୍ତିଭୂମିକୁ ଧ୍ୱଂସ କରିବା ଲାଗି ଇସ୍ଲାମାବାଦକୁ ଭାରତ ଆହ୍ୱାନ ଦେଇଥିଲା।

ପୁଲଓ୍ୱାମା ଆକ୍ରମଣ ପରେ ଆମେରିକା ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛି। ସମସ୍ତ ଆତଙ୍କବାଦୀ ସଙ୍ଗଠନକୁ ଇସ୍ଲାମାବାଦ ତୁରନ୍ତ ସହାୟତା ଓ ଆଶ୍ରୟ ଦେବା ବନ୍ଦ କରୁ ବୋଲି ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି। ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣରେ ୪୦ ଯବାନ ଶହୀଦ ହେବା ଘଟଣାକୁ ଆମେରିକା ଦୃଢ଼ ନିନ୍ଦା କରିଛି। ଆକ୍ରମଣ ପାଇଁ ଜେଇଏମ୍ ନିଜକୁ ଦାୟୀ କରିଥିବାବେଳେ ଏହା ପଛରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ଭୂମିକା ଥିବା ଆମେରିକାର ବିଶେଷଜ୍ଞମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଦକ୍ଷିଣ ଏସିଆ ପାଇଁ ଥିବା ଆମେରିକା ବିଶେଷଜ୍ଞ ବ୍ରୁସ୍ ରିଡେଲ କହିଛନ୍ତି, ଜେଇଏମ୍ ନିଜକୁ ଦାୟୀ କରିବା ଏହାର ମାଷ୍ଟର ମାଇଣ୍ଡଙ୍କୁ ଆଇଏସ୍ଆଇ ସହାୟତା କରିଥିବା ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାକିସ୍ତାନରୁ ଏହି ଆକ୍ରମଣ ଯୋଜନା ହୋଇଥିବାରୁ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପାଇଁ ଏହା ପ୍ରଥମ ବଡ଼ ଚ୍ୟାଲେଞ୍ଜ ବୋଲି ରିଡେଲ୍ ମତ ଦେଇଛନ୍ତି। କଶ୍ମୀରରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ କେତେ ସକ୍ରିୟ ରହିଛି ତାହା ଏହି ଆକ୍ରମଣରୁ ସ୍ପଷ୍ଟ ହୋଇଥିବା ପୂର୍ବତନ ଜାତୀୟ ସୁରକ୍ଷା ପରିଷଦ ଅଧିକାରୀ ଅନିଶ୍ ଗୋଏଲ କହିଛନ୍ତି। ଆତଙ୍କବାଦ ସଂଗଠନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଅଧିକ ଚାପ ପଡ଼ିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ଆତଙ୍କବାଦୀ ଆକ୍ରମଣକୁ ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ସୌଦି ଆରବ, ଶ୍ରୀଲଙ୍କା ଓ ବାଂଲାଦେଶ ସମେତ ସାରା ବିଶ୍ୱ ନିନ୍ଦା କରିଛି। ଆକ୍ରମଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିଛନ୍ତି। ଆକ୍ରମଣକୁ ଅଷ୍ଟ୍ରେଲିଆ ନିନ୍ଦା କରିଛି। ଆମର ଭାବନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରହିଛି ବୋଲି ଅଷ୍ଟ୍ରେଲିଆ ପ୍ରତିପକ୍ଷ ସ୍କଟ୍ ମୋରିସନ୍ ଟୁଇଟ୍ କରିଛନ୍ତି। ଆତଙ୍କବାଦ ନିରୋଧୀ ଲଢ଼େଇରେ ସୌଦି ଆରବ ଭାରତ ସହ ରହିଥିବା କହିଛି।

## ଅନ୍ତର୍ଜାତୀୟ ଆତଙ୍କବାଦ ସଂକ୍ରାନ୍ତରେ ତୁରନ୍ତ ସମ୍ମିଳନୀ ଡାକିବ ଭାରତ

**ନୂଆଦିଲ୍ଲୀ,୧୫।୨(ପି.ଟି)**

ଅନ୍ତର୍ଜାତୀୟ ଆତଙ୍କବାଦ ବିଲୋପ ପାଇଁ ୧୯୮୬ଠାରୁ ଏକ ଚିଠାପ୍ରସ୍ତାବ ଏ ଯାଏ ଜାତିସଂଘରେ ଗୃହୀତ ହୋଇପାରି ନାହିଁ। ଏ ସଂକ୍ରାନ୍ତରେ ତୁରନ୍ତ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଡାକିବା ପାଇଁ ଭାରତ ଅନ୍ତର୍ଜାତୀୟ ସମୁଦାୟ ଉପରେ ଚାପ ପକାଇବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ଶୁକ୍ରବାର ସୂଚନା ଦେଇଛନ୍ତି। ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ ପରେ ଖବରଦାତାଙ୍କୁ ଜେଟ୍ଲୀ କହିଲେ, ୧୯୮୬ରେ ଭାରତ ଅନ୍ତର୍ଜାତୀୟ ଆତଙ୍କବାଦ ସଂକ୍ରାନ୍ତରେ ଏକ ଚିଠା ପ୍ରସ୍ତାବ ଜାତିସଂଘରେ ଦାଖଲ କରିଥିଲା। ଯା ମଧ୍ୟରେ ଦୀର୍ଘ ୩୩ବର୍ଷ ଅତିକ୍ରାନ୍ତ କରିଗଲାଣି। କିନ୍ତୁ ଆତଙ୍କବାଦ ସଂଜ୍ଞା ନିରୂପଣ କ୍ଷେତ୍ରରେ ବିଭିନ୍ନ ଦେଶ ମଧ୍ୟରେ ଦେଖାଦେଇଥିବା ଅସହମତି କାରଣରୁ ଏହା ଗୃହୀତ ହୋଇପାରି ନାହିଁ। ଏଥିପାଇଁ ଭାରତ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସବୁ ଦେଶ ସହିତ ପରାମର୍ଶ କରିବ ଏବଂ ଏହାକୁ ଯେପରି ତୁରନ୍ତ ଲାଗୁ କରାଯାଏ ସେଥିପ୍ରତି ଯତ୍ନବାନ ହେବ। ସବୁ ପ୍ରକାର ଅନ୍ତର୍ଜାତୀୟ ଆତଙ୍କବାଦକୁ ଅପରାଧଭୁକ୍ତ କରିବା ଏବଂ ଆତଙ୍କବାଦୀଙ୍କୁ କୌଣସି ଦେଶ ନିଜ ମାଟିରେ ପ୍ରଶ୍ରୟ ନ ଦେବା ଓ ଅର୍ଥ ନ ଯୋଗାଇବାକୁ ଏଥିରେ ପ୍ରସ୍ତାବ ରହିଛି।

## ପାକିସ୍ତାନକୁ ଏମ୍ଏଫ୍ଏନ୍ ମାନ୍ୟତା ରଦ୍ଦ



ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ସିସିଏସ୍ ବୈଠକ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଜଣାଉଛନ୍ତି।

**ନୂଆଦିଲ୍ଲୀ,୧୫।୨(ପି.ଟି)**

ପୁଲ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଶୁକ୍ରବାର ପାକିସ୍ତାନଠୁ ଏମ୍ଏଫ୍ଏନ୍ (ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର)ମାନ୍ୟତା ପ୍ରତ୍ୟାହାର କରିନେଇଛି। ଏହାଦ୍ୱାରା ପଡୋଶୀ ରାଷ୍ଟ୍ର ପାକିସ୍ତାନ ଭାରତକୁ ବାର୍ଷିକ ୪୮୮.୫ ନିୟୁତ ଡଲାର ମୂଲ୍ୟର ଯେଉଁ ସାମଗ୍ରୀ ରପ୍ତାନି କରୁଥିଲା ତାହା ପ୍ରଭାବିତ ହେବ। ଏହି ମାନ୍ୟତା ପ୍ରତ୍ୟାହାର ହୋଇଯିବାର ଫଳ ସ୍ୱରୂପ ପାକିସ୍ତାନରୁ ଆମଦାନୀ ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ଭାରତ ସୀମାଶୁଳ୍କ ବୃଦ୍ଧି କରିପାରିବ। ପାକିସ୍ତାନରୁ ଭାରତକୁ ଆମଦାନୀ ହେଉଥିବା ସାମଗ୍ରୀ ମଧ୍ୟରେ ତଟକା ଫଳ, ସିମେଣ୍ଟ, ପେଟ୍ରୋଲିୟମ ଜାତ ସାମଗ୍ରୀ, ଖଣିଜଦ୍ରବ୍ୟ ଓ ଧାତୁପିଣ୍ଡ ଏବଂ ଚମଡାଜାତ ସାମଗ୍ରୀ ଅନ୍ୟତମ। ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ପାକିସ୍ତାନଠୁ ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର ମାନ୍ୟତା ପ୍ରତ୍ୟାହାର ହୋଇଥିବା ଜଣାଇ ଦେଇଥିଲେ। ୧୯୯୬ରେ ଭାରତ ପାକିସ୍ତାନକୁ ଏହି ମାନ୍ୟତା ପ୍ରଦାନ କରିଥିଲେ ହେଁ ପାକିସ୍ତାନର ଭାରତ ବିରୋଧୀ ଆଭିମୁଖ୍ୟରେ କୌଣସି ସୁଧାର ନ ଆସିବାରୁ ଶେଷରେ ଭାରତ ଏହି ନିଷ୍ପତ୍ତି ନେଇଛି।

## ବିରୋଧୀ ଦଳ ସରକାରଙ୍କ ପଛରେ ରହିଛି: ରାହୁଲ

**ନୂଆଦିଲ୍ଲୀ,୧୫।୨(ପି.ଟି.):** ଆତଙ୍କବାଦୀମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରିଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ଦଳ ସମେତ ସମସ୍ତ ବିରୋଧୀ ଦଳ ସେନାବାହିନୀ ଏବଂ ସରକାରଙ୍କ ପଛରେ ଛିଡ଼ାହୋଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ସ୍ନେହ ଓ ପ୍ରେମରେ ଭାରତ ନିର୍ମାଣ ହୋଇଛି। ଘୃଣା କିମ୍ବା କ୍ରୋଧ ଏହାର କୌଣସି କ୍ଷତି କରିପାରିବ ନାହିଁ ବୋଲି ରାହୁଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଏବଂ ଏ.କେ. ଆଣ୍ଟୋନି ଉପସ୍ଥିତ ଥିଲେ। ଯବାନମାନଙ୍କ ପ୍ରତି ଏଭଳି ହିଂସା ଅତ୍ୟନ୍ତ ଦୁଃଖଦାୟକ ଏବଂ ଘୃଣ୍ୟ କାର୍ଯ୍ୟ। ଦେଶ ଏହାକୁ କଦାପି ଭୁଲିବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ପୁଲଓ୍ୱାମା ଆକ୍ରମଣକୁ ନିନ୍ଦା କରି ମନମୋହନ କହିଛନ୍ତି ଆତଙ୍କବାଦ ଶକ୍ତି ସହ ଭାରତ କଦାପି ସାଲିସ୍ କରିବ ନାହିଁ।



## ଆତଙ୍କବାଦୀଙ୍କୁ ଦମନ ପାଇଁ ସେନାକୁ ପୂର୍ଣ୍ଣ ସ୍ୱାଧୀନତା

**ଶ୍ରୀନଗର:** ପୁଲ୍ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଜମ୍ମୁ କଶ୍ମୀରରେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେନାଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ସମୟ, ସ୍ଥାନ ନିର୍ଣ୍ଣୟ କରିବାକୁ ସେନାଙ୍କୁ କହିଛନ୍ତି। ସୀମା ପାର୍ ଗୁଳିବର୍ଷଣର ତତ୍କ୍ଷଣାତ୍ ଜବାବ ଦେବାକୁ ସ୍ପଷ୍ଟ କରିଛନ୍ତି। ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ପାକିସ୍ତାନ ଆତଙ୍କବାଦୀଙ୍କ ସହାୟତାରେ ଜମ୍ମୁ କଶ୍ମୀରରେ ହିଂସା, ଅରାଜକତା ସୃଷ୍ଟି କରିବାକୁ ଚାହୁଁଛି। ତେବେ ଭାରତୀୟ ସେନା ଓ ସୁରକ୍ଷା ଯବାନଙ୍କ ଆତଙ୍କବାଦୀ ନିରୋଧୀ ଅପରେଶନକୁ ସଫଳତା ମିଳିଛି। ପାକିସ୍ତାନ ସେନା ଓ ସେଠାରେ ପାଳିତ ଆତଙ୍କବାଦୀ ମୁଖିଆଙ୍କ ମନୋବଳକୁ ଏହା ଶକ୍ତ ଆଘାତ ଦେଇଛି। ଏଥିରେ ନିରାଶ ହୋଇ ପାକିସ୍ତାନ ପକ୍ଷରୁ ପୁଲଓ୍ୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆତ୍ମଘାତୀ ବିସ୍ଫୋରଣ କରାଯାଇଛି ବୋଲି ମୋଦି କହିଛନ୍ତି।

## ବିଶ୍ୱସ୍ତରରେ ନିନ୍ଦା

**ନୂଆଦିଲ୍ଲୀ,୧୫।୨**

ଜମ୍ମୁ କଶ୍ମୀର ପୁଲ୍ୱାମାରେ ସୁରକ୍ଷା ଯବାନଙ୍କ ଗାଡ଼ି ଉପରକୁ ହୋଇଥିବା ଆତ୍ମଘାତୀ ଆକ୍ରମଣକୁ ବିଶ୍ୱସ୍ତରରେ ନିନ୍ଦା କରାଯାଇଛି। ପାକିସ୍ତାନରେ ଏକାଧିକ ଆତଙ୍କବାଦୀ ଶିବିର ରହିଛି। ସେମାନଙ୍କୁ ସେଠାକାର ସେନା ସୁରକ୍ଷା ଯୋଗାଇ ଦେଉଥିବାବେଳେ ଆତଙ୍କବାଦୀ ସଙ୍ଗଠନର ମୁଖିଆମାନଙ୍କୁ ପାକିସ୍ତାନ ସମର୍ଥନ ଦେଇଆସୁଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପ୍ରତି କୋହଳ ନ ହୋଇ କଠୋର ହେବାକୁ ଟ୍ରମ୍ପ୍ ପାକିସ୍ତାନ ସରକାରଙ୍କୁ ପୁଣି ଥରେ ଚେତାଇ ଦେଇଛନ୍ତି। ଅନ୍ୟପଟେ, ଏହି ଆକ୍ରମଣ ଭାରତ ଓ ଆମେରିକାର ଆତଙ୍କବାଦୀ ନିରୋଧୀ ମିଳିତ ଅଭିଯାନକୁ ଅଧିକ ସଶକ୍ତ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆଫଗାନିସ୍ତାନ ରାଷ୍ଟ୍ରପତି ଆଶ୍ରଫ ଘାନୀ, ସୌଦି ଆରବ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, କାନାଡ଼ା ପକ୍ଷରୁ ପାକିସ୍ତାନ ମାଟିରୁ ହେଉଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ବିରୋଧ କରାଯାଇଛି।

## ଇତିହାସର ଆଇନାରେ

### ଫେବୃୟାରୀ ୧୬ର ପ୍ରମୁଖ ଘଟଣା

୨୦୦୦ ଫେବୃୟାରୀ ୧୬ରେ କାଲିଫର୍ନିଆର ସାକ୍ରାମେଣ୍ଟୋ ମାଥର ଏୟାରପୋର୍ଟରୁ ଉଡାଣ କରିବାର ମାତ୍ର କିଛି ସମୟ ମଧ୍ୟରେ ଏମ୍ରି ୱାର୍ଲଡୱାଇଡ୍ ଫ୍ଲାଇଟ୍ ୧୭ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିଯୋଗୁ ସମସ୍ତ ୩ କ୍ରିଉ ସଦସ୍ୟ ପ୍ରାଣ ହରାଇଥିଲେ। ସାକ୍ରାମେଣ୍ଟୋ ବ୍ୟବସାୟିକ ଜିଲାର ପୂର୍ବକୁ ୧୯କିଲୋମିଟର ଦୂରରେ ମାଥର ଏୟାରପୋର୍ଟ ଅବସ୍ଥିତ।

୨୦୧୩ ଫେବୃୟାରୀ ୧୬ରେ ପାକିସ୍ତାନର କ୍ୱେଟାସ୍ଥିତ ହାଜ୍‌ରା ଟାଉନରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୂନ ୮୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯୦ ଆହତ ହୋଇଥିଲେ। ହାଜ୍‌ରା ସହର ହେଉଛି ଏକ ମଧ୍ୟମ ଆୟକାରୀ ଅଞ୍ଚଳ। କ୍ୱେଟାର ପଶ୍ଚିମ ଭାଗରେ ଏହା ଅବସ୍ଥିତ। ଏହାର ଲୋକସଂଖ୍ୟା ୭,୫୦,୦୦୦। ତନ୍ମଧ୍ୟରେ ଦୁଇ ତୃତୀୟାଂଶ ହାଜରା ଗୋଷ୍ଠୀର ହୋଇଥିବା ବେଳେ ଅବଶିଷ୍ଟ ହେଉଛନ୍ତି ପାସ୍ତୁନ ଏବଂ ବାଲୋଚ ସମ୍ପ୍ରଦାୟର।



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳେ କୁହୁଡି ହେବା ସହିତ ଆକାଶ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୫.୧ |
| ଚାନ୍ଦବାଲି | ୩୨.୯ | ୧୬.୪ |
| କଟକ | ୩୩.୮ | ୧୬.୮ |
| ପାରାଦ୍ୱୀପ | ୨୯.୫ | ୧୭.୦ |
| ଭୁବନେଶ୍ୱର | ୩୪.୦ | ୧୯.୦ |
| ଗୋପାଳପୁର | ୨୯.୫ | ୧୮.୦ |
| ପୁରୀ | ୨୮.୪ | ୧୮.୪ |
| ଅନୁଗୋଳ | ୩୪.୧ | ୧୨.୬ |
| ବାରିପଦା | ୩୧.୬ | ୧୪.୪ |
| ଝାରସୁଗୁଡ଼ା | ୩୩.୦ | ୧୬.୦ |
| କେନ୍ଦୁଝର | ୩୨.୧ | ୧୪.୮ |
| ସମ୍ବଲପୁର | ୩୪.୨ | ୧୬.୦ |
| ସୁନ୍ଦରଗଡ଼ | ୨୯.୦ | ୧୩.୦ |
| ହୀରାକୁଦ | ୩୧.୯ | ୧୬.୩ |
| ତାଳଚେର | ୩୪.୧ | ୧୭.୫ |
| ଭବାନୀପାଟଣା | ୩୩.୫ | ୧୭.୦ |
| ବଲାଙ୍ଗୀର | ୩୪.୩ | ୧୪.୫ |
| କୋରାପୁଟ | ୩୨.୬ | ୧୪.୪ |
| ଫୁଲବାଣୀ | --- | ୧୧.୫ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୬.୦ | ୧୪.୫ |
| ସୋନପୁର | ୩୫.୨ | ୧୪.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଫୁର୍‌ସତ

# ବଲିଉଡ୍‌ରେ ୫୦ବର୍ଷ

**ମୁମ୍ବାଇ:** ସୁପରଷ୍ଟାର ଅମିତାଭ୍ ବଚ୍ଚନ ଶୁକ୍ରବାର ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ୫୦ବର୍ଷ ପୂରଣ କରିଛନ୍ତି। ପୁତ୍ର ତଥା ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ମେଗାଷ୍ଟାରଙ୍କ ‘ଜ୍ଞାନ ଓ ଦକ୍ଷତା’କୁ ପ୍ରଶଂସା କରିଛନ୍ତି। ବଲିଉଡରେ ପିତାଙ୍କ ୫୦ବର୍ଷର ଗୌରବମୟ ସମ୍ପୃକ୍ତି ପାଇଁ ଅଭିଷେକ ଇନ୍‌ଷ୍ଟାଗ୍ରାମରେ ଏକ ହୃଦୟଛୁଆଁ ଲେଖା ପୋଷ୍ଟ କରିଛନ୍ତି। ୪୩ ବର୍ଷୀୟ ଏହି ଯୁବ ଅଭିନେତା ସ୍ୱେଟଶାର୍ଟ ପରିଧାନ କରି ଅମିତାଭ୍‌ଙ୍କ ଫଟୋଗ୍ରାଫ୍ ସହିତ ଏକ ଫଟୋଗ୍ରାଫ୍ ଶେୟାର କରି ତା' ତଳେ ଲେଖିଛନ୍ତି ଆପଣଙ୍କ ପ୍ରତିଭା, ବିଚକ୍ଷଣତା ଏବଂ ଅପରିସୀମ ପ୍ରଭାବ ଆମକୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବ। ବର୍ତ୍ତମାନ ଅମିତାଭଙ୍କୁ ୭୬ବର୍ଷ। ୧୯୬୯ ଫେବୃୟାରୀ ୧୫ରେ ସେ ଫିଲ୍ମ ‘ସାତ୍ ହିନ୍ଦୁସ୍ତାନୀ’ରେ ପ୍ରଥମକରି ଅଭିନୟ କରିବା ପାଇଁ ସ୍ୱାକ୍ଷର କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଖ୍ୱାଜା ଅହମ୍ମଦ୍ ଅବ୍ବାସ୍। ଏହାପରେ ‘ଦିବାର’, ‘ମର୍ଦ୍ଦ’, ‘ଶୋଲେ’, ‘ଡନ୍’, ‘କୁଲି’, ‘ସିଲ୍‌ସିଲା’, ‘ଅଗ୍ନିପଥ’ ଏବଂ ‘ପିକୁ’ ଭଳି ଫିଲ୍ମରେ ଅଭିନୟ କରି ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ।




**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

> ଭାରତୀୟ ମହିଳା କ୍ରିକେଟ ଓପନର ସ୍ମୃତି ମନ୍ଧାନା କ୍ରିଜ୍‌ରେ କିପରି ଅଧିକ ସମୟ ତିଷ୍ଠିପାରିବେ, ସେଥିଲାଗି ମୁଁ ଧୈର୍ଯ୍ୟଶକ୍ତି ବୃଦ୍ଧି କରିବାକୁ ଚାହେଁ।
> –ଡବ୍ଲ୍ୟୁ.ଭି. ରମଣ, ଭାରତୀୟ ମହିଳା କ୍ରିକେଟ ଦଳ କୋଚ୍



> ଶ୍ରୀଲଙ୍କା କ୍ରିକେଟ ବୋର୍ଡର ସୁପରିଚାଳନା ପାଇଁ ଏହାର ସମ୍ବିଧାନରେ ପରିବର୍ତ୍ତନ ନେଇ ଖୁବ୍‌ଶୀଘ୍ର ପାର୍ଲାମେଣ୍ଟରେ ମୁଁ ଏକ ବିଲ୍ ଆଗତ କରିବି ବୋଲି ସ୍ଥିର କରିଛି।
> –ହାରିନ୍ ଫର୍ନାଣ୍ଡୋ, ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀ



## ସଂକ୍ଷେପରେ

### ପୁଲୱାମା ଆତଙ୍କବାଦୀ ଆକ୍ରମଣ: କ୍ରିକେଟରଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ,୧୫।୨:** ଜମ୍ମୁ-କଶ୍ମୀର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୪ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଏହାପରେ ପୂରା ଦେଶ ବାସୀଙ୍କ ଭଳି ଭାରତୀୟ କ୍ରିକେଟରମାନେ ମଧ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ସର୍ବଦା ସୋସିଆଲ ମିଡିଆରେ ନିଜ ମନ୍ତବ୍ୟ ରଖୁଥିବା ପୂର୍ବତନ ଓପନର ଗୌତମ ଗମ୍ଭୀର କହିଛନ୍ତି, ପାକିସ୍ତାନ ସହ କଥା ଆରମ୍ଭ କରିବାର ସମୟ ଆସିଯାଇଛି। କିନ୍ତୁ ଏଥର ଟେବୁଲରେ ନୁହେଁ ଯୁଦ୍ଧ କ୍ଷେତ୍ରରେ ସାମ୍ନାସାମ୍ନି ହେବା। ବହୁତ ହେଇ ଗଲା। ଗମ୍ଭୀରଙ୍କ ଭଳି ବୀରେନ୍ଦ୍ର ସେହ୍ୱାଗ ଟୁଇଟର ମାଧମରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସିଆରପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆକ୍ରମଣ ନିହାତି କାପୁରୁଷର ପରିଚୟ। ଏଥିରେ ଆମ ବୀର ଯବାନମାନେ ଶହୀଦ ହୋଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ଆହତ ଯବାନମାନଙ୍କ ଶୀଘ୍ର ସୁସ୍ଥ ଲାଗି ମୁଁ କମନା କରୁଛି ବୋଲି ସେହ୍ୱାଗ ଲେଖିଛନ୍ତି। ଏମାନଙ୍କ ବ୍ୟତୀତ ଭିଭିଏସ ଲକ୍ଷ୍ମଣ, ସୁରେଶ ରାଇନା ଓ ମହମ୍ମଦ କୈଫ ମଧ ନିଜ ମନ୍ତବ୍ୟ ଦେଇଛନ୍ତି।

### ଷ୍ଟ୍ରାଣ୍ଡଜା ବକ୍ସିଂ: ଲାଥରଙ୍କ ପଦକ ନିଶ୍ଚିତ



**ନୂଆଦିଲ୍ଲୀ,୧୫।୨(ପିଟି):** ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ସୋନିଆ ଲାଥର (୫୭ କିଗ୍ରା)ଙ୍କ ସମେତ ୩ ଜଣ ଭାରତୀୟ ବକ୍ସର ବୁଲଗେରିଆର ସୋଫିଆଠାରେ ଚାଲିଥିବା ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ପଦକ ନିଶ୍ଚିତ କରିଛନ୍ତି। ଦୁଇ ଥର ଏସିଆନ୍ ଗେମ୍ସ ରୌପ୍ୟ ପଦକଧାରୀ ଲାଥର ୫-୦ ବ୍ୟବଧାନରେ ସର୍ବିୟାର ଜେଲେନା ଜେକିଙ୍କୁ ହରାଇ ଦେଇଛନ୍ତି। ସେ ଅନ୍ତିମ ୪ ପର୍ଯ୍ୟାୟରେ ୟାରିସେଲ ରାମିରେଜଙ୍କ ସହ ମୁକାବିଲା କରିବେ। ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ହାତେଇ ଥିବା ବକ୍ସର ଲୋଭଲିନା ବାର୍ଗୋହିନ (୬୯ କିଗ୍ରା) ଓ ପ୍ୱିଲାଓ ବାସୁମତାରି (୬୪ କିଗ୍ରା)କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ପଦକ ନିକଟତର ହୋଇଛନ୍ତି। ଅନ୍ୟପକ୍ଷରେ ମନଦୀପ ଝାଙ୍ଗ୍ରା (୬୯ କିଗ୍ରା) ଓ ରୁକି ହର୍ଶ ଲାକ୍ରା (୮୧ କିଗ୍ରା) ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ୟୁରୋପ ମହାଦେଶର ସବୁଠୁ ବଡ଼ ବକ୍ସିଂ ପ୍ରତିଯୋଗିତାରେ ଗତ ବର୍ଷ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ସର୍ବାଧିକ ୧୧ ପଦକ ଜିତିଥିଲା। ଏହି ପ୍ରତିଯୋଗିତାରେ ୪୦ ଦେଶର ୩୦୦ରୁ ଉର୍ଦ୍ଧ୍ୱ ବକ୍ସର ଅଂଶଗ୍ରହଣ କରୁଛନ୍ତି।

### ବାକୁ ବିଶ୍ୱକପ୍‌ରେ ଖେଳିବେନାହିଁ ଜିମ୍ନାଷ୍ଟ ଆଶିଷ

**ଗୁଆହାଟୀ,୧୫।୨:** ଏସିଆନ୍ ଗେମ୍ସ ବ୍ରୋଞ୍ଜ ପଦକଧାରୀ ଆଶିଷ କୁମାର ଦୋହା ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମାତ୍ର ବାକୁଠାରେ ହେବାକୁ ଥିବା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ଏହି ଇଭେଣ୍ଟ ଲାଗି ଧାର୍ଯ୍ୟ ସମୟ ସୁଦ୍ଧା ନାମ ପଞ୍ଜୀକୃତ କରିବାରେ ସେ ବିଳମ୍ବ କରିଛନ୍ତି। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍ଆଇ) ପକ୍ଷରୁ ଗତ ୨୦ ତାରିଖରେ ଇମେଲ କରାଯାଇଥିଲା। ଏଥିରେ ଆଶିଷ ବାକୁ ବିଶ୍ୱକପ୍‌ରେ ଖେଳିବାକୁ ଇଚ୍ଛୁକ ବୋଲି ଉଲ୍ଲେଖ ଥିଲା। କିନ୍ତୁ ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ ଫେଡେରେଶନ (ଏଫ୍‌ଜିଆଇ) ପକ୍ଷରୁ ଜାନୁୟାରୀ ୮ ତାରିଖରୁ ଆବେଦନ କରିବା ପାଇଁ ଅନ୍ତିମ ଦିନ ଭାବେ ଧାର୍ଯ୍ୟ କରାଯାଇଥିଲା। ନିୟମ ଅନୁଯାୟୀ ବିଳମ୍ବରେ ଆବେଦନ ଗ୍ରହଣ କରାଯାଇ ପାରିବ ନାହିଁ। ମାତ୍ର ୧୨୫୦ ସୁଇସ ଫ୍ରାଙ୍କ ଫାଇନ ଦେଲେ ଖେଳିବାକୁ ସୁଯୋଗ ଦିଆଯିବ'' ବୋଲି ଜିଏଫ୍ଆଇ ଉପସଭାପତି ରିୟାଜ ଭଟି କହିଛନ୍ତି। ନିୟମ ଅନୁଯାୟୀ ବିଳମ୍ବରେ ଆବେଦନ କରିବା ପାଇଁ ଧାର୍ଯ୍ୟ ଅର୍ଥ ଯୋଗାଡ଼ କରିବା ପାଇଁ ଆଶିଷଙ୍କୁ କୁହାଯାଇଥିଲା। ହେଲେ ଆଶିଷ ଅର୍ଥ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

# କୋହଲି, ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ

**ମୁମ୍ବାଇ,୧୫।୨(ପି.ଟି.)**

ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ଚୟନକର୍ତ୍ତାମାନେ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦୁଇଟି ଦିନିକିଆ ଓ ଟି୨୦ ସିରିଜରୁ ବିଶ୍ରାମ ନେଇଥିବ ନିୟମିତ ଅଧିନାୟକ ବିରାଟ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜ୍‌ରୁ ବିଶ୍ରାମ ନେଇଥିବା ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ମଧ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚୟନକର୍ତ୍ତାମାନେ ଦୀନେଶ କାର୍ତ୍ତିକଙ୍କୁ ପଛରେ ପକାଇ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳରେ ସାମିଲ କରିଛନ୍ତି। ଫଳରେ ପନ୍ତଙ୍କ ବିଶ୍ୱକପ୍ ଖେଳିବା ଆଶା ପୂରଣ ହେବା ଭଳି ମନେ ହେଉଛି। ଲୋକେଶ ରାହୁଲଙ୍କୁ ମଧ ଡକରା ମିଳିଛି। ଫଳରେ ସେ ବିଶ୍ୱକପ୍‌ରେ ରିଜର୍ଭ ଓପନର ଭାବେ ବିଶ୍ୱକପ୍ ଦଳରେ ସାମିଲ ହେବା ସମ୍ଭାବନା ସୃଷ୍ଟି ହୋଇଛି।

ଚୟନକର୍ତ୍ତାମାନେ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ଦୁଇଟି ଦିନିକିଆ ଓ ଅନ୍ତିମ ୩ଟି ଦିନିକିଆ ପାଇଁ ଭିନ୍ନ ଭିନ୍ନ ଦଳ ଘୋଷଣା କରିଛନ୍ତି। ଆସନ୍ତା ୨୪ ତାରିଖରୁ ଦିନିକିଆ ସିରିଜ ଆରମ୍ଭ ହେବ। ବିଶାଖାପାଟଣାରେ ପ୍ରଥମ ଟି୨୦ ଖେଳାଯିବ ଓ ବିଶ୍ୱକପ୍ ମେ ୩୦ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏକ ଜଣାଶୁଣା ଟିଭି ଶୋ'ରେ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ରାହୁଲ ଅଷ୍ଟ୍ରେଲିଆ ଗସ୍ତ ଅଧାରୁ ବାଦ୍ ପଡିଥିଲେ। ଉପ- ଅଧିନାୟକ ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇନାହିଁ। ସେ ପୂର୍ବ ପରି ଦଳରେ ସ୍ଥାନ ବଜାୟ ରଖିଛନ୍ତି।



ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରା।

ଏମ.ଏସ୍.କେ. ପ୍ରସାଦଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ଏକ ଟି୨୦ ଦଳ ମଧ ଘୋଷଣା କରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ଟି୨୦ ସିରିଜରେ ପଞ୍ଜାବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କୁ ସାମିଲ କରାଯାଇଛି। ତେବେ ତାରକା ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ବିଶ୍ରାମ ଦିଆଯାଇଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ' ତରଫରୁ ପ୍ରତିନିଧିତ୍ୱ କରି ମାର୍କଣ୍ଡେ ୫ ଉଇକେଟ ସଫଳତା ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଦିନିକିଆ ସିରିଜ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଏହି ସିରିଜର ପ୍ରଦର୍ଶନ ଉପରେ ବିଶ୍ୱକପ୍ ଦଳ ଚୟନ ନିର୍ଭର କରୁଛି। ଦ୍ୱିତୀୟ ଉଇକେଟକିପର ତଥା ରିଜର୍ଭ ବ୍ୟାଟ୍ସମ୍ୟାନ ଭାବେ କାର୍ତ୍ତିକଙ୍କ ବଦଳରେ ଚୟନକର୍ତ୍ତାମାନେ ପନ୍ତଙ୍କ ଉପରେ ଭରସା କରିଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ଉତ୍ତରାଧିକାରୀ ରୁପେ ବିବେଚିତ ହେଉଥିବା ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍‌ର ଅନ୍ତିମ ଓଭରରେ ସିଙ୍ଗଲ ନେବାକୁ ମନା କରିବା ପରେ କାର୍ତ୍ତିକ ଅବଶ୍ୟ ସମାଲୋଚନାର ଶିକାର ହୋଇଥିଲେ। ଯାହା ଫଳରେ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଥିବା କ୍ରୁନାଲ ପାଣ୍ଡ୍ୟା ଦମ୍‌ଦାର ପ୍ରଦର୍ଶନ କରୁଥିଲେ ମଧ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିଲେ ଓ ଭାରତ ମାତ୍ର ୪ ରନରେ ପରାସ୍ତ ହୋଇ ସିରିଜ ହାତଛଡ଼ା କରିଥିଲା। ବିଶ୍ୱକପ୍ ଦଳରେ କାର୍ତ୍ତିକ ସାମିଲ ହେବା ଆଶା କ୍ଷୀଣ ହୋଇଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଭାରତ ଏ' ତରଫରୁ ପ୍ରତିନିଧିତ୍ୱ କରି ରାହୁଲ ୮୯ ରନ କରିବା ପରେ କାର୍ତ୍ତିକଙ୍କୁ ନେଇ ସମ୍ଭାବନା କମିଛି। ପଞ୍ଜାବର ଦ୍ରୁତ ବୋଲର ସିଦ୍ଧାର୍ଥ କାଉଲ ଚତୁର୍ଥ ଦ୍ରୁତ ବୋଲର ଭାବେ ଦଳରେ ସାମିଲ ହୋଇଛନ୍ତି। ଫଳରେ ଭୁବନେଶ୍ୱର କୁମାରଙ୍କୁ ପ୍ରଥମ ଦୁଇଟି ଦିନିକିଆରୁ ବିଶ୍ରାମ ଦିଆଯାଇଛି। ଦଳରେ କୌଣସି ବାମହାତୀ ସ୍ପିନରଙ୍କୁ ସାମିଲ କରାଯାଇ ନାହିଁ। ଭଲ ପ୍ରଦର୍ଶନ କରି ନ ଥିବା କାରଣରୁ ଖଲିଲ ଅହମ୍ମଦଙ୍କୁ ଦଳରେ ନିଆଯାଇ ନାହିଁ। ଜୟଦେବ ଉନାଡ଼କଟଙ୍କ ନାମ ବିଚାରକୁ ନିଆଯାଇ ନାହିଁ। ନ୍ୟୁଜିଲାଣ୍ଡରେ ଭଲ ପ୍ରଦର୍ଶନ କରିଥିବା ବିଜୟ ଶଙ୍କରଙ୍କୁ ବ୍ୟାକ୍- ଅପ୍ ଅଲରାଉଣ୍ଡର ଭାବେ ଦଳରେ ସାମିଲ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ଅତ୍ୟଧିକ କାର୍ଯ୍ୟଭାର ନେଇ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଫ୍ରାଞ୍ଚାଇଜ୍‌ଗୁଡିକ ସହ ଆଲୋଚନା ଜାରି ରହିଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀ କହିଛନ୍ତି।

## ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍

**ପ୍ରଥମ ଦୁଇଟି ଦିନିକିଆ ପାଇଁ ଦଳ:**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ମହମ୍ମଦ ସାମି, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ବିଜୟ ଶଙ୍କର, ରିଷଭ ପନ୍ତ, ସିଦ୍ଧାର୍ଥ କାଉଲ ଓ ଲୋକେଶ ରାହୁଲ।

**ଅନ୍ତିମ ୩ଟି ଦିନିକିଆ ପାଇଁ ଦଳ:**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ବିଜୟ ଶଙ୍କର, ଲୋକେଶ ରାହୁଲ ଓ ରିଷଭ ପନ୍ତ।

**ଟି୨୦ ଦଳ:**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, ବିଜୟ ଶଙ୍କର, ୟୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ, ସିଦ୍ଧାର୍ଥ କାଉଲ, ମୟଙ୍କ ମାର୍କଣ୍ଡେ।

### ସିବିଏସ୍‌ଇ ପରୀକ୍ଷା ଘୁଞ୍ଚାଇବାକୁ ନିବେଦନ କଲା ସାଇ

**ନୂଆଦିଲ୍ଲୀ,୧୫।୨(ପିଟି)**

ଦେଶର ଉଦୀୟମାନ ଶୁଟର ମନୁ ଭାକର ଓ ବିଜୟବୀର ସିଦ୍ଧୁଙ୍କ ପାଇଁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ(ସିବିଏସଇ) ଦ୍ୱାଦଶ ଶ୍ରେଣୀ ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ନିବେଦନ କରାଯାଇଛି। ଭାକର ଓ ସିଦ୍ଧୁଙ୍କ ମାମଲାକୁ ଗୁରୁତ୍ୱ ଦେବା ପାଇଁ ସିବିଏସଇକୁ ସାଇ ପକ୍ଷରୁ ପତ୍ର ଲେଖାଯାଇଛି। ଦୁଇ ଶୁଟର ଆସନ୍ତା ମାର୍ଚ୍ଚ ୨୫ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଇନିଜ ତାଇପେଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଏୟାରଗନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏଥିଯୋଗୁ ପ୍ରକାଶିତ କାର୍ଯ୍ୟସୂଚୀର ଦୁଇଟି ବିଷୟର ନୂଆ ତାରିଖ ଦେବା ଲାଗି ନିବେଦନ କରାଯାଇଛି। ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ଯୋଜନା (ଟପ୍ସ)ର ଅଂଶବିଶେଷ ୧୬ ବର୍ଷୀୟା ଭାକରଙ୍କ ୨୫ ତାରିଖରେ ଇତିହାସ ଓ ୩୦ ତାରିଖରେ ଶାରୀରିକ ଶିକ୍ଷା ପରୀକ୍ଷା ରହିଛି। ଏହି ଦୁଇ ଦିନ ସେ ପରୀକ୍ଷା ଦେଲେ ଇଭେଣ୍ଟରେ ଅଂଶଗ୍ରହଣ କରିବା ସମ୍ଭବ ନୁହେଁ।

### ପଣ୍ଟିଂଙ୍କୁ ଆଇପିଏଲରୁ ବାସନ୍ଦ କରାଯାଉ: ୱର୍ନ

**ନୂଆଦିଲ୍ଲୀ,୧୫।୨**

ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ଅଧିନାୟକ ରିକି ପଣ୍ଟିଂଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଫ୍ରାଞ୍ଚାଇଜର କୋଚ ପଦରେ ରହିବାରୁ ବାରଣ କରାଯିବା ଦରକାର ବୋଲି ଶେନ ୱର୍ନ ଅନୁଭବ କରିଛନ୍ତି। ଅଷ୍ଟ୍ରେଲିଆ ଦଳର ବ୍ୟାଟିଂ କୋଚ ଭାବେ ଦାୟିତ୍ୱରେ ଥିବା ପଣ୍ଟିଂ ଆଇପିଏଲରେ ପଦ ବହନ କରିବା ଦ୍ୱାରା କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ପରିସ୍ଥିତି ସୃଷ୍ଟି ହେଉଛି। ଭାରତୀୟ କୋଚ୍‌ଙ୍କୁ ଆଇପିଏଲରୁ ଦୂରେଇ ରଖାଯାଉଛି। ହେଲେ ଦିଲ୍ଲୀ କ୍ୟାପିଟାଲ୍ସ ସହ ପଣ୍ଟିଂଙ୍କ ସମ୍ପର୍କକୁ କେଉଁ କାରଣ ଲାଗି ପ୍ରଶ୍ନ କରାଯାଉନାହିଁ। ଏକ ସାକ୍ଷାତକାରରେ କିମ୍ବଦନ୍ତୀ ସ୍ପିନର ୱର୍ନ କହିଛନ୍ତି, ବିସିସିଆଇର କାର୍ଯ୍ୟଶୈଳୀ ଓ ଏହାର ନିୟମକୁ ନେଇ ମୁଁ ଚକିତ। ଯଦି ଜଣେ ଭାରତୀୟ କୋଚ ଜାତୀୟ ଦଳର ଦାୟିତ୍ୱରେ ରହୁଛି, ତାଙ୍କୁ ଆଇପିଏଲର ବାରଣ କରାଯାଉଛି। କିନ୍ତୁ ପଣ୍ଟିଂ କ୍ଷେତ୍ରରେ ଏଭଳି କାହିଁକି କରାଯାଉ ନାହିଁ। ଉଲ୍ଲେଖଥାଉ କି, ପଣ୍ଟିଂଙ୍କୁ ଚଳିତ ମାସରେ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଦଳର ବ୍ୟାଟିଂ କୋଚ ଭାବେ ନିଯୁକ୍ତ କରାଯାଇଛି।



ମୁମ୍ବାଇରେ ଶୁକ୍ରବାର ଏକ ଗଲ୍ଫ ଟୁର୍ନାମେଣ୍ଟରେ ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର।

# ମାର୍କଣ୍ଡେଙ୍କୁ ୫ ଉଇକେଟ: ଭାରତ ଏ'ର ଇନିଂସ ବିଜୟ

**ମହୀଶୂର, ୧୫।୨(ପି.ଟି.)**

୨୧ ବର୍ଷୀୟ ଯୁବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କ ୫ ଉଇକେଟ ସଫଳତା ବଳରେ ଏଠାରେ ଖେଳାଯାଇଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଶୁକ୍ରବାର ଭାରତ ଏ' ଏକ ଇନିଂସ ଓ ୬୮ ରନରେ ବିଜୟ ହାସଲ କରିଛି। ଏଥିସହିତ ଭାରତ ଏ' ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ବିଜୟ ହାସଲ କରିଛି। ଭାରତ ଏ' ପ୍ରଥମ ଇନିଂସରେ ୧୧୪.୪ ଓଭରରେ ୩୯୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସରେ ବିପର୍ଯ୍ୟୟର ଶିକାର ହୋଇ ୪୮.୪ ଓଭରରେ ମାତ୍ର ୧୪୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ଲାୟନ୍ସ ୨୪୮ ପଛରେ ପଡ଼ି ଫଲୋଅନ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଘରୋଇ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୫୩.୩ ଓଭରରେ ୧୮୦ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪/୦ରୁ ଖେଳ ଆରମ୍ଭ କରି ଲାୟନ୍ସ ଶୁକ୍ରବାର ସବୁ ୧୦ଟି ଯାକ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଦୁଇ ଓପନର ମ୍ୟାକ୍ସ ହୋଲ୍ଡେନ ଓ ବେନ୍ ଡକେଟ ଯଥାକ୍ରମେ ୫ ଓ ୧୩ ରନରୁ ଖେଳ ଆରମ୍ଭ କରିଥିଲେ। ବେନ୍ ଡକେଟ ସର୍ବାଧିକ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ୍ ହୋଇଥିବା ବେଳେ ହୋଲ୍ଡେନ ୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଲୁଇସି ଗ୍ରେଗୋରି ୪୪, ଅଧିନାୟକ ସାମ ବିଲିଙ୍ଗ୍ସ ୨୦, ସାମ ହେନ ୧୫ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ମାର୍କଣ୍ଡେ ୧୦.୩ ଓଭର ବୋଲିଂ କରି ମାତ୍ର ୩୧ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଜଲାଜ ଏସ୍ ସାକସେନା ୨, ନବଦୀପ ସଇନି, ଶାହବାଜ ନଦିମ ଓ ବରୁଣ ଆରୋନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଭାରତ ଏ' ପ୍ରଥମ ଇନିଂସ: ୧୧୪.୪ ଓଭରରେ ୩୯୨ ଅଲଆଉଟ୍
ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସ: ୪୮.୪ ଓଭରରେ ୧୪୪ ଅଲଆଉଟ୍
ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଇନିଂସ (ଫଲୋଅନ): ୫୩.୩ ଓଭରରେ ୧୮୦ ଅଲଆଉଟ୍ (ଡକେଟ- ୫୦, ଗ୍ରେଗୋରି- ୪୪, ମାର୍କଣ୍ଡେ- ୫/୩୧, ଜଲାଜ- ୨/୪୦)।

# ବିହାରୀଙ୍କ ଅପରାଜିତ ଶତକ: ବିଦର୍ଭର ଟାର୍ଗେଟ ୨୮୦

## ଇରାନୀ ଟ୍ରଫି

**ନାଗପୁର, ୧୫।୨(ପି.ଟି.)**

ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ କ୍ରମାଗତ ଶତକ ସହାୟତାରେ ଅବଶିଷ୍ଟ ଭାରତ ରଣଜୀ ଚାମ୍ପିୟନ ବିଦର୍ଭ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚ୍‌ରେ ସ୍ଥିତି ଦୃଢ କରିଛି। ବିହାରୀ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ ଟ୍ରଫିରେ ହ୍ୟାଟ୍ରିକ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ଇରାନୀ ଟ୍ରଫି ମ୍ୟାଚ୍‌ର ପ୍ରଥମ ଇନିଂସରେ ୯୫ ରନ ପଛରେ ପଡିଥିବା ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସରେ ବିହାରୀଙ୍କ ଅପରାଜିତ ୧୮୦ ରନ(୩୦୦ ବଲ, ୧୯ ଚୌକା, ୪ ଛକା)ର ଶତକୀୟ ପାଳି ବଳରେ ୧୦୭ ଓଭରରେ ୩୭୪/୩ରେ ପାଳି ଘୋଷଣା କରିଥିଲା। ଫଳରେ ବିଦର୍ଭ ସମ୍ମୁଖରେ ୨୮୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବିଦର୍ଭ ଶୁକ୍ରବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୧୬ ଓଭରରେ ୧ ଉଇକେଟ ହରାଇ ୩୭ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ବିଦର୍ଭ ୯ ଉଇକେଟ ବାକିଥାଇ ବିଜୟ ପାଇଁ ଆଉ ୨୪୩ ରନ ଆବଶ୍ୟକ କରୁଛି। ଫଳରେ ମ୍ୟାଚ୍ ଏବେ ରୋମାଞ୍ଚକ ମୋଡରେ ପହଞ୍ଚିଛି।



ଶତକ ହାସଲ ପରେ ହନୁମା ବିହାରୀ।

ଷ୍ଟମ୍ପ ଅପସାରଣ ବେଳକୁ ସଞ୍ଜୟ ରଘୁନାଥ ୧୭ ଓ ଅଥର୍ବ ତାଇଡେ ୧୬ ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଅଧିନାୟକ ଫୈଜ ଫଜଲ ଖାତା ଖୋଲିବା ପୂର୍ବରୁ ଅଙ୍କିତ ରାଜପୁତଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୦୨/୨ରୁ ଅବଶିଷ୍ଟ ଭାରତ ଖେଳ ଆରମ୍ଭ କରି ଶୁକ୍ରବାର ପାଳି ଘୋଷଣା କରିଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ବିହାରୀ ୪୦ରୁ ଇନିଂସ ଆରମ୍ଭ କରି ୧୮୦ ରନର ବୃହତ୍ ଶତକୀୟ ପାଳି ଖେଳ ଅପରାଜିତ ରହିଥିଲେ। ସେହିପରି ଅଧିନାୟକ ଅଜିଙ୍କ୍ୟ ରାହାନେ ୨୫ରୁ ଖେଳ ଆରମ୍ଭ କରି ୮୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଦିତ୍ୟ ସରୱାତେଙ୍କ ବଲ୍‌ରେ ଉଇକେଟ କିପର ଅକ୍ଷୟ ୱାଡେକରଙ୍କ ଦ୍ୱାରା ଷ୍ଟମ୍ପ ଆଉଟ୍ ହୋଇଥିଲେ। ଦୁଇ ଓପନର ମୟଙ୍କ ଅଗ୍ରୱାଲ ୨୭ ଓ ଅନମୋଲପ୍ରୀତ ସିଂ ୬ ରନ କରି ଅକ୍ଷୟ ୱାଖରେ ଓ ସରୱାତେଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶ୍ରେୟାସ ଆୟାର ୬୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବଦର୍ଭ ତରଫରୁ ସରୱାତେ ୨ ଓ ୱାଖରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ:** ୮୯.୪ ଓଭରରେ ୩୩୦ ଅଲଆଉଟ୍।
**ବିଦର୍ଭ ପ୍ରଥମ ଇନିଂସ:** ୧୪୨.୧ ଓଭରରେ ୪୨୫ ଅଲଆଉଟ୍।
**ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ:** ୧୦୭ ଓଭରରେ ୩୭୪/୩ (ଇନିଂସ ଘୋଷଣା) (ବିହାରୀ- ୧୮୦*, ଆୟାର- ୬୧*, ରାହାନେ- ୮୭, ସରୱାତେ- ୨/୧୪୧)।
**ବିଦର୍ଭ ଦ୍ୱିତୀୟ ଇନିଂସ:** ୧୬ ଓଭରରେ ୩୭/୧ (ସଞ୍ଜୟ- ୧୭*, ତାଇଡେ- ୧୬*, ରାଜପୁତ- ୧/୧୦)।

### ବିରଳ ରେକର୍ଡର ଅଧିକାରୀ ହନୁମା

ଭାରତୀୟ ଦଳର ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଶୁକ୍ରବାର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ କପ୍‌ରେ ହ୍ୟାଟ୍ରିକ ଶତକ ମାରିଛନ୍ତି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମ୍‌ରେ ଚାଲିଥିବା ବିଦର୍ଭ ବିପକ୍ଷ ମ୍ୟାଚ୍‌ର ୪ର୍ଥ ଦିନରେ ବିହାରୀ ଶତକ ହାସଲ କରି ଏହି ରେକର୍ଡ ନିଜ ନାମରେ କରିଛନ୍ତି। ଲଞ୍ଚ ପୂର୍ବରୁ ଅକ୍ଷୟ ୱାଖରେଙ୍କ ବଲରେ ଏକ ସିଙ୍ଗଲ ନେଇ ସେ ତିନି ଅଙ୍କ ସ୍କୋର ସ୍ପର୍ଶ କରିଥିଲେ। ସେ ୩୦୧ ବଲର ସମ୍ମୁଖୀନ ହୋଇ ୧୮୦ ରନ୍ କରି ଅପରାଜିତ ଥିଲେ। ଏଥିଯୋଗୁ ଅବଶିଷ୍ଟ ଭାରତୀୟ ଦଳ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୩୭୪ ରନ୍ କରିଛି। ପୂର୍ବ ଇନିଂସରେ ତାଙ୍କର ୧୧୪ ରନ୍‌ର ପାଳି ବଳରେ ଅବଶିଷ୍ଟ ଭାରତୀୟ ଦଳ ପ୍ରଥମ ଇନିଂସରେ ୩୩୦ ରନ୍ କରିପାରିଥିଲା। ଗତ ବର୍ଷ ଇରାନୀ ଟ୍ରଫିରେ ବିହାରୀ ୧୮୩ ରନ୍‌ର ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌ରେ ୱାସିମ ଜାଫରଙ୍କ ୨୮୩ ରନ୍‌ର ଇନିଂସ ବଳରେ ବିଦର୍ଭ ପ୍ରଥମ ଇନିଂସରେ ୮୦୦ ରନ୍ କରିଥିଲା। ଏହି କାରଣରୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଭାରତୀୟ ଓପନର ଶିଖର ଧାୱନଙ୍କ ପରେ ବିହାରୀ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ କପ୍‌ର ଉଭୟ ଇନିଂସରେ ଶତକ ମାରିବା କୃତିତ୍ୱ ହାସଲ କରିଛନ୍ତି। ଧାୱନ ୨୦୧୧ ରଣଜୀ ଟ୍ରଫି ଚାମ୍ପିୟନ ରାଜସ୍ଥାନ ବିପକ୍ଷରେ ଏହି ରେକର୍ଡ ସୃଷ୍ଟି କରିଥିଲେ।

# OFFICE OF THE EXECUTIVE ENGINEER RWS&S DIVISION, BARIPADA

Tel. No.06792-254029,Fax No.06792-259464,
E-Mail: eerwss_bpd@rediffmail.com ,eerwss_bpd@ori.nic.in

No. 1695-O

## QUOTATION CALL NOTICE No. 01 of 2018-19.
## Schedule of Quantity.

The Executive Engineer, RWS&S Division, Baripada invites sealed quotations from the authorised manufacturers/ authorised dealers/ authorised distributors for supply of Chemicals, Glasswares & Consumables of reputed make as given below for testing of drinking water at District Level Laboratory, Baripada & Sub Divisional Laboratory, Udala out of WSSO fund.

| Sl. No. | Name of the Items | Make | Capa-city | Qnty | Rate in Figures | Rate in Words |
|---|---|---|---|---|---|---|
| 1 | pH Buffer Tablet-4.0 | Merck/Hach/Himedia | Pkt | 4 | | |
| 2 | pH Buffer tablet 7.0 | Merck/Hach/Himedia | Pkt | 4 | | |
| 3 | pH Buffer tablet 9.2 | Merck/Hach/Himedia | Pkt | 4 | | |
| 4 | Potassium Chloride GR- EMPARTA | Merck/Hach/Himedia | 500gm | 2 | | |
| 5 | Hydrazine Sulfate GR- EMPARTA | Merck/Hach/Himedia | 100gm | 2 | | |
| 6 | Hexamethylene tetramine GR- EMPARTA | Merck/Hach/Himedia | 100gm | 2 | | |
| 7 | Sodium Chloride - GR - EMPARTA | Merck/Hach/Himedia | 500gm | 2 | | |
| 8 | Sulfuric Acid conc.-EMPARTA | Merck/Hach/Himedia | 2.5 ltr | 2 | | |
| 9 | Bromocresol green indicator solution | Merck/Hach/Himedia | 125ml | 24 | | |
| 10 | Phenolpthalein Indicator solution | Merck/Hach/Himedia | 125ml | 24 | | |
| 11 | EDTA Solution N/50 | Merck/Hach/Himedia | 500ml | 60 | | |
| 12 | Erichrome Black T - EMPARTA | Merck/Hach/Himedia | 25gm | 4 | | |
| 13 | Ammonia Buffer solution- EMPARTA | Merck/Hach/Himedia | 500ml | 20 | | |
| 14 | Hydrochloric acid (Conc.)- EMPARTA | Merck/Hach/Himedia | 2.5 ltr | 14 | | |
| 15 | Ammonium Acetate- EMPARTA | Merck/Hach/Himedia | 500gm | 40 | | |
| 16 | Glacial Acetic Acid | Merck/Hach/Himedia | 2.5 ltr | 24 | | |
| 17 | Hydroxylamine hydrochloride- GR- EMPARTA | Merck/Hach/Himedia | 100gm | 2 | | |
| 18 | SPADNS - GR - EMPARTA | Merck/Hach/J-Himedia | 5gm | 2 | | |
| 19 | Zirconyl oxychloride octahydrate - EMPARTA | Merck/Hach/Himedia | 100gm | 1 | | |
| 20 | Lauryl Tryptose Brooth, GR- EMPARTA | Merck/Hach/Himedia | 500gm | 2 | | |
| 21 | Briliant Green Bile Broth | Merck/Hach/Himedia | 500gm | 1 | | |
| 22 | TISAB II | Merck/Hach/Orion | 3.79 ltr | 1 | | |
| 23 | Interference Supressor Solution (for Ground Water) | Merck/Hach/Orion | 475ml | 6 | | |
| 24 | NitraVer 5 Nitrate Reagant for 10ml sample | Merck/Hach/Orion | Pk/100 | 2 | | |
| 25 | Pipettes Stand Vertical | Tarsons/Corning/Himedia | Each | 1 | | |
| 26 | Burette Stand Double, with clamp | Tarsons/Corning/Himedia | Each | 3 | | |
| 27 | Conical Flask Narrow mouth- (Class A) | Borosil/Merck/Cornirig | 250ml | 12 | | |
| 28 | Beaker- (Class A) | Borosil/Merck/Corning | 250ml | 12 | | |
| 29 | Nessler Cylinder- (Class A) | Borosil/Merck/Corning | 50ml | 6 | | |
| 30 | Nessler Cylinder- (Class A) | Borosil/Merck/Corning | 100ml | 6 | | |

The sealed quotations will be received on or before dt.23.02.2019 upto 2.00 PM in the office of the Executive Engineer, RWS&S Division, Baripada and will be opened on same date i.e. 23.02.2019 at 4.00 PM in presence of the quotationers or their authorized representatives. Terms and Conditions.

I) EMD & Security Deposit @1 % of the quoted amount to be furnished in shape of "postal pass book/ NSC/TDR(Minimum 1 year tenure)/Deposited receipt (Minimum 1 year tenure) in any scheduled bank only duly pledged in favour of Executive Engineer, RWS&S Division, Baripada.
II) The rate should be quoted by the agency including cost of all materials, GST, Taxes, Duties. Lavies if any (as applicable) with cost of transportation for delivery at Baripada. No extra payment will be made, what — so — ever the case may be.
III) The agency should furnish the copy of valid authorised dealership, manufacturer, GST clearance certificate, PAN card, affidavit of document authentication etc. along with the quotation in a sealed cover addressed to the Executive Engineer, RWS&S Division, Baripada.
IV) The quotation must be delivered in the tender box in RWS&S Division, Baripada through speed post/ registered post prior to schedule for closing time of the quotation. The quotations received after due date and time shall not be entertained and the authority shall not be held responsible for delay of missing during the transit period.
V) Validity of quotation should be minimum 90 (ninety) days from the date of receipt of quotation.
VI) Mode of payment - 90% cost of materials will be paid after receipt and duly verification of the materials at Baripada and balance 10% will be paid after installation and testing.
VII) F.O.R. - Junior Lab. Asst., Divisional Laboratory, RWS&S Division,Baripada.
VIII) Materials should be guaranted for a period of 1 year from the date of supply.
IX) The quotation should be supported with make, model, ISO/ISI with all relevant specification, leaflet/catalog, test certificate and M.R.P./guarantee period, user manual of respective company etc. if any along with quotation.
X) The authority reserves the right to reject any or all quotations assigning any reason thereof.
XI) The quotationer must install the instruments and testing there of at Divisional laboratory of RWS&S Division, Baripada at the time of delivery.
XII) The quotation must undertake the responsibility that any defect found within 1 (one) year from the date of supply should be rectified immediately, failing which the EMD will be forfeited.
XIII) In case the quotationer seeking exemption of EMD and security deposit, the agency must produce authentic documents in support of the claim.
XIV) The quotationer must have experience in supply of same type of materials to any Govt. work in the past years and he must have to produce the documentary evidence in support of such transaction.

Sd./- Executive Engineer
RWS&S Division, Baripada

25014/11/0027/1819

---

## NOTICE INVITING TENDER : OFFICE OF THE NOTIFIED AREA COUNCIL, ODAGAON

NAYAGARH (ODISHA), PIN : 752081, email : nacoadagaon@gmail.com

**Tender Call Notice No. 215 dt. 15.02.2019**

E-Procurement Notice No. NAC-ODG-6/2018-19, Tender ID - 2019_ORULB_53718

| | | | |
|---|---|---|---|
| 1 | Name of the work | : | Individual Civil Construction and other Works as per DTCN. |
| 2 | No. of Works | : | 14 Nos |
| 3 | Value of work | : | Rs. 2,67,857/- to Rs. 31,25,000/- |
| 4 | Class of Contractor | : | D & C |
| 5 | Period of Completion | : | 60 days |
| 6 | Date of Publication | : | 16.02.2019 |
| 7 | Date and Time of avaibalibility of document in the portal. | : | From Dt. 16.02.2019 at 11 AM to Dt. 23.02.2019 upto 5 PM |
| 8 | Last Date / Time for receipt of bids in portal | : | Dt. 23.02.2019 upto 5 PM |
| 9 | Last date of Submission of Original documents in this Office | : | Dt. 25.02.2019 upto 5.00 PM |
| 10 | Date and Time of opening of Bid | : | Dt. 26.02.2019 at 11.00 AM |
| | Name and address of inviting bid | : | Executive Officer, NAC Odagaon |

Further details visit, e-Procurement Portal https://tendersodisha.gov.in

---

# OFFICE OF THE NOTIFIED AREA COUNCIL, CHATRAPUR

Letter No. 335 Date: 14.02.2019

## "e" PROCUREMENT NOTICE

Tender Reference No. - CTp-NAC-09/2018-19
Bid Id No. - 2019_ORULB_53610

Bid documents consisting of Cost of Tender Paper, EMD, Time of Completion of and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1 | Name of the Work | : | Miscellaneous works (Supplying, Fixing & Fitting) |
| 2 | No. of Work | : | 3 |
| 3 | Date & time of availability of bid document in the portal | : | From 10.00 AM of 16.02.2019 to 27.02.2019 upto 4.00 PM |
| 4 | Last date / Time for receipt of Bids in the portal | : | 27.02.2019 upto 4.00 PM |
| 5 | Bids received online shall be opened on | : | 28.02.2019 at 4.30 PM |

Further details can be seen from the e-procurement portal https://tendersorissa.gov.in

Sd./- Executive Officer, NAC, Chatrapur

---

# OFFICE OF THE MUNICIPAL COUNCIL SUNDARGARH

No.884 Dt.15.02.2019

COMPETITIVE BIDDING THROUGH e-Procurement

## NOTICE INVITING TENDER

Bid Reference No. SNGM - 24 / 2018-19 / Dt.15.02.2019

On behalf of the Sundargarh Municipality, on-line e-tender Item Rate Bids are invited by the Executive Officer, Sundargarh Municipality from the intending registered suppliers / manufacturers/ agencies of Godrej and eligible category of bidders in conformity with the detailed Tender Call Notice for "Supply of Furnitures, AC, etc to the office of the Chairperson and Vice- Chairperson of Sundargarh Municipality" as mentioned in the DTCN.

1. Total No. of items for which Tenders invited: 13 Nos.
2. Place of Supply : Office of Sundargarh Municipality.
3. Eligible Class of Contractors : Registered suppliers/ manufacturers/ agencies of Godrej as indicated against each work mentioned in the Tender Call Notice.
4. Intending bidders have to participate through "On-Line" bidding only. The website for online bidding is **https:// www.tendersodisha.gov.in.**
5. The bid documents will be available in the above website from 11 AM. on 16.02.2019 to 5 P.M on 25.02.2019 for online bidding.
6. Bids received online will be opened at 11 A.M on 27.02.2019.
7. The bidder must possess valid and comptaible Digital Signature Certificate (DSC).
8. The DTCN for 13 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Sundargarh Municipality

---

## ଘୋଷଣାନାମା

ଲି. ଶ୍ରୀ ଗୋବିନ୍ଦ ଭୋଇ, ନିବାସୀ– ଡାହାଣୀପାଲି, ଥାନା–ବୀରମହାରାଜପୁର, ଜିଲ୍ଲା– ସୁବର୍ଣ୍ଣପୁର ସର୍ବସାଧାରଣଙ୍କ ଅବଗତି ପାଇଁ ଘୋଷଣା କରେ କି, ମୁଁ ସ୍ୱର୍ଗତ ବଜରଙ୍ଗୀ ଭୋଇ ଓ ଶ୍ରୀମତୀ ସୈରିନ୍ଧ୍ରୀ ଭୋଇଙ୍କ ଆଇନସିଦ୍ଧ ପୋଷ୍ୟପୁତ୍ର ଅଟେ ଏବଂ ଏସଂକ୍ରାନ୍ତରେ ସବ୍‌ରେଜିଷ୍ଟ୍ରାର, ବୀରମହାରାଜପୁରଙ୍କ ଠାରେ ତା ୨୦.୦୩.୧୯୯୫ ରେ ନିୟମାନୁଯାୟୀ ଏକ ଦଲିଲ ସମ୍ପାଦିତ ହୋଇଛି । ତେବେ କେତେକ ଖଳ ପ୍ରକୃତିର ଲୋକଙ୍କ ପ୍ରରୋଚନାରେ ମୋର ମାତା ଶ୍ରୀମତୀ ସୈରିନ୍ଧ୍ରୀ ଭୋଇ ଆଡିସନାଲ ସିଭିଲ ଜଜ୍ (ଜୁନିୟର ଡିଭିଜନ), ବୀରମହାରାଜପୁରଙ୍କ ଅଦାଲତରେ ଉକ୍ତ ପୌଷ୍ୟ ପୁତ୍ରନାମାକୁ ଅସିଦ୍ଧ ଘୋଷଣା ପାଇଁ ଟା.ସୁ. ନମ୍ବର ୧୦/୧୯୯୮ ଦାଏର କରିଥିଲେ, ଯାହାକି ତା. ୨୨.୧୧.୨୦୦୩ ରେ ପ୍ରକାଶିତ ଅଦାଲତ ରାୟରେ ଅଗ୍ରାହ୍ୟ ହୋଇସାରିଛି । ଏହା ବିରୁଦ୍ଧରେ ଆଗତ ହୋଇଥିବା ଅପିଲ୍ ମୋକଦ୍ଦମା ବର୍ତ୍ତମାନ ମାନ୍ୟବର ହାଇକୋର୍ଟଙ୍କ ବିଚାରାଧୀନ ଥିବା ବେଳେ ଗତ ତା. ୩୦.୦୧.୨୦୧୯ ରେ ମୋର ମାତା ମୃତ୍ୟୁବରଣ କରିଛନ୍ତି । ଏହାର ସୁଯୋଗ ନେଇ କେତେକ ଅସାଧୁ ବ୍ୟକ୍ତି ତଫସିଲ ସମ୍ପତ୍ତିକୁ ପୁନର୍ବାର ହସ୍ତାନ୍ତର ପାଇଁ ଚକ୍ରାନ୍ତ କରୁଛନ୍ତି । ଏଣୁ ଉକ୍ତ ଜମି କିମ୍ବା ଏହାର କୌଣସି ଅଂଶ କୌଣସି ପ୍ରକାରେ ହସ୍ତାନ୍ତର ହେଲେ ତାହା ଆଇନତଃ ଅସିଦ୍ଧ ବିବେଚିତ ହେବ ଏବଂ ସେଥିସକାଶେ ମୁଁ କିମ୍ବା ଭବିଷ୍ୟତରେ ମୋର କେହି ଉତ୍ତରାଧିକାରୀ ଦାୟୀ ହେବୁ ନାହିଁ । ମୌଜା– ଡାହାଣୀପାଲି, ଥାନା ନଂ– ୧୨୨, ଖତିୟାନ ନଂ– ୫୯ ପ୍ଲଟ୍ ନଂ– ୩୯, ୬୦, ୧୦୪, ୧୦୮, ୧୨୯, ୧୩୭, ୧୪୦, ୧୪୨, ୧୪୮, ୧୭୧, ୧୯୨, ୧୯୩, ୩୧୩, ୪୪୭, ୪୯୬, ୪୯୯, ୫୨୨, ୫୭୩, ୬୪୩, ୬୪୫, ୬୫୫, ୬୬୧, ୬୭୦, ୬୮୨, ୬୮୩, ୬୯୦, ୬୯୪, ୭୦୧, ୭୦୮, ୭୧୧, ୭୬୮, ୭୭୩, ୭୭୬, ୮୩୬, ୮୪୦, ୮୫୫, ୮୬୧, ୮୬୯, ୮୯୮, ୯୦୦, ୯୬୪, ୯୬୭, ୯୭୬ ମୋଟ ୪୩ ଟି ପ୍ଲଟ୍‌କୁ ଏ ୮ କର ୭୬୮ ଡିସିମିଲ ।

ତା–୧୫.୦୨.୨୦୧୯ ସ୍ୱା– ଗୋବିନ୍ଦ ଭୋଇ

---

# BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar - 751001
visit us at: www.bdabbsr.in

No. 122 Date. 15.02.2019

## QUOTATION CALL NOTICE

Sealed quotations are invited from Authorised Dealers/ Manufactures having and experience in supply, installation, testing and commissioning of confirming to the specification and terms and conditions in the office of the undersigned.

| Sl. | Name of Work | Unit | Qty | | |
|---|---|---|---|---|---|
| 1 | Supply & Installation of Aquaguard Green pure Chill RO storage cooler cum purifier with standard accessories of Model Aquaguard Green pure chill 80SS RO+UV of capacity 80litres of make Eureka Forbes Limited and as per technical specification of the product with **buy back of existing old Aquaguard make water purifiers** in Akash Shova Building, Bhubaneswar. | Each Unit. | 05 unit | Rate Quoted (Inclusive GST) in figure:- | |
| | | | | Rate Quoted in Words | |
| | | | | Quoted rate for **buy back of existing old water purifier** | |
| | | | | In figure:- | |
| | | | | In Words:- | |

**TERMS & CONDITIONS:**- The rate should be quoted both in words and figures and including transportation charges, all labour and T&P, installation and testing of materials at site including GST. The bidder should give **01(one) year** warranty from the date of installation. The quotations must be accompanied with **EMD @2% (Refundable) of the total quoted value for 05 unit** in shape of **K.V.P / F.D / T.D.R. / P.O.T.D. / N.S.C** duly pledged in favour of the Executive Engineer, Division No.I, BDA, Bhubaneswar along with **valid GST Registration certificate & PAN Card, Authorized dealership certificate / Manufacturing certificate,** failing which the quotation will be out rightly rejected. Security deposit **@5%** will be deducted from the bill amount which will be released after completion of the warranty period. Other centages as applicable will be deducted from the bill amount as per norms. The quotation documents will be received by the under signed only through ***Registered Post / Speed Post*** (Not through Courier Service) **up to 4.00 P.M. of dt._26.02.2019** and will be opened on the same day at **4.30 P.M.** by the undersigned in presence of the quotationer or their authorised representatives. Quotation received after the due date and time will not be considered and the authority shall not be held responsible for any postal delay.

The authority reserves the right to accept and reject any or all quotation without assigning any reason thereof.

*Sd/-*
Executive Engineer, Division No.I, BDA.

---

## ODISHA PVTG EMPOWERMENT AND LIVELIHOODS IMPROVEMENT PROGRAMME

(ST & SC Development Department)
SOURA DEVELOPMENT AGENCY, CHANDRAGIRI

Letter No.-120 TENDER CALL NOTICE Date.12.02.2019

Sealed bids are invited from authorised Contractors/ Builders for Construction of work shed for producer Group at Dhenkasindhaba under OPELIP, SDA, Chandragiri, Gajapati. The eligible bidders may visit the set of terms and condition of contract and other necessary documents in the website www.opelip.org and **www.gajapati.nic.in**

1. Name of the works : Construction of Work Shed for Producer Group at Dhenkasindhaba under OPELIP, SDA, Chandragiri, Gajapati with an estimated cost of Rs: 2448369/- (**2.**) Class of Contractor : 'B' Class/ 'C' Class **(3.)**Nature of work : Civil Construction work and Sanitation work and other installation work. **(4.)** Period of completion of the work : 6 months. **(5.)** Date and time of availability of BID : 15.02.2019 to 25.02.2019. **(6.)** Last date & time for receipt of BIDS : On or before 26.02.2019 at 4.00 PM. at SDA, Chandragiri. **(7.)** BIDs received shall be opened on : 01.00 (Noon) 27.02.2019 in the office of Project Administrator, ITDA, Paralakhemundi. **(8.)** Name and address of the officer : Special Officer, OPELIP,SDA, Chandragiri. **(9.)** Bidders are strictly instructed to submit their bid through i.e hard copy by registered post/speed post only. Sealed bid must be delivered on or before 26.02.2019 at 4.00 PM at office of the Special Officer, OPELIP,SDA, Chandragiri. The Special Officer reserves the right to accept or reject any or all bid without assigning any reason thereof.

By the order of Collector, Gajapati cum Chairman, OPELIP, SDA, Chandragiri.

**Sd./- Special Officer, OPELIP, SDA, Chandragiri.**

---

# Bhubaneswar Smart City Limited

Block-1, 5th Floor, BMC- Bhawani Mall,
Saheed Nagar, Bhubaneswar-751007,
E-mail Id: bbsr.bscl@gmail.com,
CIN: U74990OR2016PLC020016

No. 419 Date 15.02.2019

## CORRIGENDUM

**No.488-C:-** As per Advertisement No. 275 dated 31.01.2019 the last date for submission of application for Engagement with Bhubaneswar Smart City Limited (BSCL) on contractual basis for a period of 3 years was 15.02.2019. This has now been extended to 18.02.2019 by 5.00 PM.

Other terms & conditions of the Contractual Engagement shall remain the same.

Sd./-
Chief Executive Officer
Bhubaneswar Smart City Limited

13070/11/0046/1819

---

# PANCHAYAT SAMITI OFFICE, KOIRA

Ph.: 06625-235026, E-mail: ori-koira@nic.in

## SHORT TENDER CALL NOTICE

No.: 376 Dt.: 14.02.2019

The B.D.O., Koira on behalf of Govt. of Odisha, P.R. Deptt., Odisha, Bhubaneswar invites sealed tender in conformity with the Detailed Tender Call Notice from registered contractor of R & B/NH/MI/Irrigation/PWD/Electrical (HT) of specified class as noted against each work to be eventually drawn up in PWD P1 agreement form in conformity with the Detail Tender Call Notice. The bidders may submit bid for the following works with detailed particulars noted below.

| Sl. No. | Name of the Work | Estimated Cost (Rs.) | Tender Value (Rs.) | Cost of Tender Documents (Rs.) | EMD (Rs.) | Period of Completion | Class of Contractor |
|---|---|---|---|---|---|---|---|
| 1 | Construction of Boundary Wall at Ranisal School at Village Ranisal of Patmunda GP | 10,56,000/- | 942855/- | 6000/- | 11000/- | 4 Calendar Months | C & D |
| 2 | Construction of School Boundary Wall at Sargigarh of Patmunda GP | 9,77,000/- | 872232/- | 4000/- | 10000/- | 4 Calendar Months | C & D |
| 3 | Construction of Boundary Wall at Amliam of Village- Sanpatuli of Patmunda GP | 14,95,000/- | 1334818/- | 6000/- | 15000/- | 4 Calendar Months | C & D |
| 4 | Construction of Extra Class Room at Mithirda School of Village- Mithirda of Patmunda GP | 18,67,000/- | 1666937/- | 6000/- | 19000/- | 6 Calendar Months | C & D |
| 5 | Construction of CC Road from Panposia School to Tentuli Tree at Village- Sanpatuli of Patmunda GP | 38,41,000/- | 3429426/- | 6000/- | 39000/- | 4 Calendar Months | C & B |
| 6 | Construction of CC Road from Kulamani House to Purandra House of Village- Sanua of Patmunda GP | 5,00,000/- | 446420/- | 2000/- | 5000/- | 4 Calendar Months | C & D |
| 7 | Construction of CC Road with Drain from Patamunda weekly market to Sunanala bathing ghat at Village- Patmunda of Patmunda GP | 12,75,000/- | 1138345/- | 6000/- | 13000/- | 4 Calendar Months | C & D |
| 8 | Construction of CC Road from Anteitola AWC to Primary School at Anteitola of Chordhara GP | 23,02,000/- | 2055327/- | 6000/- | 23500/- | 4 Calendar Months | C & B |
| 9 | CC Drain Main Road to Dengula of Dengula GP | 17,88,000/- | 1596342/- | 6000/- | 18000/- | 4 Calendar Months | C & D |
| 10 | Construction of CC Road from Kalamanga Sama Behera House to Balhav Naik House at Village- Kalamanga of Malda GP | 24,23,000/- | 2163330/- | 6000/- | 24500/- | 4 Calendar Months | C & B |
| 11 | Improvement of Play-Ground at Dengula of Dengula GP | 17,92,000/- | 1599976/- | 6000/- | 18000/- | 4 Calendar Months | C & D |
| 12 | Construction of New School Building at Segasahi at Village- Segasahi of Kasira GP | 33,42,000/- | 2983888/- | 6000/- | 33500/- | 8 Calendar Months | C & B |
| 13 | Protection Wall at Tensa Basti UP School at Village- Tensa Basti of Tensa GP | 16,68,000/- | 1489250/- | 6000/- | 17000/- | 4 Calendar Months | C & D |
| 14 | Construction of Boundary Wall at Kashira Nodal School at Village- Bhanjapali of Kashira GP | 5,47,000/- | 488313/- | 4000/- | 5500/- | 4 Calendar Months | C & D |
| 15 | Construction of CC & Drain from Main Road to Thana Basti at Village- Tensa of Tensa GP | 38,15,000/- | 3406235/- | 6000/- | 38500/- | 4 Calendar Months | C & B |
| 16 | Construction of CC Road at NH-215 to Rengalbeda Project School via Munda at Village- Rengalbeda of Kashira GP | 35,86,000/- | 3201695/- | 6000/- | 36000/- | 4 Calendar Months | C & B |

**TERMS AND CONDITIONS:**

1. The sale of the Bid document shall start after the date of publication in Newspaper during office hour in the Office of the Panchayat Samiti, Koida, Sundargarh.
2. The Bid documents will be available from Dt.15.02.2019 to Dt.21.02.2019 in Office of the B.D.O., Koira from 11 A.M. to 5 P.M. on working days. Bids shall be received in the Office of the Panchayat Samiti Office, Koida, Sundargarh till **Dt. 22.02.2019 upto 03.00 P.M. through Registered Post/Speed Post or directly put to Tender Box**. The authority will not be held responsible for postal delay in the delivering of the documents or non-receipt of the same.
3. The tender will be opened in the Office of the Panchayat Samiti, Koida, Sundargarh at **11.00 A.M., on Dt.23.02.2019 (Working day)** in presnece of the bidders or their authorized representatives.
4. The undersigned reserves the right to negotiate or reject any or all the tenders in the interest of the Govt. with or without assigning any reason thereof. Any dispute in this matter will be settled up under the Jurisdiction of Sundargarh Distirct.
5. The additional performance security shall be obtained from the bidder when the bid amount is less than the bid put to tender. In such an event, only the successful bidder who has quoted less bid price/rates than the bid cost put to tender shall have to furnish the exact amount of different cost i.e. bid cost put to tender - (minus) the quoted amount as Additional Performance Security (APS) in shape of Demand Draft/Term Deposit receipt pledged in favour of B.D.O., Koida within seven days, otherwise the bid shall be cancelled and the security deposit shall be forfeited. Further proceeding for blacklisting shall be initiated against bidder.

**DOCUMENTS TO BE SUBMITTED:**

The tender is to be submitted in one cover is to contain
(a) EMD pledged in favour Block Development Officer, Koira, (b) Signed DTCN, (c) Price bid duly filled in and signed by the tenderer, (d) Attested copy of GST Registration Certificate & Service Tax Registration issued by competent authority, (e) Attested Xerox copy of PAN Card, (f) Xerox copy of Contractor Registration Certificate, (g) Xerox copy of Caste Certificate in case of SC/ ST contractor desirous of availing preference.
Certificate duly filled-in and documents required as per the relevant clauses of this DTCN and special conditions if any. The cover is to be sealed and superscribed as the bid of the works as mentioned in Column No. 2 of the tender call notice.

**Sd./- Block Development Officer, Koira**

---

# OFFICE OF THE PRINCIPAL ATHMALLIK COLLEGE ATHMALLIK

DIST- Angul / Pin- 759125

## QUOTATION CALL NOTICE

Sealed Quotations are invited from the farms by 25.02.19 to supply different items towards the purchase. The details are available in college website **www.athmallikcollege.org** PRINCIPAL.

**Sd./- Principal
Athmallik College,
Ahmallik, Dist- Angul**

---

# GOVT. OF ODISHA

No. 1286-A

## e-procurement Notice for online tender

Bid Id - GMID-II/12/2018-19

| | | |
|---|---|---|
| Name of the Work | : | Civil Construction Work |
| No. of Work | : | 02 (Two) |
| Estimated Cost | : | Varies from Rs. 86.60 Lakh to Rs 91.40Lakhs |
| Period of Completion | : | 6 (Six) Calendar months |
| Time for availability of bid for online bidding | : | from 18.02.2019 to 25.02.2019 up to 5.00 P.M |
| Name and address of OIT | : | Executive Engineer, M.I.Divn Ganjam-II,Berhampur |

Further details can be seen from the web site : www.tendersorissa.gov.in

Sd/- Er. M.R. Dash, Executive Engineer
M.I.Division Ganjam-II, Berhampur

32104/11/0014/1819

---

# OFFICE OF THE MUNICIPALITY, PATTAMUNDAI

No. 1571 dt. 14.02.19

## E-PROCUREMENT NOTICE

Bid Identification No.PM-04/2018-19

The Executive Officer, Pattamundai Municipality invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited- 8 Nos.
2. Place of execution- In Pattamundai Municipal area.
3. Estimated cost of individual work- Rs. 6,87,316/- to Rs. 19,21,187/-.
4. Eligible class of contractor- Govt registered contractors as per OPWD code.
5. The Bid documents will be available in the website from 11.00 AM on dt 18.02.2019 upto 5 PM 25.02.2019 for online bidding.
6. The bid documents will be opened at 11.00 AM on dt. 26.02.2019.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in.

Sd./- Executive Officer,
Pattamundai Municipality

---

# ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)

OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

CAD-1437

No.-CHEP/TW-85 (Vol.-I)/436 Date: 15.02.2019

## TENDER CALL NOTICE NO.-CHEP-38/2018-19

Sealed tenders are invited from the Registered Firms / Agency / General Order Suppliers having IT, PAN, GST Registration for supply of the following materials as mentioned below.

| Description | Cost of Tender Paper (Non-refundable) | EMD (Refundable) |
|---|---|---|
| Supply of Turkish Towel (Bombay Dyeing Ultra 'X' Size- 36" x 72") to CHEP, Chiplima | Rs.708/- (Rs.600/- + GST @18%) | Rs. 1,280.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com.

04006/11/0060/1819 Sd./- Unit Head, CHEP, Chiplima

---

# ODISHA INDUSTRIAL INFRASTRUCTURE DEVELOPMENT CORPORATION

idco — Your power to grow — ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3625/15-16/p-II/18-19/679 Date:- 13.02.2019

## TENDER CALL NOTICE

| | | |
|---|---|---|
| Name of the Work | : | Supply & installation, Testing & commissioning of Power Supply to IDCO Raw Water Pump House at village Kerla, Bamani in the District of Nabarangpur. |
| Estimated Cost of the Work | : | Rs.6,19,227.48 |
| Period of Completion | : | 30 days. |
| EMD Amount | : | Rs. 6,000.00 |
| Cost of Bid Document | : | Rs. 4,000.00 + 720.00 (GST@18%) |
| Date of Availability of Tender | : | 16.02.2019 to 20.02.2019 within 11.00hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 23.02.2019 |
| Date of Opening of Tender | : | At 16.00 Hrs. on 23.02.2019 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. M Amiya, Manager (Electrical) at Tel. No. (0674) 2541766 during office hours.

Sd/-
D.H. (Electrical), IDCO, Bhubaneswar

---

# ଜିଲ୍ଲା କାର୍ଯ୍ୟାଳୟ, ନୂଆପଡା
## (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)

ବିଜ୍ଞାପନ ନମ୍ବର-୪୩୦ / ତାରିଖ-୧୪।୦୨।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଶିକ୍ଷା ବର୍ଷ ୨୦୧୯–୨୦ ରେ ଓଡ଼ିଶା ସରକାରଙ୍କ ସହରାଞ୍ଚଳ ଶିକ୍ଷା କାର୍ଯ୍ୟକ୍ରମ "ଅନ୍ୱେଷା" ଯୋଜନାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ବି.ପି.ଏଲ୍ (B.P.L.) ପରିବାର ଅନ୍ତର୍ଭୁକ୍ତ ଅନୁସୂଚିତ ଜନଜାତି (Schedule Tribe) ଓ ଅନୁସୂଚିତ ଜାତି (Schedule Caste) ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲାରେ ଥିବା Public School ମାନଙ୍କରେ ଶିକ୍ଷା ପ୍ରଦାନ କରାଯିବ । ଚଳିତ ବର୍ଷ ଛାତ୍ର / ଛାତ୍ରୀମାନଙ୍କୁ Standard–I ରେ ନାମ ଲେଖାଯିବ । ଏ ସଂକ୍ରାନ୍ତରେ ଆବଶ୍ୟକ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ । SECC– 2011 ତାଲିକାରେ ଅନ୍ତର୍ଭୁକ୍ତ ଥିବା ST / SC ପରିବାରର ପିଲାମାନେ ମଧ୍ୟ ଏହି ଯୋଜନାର ଲାଭ ନେଇପାରିବେ ।

ଏଣୁ ଆଗ୍ରହୀ ଅଭିଭାବକ ମାନଙ୍କଠାରୁ ସେମାନଙ୍କ ପିଲାଙ୍କୁ Public School ମାନଙ୍କରେ ଚଳିତ ବର୍ଷ Standrad–Iରେ ପଢାଇବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଅଭିଭାବକ ମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବଶ୍ୟକୀୟ କାଗଜାତ / ପ୍ରମାଣ ପତ୍ର / ତଥ୍ୟ ସହିତ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ନୂଆପଡ଼ାଠାରେ ତା.୦୧।୦୩।୨୦୧୯ ସୁଦ୍ଧା ଦରଖାସ୍ତ କରିପାରିବେ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ସମସ୍ତ ତଥ୍ୟକୁ ଅନୁଧ୍ୟାନକରି ଏକ କମିଟି ଦ୍ୱାରା ଲଟେରୀ ମାଧ୍ୟମରେ ଛାତ୍ର / ଛାତ୍ରୀଙ୍କୁ ଚୟନ କରାଯିବ । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ନୂଆପଡ଼ା ଓ ସମସ୍ତ ବ୍ଲକ୍ କାର୍ଯ୍ୟାଳୟରେ ଉପଲବ୍ଧ । ଏ ସମ୍ପର୍କରେ ଅନ୍ୟାନ୍ୟ ସୂଚନା ଓ ଦରଖାସ୍ତ ଫର୍ମ ଜିଲ୍ଲା website, www.nuapada.nic.in ରେ ଉପଲବ୍ଧ କରାଯାଇଛି ।

**ସ୍ୱା./- ଜିଲ୍ଲା ମଙ୍ଗଳ ଅଧିକାରୀ, ନୂଆପଡା**

# ସଫଳତା ଲାଗି ଛାଡ଼ନ୍ତୁ ଏହି ଅଭ୍ୟାସ

ନକାରାତ୍ମକ ବ୍ୟବହାର ଜୀବନ ତଥା କ୍ୟାରିୟରକୁ ପ୍ରଭାବିତ କରିଥାଏ। ଏହା କାର୍ଯ୍ୟକ୍ଷମତାକୁ ଅନେକ ଦିଗରେ କ୍ଷତି ପହଞ୍ଚାଇଥାଏ। ଏମିତି ଅନେକ ଖରାପ ଅଭ୍ୟାସ ରହିଛି, ଯାହାକୁ ଛାଡ଼ିପାରିଲେ କାର୍ଯ୍ୟକ୍ଷମତା ଉପରେ ଏହାର ସକାରାତ୍ମକ ପ୍ରଭାବ ଦେଖାଯିବ। ଏହା ଜୀବନରେ ସକାରାତ୍ମକ ପ୍ରଭାବ ଆଣିବ। ଏମିତି କିଛି ଖରାପ ଅଭ୍ୟାସ ରହିଛି, ଯାହାକୁ ଆମେ ଅନେକ ସମୟରେ ନଜର ଅନ୍ଦାଜ କରିଦେଉ। ସେଗୁଡ଼ିକ ହେଲା...




- ଆମର ଉତ୍ପାଦକତା ଶକ୍ତି ହ୍ରାସ ପାଇବାର ଅନେକ କାରଣ ରହିଛି। ଏହାକୁ ଆମେ ସାଧାରଣତଃ ଧ୍ୟାନ ଦେଇ ନ ଥାଉ। ଏହା ମଧ୍ୟରେ ଡିହାଇଡ୍ରେଶନ(ଶରୀରରେ ଜଳାଭାବ) ଗୋଟିଏ କାରଣ ହୋଇପାରେ। ଆମେ ଆବଶ୍ୟକ ମୁତାବକ ପାଣି ନ ପିଇବା କାରଣରୁ ଏହା ହୋଇଥାଏ। ଏହା ଶର୍ଟ ଟର୍ମ ମେମୋରି, ଧ୍ୟାନ ଏବଂ ପ୍ରତିକ୍ରିୟାଶୀଳ ହେବା ଭଳି ପ୍ରସଙ୍ଗକୁ ପ୍ରଭାବିତ କରିଥାଏ। ଏଣୁ ଠିକ୍ ଭାବେ ପାଣି ପିଇବା ସହ ଫୁର୍ତ୍ତିଶୀଳ ହୋଇ ରହିବା ଆବଶ୍ୟକ।
- ଦୀର୍ଘ ସମୟ ଧରି କାର୍ଯ୍ୟ କରିବା ଦ୍ୱାରା ଅନେକ କାମ ହୋଇଯିବ ବୋଲି ଆମର ବିଶ୍ୱାସ ରହିଛି। ମାତ୍ର ଏହା ଠିକ୍ ନୁହେଁ। ମଝିରେ ମଝିରେ ଛୋଟ ବ୍ରେକ୍ ନେଲେ ଏହା ଶରୀର ତଥା ମାନସିକ ସ୍ଥିତି ପାଇଁ ଭଲ। ଏହା ଦ୍ୱାରା କ୍ଲାନ୍ତି ଦୂର ହେବା ସହ ଦୀର୍ଘ ସମୟ ଯାଏ କାର୍ଯ୍ୟ କରିବାକୁ ସହାୟତା କରିବ।
- ଅନେକ ସମୟରେ ଏମିତି ହୋଇଥାଏ ଆମେ କରୁଥିବା କାର୍ଯ୍ୟ ପାଇଁ ନିଜକୁ ପ୍ରଶଂସା କରି ନ ଥାଉ। ନିଜ କାମ ପ୍ରତି ଆସ୍ଥା ରଖିବା ସହ ପ୍ରଶଂସା କରିବା ଦ୍ୱାରା ଏହା ଆମକୁ ସଫଳତା ଦିଗରେ ନେଇ ଯାଇଥାଏ। ଏଭଳି ପ୍ରସଙ୍ଗକୁ ଧ୍ୟାନ ଦେବା ଆବଶ୍ୟକ। ସଫଳତାରେ ଗର୍ବ କରିବା ସହ ଏହାକୁ ନେଇ ମହନୀୟ ଅନୁଭବ କରିବା ଉଚିତ। ଏହା ହେଲେ ଉତ୍ସାହିତ ହେବା ସହ ଆଗକୁ ବଢିବା ଦିଗରେ ସହାୟତା କରିବ।
- ନକାରାତ୍ମକ ଆବେଗ ତଥା ବ୍ୟବହାର କର୍ମକୁଶଳତାକୁ ଗଭୀର ଭାବେ ପ୍ରଭାବିତ କରେ। ଏହା ନିଜର ଟିମ ଉପରେ ମଧ୍ୟ ପ୍ରଭାବ ପକାଇବ। ଏଣୁ ନକାରାତ୍ମକ ଚିନ୍ତାଧାରାଠାରୁ ଦୂରେଇ ରହିବା ଭଲ। ସକାରାତ୍ମକ ଭାବନା ସହ କାର୍ଯ୍ୟ କରନ୍ତୁ ଏବଂ କଥାରେ ଏହାକୁ ଦର୍ଶାନ୍ତୁ।
- ଆମେ କାର୍ଯ୍ୟ କରିବା ବେଳେ ଅନେକ ସମୟରେ ଫୋନକୁ ଚେକ୍ କରିଥାଉ। ଏହା ହେଲେ ନିଜେ ବିଚଳିତ ହେବା ସହ କାର୍ଯ୍ୟଧାରା ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଏଣୁ କାମ କରିବା ସମୟରେ ଫୋନର ଅନାବଶ୍ୟକ ବ୍ୟବହାରକୁ ବାଦ୍ ଦିଅନ୍ତୁ।
- ନିଜ ଚିନ୍ତାଧାରାକୁ ନିଜର କାର୍ଯ୍ୟଧାରାରେ ପ୍ରଦର୍ଶନ କରନ୍ତୁ। କିଏ କଣ କହିବ ବା କରିବ ତାକୁ ଧ୍ୟାନ ଦିଅନ୍ତୁ ନାହିଁ। ଏହା ହେଲେ ନିଜର ଏକ ମତ ରଖିବାକୁ ସକ୍ଷମ ହେବା ସହ ନିଜର ମୂଲ୍ୟବୋଧ ତିଆରି କରିପାରିବେ।



# ପେଟ୍ରୋଲିୟମ ଇଞ୍ଜିନିୟରିଂ

ଯେକୌଣସି ଦେଶର ଅର୍ଥନୀତିକୁ ପ୍ରଭାବିତ କରିବାରେ ପେଟ୍ରୋଲିୟମ ପଦାର୍ଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚାହିଦା ବୃଦ୍ଧି ପାଉଥିବାରୁ ନୂଆ ପେଟ୍ରୋଲିୟମ ତଥା ବାଷ୍ପ ଭଣ୍ଡାର ଖୋଜିବା ଉପରେ ଏବେ ଜୋର ଦିଆଯାଉଛି। ସ୍ୱାଭାବିକ ଭାବେ ଏହି କ୍ଷେତ୍ରରେ ପେସାଦାରଙ୍କ ବେଶ୍ ଚାହିଦା ରହିଛି। ପେଟ୍ରୋଲିୟମ କ୍ଷେତ୍ରରେ କ୍ରମାଗତ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବେ କମ୍ପାନୀମାନେ ବିସ୍ତାର ଯୋଜନାକୁ ଆଗେଇ ନେବାରେ ଲାଗିଛନ୍ତି। ଏଥିଯୋଗୁ ନବାଗତ ତଥା ପେସାଦାରଙ୍କୁ ନୂଆ କ୍ୟାରିୟର ଲାଗି ସୁଯୋଗ ଆଣିଦେଇଛି। ଏଥିରେ ପେଟ୍ରୋଲର ନୂଆ ସ୍ରୋତ ଖୋଜିବା, ଏହାକୁ ଉନ୍ନତ ପଦ୍ଧତିରେ ବାହାର କରିବା ଏବଂ ଅଶୋଧିତ ତେଲରୁ ଅନ୍ୟ ସବୁ ଉତ୍ପାଦ ତିଆରି କରିବା ଆଦି ସାମିଲ ରହିଛି। ଏଥିସହିତ ଅଧିକ ଉତ୍ପାଦନ ତଥା ନୂଆ ସାମଗ୍ରୀ ତିଆରି ଲାଗି ଗବେଷଣା କ୍ଷେତ୍ରରେ ମଧ୍ୟ ନୂଆ ପନ୍ଥା ଖୋଜାଯାଉଛି।

ସାଧାରଣତଃ ପେଟ୍ରୋଲିୟମ ସେକ୍ଟର ୩ ଭାଗରେ ବିଭକ୍ତ। ଏହାକୁ ଅପଷ୍ଟ୍ରିମ୍, ମିଡ୍‌ଷ୍ଟ୍ରିମ୍ ଏବଂ ଡାଉନଷ୍ଟ୍ରିମ୍‌ରେ ବିଭକ୍ତ କରାଯାଇଛି। ପେଟ୍ରୋଲିୟମ ଉପସ୍ଥିତି ସହ ସେଠାରେ କେତେ ପରିମାଣରେ ଏହା ଜମା ରହିଛି ତାହା ଖୋଜିବା ଭଳି କାମକୁ ଅପଷ୍ଟ୍ରିମ୍‌ରେ ସାମିଲ କରାଯାଇଛି। ଏହି କାମରେ କମ୍ପାନୀକୁ ସର୍ବାଧିକ ନିବେଶ କରିବାକୁ ପଡିଥାଏ। ଏଥିରେ ଡ୍ରିଲ୍ କରି ଅଶୋଧିତ ତେଲ ଏବଂ ବାଷ୍ପ କାଢ଼ିବାକୁ ପଡିଥାଏ। ଏହା ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସେକ୍ଟରକୁ ବଣ୍ଟା ହୁଏ। ଏଥିଲାଗି ଜିଓଲୋଜି, ଜିଓ ଫିଜିସିଷ୍ଟ, ଜିଓ ଆନାଲିଷ୍ଟ, ଡ୍ରିଲ୍ ସ୍ପେଶାଲିଷ୍ଟ, ମେକାନିକାଲ ଇଞ୍ଜିନିୟରିଂରେ ପାଠ ପଢ଼ିଥିବା ପ୍ରାର୍ଥୀଙ୍କର ଆବଶ୍ୟକତା ପଡିଥାଏ। ଡ୍ରିଲ୍ ମାଧ୍ୟମରେ ପେଟ୍ରୋଲିୟମ ପଦାର୍ଥକୁ ବାହାର କରିବା ପରେ ଏହାକୁ ସଞ୍ଚୟ କରି ରଖିବା, ରିଫାଇନେରି ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ସେଠାରେ ପେଟ୍ରୋଲ ଏବଂ ଅନ୍ୟ ପଦାର୍ଥରେ ଏହାକୁ ପରିବର୍ତ୍ତନ କରିବା ଭଳି କାମକୁ ସାମିଲ କରାଯାଇଛି। ଏଥିରେ କେମିକାଲ ଇଞ୍ଜିନିୟର, ଇନଷ୍ଟ୍ରୁମେଣ୍ଟେଶନ ଆଣ୍ଡ୍ ମେଶିନ, ମେକାନିକାଲ, ପାଇପ୍ସ ଆଣ୍ଡ୍ ନେଟ୍‌ୱର୍କ, ପେଟ୍ରୋଲ ଲଜିଷ୍ଟିକ୍ସ, ଇନଷ୍ଟ୍ରୁମେଣ୍ଟେଶନ ଆଣ୍ଡ୍ ପ୍ରୋସେସ୍, ଅପରେଶନ, ହିଟ୍ ଆଣ୍ଡ ମାସ୍ ଟ୍ରାନ୍ସଫର ଭଳି ସ୍ପେଶାଲିଷ୍ଟ ପ୍ରାର୍ଥୀଙ୍କ ଆବଶ୍ୟକତା ରହିଛି। ଏହାପରେ ଅଶୋଧିତ ତେଲରୁ ପେଟ୍ରୋଲ ବାହାର କରାଯିବା ପରେ ଏହାକୁ କ୍ରେତାଙ୍କ ନିକଟରେ ପହଞ୍ଚାଇବା, ନୂଆ କ୍ରେତାଙ୍କୁ ଖୋଜିବା ଓ ଏହାର ଡିଷ୍ଟ୍ରିବ୍ୟୁଶନ କାମ କରାଯାଏ। ପେଟ୍ରୋଲିୟମ ସହିତ ଜଡିତ ଅଧିକାଂଶ କୋର୍ସରେ ଅପଷ୍ଟ୍ରିମରେ ସଂଲଗ୍ନ ପାଠ୍ୟକ୍ରମକୁ ସାମିଲ କରାଯାଇଛି। ମିଡ୍‌ଷ୍ଟ୍ରିମ୍ ପାଇଁ ଯେକୌଣସି କୋର୍ସ ରହିଛି। ଡାଉନଷ୍ଟ୍ରିମ ଲାଗି କେତେକ ସ୍ପେଶାଲାଇଜଡ କୋର୍ସ ଆସିଛି। ଏଥିରେ ଏମ୍‌ବିଏ ଇନ୍ ପେଟ୍ରୋଲିୟମ ଇଞ୍ଜିନିୟରିଂ ଏବଂ ମାର୍କେଟିଂ ଲାଗି ଏମ୍‌ବିଏ ପ୍ରାର୍ଥୀଙ୍କୁ ବଛା ଯାଏ।

## ପେଟ୍ରୋଲିୟମ ଇଞ୍ଜିନିୟରିଂ କ'ଣ

ପେଟ୍ରୋଲିୟମ ଭଣ୍ଡାରକୁ ସାମାନ୍ୟତମ କ୍ଷତି ନ ପହଞ୍ଚାଇ ଏହାକୁ ଉପଯୋଗୀ କରିବା ଏବଂ ମାଟିର କେଉଁ ଗଭୀର ଅଞ୍ଚଳରୁ ଧରାପୃଷ୍ଠକୁ ଆଣିବା ହିଁ ପେଟ୍ରୋଲିୟମ ଇଞ୍ଜିନିୟରିଂର ମୂଳ ଉଦ୍ଦେଶ୍ୟ। ଶକ୍ତି କ୍ଷେତ୍ରରେ ନୂଆ ଆବିଷ୍କାର, ବିସ୍ତାର ତଥା ଏହାର ପ୍ରୟୋଗର ସମ୍ମିଶ୍ରଣକୁ ହିଁ ପେଟ୍ରୋଲିୟମ ଇଞ୍ଜିନିୟରିଂ କୁହାଯାଏ।



## ନିଯୁକ୍ତି ସୁଯୋଗ

ଇଣ୍ଡିଆନ ଅଏଲ କର୍ପୋରେଶନ, ଆଇବିପି କର୍ପୋରେଶନ ଲିମିଟେଡ, ଅଏଲ ଗ୍ୟାସ୍ ଇଣ୍ଡିଆ, ଓଏନ୍‌ଜିସି, ଅଏଲ ଇଣ୍ଡିଆ ଲିମିଟେଡ, ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ, ଇଣ୍ଡିଆ ଏଲ୍‌ପିଜି, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ, ରିଲାଏନ୍ସ ପେଟ୍ରୋଲିୟମ ଲିମିଟେଡ।

## ପେଟ୍ରୋଲିୟମ ଇଞ୍ଜିନିୟରିଂର ଶ୍ରେଷ୍ଠ କୋର୍ସ

ପେଟ୍ରୋଲିୟମ ଇଞ୍ଜିନିୟରିଂରେ ବିଟେକ୍(୪ ବର୍ଷ) କରିବାକୁ ଚାହିଁଲେ ଦ୍ୱାଦଶରେ ଫିଜିକ୍ସ, କେମିଷ୍ଟ୍ରି ଏବଂ ମ୍ୟାଥମେଟିକ୍ସ ବିଷୟରେ ଉତ୍ତୀର୍ଣ୍ଣ ହେବା ଜରୁରୀ। ଏମ୍.ଟେକ୍ ପାଠ୍ୟକ୍ରମ ପେଟ୍ରୋଲିୟମ, ପେଟ୍ରୋ-କେମିକାଲ, କେମିକାଲ ତଥା ମେକାନିକାଲ ଇଞ୍ଜିନିୟରିଂ କରି ମଧ୍ୟ ଏହି ଫିଲ୍ଡକୁ ଯାଇପାରିବେ। ପୋଷ୍ଟ ଗ୍ରାଜୁଏଟ କୋର୍ସ ପରେ ପିଏଚ୍.ଡି. ଲାଗି ଆବେଦନ କରାଯାଇପାରେ। ଏଥିରେ ସାଇଣ୍ଟିଷ୍ଟ ଅଥବା ରିସର୍ଚ୍ଚ ଫେଲୋ ଭାବେ କାମ କରାଯାଇପାରିବ। ପେଟ୍ରୋଲିୟମ କ୍ଷେତ୍ର ମାର୍କେଟିଂ ଏବଂ ମ୍ୟାନେଜମେଣ୍ଟ ପ୍ରାର୍ଥୀଙ୍କ ଲାଗି ଭଲ ସୁଯୋଗ ଦେଇଥାଏ। ପେଟ୍ରୋଲିୟମ କ୍ଷେତ୍ରର ଅନେକ ସମ୍ଭାବନାକୁ ଦେଖି ଏମ୍‌ବିଏ ଇନ୍ ପେଟ୍ରୋଲିୟମ କୋର୍ସ ମଧ୍ୟ ଆରମ୍ଭ କରାଯାଇଛି।

## କୋର୍ସ/ଇନ୍‌ଷ୍ଟିଚ୍ୟୁଟ୍

ଇଣ୍ଡିଆନ ଅଏଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପେଟ୍ରୋଲିୟମ ମ୍ୟାନେଜମେଣ୍ଟ, ଗୁଡଗାଓଁ, ଇନ୍‌ଷ୍ଟିଚ୍ୟୁଟ୍ ଅଫ ପେଟ୍ରୋଲିୟମ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି, ଗାନ୍ଧୀନଗର, ଇଣ୍ଡିଆନ ସ୍କୁଲ୍ ଅଫ୍ ମାଇନ୍ସ ୟୁନିଭର୍ସିଟି, ଧାନବାଦ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମୁମ୍ବାଇ, ୟୁନିଭର୍ସିଟି ଅଫ ପେଟ୍ରୋଲିୟମ ଆଣ୍ଡ୍ ଏନର୍ଜି ଷ୍ଟଡିଜ, ଡେରାଡୁନ, ପଣ୍ଡିତ ଦୀନଦୟାଲ ପେଟ୍ରୋଲିୟମ ୟୁନିଭର୍ସିଟି, ଗାନ୍ଧୀନଗର, ମହାରାଷ୍ଟ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି, ପୁଣେ।

ଶେଷରେ କହିବାକୁ ଗଲେ ପେଟ୍ରୋଲିୟମ ଫିଲ୍ଡକୁ ଟେକ୍ନିକାଲ ଭାଷାରେ ହାଇଡ୍ରୋକାର୍ବନ ଉଦ୍ୟୋଗ କୁହାଯାଏ। ଏଥିରେ ଅଶୋଧିତ ତେଲ ଏବଂ ବାଷ୍ପକୁ ଖୋଜିବାଠାରୁ ଆରମ୍ଭ କରି ଏହାକୁ ବିକ୍ରି କରିବା ଭଳି ଅନେକ ପ୍ରକାର ପର୍ଯ୍ୟାୟରେ ବଣ୍ଟାଯାଇଛି। ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ସ୍ପେଶାଲିଷ୍ଟ ପ୍ରାର୍ଥୀଙ୍କ ଆବଶ୍ୟକତା ରହିଛି। ଏହି କାରଣରୁ ପେଟ୍ରୋଲିୟମ ସହିତ ଅନ୍ୟ କେତେକ ଫିଲ୍ଡର ପ୍ରାର୍ଥୀଙ୍କର ଆବଶ୍ୟକତା ଦେଖାଯାଇଛି। ଅନେକ ଥର କମ୍ପାନୀ ପ୍ରାର୍ଥୀଙ୍କୁ ଟ୍ରେନି ପୋଷ୍ଟରେ ଭର୍ତ୍ତି କରନ୍ତି ଏବଂ ତାଙ୍କୁ ସେଭଳି ଟ୍ରେନିଂ ଦେଇଥାନ୍ତି। ଟ୍ରେନିଂ ଅବଧି ଗୋଟିଏ ବର୍ଷ ହୋଇଥାଏ। ଏଥିରେ ସମସ୍ତ ସୁରକ୍ଷା ମାନଦଣ୍ଡକୁ ଜଣାଇ ଦିଆଯାଏ ଏବଂ ଏହାର ଅଭ୍ୟାସ କରାଯାଏ। ପ୍ରାର୍ଥୀ ଏଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ଫିଲ୍ଡକୁ ଛଡାଯାଏ। ଏହି ଉଦ୍ୟୋଗରେ ଦରମା ପ୍ୟାକେଜ ଭଲ ରହିଛି। ଏବେ ପାଠ ପଢ଼ାଯାଉଥିବା ନୂଆ ସ୍ପେଶାଲାଇଜଡ କୋର୍ସରେ ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କୁ କମ୍ପାନୀମାନେ ଅଗ୍ରାଧିକାର ଦେଇଥାନ୍ତି।


ଘରକାମ ପାଇଁ ଝିଅ ପିଲା ଏବଂ ବଗିଚା କାମ ପାଇଁ ମାଳୀ ଆବଶ୍ୟକ। ଦରମା ୫,୦୦୦/-। ଫୁଲନଖରା, କଟକ
7809525452

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା-8th to 10th & above.
Contact: 8339922964

APPOINTMENT
Zee Laboratories Ltd a leading Pharma Company requires Medical Representatives for Bhubaneswar, Bhadrak & Baripada. Freshers may apply, please mail your Resume to
vaishnovienterprises@gmail.com

DRIVER REQUIRED
At Bhubaneswar a reputed food processing Firm urgently needs DRIVER for their office vehicle and Commercial Vehicles like Bolero pick up and three wheeler Dala Auto.
Contact: 9438182103

Required WARDEN (Female) for Ladies Hostel at Bhubaneswar.
Minimum Qualification: Matric, Age above 25 Years.
Contact: 9556514837

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

ଆବଶ୍ୟକ
ଡ୍ରାଇଭର
(ହଷ୍ଟେଲ ଓ ଖାଇବା ସୁବିଧା ଉପଲବ୍ଧ)
CONTACT 9437172833 7381738333

ଡ୍ରାଇଭର ଆବଶ୍ୟକ
ତିନି ବର୍ଷ ଅଭିଜ୍ଞତା ଥିବା ଟ୍ରାନ୍ସପୋର୍ଟ ଲାଇସେନ୍ସ ( Cab / Badge ) ଭୁବନେଶ୍ୱର ପାଇଁ ଡ୍ରାଇଭର ଆବଶ୍ୟକ। ମାସିକ ବେତନ ୯୫୦୦ ରୁ ୧୦,୦୦୦/-।
ଯୋଗାଯୋଗ : M-5/6, Achrya Vihar, BBSR
Mob No :- 99370 - 27478 94372 - 85978

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
GLOBALCONSULTANT, DELHI
07289962847

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 8895725158

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ। ଅଭିଜ୍ଞତା ଜରୁରୀ। ଘରୋଇ ରୋଷେୟା। କାର ଡ୍ରାଇଭର। ସେବକ। ବ୍ୟକ୍ତିଗତ ସହାୟକ। ବରିଷ୍ଠ ନାଗରିକଙ୍କ ପାଇଁ ଅଭିଜ୍ଞ କେୟାରଟେକର୍ ଟ.୧୨୦୦୦-୧୬୦୦୦। ଅଗରୱାଲ, ଏଫ୍‌ଏଫ୍‌ଏଫ୍
9884761210

INSTRUCTORS REQUIRED
For Kalinga ITC (ITI) Electrician (2), Fitter (2). Salary : Negotiable with fooding & boarding. Qlf. : ITI (Pass) or above. Apply within 10 days / 9040762519 / 9040000323.
Secretary, KITC, Badaraghunathpur, Bidyavihar, Madanpur, BBSR - 54

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9776141333 7064222275

WANTED
ଧରିତ୍ରୀ DHARITRI Oriya daily
is looking for
SUB-EDITORS
- Candidates must have at least 3 years experience in desk work.
- Should have a degree in journalism.
- Should have expertise in translation.
Apply immediately to : recruitment@dharitri.com
Attractive salary commensurate with experience

URGENT REQUIRED
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : (10th,12th,+3) Salary : (18000-35000) ଏବଂ ସମସ୍ତ ସୁବିଧା + ଖାଇବା ଫ୍ରି
Mobile : 9090391585, 7694934663, 9090732106

URGENTLY REQUIRED
ପ୍ରତିଷ୍ଠିତ ଡାକ୍ତର ପରିବାରରେ ଛୋଟ ଛୁଆର ଯତ୍ନନେବା ପାଇଁ ଅଭିଜ୍ଞ Full Time ଶିକ୍ଷିତ ମହିଳା ଆବଶ୍ୟକ ଅଛି।
(ବୟସ ୨୫-ରୁ ଉର୍ଦ୍ଧ) ଆକର୍ଷଣୀୟ ଦରମା ସହିତ ରହିବା ଓ ଖାଇବାର ସୁବିଧା ଦିଆଯିବ। ସ୍ଥାନ- ଭୁବନେଶ୍ୱର
7008818130 / 8456041617

URGENT REQUIRED
(1) Diploma Civil (Fresh/Exp): 25 Nos.
(2) Matric to Graduate: 50 Nos.
Contact: 7873563668, 7077415089

CONTACT:- 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/above Candidates (M/F) ଆବଶ୍ୟକ। ବୟସ(17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

URGENT REQUIRED
Lecturer in
1. Food & Beverage Service
2. Management
For Hotel Management College
Bhubaneswar School of Hotel Management & Tourism, Bhubaneswar
Contact: 9861290107, 9437133750

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଅନୁସୂଚୀ 'କ' ମିନି ରତ୍ନ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ୪/୧, ସିରି ଇନ୍‌ଷ୍ଟିଚ୍ୟୁଶନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ-୧୧୦୦୧୬
ୱେବ୍‌ସାଇଟ୍: www.cewacor.nic.in

ଆରମ୍ଭ ତାରିଖ: ୧୫ ଫେବୃୟାରୀ ୨୦୧୯, ୦୦.୦୦ ଘ. | ଶେଷ ତାରିଖ: ୧୬ ମାର୍ଚ୍ଚ ୨୦୧୯, ୨୩.୫୯ ଘ.

ଆସନ୍ତୁ ! ଆମ ସହ ସାମିଲ ହୁଅନ୍ତୁ ଏବଂ ନିଜର ଅନ୍ତର୍ନିହିତ ସାମର୍ଥ୍ୟରେ ଉତ୍କୃଷ୍ଟତା ହାସଲ କରନ୍ତୁ
ଆପଣଙ୍କ ଅଭିବୃଦ୍ଧିରେ ଆମେ ମଧ୍ୟ ଆପଣଙ୍କ ଭଳି ଗର୍ବ ଅନୁଭବ କରିଥାଉ
ବିଜ୍ଞାପନ ନଂ. ସିଡବ୍ଲୁସି/୧-ମ୍ୟାନ୍‌ପାୱାର/ଡିଆର୍/ଆର୍‌ଇସିଟି/୨୦୧୯/୦୧

କେନ୍ଦ୍ରୀୟ ପଣ୍ୟାଗାର ନିଗମ, ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ ଅନୁସୂଚୀ-କ, ମିନି ରତ୍ନ, ବର୍ଗ-I, କେନ୍ଦ୍ରୀୟ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ଯାହା କୃଷିଗତ ଇନ୍‌ପୁଟ୍, ଫସଲ ଏବଂ ଅନ୍ୟାନ୍ୟ ଅଧିସୂଚିତ ଦ୍ରବ୍ୟ ପାଇଁ ବୈଜ୍ଞାନିକ ଭଣ୍ଡାର ସୁବିଧା ଯୋଗାଇବା ସମେତ ସିଏଫ୍‌ଏସ୍/ଆଇସିଡି, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେଶନ, ଏୟାର୍ କାର୍ଗୋ କମ୍ପ୍ଲେକ୍ସ ଇତ୍ୟାଦିକୁ ଆମଦାନୀ-ରପ୍ତାନି କାର୍ଗୋ ପାଇଁ ଲଜିଷ୍ଟିକ୍ସ ଭିତ୍ତିଭୂମି ଯୋଗାଇଥାଏ, ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:-

| ପଦବୀ କୋଡ୍ | ପଦବୀର ନାମ | ଖାଲିସ୍ଥାନ ସଂଖ୍ୟା |
|---|---|---|
| ୦୧ | ମ୍ୟାନେଜମେଣ୍ଟ ଟ୍ରେନି (ଜେନେରାଲ୍) | ୩୦ |
| ୦୨ | ମ୍ୟାନେଜମେଣ୍ଟ ଟ୍ରେନି (ଟେକ୍ନିକାଲ୍) | ୦୧ |
| ୦୩ | ଆସିଷ୍ଟାଣ୍ଟ ଇଞ୍ଜିନିୟର୍ (ସିଭିଲ) | ୧୮ |
| ୦୪ | ଆସିଷ୍ଟାଣ୍ଟ ଇଞ୍ଜିନିୟର୍ (ଇଲେକ୍ଟ୍ରିକାଲ୍) | ୧୦ |
| ୦୫ | ଆକାଉଣ୍ଟାଣ୍ଟ | ୨୮ |
| ୦୬ | ସୁପରିଣ୍ଟେଣ୍ଡେଣ୍ଟ (ଜେନେରାଲ) | ୮୮ |
| ୦୭ | ଜୁନିୟର ସୁପରିଣ୍ଟେଣ୍ଡେଣ୍ଟ | ୧୫୫ |
| ୦୮ | ହିନ୍ଦୀ ଅନୁବାଦକ | ୦୩ |
| ୦୯ | ଜୁନିୟର ଟେକ୍ନିକାଲ୍ ଆସିଷ୍ଟାଣ୍ଟ | ୨୩୮ |

ଯୋଗ୍ୟତା ମାନଦଣ୍ଡ ସମେତ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା, ମନୋନୟନ ପ୍ରକ୍ରିୟା, ସାଧାରଣ ସର୍ତ୍ତାବଳୀ ଇତ୍ୟାଦି ସମ୍ପର୍କିତ ସବିଶେଷ ସୂଚନା ପାଇଁ ଦୟାକରି ୧୫ ଫେବୃୟାରୀ ୨୦୧୯ ପରଠାରୁ ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ (www.cewacor.nic.in) ପରିଦର୍ଶନ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ। ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in ମାଧ୍ୟମରେ ଆବେଦନ କରିବାକୁ ହେବ ଯାହା ୧୫ ଫେବୃୟାରୀ ୨୦୧୯, ୦୦.୦୦ ଘଟିକାରୁ ଆରମ୍ଭ ଓ ୧୬ ମାର୍ଚ୍ଚ ୨୦୧୯, ୨୩.୫୯ ଘଟିକାରେ ଶେଷ ହେବ। ଅନ୍ୟ କୌଣସି ପଦ୍ଧତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।
"ପ୍ରତ୍ୟେକଙ୍କ ପାଇଁ ପଣ୍ୟାଗାର"

PRAGATI MARINE SERVICES PVT. LTD.
WANTED
01. Driver Gr.I (Marine) / Junior Engineer (Marine) - 07 Nos. Minimum Qualification: (i) Must hold the Certificate for 1st Class Engine Driver's Exam under IV Act. (ii) Should have minimum 5 years post qualification experience in operation & maintenance of floating craft / sea going vessels. (iii) Must be within 38 years of age as on Dt.27.08.2018 OR (i) Must hold IME certificate under IV Act or MEO Class-IV (NCV). (ii) Should have minimum 2 years post qualification experience in operation & maintenance of floating craft / sea going vessels. (iii) Must be within 35 years of age as on Dt.27.08.2018 02. Mechanic - 01 No. Minimum Qualification: Passed ITI in Diesel Mechanic or Motor Mechanic trade with 10 years experience in the trade in any reputed Organization or Diploma in Mechanical with 2 years experience in the trade for Mechanic. Must be below 30 years of age as on Dt.27.08.2018 OR Diploma in Mechanical with 5 years of experience in the trade. 03. Marine Foreman Gr.II - 02 Nos. Minimum Qualification: i) Should passed HSC or its equivalent ii) Should know swimming iii) Should possess five years of experience in handling of buoys, mooring gangs & maintenance of small crafts & be able to control labour iv) Must be below 35 years of age as on Dt.27.08.2018 OR i) Cadet apprenticeship on completion of three years apprenticeship on vessels and be able to control labour. ii) Must be below 35 years of age as on Dt.27.08.2018 OR ii) Must be below 35 years of age as on Dt.27.08.2018. 04. Pilot Launch Master - 05 Nos. Minimum Qualification : i) Should posses 1st Class Master's Certificate OR ii) 2nd Class Master's Certificate with 2 Years of experience under I. V. Act iii) Should pass Launch handling test iv) Must be below 35 years of age as on Dt.27.08.2018. Lascar Gr.I - 24 Nos. Minimum Qualification: i) Should passed HSC or its equivalent ii) Should know swimming iii) Should passed pre-sea training for seaman / G. P. Rating from a Government recognized institution iv) Must be below 32 years of age as on Dt.27.08.2018
Plot No.17, Rabindra Garden, Soubhagya Nagar, Bubaneswar-751003
E-Mail Address: jobsatpragatimarine@gmail.com


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


Natural Petrochemicals Private Limited
A leading Thermosetting Resin Manufacturing Company engaged in the Manufacture of Unsaturated Polyester Resins. The unit situated at Gandhidham (Gujarat) and working for a fortune 500 Company. Required the staff for the following position:
1. Assist. Manager Production: Should be Science Graduate/Dip.in Engg. with 5 to 7 yrs. experience in the same or similar field.
2. HR Executive: BA/Diploma in HR with at least 3 to 5 yrs. experience in the capacity of HR Executive in manufacturing units.
3. Accountant: Midlevel accountant with basic knowledge of GST returns and Tally.
4. Supervisor/Operator: B.SC/ITI with at least 2 to 3 yrs. experience in the capacity of supervisor in production/operation of the plant.
5. Lab Chemist: B.SC/LACP with at least 2 to 3 yrs. experience in the capacity of Lab chemist
Interested candidate email their resume to:- hr.natural@asiagroup.in

FACULTY REQUIRED
NRI Medical College & General Hospital, one of the premier Institutions of Medical Education and Healthcare situated in the State Capital of Andhra Pradesh.
It is a 1000 bed hospital with all general and super specialties.
Professors are required in General Medicine, Pediatrics, Orthopedics and Obstetrics & Gynecology
Professor / Associate Professor in Physiology.
Interested candidates can apply to principal@nrias.ac.in
NRI Medical College & General Hospital
CHINAKAKANI, Mangalagiri (M), Guntur Dist. Ph: 08645 - 230101.

URGENT REQUIREMENT
ELMECH, an Engineering consultancy in Bhubaneswar requires the following

| | NAME OF POST | QUALIFICATION | SALARY |
|---|---|---|---|
| 1. | INDUSTRIAL SALES EXECUTIVE | B.Tech with minimum 3 year sales Experience. | Rs.22000 PM |
| 2. | INDUSTRIAL SALES TRAINEE | B.Tech or Diploma (Fresher) | Rs.12000 PM |
| 3. | OFFICE EXECUTIVE (Female) | Graduation with fluency in English & Computer Knowledge | Rs.15000 PM |

Mail your CV at : recruitments@elmechindia.in

WANTED
- ASST. SALES MANAGER: Graduate with min. 4 yrs experience in Industrial Selling.
- SR. MARKETING EXECUTIVE: Graduate with min. 2 yrs experience in Sales.
Interested Candidate can mail or walk in
HR MANAGER, TP INGREDIENTS (P) LTD,
301, Archid Apt. Nr. UCO Bank Colony, Jharpada, BBSR,
tpingredientshr@gmail.com, www.tpingredients.com.
For walk in between- 11.30 AM - 3 PM.
Ph: 8917381896, 9861183602
Leading Manufacture of speciality Ingredients

ନାଲକୋ ଫାଉଣ୍ଡେସନ୍ NALCO FOUNDATION
P/1, Nalco Bhawan, Nayapalli, Bhubaneswar - 751 013, Odisha, India
NEEDS CHIEF FINANCIAL OFFICER (CFO)
NALCO Foundation the CSR Arm of NALCO, A Navratna PSU is looking for committed, promising and passionate professionals with brilliant academic carrier for the position of Chief Financial Officer (CFO) on tenure basis initially for a period of 03 (Three) years. For details of the advertisement log on to career section of NALCO's website www.nalcoindia.com
Chief Operating Officer (COO)
NALCO Foundation

Dollar 71.23 (7) | Sensex 67.27 35,808.95 | Nifty 21.65 10,724.40 | Gold `310 34,310.00 | Silver `170 40,820.00



ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ୬୫ ବିଲିୟନ ଡଲାର ନିବେଶରେ ଦେଶରେ ୧୦୦ ବିମାନ ବନ୍ଦର ସ୍ଥାପନ କରାଯିବାକୁ ଯୋଜନା ରହିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚାଳଚଳ ମନ୍ତ୍ରୀ



ପବ୍ଲିକ ୱାଇଫାଇର ଇଣ୍ଟରଅପରେବିଲିଟି ଉପରେ ସରକାର ବର୍ତ୍ତମାନ ବିଚାର ବିମର୍ଶ କରୁଛନ୍ତି।
– ଅରୁଣା ସୁନ୍ଦର ରାଜନ, ଟେଲିକମ୍ ସଚିବ

## ସଂକ୍ଷେପରେ

### ୨୨ଦିନ ପରେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ଜେଟ୍‌ଲୀ

**ନୂଆଦିଲ୍ଲୀ,୧୫-୨:** ଅରୁଣ ଜେଟ୍‌ଲୀ ଦୀର୍ଘ ୨୨ ଦିନ ପରେ ଶୁକ୍ରବାର ଅର୍ଥମନ୍ତ୍ରୀ ଭାବେ ପୁନର୍ବାର ଦାୟିତ୍ୱ ସମ୍ଭାଳିଛନ୍ତି। ସେ ଆମେରିକାରେ ନିଜର ଚିକିତ୍ସା ସାରିବା ପରେ ଗତ ଶନିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସଫ୍ଟ ଟିସ୍ୟୁ କ୍ୟାନସର ଚିକିତ୍ସା ପାଇଁ ବିଦେଶ ଯାଇଥିଲେ। ଏହି କାରଣରୁ ସେ ଜାନୁୟାରୀ ୨୩ରେ ରେଳମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଅର୍ଥମନ୍ତ୍ରୀ ଦାୟିତ୍ୱ ଦେଇଥିଲେ। ଫଳରେ ଗୋୟଲ ଚଳିତ ମାସ ପହିଲାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ତେବେ ଜେଟ୍‌ଲୀ ଆମେରିକାରେ ଅବସ୍ଥାନ କାଳରେ ଦେଶର ପ୍ରତ୍ୟେକଟି ଖବର ସହ ଜଡ଼ିତ ଥିଲେ ଏବଂ ସୋସିଆଲ ମିଡିଆରେ ଏହା ଉପରେ ପ୍ରତିକ୍ରିୟାମାନ ଦେଉଥିଲେ। ଖାଲି ସେତିକି ନୁହେଁ ସେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ମିଡିଆ ସହ ଆଲୋଚନା କରୁଥିଲେ।

### ଇରାନରୁ ଅଶୋଧିତ ତେଲ ଆମଦାନୀ ୪୫% କମିଲା

**ନୂଆଦିଲ୍ଲୀ,୧୫-୨:** ଜାନୁୟାରୀରେ ଇରାନରୁ ଅଶୋଧିତ ତେଲ ଆମଦାନୀ ୪୫% ଅର୍ଥାତ୍ ଦୈନିକ ୨,୭୦,୫୦୦ ବ୍ୟାରେଲକୁ ହ୍ରାସ ପାଇଛି। ପୂର୍ବରୁ ଏହା ୩ ଲକ୍ଷ ବ୍ୟାରେଲ ହେବ ବୋଲି ଆଶାକରାଯାଉଥିଲା। ସୂଚନାଥାଉ କି, ଆମେରିକା କଟକଣା ଜାରି କରିଥିବା ଯୋଗୁ ଇରାନର ଅଶୋଧିତ ତେଲ ଏବେ ବିକ୍ରି ହୋଇପାରୁନାହିଁ। ତେବେ ଭାରତ ସମେତ ୮ଟି ଦେଶକୁ ଆମେରିକା ୬ ମାସ ପାଇଁ କଟକଣାରୁ ବାଦ୍ ଦେଇଛି। ଭାରତ ଦୈନିକ ୧.୨୫ ମିଲିୟନ ଟନ ତେଲ ଇରାନରୁ କିଣିପାରିବ ବୋଲି ଆମେରିକା କହିଛି। ଏହାର ଅର୍ଥ ଭାରତ ଦୈନିକ ୩ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରିପାରିବ।

### ୩୦ ହାଇସ୍ପିଡ ଟ୍ରେନ ନିର୍ମାଣ ଚାଲିଛି: ଗୋୟଲ

**ନୂଆଦିଲ୍ଲୀ,୧୫-୨:** ଦେଶର ବିଭିନ୍ନ ସେକ୍ଟରରେ ଅଧିକ ହାଇସ୍ପିଡ ଟ୍ରେନ ଚଳାଇବା ଲାଗି ଭାରତୀୟ ରେଳବାଇ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୩୦ ଟି ଟ୍ରେନ ୧୮ ନିର୍ମାଣ କରାଯାଉଛି ବୋଲି ରେଳମନ୍ତ୍ରୀ ପୀୟୁଷ ଗୋୟଲ ଶୁକ୍ରବାର ପ୍ରକାଶ କରିଛନ୍ତି। ଏଭଳି ୧୦୦ଟି ଅଧିକ ଟ୍ରେନ ନିର୍ମାଣ ଲାଗି ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଦେଶରେ ପ୍ରଥମ ବୁଲେଟ ଟ୍ରେନ ଚଳାଚଳ ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ଠିକ୍ ଦିଗରେ ଆଗେଇ ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଚେନ୍ନାଇର ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରେ ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ ୧୮କୁ ନିର୍ମାଣ କରାଯାଇଥିଲା। ଯାହାକୁ ପରେ ବନ୍ଦେ ଭାରତ ଏକ୍ସପ୍ରେସ ନାମ ଦିଆଯାଇଛି।

### ମୋଷ୍ଟ ଫେଭର୍ଡ ନେସନ୍ସ ମାନ୍ୟତା ପ୍ରତ୍ୟାହାର

# ପାକିସ୍ତାନ ଉପରେ ସାମାନ୍ୟ ପ୍ରଭାବ

**ନୂଆଦିଲ୍ଲୀ,୧୫-୨**

ଦକ୍ଷିଣ କଶ୍ମୀରର ପୁଲୱାମାରେ ଗୁରୁବାର ଆତଙ୍କବାଦୀ ଆକ୍ରମଣରେ ୪୪ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଭାରତ ଶୁକ୍ରବାର ପାକିସ୍ତାନକୁ ଦେଇଥିବା ମୋଷ୍ଟ ଫେଭର୍ଡ ନେସନ୍ସ (ଏମ୍‌ଏଫ୍‌ଏନ୍)ମାନ୍ୟତାକୁ ପ୍ରତ୍ୟାହାର କରିନେଇଛି। ଦୀର୍ଘ ୨୨ ବର୍ଷ ପରେ ଭାରତ ଏଭଳି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚମକାଇ ଦେଇଛି। ଏହାପରେ ଭାରତ ଆଉ ଏକ ଦୃଢ଼ ପଦକ୍ଷେପ ନେଇ ପାକିସ୍ତାନଠାରୁ ମାନ୍ୟତା ପ୍ରତ୍ୟାହାର ସଂକ୍ରାନ୍ତରେ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲୁଟିଓ)ରେ ଜଣାଇବ। ତେବେ ସଂଗଠନ ଦ୍ୱାରା ପ୍ରଣୀତ ଚୁକ୍ତି ଅନୁଯାୟୀ ଭାରତକୁ ପ୍ରତ୍ୟାହାର କାରଣ ସମ୍ପର୍କରେ ଜଣାଇବାକୁ ପଡ଼ିବ। ସୁରକ୍ଷା କାରଣରୁ ଏହି ପଦକ୍ଷେପ ନିଆଯିବ ବୋଲି ଭାରତ ପକ୍ଷରୁ ଯୁକ୍ତି ଦର୍ଶାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଭାରତର ଏହି ପଦକ୍ଷେପ ଯୋଗୁ ପାକିସ୍ତାନ ଉପରେ ସାମାନ୍ୟ ପ୍ରଭାବ ପଡିବ ବୋଲି ବିଶ୍ୱ ବ୍ୟାଙ୍କ ରିପୋର୍ଟ କହୁଛି। ଭାରତ କେବଳ ସାଙ୍କେତିକ ପଦକ୍ଷେପ ନେଇଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ସୂଚନାଥାଉ କି, ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲୁଟିଓ)ର ଜେନେରାଲ ଏଗ୍ରିମେଣ୍ଟ ଆଣ୍ଡ ଟାରିଫ୍‌ସ ଆଣ୍ଡ ଟ୍ରେଡ୍ (ଗାଟ୍) ଅନ୍ତର୍ଗତରେ ଏଥିରେ ସ୍ୱାକ୍ଷର କରିଥିବା ସଦସ୍ୟ ଦେଶଗୁଡ଼ିକ ଜଣେ ଅନ୍ୟଜଣର ସୀମା ଶୁଳ୍କ ମାମଲାରେ ସମାନ ବ୍ୟବହାର କରିବାକୁ ବାଧ୍ୟ। ଯେକୌଣସି ସଦସ୍ୟ ରାଷ୍ଟ୍ର ଅନ୍ୟ ଦେଶକୁ ଏମ୍‌ଏଫ୍‌ଏନ୍ ମାନ୍ୟତା ଦେଇପାରେ। ତେବେ ମାନ୍ୟତା ପାଇଥିବା ଦେଶ ଦେଇଥିବା ଦେଶକୁ ଅନୁରୂପ ମାନ୍ୟତା ଦେବାକୁ ବାଧ ନୁହେଁ। ସୁରକ୍ଷା କାରଣରୁ ସେ ଏଥିରୁ ଦୂରେଇ ରହିପାରେ। ତେବେ ଏ କ୍ଷେତ୍ରରେ ଭାରତ ଏକତରଫା ଭାବେ ୧୯୯୬ରେ ପାକିସ୍ତାନକୁ ଏମ୍‌ଏଫ୍‌ଏନ୍ ମାନ୍ୟତା ଦେଇଥିଲା। କିନ୍ତୁ ପାକିସ୍ତାନ ଆଜିଯାଏ ଭାରତକୁ ଅନୁରୂପ ମାନ୍ୟତା ଦେଇନାହିଁ। ଏବେ ଏହା ପ୍ରତ୍ୟାହାର ପରେ ପଡୋଶୀ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ଭାରତ ମନଇଚ୍ଛା ସୀମା ଶୁଳ୍କ ବଢ଼ାଇ ପାରିବ। ତେବେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଏହାଦ୍ୱାରା ପାକିସ୍ତାନ ସାମାନ୍ୟ ପ୍ରଭାବିତ ହେବ। ସୂଚନାଥାଉ କି, ପାକିସ୍ତାନରୁ ଭାରତ ଫଳ, ସିମେଣ୍ଟ, ଚମଡ଼ା, ରସାୟନ ଓ ମସଲା ଆମଦାନୀ କରିଥାଏ। ପାକିସ୍ତାନୀ ସାମଗ୍ରୀ ଉପରେ ଅତ୍ୟଧିକ ସୀମା ଶୁଳ୍କ ଆଦାୟ କରାଗଲେ ମଧ୍ୟ ସେଦେଶର ସେଭଳି କ୍ଷତି ହେଲା ଭଳି ଜଣାପଡୁନି। କାରଣ ଦୁଇ ଦେଶର ବାଣିଜ୍ୟ କାରବାର ଅତ୍ୟନ୍ତ ନଗଣ୍ୟ। ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦୁଇ ଦେଶର ମାତ୍ର ୨ଶହ ଡଲାର ବାଣିଜ୍ୟ ହେଉଛି। ତେବେ ପାକିସ୍ତାନ ମଧ୍ୟ ଭାରତ ବିରୋଧରେ ବାଣିଜ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ ସେଭଳି ଫରକ ପଡ଼ିବ ନାହିଁ। କାରଣ ଏହି ପଡୋଶୀ ଦେଶ ଭାରତକୁ ଉକ୍ତ ମାନ୍ୟତା ଦେଇନାହିଁ। ଏହାଛଡ଼ା ଏହା ଭାରତର ୧୨୦୯ ସାମଗ୍ରୀ ଆମଦାନୀ ଉପରେ ପୂର୍ବରୁ କଟକଣା ଜାରି କରିସାରିଛି। ୱାଘା ସୀମା ଜରିଆରେ ଯାହା କିଛି ଆମଦାନୀ-ରପ୍ତାନି ହେଉଛି, ଏବେ ତାହା ମଧ୍ୟ ବନ୍ଦ ହୋଇଯିବ। ଅନ୍ୟପକ୍ଷରେ ଭାରତ ମୁଖ୍ୟତଃ କଟନ, ଡାଇ,କେମିକାଲ୍ସ, ପନିପରିବା, ଲୁହା ଏବଂ ଷ୍ଟିଲ ପାକିସ୍ତାନରୁ ଆମଦାନୀ କରିଥାଏ। ସୂଚନାଥାଉ କି, ଭାରତ ୨୦୧୭-୧୮ରେ ପାକିସ୍ତାନରୁ ୪୮.୮ କୋଟି ଡଲାରର ସାମଗ୍ରୀ ଆମଦାନୀ ଓ ୧.୯୨ ବିଲିୟନ ଡଲାର ରପ୍ତାନି କରିଥିଲା।

## ନୂଆ ହୋଣ୍ଡା ସିଭିକର ପ୍ରି ଲଞ୍ଚ ବୁକିଂ

**ନୂଆଦିଲ୍ଲୀ,୧୫-୨**





ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ୧୦ ପିଢିର ନୂଆ ସିଭିକ ମଡେଲର ପ୍ରି ଲଞ୍ଚ ବୁକିଂ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୧୫ ତାରିଖଠାରୁ ସାରା ଦେଶରେ ଥିବା କମ୍ପାନୀର ଅଧିକୃତ ଡିଲରଶିପଗୁଡ଼ିକରେ ଗ୍ରାହକମାନେ ଏହି ମଡେଲର ବୁକିଂ କରିପାରିବେ। ବୁକିଂ ଲାଗି ୩୧ ହଜାର ଟଙ୍କା ଦେୟ ଧାର୍ଯ୍ୟ ହୋଇଛି। ଏହି ମଡେଲଟି ମାର୍ଚ୍ଚ ୭ରେ ବଜାରକୁ ଆସିବ ବୋଲି କମ୍ପାନୀ ସୂଚନା ଦେଇଛି। ବିଶ୍ୱ ସ୍ତରରେ ଏହି ମଡେଲଟି କମ୍ପାନୀର ସର୍ବୋଚ୍ଚ ସଂଖ୍ୟାରେ ବିକ୍ରି ହେଉଥିବା ଏକ ଯାନ ହୋଇଥିବା ବେଳେ ଏହାକୁ ଘରୋଇ ବଜାରରେ ବୁକିଂ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି।

## ଏଏସ୍‌ବିଏମ୍‌ର ପ୍ଲେସମେଣ୍ଟ ସଫଳତା

**ଭୁବନେଶ୍ୱର,୧୫-୨**

ASBM®

ଏସିଆନ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ପିଜିଡିଏମ୍ ପ୍ରୋଗ୍ରାମ ୨୦୧୭-୧୯ ବ୍ୟାଚର ପ୍ଲେସମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୦ ମନୋନୟନରେ ୩୦ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କମ୍ପାନୀ ଭାଗ ନେଇଥିଲେ। କ୍ୟାମ୍ପସ କ୍ଷେତ୍ରରେ ୨୦୧୯ ବ୍ୟାଚ୍ ବିଶେଷ ସଫଳତା ପାଇଥିବା ଏଏସ୍‌ବିଏମ୍ ପକ୍ଷରୁ ସୂଚନା ରହିଛି। ଏହା ମଧ୍ୟରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ୩୧%, ମାଇକ୍ରୋଫାଇନାନ୍ସରେ ୧୭%, ଫାଇନାନ୍ସରେ ୧୬%, ବୀମାରେ ୧୦%, ଲଜିଷ୍ଟିକ୍ସ, ସପ୍ଲାଇଚେନ ଏବଂ ନିର୍ମାଣରେ ୭%, ରିଟେଲ ମ୍ୟାନେଜମେଣ୍ଟରେ ୫% ଏବଂ ଆଇଟି-ଆଇଟିଇଏସ୍ କନସଲଟିଂ କ୍ଷେତ୍ରରେ ୨% ଛାତ୍ରୀଛାତ୍ର ରହିଥିଲେ। ୨୦୧୭-୧୯ ବ୍ୟାଚର ଛାତ୍ରୀଛାତ୍ର ଶତ ପ୍ରତିଶତ କ୍ୟାମ୍ପସ ପ୍ଲେସମେଣ୍ଟରେ ସଫଳତା ପାଇବା ଏକ ଗୌରବର ବିଷୟ ବୋଲି ପ୍ରତିଷ୍ଠାନର ପ୍ଲେସମେଣ୍ଟ ଅଧ୍ୟକ୍ଷ ପ୍ରଫେସର ମନ୍ମଥ ନାଥ ଦାସ କହିଛନ୍ତି। ବଜାରକୁ ଦେଖି ପାଠ୍ୟକ୍ରମ, ଉନ୍ନତ ଏକାଡେମିକ ଡେଲିଭରି ଭଳି ବ୍ୟବସ୍ଥା ଗ୍ରହଣ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଉଥିବା ସେ ସୂଚନା ଦେଇଛନ୍ତି।





## ଅରୁନ୍ଧତୀରେ ନୂଆ ବ୍ରାଇଡାଲ କଲେକ୍ସନ

**ଭୁବନେଶ୍ୱର,୧୫-୨**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନୂଆ ବ୍ରାଇଡାଲ କଲେକ୍ସନ ରିୱାଜ ସମ୍ଭାରର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହାକୁ ଦେଶର କୋଣଅନୁକୋଣର ଅନୁଭବୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏଥିରେ ଗ୍ରାହକମାନେ ସମସ୍ତ ବର୍ଗର ନୂତନ ତଥା ସୁନ୍ଦରକାରିଗରି ଭରା ସ୍ୱତନ୍ତ୍ର ଗହଣା ପାଇ ପାରିବେ। ଅରୁନ୍ଧତୀର ବଲାଙ୍ଗୀର, ଭବାନୀପାଟଣା, ସମ୍ବଲପୁର ଏବଂ ଭୁବନେଶ୍ୱର ଶୋ'ରୁମରେ ଏହି ଗହଣା ସମ୍ଭାର ଉପଲବ୍ଧ। ଏହି ଅବସରରେ ଶୋ'ରୁମ ପକ୍ଷରୁ ସଦାବସନ୍ତ ଗୋଲ୍ଡେନ ସେଲ୍ଫି କଣ୍ଟେଷ୍ଟର ବିଜେତା ପ୍ରେମ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାହକଙ୍କ ସୁଚିନ୍ତିତ ପରାମର୍ଶ ଗ୍ରହଣ କରି କିଛି ନୂତନ କରିବାର ପ୍ରୟାସ ଜାରି ରଖିବାର ପ୍ରତିଶ୍ରୁତି ଉପରେ କାର୍ଯ୍ୟ କରୁଥିବା ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି। ଏଥିରେ ଶୋ'ରୁମର ଡାଇରେକ୍ଟର ଅରୁନ୍ଧତୀ ମେହେର ଉପସ୍ଥିତ ଥିଲେ।

## ବାଣିଜ୍ୟ ନିଅଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୧୫-୨**

ଜାନୁୟାରୀରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୧୪.୭୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ସୁନା ଆମଦାନୀ ବଢ଼ିବା କାରଣରୁ ବାଣିଜ୍ୟ ନିଅଣ୍ଟ ବଢ଼ିଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରି କୁହାଯାଇଛି। ଡିସେମ୍ବରରେ ଏହା ହ୍ରାସ ପାଇ ୧୩.୦୮ ବିଲିୟନ ଡଲାର ହୋଇଥିଲା। ଜାନୁୟାରୀରେ ବର୍ଷକ ପୂର୍ବ ହିସାବରେ ରପ୍ତାନି ୩.୭୪ ପ୍ରତିଶତ ବଢ଼ି ୨୬.୩୬ ବିଲିୟନ ଡଲାର ହୋଇଥିବା ବେଳେ ଆମଦାନୀ ୦.୦୯ ପ୍ରତିଶତ ବୃଦ୍ଧି ପାଇ ୪୧.୦୯ ବିଲିୟନ ଡଲାର ହୋଇଥିବା ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଜାନୁୟାରୀରେ ସୁନା ଆମଦାନୀ ୩୮.୧୬ ପ୍ରତିଶତ ବୃଦ୍ଧି ପାଇ ବର୍ଷକୁ ବର୍ଷ ହିସାବରେ ୨.୩୧ ବିଲିୟନ ଡଲାରରେ ପହଞ୍ଚିଯାଇଛି।

## ରାୟଗଡା ସମେତ ଆଉ ୨ ଷ୍ଟେଶନରେ ନୂଆ ଫୁଟ୍ ଓଭର ବ୍ରିଜ

**ଭୁବନେଶ୍ୱର,୧୫-୨**



ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ରାୟଗଡ଼ା ଷ୍ଟେଶନରେ ଅତିରିକ୍ତ ଫୁଟ ବ୍ରିଜ ସ୍ଥାପନ ହୋଇଛି। ଏହା ସହ ଲାଡା ଓ ଡିମିଡିପେଟା ରେଳ ଷ୍ଟେଶନଠାରେ ଫୁଟ ଓଭରବ୍ରିଜ ସମ୍ପୂର୍ଣ୍ଣ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଏହାକୁ ଚଳିତ ମାସ ୧୯ରେ ଲୋକାର୍ପିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଲାଡା ଓ ଡିମିଡିପେଟା ରେଳ ଷ୍ଟେଶନ ଫୁଟ ଓଭରବ୍ରିଜ ଲାଗି ୨.୨୪ କୋଟି ବ୍ୟୟବରାଦ ହୋଇଛି। ସେହିଭଳି ରାୟଗଡ଼ା ଷ୍ଟେଶନ ଏ ଶ୍ରେଣୀରେ ଆସୁଥିବା ବେଳେ ଏହାର ଉନ୍ନତୀକରଣ କରାଯାଇଛି। ଏଠାରେ ନୂଆ ଫୁଟ ଓଭରବ୍ରିଜ ଲାଗି ୨.୪୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ରାଜ୍ୟରେ ହେବ ୩ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ





**ଭୁବନେଶ୍ୱର,୧୫-୨**

- ରାୟଗଡ଼ା ପ୍ଲାଣ୍ଟର ଭିତ୍ତିପ୍ରସ୍ତର ୧୯ରେ
- ଯୋଗଦେବେ ଧର୍ମେନ୍ଦ୍ର ପ୍ରଧାନ
- ପ୍ୟାକ୍‌ଡ ଏଲପିଜି ଚାହିଦା ୪.୩ କୋଟି ଛୁଇଁବ

ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚପିସିଏଲ୍) ପକ୍ଷରୁ ରାୟଗଡାଠାରେ ଏକ ଏଲପିଜି ବଟଲିଂ ପ୍ଲାଣ୍ଟ ସ୍ଥାପନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ରାୟଗଡାର ଆଇଆଇଡି ସେଣ୍ଟରଠାରେ ହେବାକୁ ଥିବା ବେଳେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚଳିତ ମାସ ୧୯ରେ ଏହାର ଭିତ୍ତିପ୍ରସ୍ତର ଦେବେ। କାର୍ଯ୍ୟକ୍ରମ ଅବସରରେ ଲୋକ ସଭା ସଦସ୍ୟ ଝିନ ହିକକା ଏବଂ ରାୟଗଡା ଏମ୍‌ଏଲ୍‌ଏ ଲାଲ ବିହାରି ହିମିରିକା ଯୋଗଦେବେ ବୋଲି ଏଠାରେ ତୈଳକମ୍ପାନୀ ତଥା ଅଂଶୀଦାରଙ୍କ ପକ୍ଷରୁ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି।

୨୧ ଏକର ପରିମିତ ସ୍ଥାନରେ ଏହି ପ୍ଲାଣ୍ଟ ସ୍ଥାପନ କରାଯିବ। ଏହାର କ୍ଷମତା ବାର୍ଷିକ ୪୨ ଲକ୍ଷ ସିଲିଣ୍ଡର ରହିବ। ସେପ୍ଟେମ୍ବର ୨୦୨୦ ସୁଦ୍ଧା ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯିବାକୁ ଯୋଜନା ରଖାଯାଇଛି। ଉକ୍ତ ୟୁନିଟ କାର୍ଯ୍ୟକାରୀ ହେଲେ ନିକଟବର୍ତ୍ତୀ ୧୧ ଜିଲାକୁ ଏଲ୍‌ପିଜି ଯୋଗାଣ ନେଇ କାର୍ଯ୍ୟ କରିବ। ରାଜ୍ୟରେ ଏଲପିଜି ବ୍ୟବହାର ଦ୍ରୁତ ହାରରେ ବୃଦ୍ଧି ଘଟୁଥିବା ବେଳେ ଗତ ଚାରି ବର୍ଷରେ ଏହା ୨୦.୨୨ ଲକ୍ଷରୁ ବୃଦ୍ଧି ଘଟି ୭୬.୬୫ ଲକ୍ଷ ଛୁଇଁଛି। ଏହି ସମୟରେ ଅଭିବୃଦ୍ଧି ହାର ୨୭୯.୧% ରହିଛି। ଗତ ବର୍ଷ ରାଜ୍ୟରେ ବାର୍ଷିକ ପ୍ୟାକଡ ଏଲପିଜି ଚାହିଦା ୩.୨ କୋଟି ଥିବା ବେଳେ ଏହା ୨୦୨୦ ବେଳେକୁ ୪.୩ କୋଟି ଛୁଇଁବ ବୋଲି ଆକଳନ କରାଯାଇଛି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପକ୍ଷରୁ ରାଜ୍ୟରେ ୪ଟି ବଟଲିଂ ପ୍ଲାଣ୍ଟ ରହିଛି। ଏହି ପ୍ଲାଣ୍ଟଗୁଡ଼ିକର ବାର୍ଷିକ କ୍ଷମତା ୨.୮୦ କୋଟି ସିଲିଣ୍ଡର ରହିଛି। ଭୁବନେଶ୍ୱର ଏବଂ ବଲାଙ୍ଗୀରରେ ନୂଆ ପ୍ଲାଣ୍ଟ ଯୋଜନା ରହିଛି। ୩ ନୂଆ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ବଟଲିଂ ପ୍ଲାଣ୍ଟ ସଂଖ୍ୟା ୭ ଛୁଇଁବା ସହ କ୍ଷମତା ୪.୦୬ କୋଟି ବଟଲ ରହିବ। କାର୍ଯ୍ୟକ୍ରମ ଅବସରରେ ଏଚପିସିଏଲ ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ବରିଷ୍ଠ ମାର୍କେଟିଂ ପ୍ରବନ୍ଧକ ତୃପ୍ତି ରଞ୍ଜନ ସାହୁ, ଏଚପିସିଏଲ୍ ଜଟଣୀ ପ୍ଲାଣ୍ଟର ଚିଫ ମ୍ୟାନେଜର ଅନିଲ କୁମାର ତ୍ରିପାଠୀ, ପୂର୍ବତଟ ରେଳପଥର ଏସ୍‌ପିଆର୍‌ଓ ନିରାକାର ଦାସ ଉପସ୍ଥିତ ଥିଲେ।

**Office of the Collector & District Magistrate, Nuapada, Dist- Nuapada**
(SSD Section) No. 426/ Dt. 14.02.2019
**Advertisement**
Willingness and Information is invited from interested English Medium School Authority of Urban Areas of this District for participating in Urban Education Programme (ANWESHA) in this District in the prescribed format available in our District website www.nuapada.nic.in by 25th of this month positively.
Sd./- District Welfare Officer, Nuapada

**PARADIP PORT TRUST**
e-Tender Call Notice
No. :TD/TM/GEN/225/17/ 363 dtd. 13.02.2019
Tender for "Allotment of 07 nos. of Manual Iron Ore/Iron Ore Pellet Plots at PPT" is published in the website https://eprocure.gov.in/eprocure/app Last date of submission of bid is up to 16.30 hrs. dt. 05.03.2019 and date of bid opening is 15.30 hrs. dt. 06.03.2019.
Traffic Manager, Traffic Department,
PPT/PR/634/18-19 Dt : 14.02.2019

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୀରମହାରାଜପୁର**
ବିଜ୍ଞାପନ ସଂଖ୍ୟା- ୩୧୬ ତା: ୦୭।୦୨।୨୦୧୯
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (ଏମ୍‌ଜିଏନ୍‌ଆର୍‌ଇଜିଏ) ମଷ୍ଟରରୋଲ ସତ୍ୟାସତ୍ୟ ତନଖି ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ତା୧୬।୦୨।୨୦୧୯ରୁ ୨୬।୦୨।୨୦୧୯ ପର୍ଯ୍ୟନ୍ତ ସାମାଜିକ ସମୀକ୍ଷା ଓ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଧାର୍ଯ୍ୟ ତାରିଖରେ ବହଳପଦର ଗ୍ରାମପଞ୍ଚାୟତରେ ସକାଳ ୧୦ଘଟିକାରେ ଆରମ୍ଭ ହେବ। ତେଣୁ ସମସ୍ତ ନାଗରିକ, ହିତାଧିକାରୀ କୁଶଳୀ, ଅଣକୁଶଳୀ ଶ୍ରମିକ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା ଆଦି ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି। ଏହି ଗ୍ରାମସଭାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଅଭିଯୋଗର ସମାଧାନ କରିବେ।

**ସାମାଜିକ ସମୀକ୍ଷା ଓ ଗ୍ରାମସଭାର କାର୍ଯ୍ୟସୂଚୀ**

| ବ୍ଲକ୍ | ଗ୍ରାମ ପଞ୍ଚାୟତର ନାମ | (ଏନ୍‌ଏସ୍‌ଏପି) | | ଏମ୍‌ଜିଏନ୍‌ଆର୍‌ଇଜିଏସ୍ | | ଗ୍ରାମସଭା ତାରିଖ |
|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | |
| ବୀରମହାରାଜପୁର | ବହଳପଦର | ୧୬।୦୨।୧୯ | ୧୯।୦୨।୧୯ | ୨୦।୦୨।୧୯ | ୨୬।୦୨।୧୯ | ୨୬।୦୨।୧୯ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର
ବୀରମହାରାଜପୁର

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
Email: rd_bgh@yahoo.co.in // Fax : 06646-230676, Gmail: adityabhoi@gmail.com
No.1686-O:- e-Procurement Notice No. ONLINE-BGH- 16 OF 2018-19

| | | | | |
|---|---|---|---|---|
| 1 | | Name of the Work | : | Construction of Kalyan Mandap (First floor) of Kulta Samaj near Zeera Bridge, Haldipali, Bargarh during 2018-19. |
| 2 | | Estimated cost | : | Rs.44.19 lakhs. |
| 3 | | EMD | : | 1 (One) % of Estimated Cost |
| 4 | | Time of completion | : | 6(six) months |
| 5 | | Cost of tender paper | : | Rs.6000/- |
| 6 | | Class of contractor | : | B&A Class |
| 7 | | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE- BGH-16 OF 2018-19 | 20.02.19 at 11.00 A.M. | 25.02.19 upto 5.00 P.M. | 23.02.19 up to 5.00 PM | 28.02.19 at 11.00 A.M. |

Further details can be seen from the website www.tendersorissa.gov.in.
25062/11/0006/1819 Executive Engineer, R.W. Division, Bargarh

**OFFICE OF THE PANCHAYAT SAMITI, KORAPUT, DIST : KORAPUT**
No. 447/2019 Dated : 12.02.2019
**TENDER CALL NOTICE**
Seal tender are invited from Registered Contractor from state PWD/M.I./ Irrigation/ Rural works for execution of Roads & Bridges, Buildings etc. The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.
The date and time of sale of Tender paper is from 14.02.2019 to 25.02.2019 upto 3.00 PM and receipt of Seal tender is from 15.02.2019 to 25.02.2019 upto 3.00 PM on working days.
Sd./- Block Development Officer, Koraput

idco Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No. HO/CIV/T&E/E-4376/01/2017/2970 Dated :- 13.02.2019
**EXPRESSION OF INTEREST**
Expression of Interest is invited from Architects for rendering Architectural Planning & Design Services for **"Construction of Science Centre at Khandapada in Nayagarh District."**
The detail EOI notice can be seen in our website **www.idco.in** (in tenders EOI/REP/Others). Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
The bid document can be downloaded from 5.00 PM of 18.02.2019.
The last date of submission of the EOI is 08.03.2019 by 3.00 P.M.
Sd/-
Chief General Manager (Civil) I/C, IDCO, Bhubaneswar

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
EHT(O&M) DIVISION, JODA
Po- Boneikala, Dist : Keonjhar, PIN- 758038 (Odisha), Phone No : 7328829375
Email : ehtm.div.jod@optcl.co.in, CIN : U40102OR2004SGC007553
Letter No. 1757 Date : 14.02.2019
**TENDER CALL NOTICE NO. 13/2018-19**
Sealed tenders are invited from the Reputed Contractors having valid 'C' & 'D' class civil contractor license for the work of repairing of broken boundary wall at Grid S/S Joda under EHT (O&M) Division Joda, Cost of Tender Paper Rs.2240/-, EMD @1% of Quoted amount. Sale of Tender documents from dt. 18.02.2019 to 27.02.2019. Last Date of submission of tender 28.02.2019 upto 1.00 PM. Date of opening of tender : 28.02.2019 at 3.30 P.M. For details visit our website : www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect), EHT (O&M) Division Joda

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
EHT(O&M) DIVISION, JODA
Po- Boneikala, Dist : Keonjhar, PIN- 758038 (Odisha), Phone No : 7328829375
Email : ehtm.div.jod@optcl.co.in, CIN : U40102OR2004SGC007553
Letter No. 1757 Date : 14.02.2019
**TENDER CALL NOTICE NO. 12/2018-19**
Sealed tenders are invited from the Reputed Contractors having valid electrical license (at least MV) for the work of renovation of control room electrical wiring of Grid S/S Joda under EHT (O&M) Division Joda, Cost of Tender Paper Rs.2240/-, EMD @1% of Quoted amount. Sale of Tender documents from dt. 18.02.2019 to 27.02.2019. Last Date of submission of tender 28.02.2019 upto 1.00 PM. Date of opening of tender : 28.02.2019 at 3.30 P.M. For details visit our website : www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect), EHT (O&M) Division Joda

See Career Appointment on every Wednesday & Saturday



“ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

■ ୧୦ମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ

# ଭେଲାଙ୍କାନୀ, ଥାଞ୍ଜାଭୁର ଅଭିମୁଖେ ୯୫୨ ତୀର୍ଥଯାତ୍ରୀ







ରେଳରେ ଯାତ୍ରା କରୁଥିବା ତୀର୍ଥଯାତ୍ରୀ (ବାମ)। ବରିଷ୍ଠ ନାଗରିକଙ୍କ ସ୍ୱାଗତ ତଥା ମନୋରଞ୍ଜନ ପାଇଁ ଆସିଥିବା ଦିଗପହଣ୍ଡି ଅଞ୍ଚଳର ଲୋକନୃତ୍ୟ କଳାକାର (ମଝି)। କଳାକାରମାନେ ଦାସକାଠିଆ ପରିବେଷଣ କରୁଛନ୍ତି।

**ବ୍ରହ୍ମପୁର ଅଫିସ/ଭୁବନେଶ୍ୱର,୧୫।୨**

୨୦୧୬ରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା। ଗତ ୩ ବର୍ଷ ମଧ୍ୟରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ୯ଟି ପର୍ଯ୍ୟାୟରେ ତୀର୍ଥଯାତ୍ରା ଆୟୋଜିତ ହୋଇଥିବା ବେଳେ ୧୦ମ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁକ୍ରବାର ବ୍ରହ୍ମପୁରରୁ ଶୁଭାରମ୍ଭ ହୋଇଛି। ଦକ୍ଷିଣ ଓଡିଶାର ୫ ଜିଲାରୁ ୯୫୨ ତୀର୍ଥଯାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେଶନରୁ ତାମିଲନାଡୁର ଭେଲାଙ୍କାନୀ, ନାଗାପଟ୍ଟିନମ ଓ ଥାଞ୍ଜାଭୁର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୀର୍ଥଯାତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ପରେ ଭିଡିଓ କନଫରେନ୍ସିଂ ଯୋଗେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବିଗତ ୩ ବର୍ଷ ମଧ୍ୟରେ ୯ ଟି ପର୍ଯ୍ୟାୟରେ ଓଡିଶାର ବିଭିନ୍ନ ସ୍ଥାନରୁ ଏହି ଯୋଜନା ମାଧ୍ୟମରେ ୯ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରିବାର ସୁଯୋଗ ପାଇଛନ୍ତି। ୨୦୧୭-୧୮ରେ ୩ ଟି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆୟୋଜିତ ହୋଇଥିବା ବେଳେ ୨୦୧୮-୧୯ରେ ୬ଟି ତୀର୍ଥଯାତ୍ରା ଆୟୋଜନ କରାଯିବାକୁ ଲକ୍ଷ୍ୟ ରହିଛି। ବ୍ରହ୍ମପୁରରୁ ଚଳିତବର୍ଷର ଚତୁର୍ଥ ପର୍ଯ୍ୟାୟ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀଙ୍କ ଯାତ୍ରାର ମଙ୍ଗଳ କାମନା କରିବା ସହ 'ଆପଣମାନେ ଖୁସି ତ ମୁଁ ବି ବହୁତ ଖୁସି' କହି ବକ୍ତବ୍ୟ ସାରିଥିଲେ। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ସବୁଜ ସଙ୍କେତ ପରେ ବ୍ରହ୍ମପୁର ରେଳଷ୍ଟେଶନରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଷ୍ଟେଶନରେ ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର,

**■ ବ୍ରହ୍ମପୁରରୁ ଯାତ୍ରା ଆରମ୍ଭ କଲା ସ୍ୱତନ୍ତ୍ର ଟ୍ରେନ**

**■ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ଡୁଡା ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଜିଲା ପର୍ଯ୍ୟଟନ ବିଭାଗ ଆସିଷ୍ଟାଣ୍ଟ ଡାଇରେକ୍ଟର ସନାତନ ନାୟକ, ରାଜ୍ୟ ଟୁରିଷ୍ଟ ଅଫିସର ରତିକାନ୍ତ ପଟ୍ଟନାୟକ, ଓଟିଡିସି ଫାଇନାନସିଆଲ ଡିଭିଜନାଲ ମ୍ୟାନେଜର ପି.କେ. ଚାନ୍ଦ, ଟୁରିଜମ୍ ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଯାତ୍ରାରେ ଗଜପତି ୮୩, କନ୍ଧମାଳ ୭୨, ବୌଦ୍ଧର ୬୩, ନୟାଗଡର ୧୩୯, ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମରୁ ୫୬୭ ଜଣଙ୍କ ସହ ୨୮ ପ୍ରଶାସନିକ ଅଧିକାରୀ ସାମିଲ ହୋଇଛନ୍ତି। ଏହି ଯାତ୍ରୀମାନେ ୬ ଦିନ ଯାତ୍ରା ଶେଷ କରି ଆସନ୍ତା ୨୦ରେ ପୁଣି ବ୍ରହ୍ମପୁର ଫେରିବେ। ସୂଚନାଯୋଗ୍ୟ, ୨୦୧୬ ଜୁଲାଇରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାର ଶୁଭାରମ୍ଭ ବ୍ରହ୍ମପୁରରୁ କରିଥିଲେ। ସେହିବର୍ଷ ୧ ହଜାର ତୀର୍ଥଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ରେଳ ଷ୍ଟେଶନରୁ ଏକ ସ୍ୱତନ୍ତ୍ର ଟ୍ରେନ ରମେଶ୍ୱର ଓ କନ୍ୟାକୁମାରୀ ଅଭିମୁଖେ ଯାତ୍ରା କରିଥିଲା।

## ଉତ୍ସବ ପ୍ରଧାନପାଟ-୨୦୧୯





ଉତ୍ସବ ପ୍ରଧାନପାଟର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପଲ୍ଲିଶ୍ରୀ ମେଳାର ମଜା ଉଠାଇଲେ

ଦେବଗଡ଼ ଲୋକ ମହୋତ୍ସବ ପ୍ରଧାନପାଟ ଫେବୃୟାରୀ ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଆୟୋଜିତ ହୋଇଥିଲା। ଏଥିରେ ପଲ୍ଲୀଶ୍ରୀ ମେଳା, ଫୁଡ୍ ପ୍ଲାଜା, କୃଷି ମେଳା ଓ ପୁସ୍ତକ ମେଳାକୁ ସାମିଲ କରାଯାଇଥିଲା। ମେଳାରେ ଜିଲା ଏବଂ ରାଜ୍ୟ ବାହାରୁ ସହ ଅନ୍ୟାନ୍ୟ ସ୍ଥାନର ବ୍ୟବସାୟୀ ଓ ସ୍ୱୟଂ ସହାୟକା ଗୋଷ୍ଠୀ ସରକାରୀ ବେସରକାରୀ ସଂସ୍ଥାମାନେ ବିଭିନ୍ନ କିସମର ସାମଗ୍ରୀ ଷ୍ଟଲ ଖୋଲିଥିଲେ। ଲୋକେ ଏହି ମେଳାର ମଜା ଉଠାଇଥିଲେ। ଜିଲା ସଂସ୍କୃତି ପରିଷଦ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ମହାପର୍ବରେ କଳାକାରମାନେ କଳା ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୧ଶହରୁ ଉର୍ଦ୍ଧ୍ୱ କବୟିତ୍ରୀ ଓ କବି ନିଜ ନିଜ ସ୍ୱରଚିତ କବିତା ପାଠ କରିଥିଲେ।

*ଭିନସେଣ୍ଟ ପୁନମ କାନ୍ତ ଏକ୍କା, ପିଡି ଡିଆରଡିଏ ତଥା ଉପାଧ୍ୟକ୍ଷ,ଓରମାସ*


ଉତ୍ସବ ପ୍ରଧାନପାଟ-୨୦୧୯ ଉପଲକ୍ଷେ ଦୀର୍ଘ ୫ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ଏବଂ ଦେବଗଡ଼ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



**ଡକ୍ଟର ଉଇଲିୟମ ହେଣେଜ୍**

ସାଧାରଣ ସମ୍ପାଦକ, ଫାଉଣ୍ଡର ଟ୍ରଷ୍ଟି, ହରିଜନ ଓ ଆଦିବାସୀ ଉନ୍ନୟନ ସଂସ୍ଥା


## ସାହିତ୍ୟ,ଲୋକକଳାର ମହାମିଳନ

କଳା,ସାହିତ୍ୟ, ସଂସ୍କୃତି, ସଂଗୀତ, ଲୋକନୃତ୍ୟ, ନାଟକ ତଥା ପ୍ରାକୃତିକ ପରିବେଷ୍ଟନୀରେ ଭରପୁର ହୋଇ ରହିଥିବା ଅଖୋଜ ବାମଣ୍ଡା ବର୍ତ୍ତମାନ ଦେବଗଡ଼ ରୂପେ ପରିଚିତ। ଆଜି ଓଡ଼ିଶାର ୩୦ଟି ଜିଲାରେ ନିଜର ନାମକୁ ପ୍ରତିପାଦିତ କରି ପାରିଛି ଏହି ଜିଲା। ଇତିହାସ କହେ ଦିନେ ଉତ୍କଳର ଉଜ୍ଜୟିନୀ ନାମରେ ନାମିତ ଏହି ଅଞ୍ଚଳ ଓଡ଼ିଶାର ଏକ ଶାନ୍ତ ସରଳ ତଥା ଆକର୍ଷଣୀୟ ସ୍ଥାନ ଭାବେ ପରିଚିତ ହୋଇପାରିଥିଲା। ପ୍ରଧାନପାଟ ଜଳପ୍ରପାତ ଦେବଗଡ଼ର ଜୀବନରେଖା ହେବା ସହ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇ ଜିଲାର ଗର୍ବ ଓ ଗୌରବ ଭାବେ ଦଣ୍ଡାୟମାନ। ପ୍ରାକୃତିକ ବଣପାହାଡ ଘେରା ପ୍ରଧାନପାଟ ଜଳପ୍ରପାତର ନୈସର୍ଗିକ ଶୋଭା ଉପଭୋଗ ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି। ୧୯୯୪ ମସିହାରେ ଅବିଭକ୍ତ ସମ୍ବଲପୁରରୁ ଦେବଗଡ଼ ଜିଲା ସୃଷ୍ଟି ହୋଇଥିଲା। ଲୋକ ମହୋତ୍ସବ ମାଧ୍ୟମରେ ଦେବଗଡ଼ ଜିଲାବାସୀଙ୍କୁ ସମଗ୍ର ଓଡ଼ିଶା ତଥା ଭାରତର ସଂସ୍କୃତି ସହିତ ପରିଚିତ କରାଇବା ପାଇଁ ପରିକଳ୍ପନା କରାଯାଇଥିଲା। ୧୯୯୬ମସିହାରେ ତତ୍କାଳୀନ ଜିଲାପାଳ ମନୋଜ ଆହୁଜା ଏବଂ କଳା ସଂସ୍କୃତି ପ୍ରେମୀଙ୍କ ମିଳିତ ପ୍ରଚେଷ୍ଟାରେ 'ଉତ୍ସବ ପ୍ରଧାନପାଟ' ଆରମ୍ଭ କରାଯାଇଥିଲା, ଯାହା ନିରବଚ୍ଛିନ୍ନଭାବେ ଚାଲିଛି। ଚଳିତ ବର୍ଷ ୫ ଦିନ ଧରି ଅନୁଷ୍ଠିତ ହୋଇଥିବା 'ଉତ୍ସବ ପ୍ରଧାନପାଟ' ମାଧ୍ୟମରେ ଜିଲାର ସାମାଜିକ, ସାଂସ୍କୃତିକ ଓ ଲୋକ ସଂସ୍କୃତିକୁ ପରିପୁଷ୍ଟ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ଲୋକନୃତ୍ୟ ଓ ଲୋକବାଦ୍ୟ ପ୍ରଦର୍ଶିତ ହୋଇଛି। ଚଳିତ ବର୍ଷ ଜିଲା ଗଠନ ହେବାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ସ୍ମରଣିକା ପ୍ରକାଶନ ସହିତ ଡିଆର୍‌ଡିଏ ଓରମାସ୍ ଦ୍ୱାରା ପରିଚାଳିତ ପଲ୍ଲିଶ୍ରୀ ମେଳା ଏବଂ କବି ସମ୍ମିଳନୀ, ଫୁଡ ପ୍ଲାଜା ଏବଂ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା। ଦେବଗଡ଼ର ସାମୂହିକ ସଂସ୍କୃତି ସହିତ ଓଡ଼ିଶାର ପୁରପଲ୍ଲୀର ସଂସ୍କୃତିର ମହାମିଳନ ଏଠାରେ ଜୀବନ୍ତ ରୂପନେଇଛି। ଚଳିତବର୍ଷ ଫେବୃୟାରୀ ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ଉତ୍ସବ ପ୍ରଧାନପାଟ ଅବସରରେ ରାଜ୍ୟ ବାହାରୁ ୬ଟି ଏବଂ ରାଜ୍ୟର ୨୫ଟି ସାଂସ୍କୃତିକ ଦଳର ୫୨୦ କଳାକାର ଅଂଶଗ୍ରହଣ କରି ନିଜ ନିଜର କଳା ପ୍ରଦର୍ଶନ କରିଛନ୍ତି।

*ଉପସ୍ଥାପନା: ଶଶାଙ୍କଶେଖର ଝାଙ୍କର, ଦେବଗଡ଼*


ଉତ୍ସବ ପ୍ରଧାନପାଟ-୨୦୧୯ ଉପଲକ୍ଷେ ଦୀର୍ଘ ୫ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ଏବଂ ଦେବଗଡ଼ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



**ନିବେଦିତା ନାୟକ**

ସଦସ୍ୟା, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ



ଉତ୍ସବ ପ୍ରଧାନପାଟ-୨୦୧୯ ଉପଲକ୍ଷେ ଦୀର୍ଘ ୫ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ଏବଂ ଦେବଗଡ଼ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



**ସୁଧାମୟୀ ପଟେଲ**

ଜିଲ୍ଲା ପରିଷଦ ଅଧ୍ୟକ୍ଷା

ଦେବଗଡ଼



ଉତ୍ସବ ପ୍ରଧାନପାଟ-୨୦୧୯ ଉପଲକ୍ଷେ ଦୀର୍ଘ ୫ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ଏବଂ ଦେବଗଡ଼ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



**ପ୍ରସନ୍ନ କୁମାର ବେହେରା**

ସାମାଜିକ କର୍ମୀ

ଦେବଗଡ଼



ଉତ୍ସବ ପ୍ରଧାନପାଟ-୨୦୧୯ ଉପଲକ୍ଷେ ଦୀର୍ଘ ୫ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ଏବଂ ଦେବଗଡ଼ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



**ସୁଧୀର କପରଦାର**

ଜିଲ୍ଲା ବିଜେଡି ସଭାପତି,

ଦେବଗଡ଼




ବିଶାଖାପାଟଣାମ୍ କଳାକାରଙ୍କ ଦ୍ୱାରା ପରିବେଷିତ ନାଗିନ୍ ଲୋକନୃତ୍ୟ।


ଉତ୍ସବ ପ୍ରଧାନପାଟ-୨୦୧୯ ଉପଲକ୍ଷେ ଦୀର୍ଘ ୫ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ଏବଂ ଦେବଗଡ଼ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



**ରାଜା ନିତେଶ ଗଙ୍ଗଦେବ**

ବିଧାୟକ

ଦେବଗଡ଼



**ପ୍ରଗତି ପଥେ ପଞ୍ଚାୟତ ସମିତି, ବାରକୋଟ**

ଉତ୍ସବ ପ୍ରଧାନପାଟ-୨୦୧୯ ଉପଲକ୍ଷେ ପଞ୍ଚାୟତ ସମିତି, ବାରକୋଟ ତରଫରୁ ଦେବଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।

ଆପଣଙ୍କ ସେବାରେ

**ଶ୍ରୀମତୀ ସୁବାସିନୀ ସାହୁ** — ଅଧ୍ୟକ୍ଷା, ପଞ୍ଚାୟତ ସମିତି, ବାରକୋଟ, ଜିଲ୍ଲା: ଦେବଗଡ଼

**ଶ୍ରୀଯୁକ୍ତ ଟୁନୁ ମେହେର** — ଓ.ପ୍ର.ସେ. (e), ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ, ଜିଲ୍ଲା: ଦେବଗଡ଼



**ଉତ୍ସବ ପ୍ରଧାନପାଟ ୨୦୧୯ ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତଥା ଆତ୍ମା, ଦେବଗଡ଼ଙ୍କ କୃଷି କାର୍ଯ୍ୟକ୍ରମ:**

କୃଷକ ମାନଙ୍କ ସଶକ୍ତୀକରଣ ଓ କୃଷିକାର୍ଯ୍ୟରେ ଅଗ୍ରଗତି କରିବା ପାଇଁ ଜିଲ୍ଲାର କୃଷି ବିଭାଗ ଓ ଆତ୍ମା ଦେବଗଡ଼ଙ୍କ ତରଫରୁ ରାଜ୍ୟ ଯୋଜନା ଓ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ରାଜ୍ୟ ଯୋଜନା :- ପ୍ରତି ବ୍ଲକ୍‌ରେ କୃଷକ ସମ୍ପର୍କ ମେଳା, ବିହନ ବିଶୋଧନ ଅଭିଯାନ ଉଭୟ ଖରିଫ ଓ ରବି ଋତୁରେ, ଧନିଚା ସବୁଜ ସାର ଚାଷ ଓ ଧାଡି ରୁଆ ଧାନ ଚାଷ।

କେନ୍ଦ୍ରୀୟ ଯୋଜନା :- (ଧାନ / ଡାଲି ଫସଲ / ତୈଳବୀଜ)

ଏହି ଯୋଜନାରେ ପ୍ରଦର୍ଶନୀ କ୍ଷେତ୍ର (ଏକ ଚକିଆ) ମାଗଣାରେ ବିହନ ଓ ଅନ୍ୟାନ୍ୟ ସଙ୍କଟ କାଳୀନ କୃଷି ସାମଗ୍ରୀ ଯୋଗାଣ, ବିହନ ପୁଡିଆ ବଣ୍ଟନ, ଶତକଡ଼ା ୫୦% ଭାଗ ସରକାରୀ ରୀହାତିରେ ବର୍ଷସାରା ଅଣୁସାର, ଘାସମରା ଔଷଧ, ରୋଗ ପୋକ ପାଇଁ ଔଷଧ, ସିଞ୍ଚନ ଯନ୍ତ୍ର, ଫୁଆରା ଜଳ ସେଚନ ଯନ୍ତ୍ର, ଜଳବାହୀ ନଳୀ ଇତ୍ୟାଦି ଯୋଗାଇବାର ବ୍ୟବସ୍ଥା ଅଛି।

**ଉପରୋକ୍ତ ଯୋଜନାରେ ଚାଷୀମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ଚାଷୀମାନଙ୍କର ବ୍ୟାଙ୍କ ଖାତାରେ ପଇଠ କରାଯାଇଥାଏ।**

ଆତ୍ମା ଯୋଜନା :- କୃଷି ଓ ଆନୁଷଙ୍ଗିକ କୃଷି କରିବା ପାଇଁ ପ୍ରଦର୍ଶନ କ୍ଷେତ୍ର, କ୍ଷେତ୍ର ବିଦ୍ୟାଳୟ, ଦକ୍ଷତା ବୃଦ୍ଧି ତାଲିମ, ରାଜ୍ୟ ମଧ୍ୟରେ ଓ ବାହାରେ ଭ୍ରମଣ ମୂଳକ ଶିକ୍ଷା ଆଦିବ୍ୟବସ୍ଥା ଅଛି।

ଅଧିକ ବିବରଣୀ ପାଇଁ କୃଷି ବିଭାଗର କ୍ଷେତ୍ର କର୍ମଚାରୀ ତଥା ସହକାରୀ କୃଷି ଅଧିକାରଙ୍କ ସହ ଯୋଗାଯୋଗ କରିବାପାଇଁ ଚାଷୀମାନଙ୍କୁ ଅନୁରୋଧ କରାଯାଉଅଛି।

**ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଦେବଗଡ଼** | **ଜିଲ୍ଲାପାଳ ତଥା ଅଧକ୍ଷ, ଆତ୍ମା, ଦେବଗଡ଼**



**ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ମଠସାହି, ଦେବଗଡ଼**

**ଶ୍ରମ ଓ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର**

Government of India

**ସାବଧାନ**

**ଶିଶୁ ଓ କିଶୋରମାନଙ୍କୁ ଶ୍ରମିକଭାବେ କାମରେ ନିୟୋଜିତ କରାଇବା ଦଣ୍ଡନୀୟ ଅପରାଧ।**

• ୧୪ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ଓ ୧୫ରୁ ୧୮ବର୍ଷ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଅଟେ। • ଏହାର ଖିଲାପ କଲେ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା/ଉଭୟ ଟ.୫୦,୦୦୦/- ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିପାରେ। • ଆପଣ ଜାଣିବାରେ ଯଦି କୌଣସି ବ୍ୟକ୍ତି ୧୪ବର୍ଷରୁ କମ୍ ବୟସର ଶିଶୁଙ୍କୁ ଯେ କୌଣସି କାମରେ କିମ୍ବା ୧୫ରୁ ୧୮ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିଛନ୍ତି ତେବେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ କିମ୍ବା ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ କାର୍ଯ୍ୟାଳୟରେ ଖବର ଦିଅନ୍ତୁ।

**ଶିଶୁ ଶ୍ରମ ମୁକ୍ତ ଦେବଗଡ଼ • ଆମର ସଙ୍କଳ୍ପ •**

ଶ୍ରୀ ପ୍ରସନ୍ନ କୁମାର ସିଂହ, ପ୍ରକଳ୍ପ ନିର୍ଦ୍ଦେଶକ | ଡଃ ସମୀର କୁମାର ନନ୍ଦ, ପ୍ରୋଗ୍ରାମ ମ୍ୟାନେଜର ଓ ନିରୀକ୍ଷକ | ଶ୍ରୀ ସୁଧାଂଶୁ ମୋହନ ସାମଲ, IAS, ଜିଲ୍ଲାପାଳ ଓ ଅଧ୍ୟକ୍ଷ



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଳେଇବଣି**

**"ଉତ୍ସବ ପ୍ରଧାନପାଟ - ୨୦୧୯"**

ଏହି ଶୁଭ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା। ଏହି ଉତ୍ସବ ସମସ୍ତଙ୍କୁ ପ୍ରୋତ୍ସାହିତ କରୁ ଏବଂ ସମସ୍ତଙ୍କ ମନରେ ଆନନ୍ଦ ଭରିଦେଉ।

**"ପ୍ରଗତି ପଥେ ତିଳେଇବଣି ବ୍ଲକ"**

**"ଆସ ମିଳିମିଶି କାମ କରିବା, ତିଳେଇବଣି ବ୍ଲକ୍‌କୁ ଆଗେଇନେବା।"**

ତିଳେଇବଣି ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ତଥା ଦାରିଦ୍ର୍ୟ ଦୂରୀକରଣ ପାଇଁ ଆମେ ସଦା-ସର୍ବଦା କାର୍ଯ୍ୟରତ।

• ମନରେଗା ୨୦୧୮-୧୯ ଆର୍ଥିକ ବର୍ଷରେ ଦିଆଯାଇଥିବା ଲକ୍ଷ୍ୟଧାର୍ଯ୍ୟକୁ ଶତ ପ୍ରତିଶତ ପୂରଣ ପାଇଁ ଆମେ ସଦା-ସର୍ବଦା ଚେଷ୍ଟିତ। • ଗ୍ରାମୀଣ ଆବାସ ଯୋଜନା ମାଧ୍ୟମରେ ସମସ୍ତ ଗ୍ରାମୀଣ କଚ୍ଚାଘରକୁ ପକ୍କା କରିବା ଲକ୍ଷ୍ୟରେ ଆମେ ସଦା-ସର୍ବଦା କାର୍ଯ୍ୟରତ।

**ସୁବାଷିନୀ ଦେହୁରୀ** — ଅଧ୍ୟକ୍ଷା, ତିଳେଇବଣି ପଞ୍ଚାୟତ ସମିତି, ତିଳେଇବଣି

**କୃଷ୍ଣଚନ୍ଦ୍ର ଦଳପତି** — ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଳେଇବଣି



“ମୁଁ ଜଣେ ମହିଳା, ଏନେଇ କୌଣସି ପ୍ରଶ୍ନ ଉଠିବା କଥା ନୁହେଁ। ହାଇପରଏଣ୍ଡ୍ରୋଜେନିଜମଜନିତ କାରଣରୁ ଅଯଥା ମୋ କ୍ୟାରିୟରକୁ ନଷ୍ଟ କରା ନ ଯାଉ।

—କାଷ୍ଟର ସିମେନ୍ୟା, ଦକ୍ଷିଣ ଆଫ୍ରିକୀୟ ଆଥଲେଟ୍



“ବିରାଟ କୋହଲି କେବଳ ବ୍ୟାଟିଂ ଦୃଷ୍ଟିକୋଣରୁ ନୁହେଁ, ଫିଟ୍ନେସ ଓ ଚମତ୍କାର ଫିଲ୍ଡିଂ ପାଇଁ ଉଦୀୟମାନ ଯୁବ କ୍ରିକେଟରଙ୍କ ଲାଗି ଜଣେ ରୋଲ ମଡେଲ।

—ୱାସିମ୍ ଜାଫର, ଭାରତୀୟ କ୍ରିକେଟର

**ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ**

# ମ୍ୟାନ୍‌ମାର ଚାମ୍ପିୟନ

ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହିରୋ ଗୋଲ୍ଡକପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ବାଜି ମାରିଛି ମ୍ୟାନ୍ମାର। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ୪୪ ର୍ୟାଙ୍କପ୍ରାପ୍ତ ଏହି ଦଳ ୧୦୮ ନମ୍ବର ନେପାଳକୁ ୩-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାନ୍ମାର ପକ୍ଷରୁ ୟି ୟି ଉ ୨ଟି, ୱିନ୍ ଥିଙ୍ଗ୍ ଟୁନ୍ ଗୋଟିଏ ଗୋଲ ଦେଇଥିବାବେଳେ ନେପାଳର ମଞ୍ଜିଲି କୁମାରୀ ୟୋନଜାନ ଗୋଟିଏ ଗୋଲ ପରିଶୋଧ କରିଥିଲେ। ନେପାଳ ରନର୍ସଅପ୍ ହୋଇଥିଲେ ହେଁ ପ୍ରତିଯୋଗିତାରେ ଉତ୍ସାହୀ ପ୍ରଦର୍ଶନ କରି ସମସ୍ତଙ୍କ ହୃଦୟ ଜିତିଛି। ମ୍ୟାଚ ଆରମ୍ଭରେ ଏବଂ ପୁରସ୍କାର ବିତରଣ ଉତ୍ସବ ଆରମ୍ଭରେ ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ଲେଖାଏ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ସାଧାରଣ ସମ୍ପାଦକ କୁଶାଳ ଦାସ, ବୈଷୟିକ ନିର୍ଦ୍ଦେଶକ ଅଭିଷେକ ଯାଦବ, ଡେଭଲପ୍‌ମେଣ୍ଟ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, କ୍ରୀଡ଼ା ସଚିବ ବିଶାଳ ଦେବ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ମ୍ୟାନମାର ଦଳକୁ ସ୍ୱର୍ଣ୍ଣ ପଦକ, ଟ୍ରଫି ସହ ୭ ଲକ୍ଷ ଏବଂ ରନର୍ସଅପ୍ ନେପାଳ ଦଳକୁ ରୌପ୍ୟ ପଦକ ଏବଂ ୫ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ପ୍ରଥମେ ରେଫରି ଓ ପରେ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭାରତ ଓ ଇରାନକୁ ହରାଇଥିବା ନେପାଳ ଫାଇନାଲରେ ମଧ୍ୟ ଉତ୍ସାହୀ ପ୍ରଦର୍ଶନ କରିଥିଲା। ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ସତ, ମାତ୍ର ମ୍ୟାଚ ଆଗେଇବା ସହ ମ୍ୟାନମାର ପ୍ରଭାବୀ ପ୍ରଦର୍ଶନ କରିଥିଲା। ଏହି ଦଳର ଖେଳାଳିମାନେ କେତୋଟି ସହଜ ସୁଯୋଗ ହାତଛଡ଼ା କରିଥିବାବେଳେ ଗୋଲକିପର ଆଞ୍ଜିଲା ତୁମ୍ବାପୋ ସୁବ୍ବାଙ୍କ ଭଲ ପ୍ରଦର୍ଶନ ଯୋଗୁ ନେପାଳ ପ୍ରାରମ୍ଭିକ ପର୍ଯ୍ୟାୟରେ ଗୋଲ ବରଣରୁ ରକ୍ଷା ପାଇ ଯାଇଥିଲା। ତେବେ ମ୍ୟାଚର ୩୪ତମ ମିନିଟରେ ୨୦ ନମ୍ବର ଜର୍ସି ପରିହିତ ୟି ୟି ଉ ଡାହାଣପଟ କର୍ନରରୁ ଚମତ୍କାର ଶଟ୍ ଜରିଆରେ ଗୋଲ ଦେଇ ମ୍ୟାନମାରକୁ ଅଗ୍ରଣୀ କରାଇଥିଲେ। ନେପାଳ ଗୋଲ ପରିଶୋଧ ପାଇଁ ଜୋରଦାର ଉଦ୍ୟମ କରିଥିଲା। ପ୍ରଥମାର୍ଦ୍ଧ ମ୍ୟାନମାର ସପକ୍ଷରେ ଶେଷ ହେବାର କିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୪୫ତମ ମିନିଟରେ ନେପାଳର ୧୮ନମ୍ବର ଖେଳାଳି ମଞ୍ଜିଲି କୁମାରୀ ୟୋନଜାନ ବାମପଟରୁ ଶଟ୍ ମାରି ଗୋଲଟି ପରିଶୋଧ କରିଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ୧-୧ ଗୋଲରେ ଶେଷ ହୋଇଥିଲା।

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଅସଲ ଖେଳ ଦେଖାଇଥିଲା ମ୍ୟାନ୍ମାର। ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବା ସହ ନେପାଳ ଗୋଲପୋଷ୍ଟ ଉପରେ ଘନଘନ ଆକ୍ରମଣ କରିଥିଲା। ଏଥିରୁ ଦଳକୁ ଫାଇଦା ମଧ୍ୟ ମିଳିଥିଲା। ୫୩ତମ ମିନିଟରେ ଫରୱାର୍ଡ ୱିନ ଥେଇଙ୍ଗ ଟୁନ୍ ଗୋଲ ଦେଇ ମ୍ୟାନମାରକୁ ପୁଣି ଅଗ୍ରଣୀ କରାଇଥିଲେ। ୬୨ତମ ମିନିଟରେ ୟି ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ଦେଇ ନେପାଳ ଉପରେ ଚାପ ପକାଇଥିଲେ। ଚଳିତ ଟୁର୍ନାମେଣ୍ଟରେ ୟି'ଙ୍କର ଏହାଥିଲା ୪ର୍ଥ ଗୋଲ। ନେପାଳ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ହେଁ ମ୍ୟାନମାର ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଶେଷ ୩୦ ମିନିଟରେ ବଲ୍ ଅଧିକାଂଶ ସମୟ ନେପାଳ ହାଫ୍‌ରେ ହିଁ ରହିଥିଲା। ରଞ୍ଜିତା ଦେବୀ ଟେକ୍‌ଚାମ୍ ମୁଖ୍ୟ ରେଫରି ଦାୟିତ୍ୱ ନିର୍ବାହ କରିଥିବାବେଳେ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ଉଭେନା ଫର୍ନାଣ୍ଡିଜ୍ ଓ ଅସିତ କୁମାର ସରକାର। ରୁବା ଦେବୀ ଜି. ଚତୁର୍ଥ ଅଫିସିଆଲ କାର୍ଯ୍ୟ କରିଥିଲେ।



ଚାମ୍ପିୟନ ମ୍ୟାନ୍ମାର ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ନାଚିଲେ କୁଦିଲେ ମ୍ୟାନ୍‌ମାର ଖେଳାଳି

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ନେପାଳକୁ ହରାଇବାପରେ ମ୍ୟାନମାର ଖେଳାଳିମାନେ ଜାତୀୟ ପତାକା ଧରି ପଡ଼ିଆରେ ନାଚି କୁଦି ଖୁସି ମନାଇଥିଲେ। ଅତିଥିମାନେ ପୁରସ୍କାର ପ୍ରଦାନ କରିବାପରେ ମ୍ୟାନମାରରୁ ଆସିଥିବା କିଛି ଦର୍ଶକ ପଡ଼ିଆ ମଧ୍ୟରେ ପ୍ରବେଶ କରି ଖେଳାଳିଙ୍କ ସହ ଖୁସିରେ ସାମିଲ ହୋଇଥିଲେ। ଖେଳାଳି ଓ ଅଫିସିଆଲମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫଟୋ ଉଠାରେ ଲାଗି ରହିଥିଲେ।

## ପୁରସ୍କାର

**ଚାମ୍ପିୟନ:** ମ୍ୟାନ୍ମାର (ସ୍ୱର୍ଣ୍ଣ ପଦକ, ଗୋଲ୍ଡ କପ୍ ଟ୍ରଫି, ୭ ଲକ୍ଷ ଟଙ୍କା)
**ରନର୍ସଅପ୍:** ନେପାଳ(ରୌପ୍ୟ ପଦକ, ୫ ଲକ୍ଷ ଟଙ୍କା)
**ଟପ୍ ସ୍କୋରର:** ସାବିତ୍ରା ଭଣ୍ଡାରୀ(ନେପାଳ) ଏବଂ ୟି ୟି ଉ(ମ୍ୟାନ୍ମାର)ଯୁଗ୍ମ ବିଜେତା(୧ ଲକ୍ଷ ଟଙ୍କା)
**ଶ୍ରେଷ୍ଠ ଗୋଲକିପର:** ଜାର ଜାର ମିଣ୍ଟ(ମ୍ୟାନ୍ମାର, ୧ ଲକ୍ଷ ଟଙ୍କା)
**ମୂଲ୍ୟବାନ ଖେଳାଳି:** ୱିନ ଥିଙ୍ଗ୍ ଟୁନ୍(ମ୍ୟାନମାର, ୧ ଲକ୍ଷ ୫୦ ହଜାର ଟଙ୍କା)
**ଫେୟାରପ୍ଲେ:** ମ୍ୟାନ୍ମାର(୩ଲକ୍ଷଟଙ୍କା)




ଯୁଗ୍ମ ଟପ୍ ସ୍କୋରର ୟି ୟି ଉ ଏବଂ ସାବିତ୍ରା ଭଣ୍ଡାରୀ




ମ୍ୟାନ୍ମାର ଦଳର କୋଚ୍ ଓ ଅଧିନାୟିକା ଫେୟାର ପ୍ଲେ ପୁରସ୍କାର ଗ୍ରହଣ କରୁଛନ୍ତି।




ଅତିଥିମାନେ ରନର୍ସ ଅପ୍ ନେପାଳ ଦଳର କୋଚ୍ ଓ ଅଧିନାୟିକାଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।




ଶ୍ରେଷ୍ଠ ଗୋଲକିପର ଜାର ଜାର ମିଣ୍ଟ



ଗୋଲ୍‌ଡେନ୍ ବୁଟ୍ ସହ ମୂଲ୍ୟବାନ ଖେଳାଳି ୱିନ ଥିଙ୍ଗ୍ ଟୁନ୍ନ୍ (ଫଟୋ: ମୌସମ ନନ୍ଦ)

# ସିନ୍ଧୁ-ସାଇନା ଫାଇନାଲ

ଗୁଆହାଟୀ, ୧୫।୨ (ପି.ଟି.)

ଚଳିତ ୮୩ତମ ୟୋନେକ୍ସ-ସନ୍‌ରାଇଜ୍ ସିନିୟର ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପି. ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଫଳରେ ନାଗପୁରଠାରେ ଟୁର୍ନାମେଣ୍ଟର ଗତ ସଂସ୍କରଣରେ ଦୁଇ ଖେଳାଳିଙ୍କ ମଧ୍ୟରେ ହୋଇଥିବା ଟାଇଟଲ ମୁକାବିଲାର ପୁନରାବୃତ୍ତି ଦେଖିବାକୁ ମିଳିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସିନ୍ଧୁ ଆସାମର ୧୯ ବର୍ଷୀୟା ଖେଳାଳି ଅସ୍ମିତା ଛଲିହାଙ୍କୁ ୨୧-୧୦, ୨୨-୨୦ରେ ପରାସ୍ତ କରିଥିଲେ। ସାଇନା ନାଗପୁରର କ୍ୱାଲିଫାୟର ବୈଷ୍ଣବି ଭାଲେଙ୍କୁ ୨୧-୧୫, ୨୧-୧୪ରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ।




# ଡୋପ୍ ଟେଷ୍ଟରେ ଧରାପଡ଼ିଲେ ଆର୍ଯ୍ୟନ

ନୂଆଦିଲ୍ଲୀ, ୧୫।୨ (ପି.ଟି.)



ଆର୍ଯ୍ୟନ ଭାଟିଆ

୧୬ ବର୍ଷୀୟ ଟେନିସ ଖେଳାଳି ଆର୍ଯ୍ୟନ ଭାଟିଆ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଛି। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ତରଫରୁ ଶୁକ୍ରବାର ଏ ବିଷୟରେ ସୂଚନା ଦିଆଯାଇଛି। ଡୋପ୍ ଟେଷ୍ଟରେ ଧରାପଡ଼ିବାରେ ଆର୍ଯ୍ୟନ ହେଉଛନ୍ତି ପ୍ରଥମ ଭାରତୀୟ ଟେନିସ୍ ଖେଳାଳି। ଗତବର୍ଷ ଏଠାରେ ଅନୁଷ୍ଠିତ ଫେନେଷ୍ଟା ଓପନ୍ ନ୍ୟାଶନାଲ ଟେନିସ ଚାମ୍ପିୟନଶିପ୍ ବେଳେ ଭାଟିଆଙ୍କ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ଚାମ୍ପିୟନଶିପ୍ ବେଳେ ନାଡା ପକ୍ଷରୁ ପ୍ରଥମଥର ଟେନିସ୍ ଖେଳାଳିଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଆଇଟା) ସମ୍ପାଦକ ହିରଣ୍ମୟ ଚାଟାର୍ଜୀ କହିଛନ୍ତି ଆର୍ଯ୍ୟନ ଜଣେ ସ୍ୱଳ୍ପବୟସ୍କ ଖେଳାଳି। ସେ ଥଣ୍ଡା ରୋଗରେ ପୀଡ଼ିତ ଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଯେଉଁ ଔଷଧ ସେବନ କରିଥିଲେ ସେଥିରେ ନିଷିଦ୍ଧ ଉପାଦାନର ମାତ୍ରା ଥିବା ସମ୍ପର୍କରେ ସେ ଅଜ୍ଞ ଥିଲେ। ସଚେତନତା ଅଭାବରୁ ଏପରି ଘଟିଛି। ଏହି ପ୍ରସଙ୍ଗରେ ଆମେ ନାଡା ନିକଟରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିବୁ। ସୂଚନାଯୋଗ୍ୟ, ନାଡା ଗତମାସରେ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ୭ଜଣ ଅନ୍ୟ ଖେଳାଳିଙ୍କୁ ସାମୟିକ ଭାବେ ସସ୍‌ପେଣ୍ଡ କରିଛି। ସେମାନେ ହେଲେ ସନ୍ଦୀପ କୌର (ପାୱାରଲିଫ୍ଟିଂ), ଅଙ୍କିତ ଗୋସାଇ (ହ୍ୟାଣ୍ଡବଲ୍), ଜିତୁ ଥୋମାସ (ଭଲିବଲ୍), ୟାୟିଫାବା (କାନୋଇଂ), ବିଶାନ ସିଂ, କାୟାକିଂ ଓ କାନୋଇଂ) ଏବଂ ଶିବମ୍ କାସାନା (ସାଇକ୍ଲିଂ)। ଗତବର୍ଷ ମିଡଲ ଡିଷ୍ଟାନ୍ସ ରନର ମୋନିକା ଚୌଧାରୀ ଏସିଆନ ଗେମ୍ସ ଲାଗି ଟ୍ରାଏଲରେ ଅଂଶଗ୍ରହଣ ନିର୍ଦ୍ଦେଶ ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପରେ ଡୋପ୍ ଟେଷ୍ଟ ବେଳେ ଏରିଥ୍ରୋପୋଟିନ୍ (ଇପିଓ) ପାଇଁ ପଜିଟିଭ ଆସିବାରୁ ଆଣ୍ଟି ଡୋପିଙ୍ଗ ଡିସିପ୍ଲିନାରି ପ୍ୟାନେଲ (ଏଡିଡିପି) ଦ୍ୱାରା ୪ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ଏଡିଡିପି ଆହୁରି ମଧ୍ୟ ହକି ଖେଳାଳି ଭରତ ସିଂ ଓ ହାମର ଥ୍ରୋୟର ଗିଞ୍ଜନ ସିଂଙ୍କୁ ୪ବର୍ଷ ବାସନ୍ଦ କରିଥିଲା। ୨୦୧୭ରେ ଫେଡେରେଶନ କପ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ମେଲ୍‌ଡୋନିୟମ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଡେକାଥଲେଟ ଜଗତାର ସିଂଙ୍କୁ ୪ବର୍ଷ ବାସନ୍ଦ କରାଯାଇଥିଲା। ମାତ୍ର ଆଣ୍ଟି ଡୋପିଙ୍ଗ ଅପିଲ ପ୍ୟାନେଲ (ଏଡିଏପି) ଏହି ମିଆଦକୁ ୨ବର୍ଷ ହ୍ରାସ କରିଦେଇଥିଲା। ନାଡା ପକ୍ଷରୁ ଆହୁରି ମଧ୍ୟ ସୂଚନା ଦିଆଯାଇଛି ଗତ ମାସରେ ୬୭୫ ଜଣଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ୫୭ ଜଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଫେବୃୟାରୀ ୧୬/୨୦୧୯ Sambalpur, Saturday, February 16 / 2019

# ଶିକ୍ଷକ ପୁରସ୍କାର ଗାଇଡ୍‌ଲାଇନ ହାଇକୋର୍ଟରେ ରଦ୍ଦ

**ସରକାରଙ୍କୁ ଝଟ୍‌କା**

**କଟକ ଅଫିସ, ୧୫।୨**

ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଯେଉଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲେ ତାହାକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ସରକାରଙ୍କ ଗାଇଡ୍‌ଲାଇନକୁ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଅଣସାମ୍ବିଧାନିକ ବୋଲି ଟିପ୍ପଣୀ ଦେଇଛନ୍ତି।

ସୂଚନାଥାଉ କି, ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ନିମନ୍ତେ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୮ ମାର୍ଚ୍ଚ ୧୪ରେ ଏକ ଗାଇଡ୍‌ଲାଇନ ଗଣମାଧ୍ୟମରେ ପ୍ରକାଶ କରାଯାଇଥିଲା। ଏହି ଅନୁଯାୟୀ ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ପାଇଁ କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକମାନେ ଆବେଦନ କରିପାରିବେ ବୋଲି ସ୍ଥିର କରାଯାଇଥିଲା। ପୂର୍ବରୁ ଏଥିନିମନ୍ତେ ସରକାରୀ, ବେସରକାରୀ ଉଭୟ ଶିକ୍ଷାନୁଷ୍ଠାନର ଶିକ୍ଷକମାନେ ଆବେଦନ କରୁଥିଲେ। ମାତ୍ର ହଠାତ୍ ସରକାର ଏହି ନିୟମକୁ ପରିବର୍ତ୍ତନ କରିବା ପରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଅଞ୍ଚଳର ବି.ଆର୍. ହାଇସ୍କୁଲର ସହକାରୀ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ, ସରକାରଙ୍କ ନୂଆ ଗାଇଡଲାଇନ ଦ୍ୱାରା ଅନେକ ଯୋଗ୍ୟ ଶିକ୍ଷକ ବଞ୍ଚିତ ହେବେ। ଅନେକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନର ଶିକ୍ଷକମାନେ ସେମାନଙ୍କ ହକ୍ ହରାଇବେ। ଆବେଦନକାରୀ ଜଣେ ତାଲିମପ୍ରାପ୍ତ ସ୍ନାତକଧାରୀ। ୧୯୯୮ରୁ ସେ ଶିକ୍ଷକତା କରି ଆସୁଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ବିଦ୍ୟାଳୟରେ ସେ କାର୍ଯ୍ୟ କରିଛନ୍ତି। ୨୦୧୪ରୁ ବେଲ୍‌ପାହାଡ଼ ହାଇସ୍କୁଲରେ ସେ କାର୍ଯ୍ୟ କରୁଥିବା ବେଳେ ଏହି ସ୍କୁଲର ପିଲାମାନେ ବିଭିନ୍ନ ପରୀକ୍ଷାରେ ବେଶ୍ ସଫଳତା ହାସଲ କରିବା ସହିତ କେତେଜଣ ପଠାଣି ସାମନ୍ତ ମେଧାବୃତ୍ତି, ଏନ୍‌ଆର୍‌ଟିଏସ୍ ଓ ଅନ୍ୟାନ୍ୟ ମେଧାବୃତ୍ତି ମଧ୍ୟ ପାଉଛନ୍ତି। ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ନିମନ୍ତେ ଶିକ୍ଷକଙ୍କ ଯୋଗ୍ୟତାକୁ ବିଚାରକୁ ନିଆଯାଇଥାଏ। ମାତ୍ର ସରକାର ଏ ସବୁକୁ ଉପେକ୍ଷା କରି ମନମୁଖି ଭାବେ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିବାରୁ ତାହାକୁ ରଦ୍ଦ କରିବା ପାଇଁ ସେ କୋର୍ଟଙ୍କୁ ନିବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ସଞ୍ଜୀବ କୁମାର ଉଦ୍‌ଗାତା ମାମଲା ପରିଚାଳନା କରୁଥିଲେ।

## ୧୯'ରେ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ

### -କଂଗ୍ରେସ,ବାମପନ୍ଥୀ ମେଣ୍ଟକୁ ନାଁ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ଭାରତର ପ୍ରମୁଖ ସାମ୍ୟବାଦୀ ଦଳ ଏସ୍‌ୟୁସିଆଇ(ସି) ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନିଜ ରଣନୀତି ପ୍ରସ୍ତୁତ କରିଛି। ନିର୍ବାଚନ ଅପେକ୍ଷା ଜନଜୀବନ ସମସ୍ୟା ନେଇ ନ୍ୟାୟସଙ୍ଗତ ବାମପନ୍ଥୀ ଆନ୍ଦୋଳନ ଲଢ଼ିବା ଦଳର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉଦ୍ଦେଶ୍ୟରେ ଚଳିତ ମାସ ୧୯ରେ ଦଳ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିଶାଳ ଗଣବିକ୍ଷୋଭ ଡାକରା ଦିଆଯାଇଛି। ଦଳର ରାଜ୍ୟ ଶୀର୍ଷ ନେତୃତ୍ୱ ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇ ଏହା ଘୋଷଣା କରାଯାଇଛି। ଦଳ ପକ୍ଷରୁ ରାଜ୍ୟ କମିଟି ସାଧାରଣ ସମ୍ପାଦକ ଧୂର୍ଜଟି ଦାସ, କମିଟି ସଦସ୍ୟ ବିଷ୍ଣୁପଦ ଦାସ, ବୀଣାପାଣି ଦାସ ଓ ଉଦ୍ଧବ ଜେନା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ, ପ୍ରଥମରୁ ଅଷ୍ଟମ ଯାଏଁ ପାସ୍‌ଫେଲ ବ୍ୟବସ୍ଥା ପ୍ରଚଳନ, ଶ୍ରମଭିତ୍ତିକ କାରଖାନା ନିର୍ମାଣ, ମଦ, ମାଦକ ଦ୍ରବ୍ୟ ଏବଂ ଅଶ୍ଳୀଳ ସିନେମା ଉପରେ ଅଙ୍କୁଶ ଏବଂ ଶ୍ରମିକମାନଙ୍କୁ ସର୍ବନିମ୍ନ ମାସିକ ୧୮,୦୦୦ ଟଙ୍କା ପାରିଶ୍ରମିକ ପ୍ରଦାନ ଭଳି ପ୍ରମୁଖ ଦାବି ନେଇ ଦଳ ଆନ୍ଦୋଳନକୁ ଓହ୍ଲାଇବ। ସାଧାରଣ ନିର୍ବାଚନରେ ଏସ୍‌ୟୁସିଆଇ(ସି) ଅନ୍ୟ ବାମପନ୍ଥୀ ଦଳଙ୍କ ଭଳି କଂଗ୍ରେସ ସହ ମେଣ୍ଟ କରିବ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ଏସ୍‌ୟୁସିଆଇ(ସି) ପକ୍ଷରୁ ଚଳିତ ବର୍ଷ ଜାନୁୟାରୀ ୧୦ରେ ସିପିଆଇ, ସିପିଏମ୍, ଫରୱାର୍ଡ ବ୍ଲକ ଏବଂ ସିପିଆଇ(ଲିବେରେଶନ)କୁ ଚିଠି ଲେଖାଯାଇ ବାମପନ୍ଥୀ ଆନ୍ଦୋଳନର କର୍ମସୂଚୀ ନେବାକୁ ଅନୁରୋଧ କରାଯାଇଥିଲା। ହେଲେ ଉପରୋକ୍ତ ଦଳଗୁଡ଼ିକ ଗଣ ଆନ୍ଦୋଳନ କର୍ମସୂଚୀ ଅପେକ୍ଷା ଭୋଟ ରାଜନୀତିକୁ ବାଛିଥିଲେ। କୌଣସି ମତେ କିଛି ଆସନ ହାତେଇବା ପାଇଁ ସିପିଆଇ ଏବଂ ସିପିଏମ୍ ଭଳି ଦଳ ଉଦ୍ୟମ ଚଳାଇଛନ୍ତି। ଏହା ଗଣତାନ୍ତ୍ରିକ ଏବଂ ନ୍ୟାୟସଙ୍ଗତ ସଂଗ୍ରାମର ପରିପନ୍ଥୀ ବୋଲି ଏସ୍‌ୟୁସିଆଇ(ସି) ରାଜ୍ୟ ନେତୃତ୍ୱ ପକ୍ଷରୁ କୁହାଯାଇଛି। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ଦଳ ନିଜର ସଙ୍ଗଠନ ଥିବା ଆସନଗୁଡିକରେ ଏକାକୀ ଲଢ଼ିବା ନିଶ୍ଚିତ ବୋଲି ସ୍ପଷ୍ଟ ହୋଇଛି। ଦଳ ପକ୍ଷରୁ କଂଗ୍ରେସ, ଭାଜପା, ବିଜେଡି ଏବଂ ତଥାକଥିତ ବାମପନ୍ଥୀ ଦଳଗୁଡିକୁ ସମାଲୋଚନା କରାଯାଇଛି। ସମାନ ଆର୍ଥିକ ନୀତିରେ ବିଶ୍ୱାସ ରଖୁଥିବା ଉପରୋକ୍ତ ଦଳ ନିର୍ବାଚନ ସମୟରେ କେବଳ ଛଳନା କରିଥାନ୍ତି। ଦେଶବିଦେଶର ବିଭିନ୍ନ ପୁଞ୍ଜିପତିଙ୍କ ସେବାଦାସ ଭାବେ ଏହି ରାଜନୈତିକ ଦଳ କାର୍ଯ୍ୟ କରୁଥିବା ଦଳ ପକ୍ଷରୁ କୁହାଯାଇଛି।

### ନବବଧୂଙ୍କୁ ହତ୍ୟା ଅଭିଯୋଗ

## ପରିବାରର ସମସ୍ତଙ୍କୁ ଆଜୀବନ କାରାଦଣ୍ଡ

**ବିରଜାକ୍ଷେତ୍ର,୧୫।୨(ଡି.ଏନ୍.ଏ.)**

ଏକ ନବବଧୂ ହତ୍ୟା ଅଭିଯୋଗର ଶୁଣାଣି କରି ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ଶାଶୁଘର ପରିବାରର ସମସ୍ତ ୪ସଦସ୍ୟଙ୍କୁ ଶୁକ୍ରବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଶାଶୁ ସୁଭଦ୍ରା ପାଲ, ଶ୍ୱଶୁର ଲକ୍ଷ୍ମୀଧର ପାଲ, ସ୍ୱାମୀ ଅକ୍ଷୟ ଓ ନଣନ୍ଦ ପ୍ରିୟତମା। ପ୍ରକାଶ ଯେ, ପାଣିକୋଇଲି ଥାନା ପଳସା ଗ୍ରାମର ଘନଶ୍ୟାମ ସାହୁଙ୍କ ଝିଅ କୁସୁମଲତା(୨୦) ସେହି ଥାନା ଅନ୍ତର୍ଗତ ସୋଲପାଟ ଗ୍ରାମର ଲକ୍ଷ୍ମୀଧର ପାଲଙ୍କ ପୁଅ ଅକ୍ଷୟ(୩୪)ଙ୍କୁ ୨୦୧୪ ଜୁନ୍‌ରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର ମାସେ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରିଥିଲେ। ବାପା ଘନଶ୍ୟାମ ଯୌତୁକ ବାବଦ ଅର୍ଥ ଯୋଗାଡ଼ କରି ଦେବେ ବୋଲି କୁସୁମଲତାଙ୍କ ଶାଶୁ, ଶ୍ୱଶୁରଙ୍କୁ ଜଣାଇଥିଲେ। ମାତ୍ର ୨୦୧୪ ନଭେମ୍ବର ୧୪ ତାରିଖ ଅପରାହ୍ନରେ କୁସୁମଲତାଙ୍କ ସ୍ୱାମୀ ଅକ୍ଷୟ ଶ୍ୱଶୁର ଘନଶ୍ୟାମଙ୍କୁ ଫୋନ୍ କରି ତାଙ୍କ ଝିଅ ନିଖୋଜ ଥିବା କହିଥିଲେ। ଏହାପରେ କୁସୁମଲତାଙ୍କ ଭାଇ ଓ ପରିବାରବର୍ଗ ଶାଶୁଘରେ ପହଞ୍ଚିଥିଲେ ହେଁ ସେମାନଙ୍କୁ ଶାଶୁଘର ଲୋକେ ଘର ଭିତରକୁ ଛାଡ଼ି ନ ଥିଲେ। ୧୫ତାରିଖ ସକାଳେ କୁସୁମଲତାଙ୍କ ମୃତଦେହ ଶାଶୁଘରଠାରୁ ୧ କି.ମି. ଦୂରତାରେ ଥିବା ଏକ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୃତଦେହରେ ୧୨ଟି କ୍ଷତଚିହ୍ନ ରହିଥିଲା। ଶାଶୁଘର ଲୋକେ ତାଙ୍କୁ ହତ୍ୟା କରି ପୋଖରୀରେ ଫୋପାଡ଼ି ଦେଇଥିବା ନେଇ କୁସୁମଲତାଙ୍କ ଭାଇ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ. ୧୨୦/୧୪) ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ପରିବାରର ସମସ୍ତ ସଦସ୍ୟଙ୍କୁ ଗିରଫ କରି ଜେଲ୍‌କୁ ପଠାଇଥିଲା। ଜେଲ୍‌ରେ ଦିଅର ଅଜୟଙ୍କର ଅସୁସ୍ଥତା କାରଣରୁ ୨୦୧୮ ଜୁଲାଇରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଯାଜପୁରର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଶାନ୍ତ କୁମାର ନାୟକ ଏହି ଘଟଣାରେ ୧୫ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଶାଶୁ, ଶ୍ୱଶୁର, ନଣନ୍ଦ ଓ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

## ଭିଜିଲାନ୍ସ ଜାଲରେ କୋଟିପତି ଅଧ୍ୟାପକ

**ସୋର, ୧୫।୨(ଡ଼ି.ଏନ.ଏ.)**

ବାଲେଶ୍ୱର ଜିଲା ସୋରସ୍ଥିତ ତଳନଗର କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରାମଚନ୍ଦ୍ର ଉପାଧ୍ୟାୟ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ଘର ସମେତ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା। ତାଙ୍କ ଶ୍ୱଶୁର ଘର ବେତଡ଼ା, ବାହାନଗା ବ୍ଲକ ଅସିମିଳା ଗାଁରେ ଥିବା ଘର, ସୋର କଲେଜଛକଠାରେ ଦୁଇଟି ଘରକୁ ଏକା ସାଙ୍ଗରେ ଚଢାଉ କରାଯାଇଛି । ଆୟବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗରେ ବାରିପଦା, ବାଲେଶ୍ୱର, ଭଦ୍ରକ ଭିଜିଲାନ୍ସ ବିଭାଗର ଟିମ୍ ପକ୍ଷରୁ ଏହି ଚଢାଉ କରାଯାଇଥିଲା।

ଚଢାଉ ସମୟରେ ଘରେ ଥିବା ୯ଲକ୍ଷ ୯୧ହଜାର ୯ଶହ ୫୫ଟଙ୍କା ମୂଲ୍ୟର ଆସବାବପତ୍ର, ନଗଦ ୩ଲକ୍ଷ ୨୯ହଜାର ୬ଶହ ଟଙ୍କା, ୨ କୋଟି ୮୨ଲକ୍ଷ ଟଙ୍କାର ଦୁଇଟି ଘର ଓ ୮୭ହଜାର ଟଙ୍କା ମୂଲ୍ୟର ଅନ୍ୟ ଏକ ଘର ଥିବା ଜଣାପଡିଛି। ଏହାସହ ୧୪ ଲକ୍ଷ ୨୫ହଜାର ଟଙ୍କାର ସୁନା ଓ ରୁପା ଗହଣା, ବିଭିନ୍ନ ବ୍ୟାଙ୍କରେ ଡ଼ିପୋଜିଟ ଥିବା ଲକ୍ଷାଧିକ ଟଙ୍କା ଜବତ କରାଯାଇଛି। ଚଢାଉରେ ବାରିପଦା ଡ଼ିଏସ୍‌ପି ଶରତ ଚନ୍ଦ୍ର ମହାପାତ୍ର, ବାଲେଶ୍ୱର ଡ଼ିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ମାନସୀ ଜେନା, ସବିତା ବେହେରା ପ୍ରମୁଖ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ ଅଧ୍ୟାପକଙ୍କର ୨ଟି ଛାତ୍ରୀନିବାସ ରହିଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତଦନ୍ତ ଚାଲୁ ରହିଥିଲା।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ



## ସଂକ୍ଷେପରେ

### ତ୍ରିନାଥ ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଉଲୁଣ୍ଡା, ୧୫।୨(ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ଅଗ୍ନିଶମ କେନ୍ଦ୍ର ପରିଶରରେ ତ୍ରିନାଥ ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଅଗ୍ନିଶମ ବିଭାଗ ତରଫରୁ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବାବୁଲି ପୁରୋହିତ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ବିଭାଗୀୟ ଅଧିକାରୀ ଭରତଲାଲ ଏକ୍କା ଏବଂ ତାଙ୍କ ପତ୍ନୀ ବାସନ୍ତୀ ଏକ୍କା ଦାୟିତ୍ୱ ତୁଲାଇଥିଲେ। ମାଟିଖାଇ ଗ୍ରାମର ଭକ୍ତମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏଥିରେ ରମେଶ ସେଠୀ, ରାଣାଧି ଟେଟେ, ଦୁଃଖିରାମ ପଧାନ, ପ୍ରଦୀପ ମେଣ୍ଡଲି, ମାନସ ରଞ୍ଜନ ବେହେରା, ବାବୁଲି ବର୍ମା, କର୍ମା କାଲକା, ବିଜନ ଟପ୍ପୋ, ବିନୋଦ ପାତ୍ର, ଭୁଲେଶ୍ୱର ଭୁଏ ପ୍ରମୁଖ ସହଯୋଗ କରିଥିଲେ।

### ଶହୀଦ ଯବାନଙ୍କୁ ବଣିକ ସଂଘର ଶ୍ରଦ୍ଧାଞ୍ଜଳି

**ଡୁଙ୍ଗୁରିପାଲି, ୧୫।୨(ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବଣିକ ସଂଘ ପକ୍ଷରୁ ଶୁକ୍ରବାର ଜମ୍ମୁ-କଶ୍ମୀର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅପରାହ୍ନରେ ସମସ୍ତ ଦୋକାନ ବଜାର ବନ୍ଦ କରି ସଂଘ ପକ୍ଷରୁ ଆରଏମସି ପରିସରରୁ ଏକ ଶୋଭାଯାତ୍ରାରେ ଆସି ବସଷ୍ଟାଣ୍ଡ ପାଖରେ ଥିବା ସଂଗ୍ରାମୀ ମଞ୍ଚ ପାଖରେ ପହଞ୍ଚିଥିଲେ। ସେଠାରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସଭାପତି ପ୍ରଦୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ସଂଘ ସମ୍ପାଦକ ମଣିଲାଲ ଶର୍ମା, ଉପସଭାପତି ସୀତାରାମ ମେହେର, ଲକ୍ଷ୍ମଣ ମେହେର, ସହ ସମ୍ପାଦକ ସୁନୀଲ ମେହେର, ବିଷ୍ଣୁ ଅଗ୍ରୱାଲ,ସଦାନନ୍ଦ ପଧାନ, ପବିତ୍ର ପାଣ୍ଡିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଆତଙ୍କବାଦୀଙ୍କ ଏପରି ଭୀରୁତାପୂର୍ଣ୍ଣ କାର୍ଯ୍ୟର ତୀବ୍ର ନିନ୍ଦା କରାଯାଇଥିଲା।

### ହୃଦ୍‌ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

**ଗୋପ, ୧୫।୨(ଡି.ଏନ୍.ଏ.)-** ସୂର୍ଯ୍ୟ ମନ୍ଦିର ପରିସରରେ ବୁଲୁଥିବାବେଳେ ପଶ୍ଚିମବଙ୍ଗ ହାୱଡ଼ା ଅଞ୍ଚଳରୁ ଆସିଥିବା ଜନୈକ ପର୍ଯ୍ୟଟକଙ୍କର ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗ ହାୱାଡ଼ା ଅଞ୍ଚଳର ଶ୍ରୀକୁମାର ଦଲାଇ (୪୩) କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଆସିଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକ ପ୍ରଥମେ କୋଣାର୍କ ଓ ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗୋପ ଡାକ୍ତର ଖାନାରେ ଡାକ୍ତର ପର୍ଯ୍ୟଟକଙ୍କୁ ମୃତ ଘୋଷଣା କରିଥିଲେ। ପରେ ଗୋପ ଥାନାକୁ ଜଣାଇବା ପରେ ପୋଲିସ ପର୍ଯ୍ୟଟକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଏ ସଂପର୍କରେ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା ୪/୧୯ ରୁଜୁ କରାଯାଇଥିବା ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଥିବାବେଳେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମୃତ ଦେହ ହସ୍ତାନ୍ତର କରାଯାଇଛି।

---

ସର୍ବଭାରତୀୟ ବିଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ସମ୍ବଲପୁର ଫାଇନାଲରେ

**ଅମରପାଲି, ୧୫।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ରୟାଲ ପଡିଆରେ ଶୁକ୍ରବାର ଖେଳାଯାଇଥିବା ୯ମ ସର୍ବଭାରତୀୟ ବିଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଏକ ମ୍ୟାଚରେ ସ୍କୁଲ ଅଫ୍ କ୍ରିକେଟ ଜାମସେଦପୁରକୁ ହରାଇ ଫୋରସି ସମ୍ବଲପୁର ଫାଇନାଲରେ ପ୍ରବେଶ କରିଛି। ଖେଳ ୧୫-୧୫ ଓଭର ଫର୍ମାଟ ଓ ଟି-୧୦ ଫର୍ମାଟରେ ଖେଳାଯାଇଥିଲା। ଜାମସେଦପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟ ମ୍ୟାଚରେ ନିର୍ଦ୍ଧାରିତ ୧୫ଓଭରରେ ୫ଉଇକେଟ ହରାଇ ୧୪୨ରନ କରିଥିଲା। ଦଳର କୁଶ ଝା ୩୯ ବଲରୁ ୬୭ ରନ ଓ ଅମନ କୁମାର ୧୩ ବଲରୁ ୩୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ସମ୍ବଲପୁରର ଅବଦୁଲ ୱାସିବ୍ ୨ଟି ଓ କୁଶନ ପଟେଲ ଗୋଟିଏ ଉଇକେଇ ନେଇଥିଲେ। ଜବାବରେ ଫୋରସି ସମ୍ବଲପୁର ୧୪.୪ଓଭରରେ ୪ଉଇକେଟ ହରାଇ ଆବଶ୍ୟକ ୧୪୩ ରନ ସଂଗ୍ରହ କରିଥିଲା। ଦଳର କୁଶଳ ପଟେଲ ୧୭ବଲରୁ ୪୫ ରନ ଓ ମୁକେଶ ଦଲେଇ ୧୮ବଲରୁ ୩୪ ରନ କରିଥିଲେ। ବିପକ୍ଷ ମେହେଫୁଜ ଆଲାମ୍ ୨ଟି ଓ ଅନିଲ କୁମାର ଗୋଟିଏ ଉଇକେଟ ନେଇଥିଲେ। ପରେ ଖେଳାଯାଇଥିବା ଟି-୧୦ଫର୍ମାଟରେ ଜାମସେଦପୁର ନିର୍ଦ୍ଧାରିତ ୧୦ଓଭରରେ ୬ଉଇକେଟ ହରାଇ ଶୁଭ ଝାଙ୍କ ୧୪ବଲରୁ ୩୮ରନ ସହାୟତାରେ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ଦଳ ମୁକେଶ ଦଲେଇଙ୍କ ୨୩ବଲରୁ ୩୫ରନ ସହାୟତାରେ ଆବଶ୍ୟକ ୧୦୬ ରନକୁ ୯.୨ ଓଭରରେ ୬ ଉଇକେଟ ହରାଇ ସଂଗ୍ରହ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ସମ୍ବଲପୁର ମ୍ୟାଚକୁ ୨-୦ରେ ଜିତି ଫାଇନାଲରେ ପ୍ରବେଶ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଆମ୍ବେଦକର ସେବା ସଂଘର ସଭାପତି ଇଂ. ଆଶ୍ରୟ ମହାନନ୍ଦ ମୁଖ୍ୟଅତିଥିଭାବେ ଯୋଗଦେଇ ସମ୍ବଲପୁର ମୁକେଶ ଦଲେଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳକୁ ସୁରେଶ ବିଶି ଓ ସଞ୍ଜିବ ବେହେରା ପରିଚାଳନା କରିଥିବା ବେଳେ ବୃନ୍ଦାବନ ପଧାନ ସ୍କୋରିଂ ଏବଂ ଗୋବିନ୍ଦ ପଧାନ ଓ ରଞ୍ଜନ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପୁଲ- ବିର ପ୍ରଥମ ମ୍ୟାଚ ସୋନପୁର ଓ ବରଗଡ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ସମ୍ବଲପୁରର ମୁକେଶ ଦଲେଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି।

---

ସୌଭାଗ୍ୟ ଯୋଜନା ବାଟବଣା

# ବିଦ୍ୟୁତ ସଂଯୋଗରୁ ବଞ୍ଚିତ ୬ ସରକାରୀ ସ୍କୁଲ

**ବିନିକା,୧୫।୨ (ଡି.ଏନ୍.ଏ):**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶିକ୍ଷା ବିଭାଗର ବାଙ୍କିଘିର୍ଡ଼ି କ୍ଲଷ୍ଟରର ୬ଟା ସରକାରୀ ସ୍କୁଲରେ ସୌଭାଗ୍ୟ ଯୋଜନା କାୟ୍‌କାରୀ ନାଇଁ ହେଇପାରି। ଯେନ୍‌ଥିରଲାଗି ୬ଟା ସରକାରୀ ସ୍କୁଲର ପାଖାପାଖି ୬ଶହ ଛାତ୍ରୀଛାତ୍ର ଆର ଶିକ୍ଷକମାନେ ନାନା ସମସିଆର ସାମ୍‌ନା କରୁଛନ୍। ଆଗ୍‌କେ ଖରା ଦିନ୍ ଆସୁଛେ। ଇଥିରଲାଗି ଇ ୬ଟା ସରକାରୀ ସ୍କୁଲର ପ୍ରଧାନଶିକ୍ଷକମାନେ ରାମପୁର ବିଦ୍ୟୁତ ବିଭାଗ୍‌ର ଯନ୍ତ୍ରୀକୁଁ କହି ସାରିଛନ୍। ହେଲେ ବିଭାଗୀୟ ଯନ୍ତ୍ରୀ ଝନ୍‌କ ଆଏଜ୍ କରମା, କାଏଲ୍ କରମା, ଲୋକ୍ ପଠଉଛେଁ ବଲି ସମିଆ ଗଡ଼ଉଥିବାର ପ୍ରଧାନଶିକ୍ଷକମାନେ କହିଛନ୍। ବାଙ୍କିଘିର୍ଡ଼ି କ୍ଲଷ୍ଟରରେ କୁଲ ୧୧ଟା ସରକାରୀ ସ୍କୁଲ ରହିଛେ, ସେ ଭିତରୁ ଗୁଟେ ସରକାରୀ ହାଇସ୍କୁଲ ଆର ୧୦ଟା ପ୍ରାଥମିକ ଆର ଉଚ୍ଚ ପ୍ରାଥମିକ ସ୍କୁଲ ରହିଛେ। ହେଲେ ଆଏଜ୍‌ତକ୍ ୧୧ଟା ସ୍କୁଲ୍‌ରୁ ଖାଲି ୫ଟା ସ୍କୁଲରେ ବିଦ୍ୟୁତ ସଂଯୋଗ ହେଇପାରିଛେ। ବିଦ୍ୟୁତ ସଂଯୋଗ ନାଇଁ ହେଇଥିବାର ବାକି ୬ଟା ସ୍କୁଲ ଭିତରେ ରହିଛେ ସହରାଟିକିରା ପିଏସ୍, ବାଙ୍କିଘିର୍ଡ଼ି ନୋଡାଲ ୟୁପିଏସ୍, କୁକୁଡ଼ାଝୁଲି ପିଏସ୍, ତଲି ଆନ୍ଧ୍ରାଡ଼େରା ପିଏସ୍, ସାରଙ୍ଗପାଲି ପିଏସ୍, ସାରଙ୍ଗପାଲି ଏଡେଡ୍ ୟୁପିଏସ୍। ସୌଭାଗ୍ୟ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖରଚ୍ କରୁଛନ୍ ହେଲେ କେତେ ବିଭାଗୀୟ କରମ୍‌ଚାରୀକର ଖାମ୍‌ଖିଆଲି ମନଭାବ ଲାଗି ଇ ସବୁ ଯୋଜ୍‌ନା ଫସରଫାଟୁଛେ। ବିନିକା ବ୍ଲକର ବାଙ୍କିଘିର୍ଡ଼ି କ୍ଲଷ୍ଟର ଲେଖେଁ ଉନିଆଁ କେତେ କ୍ଲଷ୍ଟରମାନକେ ବି ଏନ୍‌ତା ଅବସ୍‌ତା ଥିବାର ଜନାଯାଇଛେ। ବିଭାଗୀୟ ଅଧିକାରୀମାନେ ଇ ଦିଗେ ଦୁରୁଷ୍ଟି ଦେଇ ସ୍କୁଲ୍‌ମାନକେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ ଲାଗି ପଦକ୍ଷେପ ନେବାକେ ଛାତ୍ରୀଛାତ୍ର, ଶିକ୍ଷକ ଆର ଅଭିଭାବକ ମହଲରେ ଦାବି ହେଉଛେ।

---

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଅମରପାଲି,୧୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ଗ୍ରାମ ପଞ୍ଚାୟତର ଭୁଡିଆପାଲିସ୍ଥିତ ପରମେଶ୍ୱରୀ କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କଲେଜ ଅଧକ୍ଷ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସୁବର୍ଣ୍ଣପୁର ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ମୁଖ୍ୟଅତିଥିଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀମାନଙ୍କୁ ନିର୍ଭିକ ଓ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ସଂକଳ୍ପିତ ହେଲେ ସବୁ କାମ ସମ୍ଭବ ହୋଇଥାଏ ବୋଲି କହିଥିଲେ। ନାରୀ ଏବେ ଅବଳା ବା ଦୁର୍ବଳା ନୁହେଁ। କୌଣସି ବାଧାବିଘ୍ନ ଆସିଲେ ନୀରବ ନରହି ତାହାକୁ ଦୃଢ଼ ଭାବେ ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷ ପଣ୍ଡା ଉକ୍ତ ଶିବିର ୧୨ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ। କଲେଜର ପ୍ରାୟ ୫୨ଜଣ ଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରି ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ନେବେ। ତାଲିମଦାତା ଭାବେ ଉକ୍ତ କଲେଜର ମାମି ଘିବିଲା ଓ ଝୁମି ମହାନନ୍ଦ ତାଲିମ ପ୍ରଦାନ କରିବେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉକ୍ତ କଲେଜର ଇଂରାଜୀ ବିଭାଗୀୟ ଅଧ୍ୟାପିକା ଶେଫାଳୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।



ଆତ୍ମରକ୍ଷା ତାଲିମ ଶିବିରର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

---

## ଆରମ୍ଭ ହେଲା ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ସାରା ଦେଶରେ ୧୨ଲକ୍ଷ ୮୭ହଜାର ଛାତ୍ରୀଛାତ୍ର ଚଳିତବର୍ଷ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଦେଉଥିବା ବେଳେ ଓଡ଼ିଶାରୁ ପ୍ରାୟ ୧୬ହଜାର ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଥମ ଦିନରେ ଧନ୍ଦାମୂଳକ ଶିକ୍ଷା ବିଭାଗର ୬ଟି ବିଷୟରେ ପରୀକ୍ଷା ହୋଇଥିଲା। ଛାତ୍ରୀଛାତ୍ର ସକାଳ ସାଢ଼େ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚି ୯ଟା ୪୫ରେ ପରୀକ୍ଷା ହଲ୍ ଭିତରକୁ ପ୍ରବେଶ କରିଥିଲେ। ପୂର୍ବାହ୍ନ ୧୦ଟାରେ ପରୀକ୍ଷାର୍ଥୀଙ୍କୁ ଉତ୍ତର ଖାତା ଓ ଏହାର ୧୫ମିନିଟ୍ ପରେ ପ୍ରଶ୍ନପତ୍ର ଦିଆଯାଇଥିଲା। ସେହିଭଳି ପ୍ରଶ୍ନପତ୍ର ପଢ଼ିବା ପାଇଁ ୧୫ମିନିଟ୍ ସମୟ ଦିଆଯାଇଥିଲା। ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ରେ ସରିଥିଲା।

---

# ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ: ବଲାଙ୍ଗୀର ସେମିରେ

**ଅମରପାଲି, ୧୫।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଗ୍ରାମ ପଞ୍ଚାୟତର ବିକଳପୁରଠାରେ ଚାଲିଥିବା ୧୩ତମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦିନର ଖେଳରେ ବୌଦ୍ଧକୁ ହରାଇ ବଲାଙ୍ଗୀର ସେମିଫାଇନାଲରେ ପ୍ରବେଶ କରିଛି। ବୌଦ୍ଧ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ କରିଥିଲା। ଜବାବରେ ବଲାଙ୍ଗୀର ଦଳ ଆବଶ୍ୟକ ୧୩୭ ରନକୁ ୧୪ ଓଭରରେ ୯ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ ଅତିଥିଭାବେ ଯୋଗଦେଇ ବଲାଙ୍ଗୀରର ଅଜୟ କରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳକୁ ରାମପ୍ରସାଦ କର ଓ ଶ୍ରୀନିବାସ ପଧାନ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ପଧାନ ସ୍କୋରିଂ ଏବଂ ବୈକୁଣ୍ଠ କର୍ଣ୍ଣ ଓ ପରିକ୍ଷୀତ କର୍ଣ୍ଣ ଧାରା ବିବରଣୀ ପ୍ରଦାନ କରିଥିଲେ।



ବଲାଙ୍ଗୀରର ଅଜୟ କରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି।

---

## ପ୍ରତିଶ୍ରୁତି ପରେ ମିଳିଲାନି ନ୍ୟାୟ

# ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର,୧୫।୨ (ବ୍ୟୁରୋ)**

ଶାଶୁଘର ଲୋକଙ୍କ ନିର୍ଯାତନାର ଶିକାର ହୋଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଶୁଭସ୍ମିତା ଦେ। ଅଭିଯୋଗ ଜଣାଇବାକୁ ସେ ଗତ ୭ ତାରିଖରେ ନବୀନ ନିବାସ ଆସିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ କରାଇ ଦିଆଯାଇ ନ ଥିଲା। ମାତ୍ର ପ୍ରତିଶ୍ରୁତି ମିଳିଥିଲା ଯେ, ଆମେ ଏସ୍‌ପିଙ୍କୁ କହିଦେବୁ ତୁମେ ଯାଇ ଦେଖାକର। ହେଲେ ସେଠାକୁ ଯିବା ପରେ ମଧ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଶେଷରେ ଶୁଭସ୍ମିତା ଶୁକ୍ରବାର ପୁଣି ନବୀନ ନିବାସ ଆସିଥିଲେ। ସକାଳ ପ୍ରାୟ ୧୧ଟା ସମୟରେ ସେ ନବୀନ ନିବାସ ଆଗରେ ଆତ୍ମାହୁତି ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ଦୀର୍ଘ ସମୟ ଧରି ତାଙ୍କୁ ମହିଳା ଥାନାରେ ଅଟକ ରଖିବା ପରେ ଛାଡିଥିଲା।

୨୦୧୨ରେ ଜଳେଶ୍ୱର ଥାନା ଅନ୍ତର୍ଗତ ରାୟପୁର ଅଞ୍ଚଳର ହରିପଦ ଦେଙ୍କୁ ବୈଦିକ ରୀତିରେ ଶୁଭସ୍ମିତା ବିବାହ କରିଥିଲେ। ବିବାହ ପୂର୍ବରୁ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଶୁଭସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହାପରେ ହରିପଦ ତାଙ୍କୁ ପୁଣେ ନେଇଯାଇଥିଲେ। ସେଠାରେ ମଧ ତାଙ୍କୁ ମାରପିଟ କରିଥିଲେ। ଏପରି କି ଶୁଭସ୍ମିତା ଗର୍ଭବତୀ ଥିବାବେଳେ ତାଙ୍କୁ ହରିପଦ ବାପଘରେ ଛାଡି ଦେଇ ଯାଇଥିଲେ। ଏନେଇ ଶୁଭସ୍ମିତା ୨୦୧୫ରେ ସିଂଲା ଥାନାରେ ଅଭିଯୋଗ କରିଥିଲେ।

---

# ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ :ସେମିରେ ଓଡ଼ିଶା ପୋଲିସ

**ସୋନପୁର,୧୫।୨ (ନି.ପ୍ର.)**

ସୋନପୁର ଗାନ୍ଧୀ ପଡିଆଠାରେ ଚାଲିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ପୁଲ ‘ବି’ର ଦ୍ୱିତୀୟ ମ୍ୟାଚ୍‌ରେ ଓଡିଶା ପୋଲିସ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଫୁଲବାଣୀ ଏକାଦଶ ଓ ଓଡିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୩୩ ମିନିଟ୍‌ରେ ଓଡିଶା ପୋଲିସର ଜର୍ସି ନଂ ୧୨ର ଖେଳାଳି ପ୍ରମୋଦ କୁମାର ଦାସ ଗୋଟିଏ ଗୋଲ ଦେଇଥିଲେ। ଫଳରେ ଓଡିଶା ପୋଲିସ ୧-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଦୀପଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ରେଫେରି ଦିଲ୍ଲିପ ରାଉତ, ଦେବାଶିଷ ବାଗ, ସଞ୍ଜିବ କୁମାର ସାହୁ ଓ ସଲିଲ ବେହେରା ପରିଚାଳନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ସୁବାସ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁ, ଡିଏସପି କ୍ରାଇମ ହେମସାଗର ନନ୍ଦ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ ଯୋଗଦେଇଥିଲେ। ଶନିବାର ଓଡିଶା ପୋଲିସ ଓ ସ୍ପୋର୍ଟ୍ସ ହଷ୍ଟେଲ କଟକ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।




ପ୍ରଦୀପଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଉଛି।

---

## ଫଟୋରେ ଖବର



ଶହୀଦ ସିଆରପିଏଫ ଯବାନଙ୍କୁ ବଜରଙ୍ଗ ଦଳ, ଆରଏସଏସର କର୍ମକର୍ତ୍ତା ସୋନପୁର ବିଜୁ ପଟ୍ଟନାୟକ ଛକଠାରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ ଯବାନଙ୍କୁ ସୁବର୍ଣ୍ଣପୁର ଜିଲା ଦୌରାଜଜ୍‌ଙ୍କ କୋର୍ଟ ସମ୍ମୁଖରେ ବିଚାରପତି ଓ କର୍ମଚାରୀମାନେ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ବିନିକା ସହରରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଧନୁଯାତ୍ରା: ଷୋହଳ କୁଞ୍ଜରେ ଶ୍ରୀକୃଷ୍ଣ

**ଅମ୍ବାଭୋନା, ୧୫।୨ (ଡି.ଏନ.ଏ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲେଲେହର-ଚଣ୍ଡିପାଲି ଧନୁଯାତ୍ରାର ଷଷ୍ଠ ରଜନୀରେ ମଥୁରାନଗରୀରେ କଂସର ଦିଗବିଜୟ, ଗୋପପୁରରେ ଷୋହଳ କୁଞ୍ଜରେ ଶ୍ରୀକୃଷ୍ଣ, କୃଷ୍ଣ ବଳରାମଙ୍କ ମଥୁରା ପ୍ରବେଶ ଦୃଶ୍ୟ ଅଭିନୀତ ହୋଇଥିଲା । କଂସ ଦରବାରରେ ଲଖନପୁର ୱାଇଲଡ ଲାଇଫ ରେଞ୍ଜର ଅଭିରାମ ପାତ୍ର ରାଜଅତିଥି ଭାବେ ଯୋଗ ଦେଇଥିଲେ। କଂସ ମହାରାଜଙ୍କ ନିର୍ଦ୍ଦେଶରେ ରାଜଦରବାରରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ । କଳାକାରମାନଙ୍କୁ ଧନୁଯାତ୍ରା କମିଟିର ସଭାପତି ହୀରାଧର ସାହୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

### ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ ଧାରଣା ଜାରି

**ବରଗଡ଼ ଅଫିସ୍,୧୫।୨:** ବିଭିନ୍ନ ଦାବି ନେଇ ବରଗଡ଼ ଜିଲା ବିଏସଏନଏଲ୍ ଠିକା କର୍ମଚାରୀମାନେ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିବସରେ ପହଞ୍ଚିଛି । ୪ ମାସର ବକେୟା ଦରମା ପ୍ରଦାନ, ୫ ମାସର ଇପିଏଫ, ଇଏସଆଇ ପ୍ରଦାନ ଆଦି ଦାବି ନେଇ ସେମାନେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ଦାବି ସେମାନେ ବାରମ୍ବାର ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା କର୍ମଚାରୀମାନେ କହିଛନ୍ତି । ଫଳରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ଦାବି ସମୂହ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

# ଭୂମି ଅଧିକାର ଦାବିରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୫।୨**

ଭୂମି ଅଧିକାର ପ୍ରଦାନ ଦାବି ନେଇ ବରଗଡ଼ରେ ଆନ୍ଦୋଳନ ଜୋର୍ ଧରିଛି । ସ୍ଥାନୀୟ ଭୂମିହୀନମାନେ ସଙ୍ଗଠିତ ହୋଇ ଆନ୍ଦୋଳନକୁ ବ୍ୟାପକ କରିବାରେ ଲାଗି ପଡ଼ିଛନ୍ତି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତିର ଆହ୍ୱାନରେ ଅଞ୍ଚଳର ବହୁସଂଖ୍ୟକ ଭୂମିହୀନ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସାଧବୀ ଦେହୁରୀଆଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ବରଗଡ଼ ସହର ସମେତ ତୋରା, ସରସରା, ବରଡ଼ୋଲ, ଖୁଣ୍ଟପାଲି ଆଦି ପଞ୍ଚାୟତର ଭୂମିହୀନ ଲୋକେ ସପରିବାର ସ୍ଥାନୀୟ ଲମ୍ବା ବିଲ୍ଡିଂ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳ ଅଫିସ ଅଭିମୁଖେ ଆସିଥିଲେ । ସେମାନେ ହାତରେ ପ୍ଲାକାର୍ଡ଼ ଧରି ଭୂମି ଅଧିକାର ପ୍ରଦାନ ଦାବି ନେଇ ନାରାବାଜି କରିଥିଲେ। ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ଭୂମିହୀନ ପରିବାର ଲୋକେ ସେଠାରେ ଧାରଣାରେ ବସିଥିଲେ । ଏହାସହିତ ସେଠାରେ ରିଲେ ଅନଶନ ଚଳାଇଥିବା ତୋରା ଚିନିକଳର ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ସମର୍ଥନ ଜଣାଇଥିଲେ।




ଜିଲାପାଳ ଅଫିସ ଆଗରେ ଭୂମିହୀନଙ୍କ ଧାରଣା, ବିକ୍ଷୋଭ ସମାବେଶ ଚାଲିଛି ।

ଧାରଣାସ୍ଥଳରେ ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତିର ଭବାନୀ ପ୍ରସାଦ ସାହୁ, ରମେଶ ମହାପାତ୍ର, ହର ବଣିଆଁ, ବାସନ୍ତୀ ବନଛୋର, ମାରିୟନ ବାର୍ଲା, ଅମିତାଭ ପାତ୍ର, ଏମଡ଼ି ଅସଲମ, ସୁରେଖା ଭୋଇ, ଯଶୋବନ୍ତୀ ପୋଡ଼, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ ସରକାରଙ୍କ ଜାଗା ମିଶନ ଏବଂ କେନ୍ଦ୍ର ସରକାରଙ୍କ ଭୂମି ଅଧିକାର ଘୋଷଣାକୁ ସେମାନେ କଡ଼ା ସମାଲୋଚନା କରିଥିଲେ। ପରେ ସେଠାକୁ ଡେପୁଟି କଲେକ୍ଟର ଦେହୁରୀଆ ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିଥିଲେ । ପ୍ରତ୍ୟେକ କାର୍ଯ୍ୟରେ ଜମି ପଟ୍ଟା ଭଳି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଦରକାର ପଡୁଥିବାବେଳେ ଏପର୍ଯ୍ୟନ୍ତ ସେମାନଙ୍କୁ ତାହା ମିଳିପାରିନାହିଁ। ସେଥିପାଇଁ ସ୍ଥାୟୀ ପରିଚୟରୁ ବଞ୍ଚିତ କରାଯିବା ସ୍ୱାଧୀନ ଭାରତରେ ସେମାନଙ୍କ ପାଇଁ ଉପହାସ ସଦୃଶ ବୋଲି ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ନିକଟ ଭବିଷ୍ୟତରେ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଜାଗା ମିଶନ ନାମରେ ଅଳ୍ପ କିଛି ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରିବା ଏବଂ ଠିକ୍ ଭାବେ ସର୍ଭେ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇବା ଘୋଷଣା ଲୋକଙ୍କୁ ଭୁଆଁ ବୁଲାଇବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ କହିଥିଲେ ଏବଂ ଜାଗା ମିଶନ ଘୋଷଣାନାମାକୁ ପୋଡ଼ିଥିଲେ । ଭୂମିହୀନଙ୍କୁ ଚିହ୍ନଟ କରି ତୁରନ୍ତ ଜମିପଟ୍ଟା ପ୍ରଦାନ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

**ବରଗଡ଼ ଜିଲା**

- ଜିଲାପାଳ ଅଫିସ ଆଗରେ ଧାରଣା, ବିକ୍ଷୋଭ
- କେନ୍ଦ୍ର, ରାଜ୍ୟ ସରକାର ଉପରେ ବିକ୍ଷୋଦ୍‌ଗାର
- ଘୋଷଣାନାମାକୁ ପୋଡ଼ି ପ୍ରତିବାଦ ଜଣାଇଲେ

■ ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ପ୍ରସ୍ତୁତି ବୈଠକ

# ଅବାଧ, ତ୍ରୁଟିଶୂନ୍ୟ ପରୀକ୍ଷା ଉପରେ ଗୁରୁତ୍ୱାରୋପ

**ବରଗଡ଼ ଅଫିସ୍,୧୫।୨**

ବରଗଡ଼ ଜର୍ଜ ହାଇସ୍କୁଲ ପରିସରରେ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାର ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁପରିଟେଣ୍ଡେଣ୍ଟ ଯୋଗଦାନ କରିଥିଲେ । ଚଳିତ ବର୍ଷ ଜିଲାସାରା ୯୧ଟି ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୧୭୪୫୧ ରେଗୁଲାର୍, ୫୨୬ ଏକ୍ସ ରେଗୁଲାର୍, କରେସ୍‌ପଣ୍ଡେଣ୍ଟ ୯୯, ଏସ୍.ଆଇ.ଓ.ଏସ୍ ୧୨୪, ମଧ୍ୟମା ୧୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଡିଇଓ ସୂଚନା ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ ତପିରାମ ମାଝୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ବିଜ୍ଞାନ ନିରୀକ୍ଷକ ଡଃ. ମନୋଜ କୁମାର ସାହୁ, ଜର୍ଜ ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ଅମୃତା ସାହୁ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା କିପରି ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ ହେବ ସେ ବିଷୟରେ ପରୀକ୍ଷା କେନ୍ଦ୍ର ଗୁଡ଼ିକର ପରିଚାଳକମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହିତ ନୂତନ ପରୀକ୍ଷା ସମ୍ବନ୍ଧୀୟ ନିୟମ ଓ ନିର୍ଦ୍ଦେଶାବଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କୌଣସି ପରୀକ୍ଷା କେନ୍ଦ୍ରରେ ଯେଭଳି ପରୀକ୍ଷା ନିର୍ଦ୍ଦେଶାବଳୀର ବ୍ୟତିକ୍ରମ ନ ହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ କେନ୍ଦ୍ର ପରିଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଶିକ୍ଷକ ସଦାନନ୍ଦ ଜାଲ ଓ ଦିଲୀପ ସାହୁ ପରୀକ୍ଷା ସମ୍ବନ୍ଧୀୟ ନୂତନ ନିର୍ଦ୍ଦେଶାବଳୀର ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ ।




ମାଟ୍ରିକ୍ ପରୀକ୍ଷା ପରିଚାଳନା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ।





ଜମ୍ମୁ କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଝାରବନ୍ଧ (ବାମ) ଓ ସୋହେଲା ଅଞ୍ଚଳରେ ଲୋକେ କ୍ୟାଣ୍ଡେଲ ଜାଳୁଛନ୍ତି ।

### ପାଇକମାଳରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ପାଇକମାଳ,୧୫।୨(ଡି.ଏନ.ଏ)**

ଜମ୍ମୁ କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ବରଗଡ଼ ଜିଲା ପାଇକମାଳରେ ଶୁକ୍ରବାର ରାତ୍ରିରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଛି। ଏଥିରେ ଶତାଧିକ ଯୁବକ, ସଚେତନ ନାଗରିକ ଯୋଗଦାନ କରି କ୍ୟାଣ୍ଡେଲ ଜାଳିବା ସହ ନିରବ ପ୍ରାର୍ଥନା କରିଥିଲେ । ଶହୀଦ ଓଡ଼ିଆ ଯବାନ ପ୍ରସନ୍ନ ସାହୁ, ଓ ମନୋଜ ବେହେରାଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ



ଖେଦାପାଲି ଛକରେ ଗୁକୁର୍ଲା ଗ୍ରାମବାସୀଙ୍କ ରାସ୍ତାରୋକୋ ।

**ଭଟଲି,୧୫।୨(ଡି.ଏନ.ଏ)**

ବରଗଡ଼-ଭଟଲି ରାସ୍ତାର ଖେଦାପାଲି ନିକଟରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ନିର୍ମାଣ ଚାଲିଛି । ନିର୍ମାଣ ଶେଷ ପର୍ଯ୍ୟାୟରେ ରହିଥିବାବେଳେ କେବଳ ଉଦଘାଟନ ବାକି ରହିଛି । ତେବେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ଉଦଘାଟନ ହେବା ପୂର୍ବରୁ ସେଠାରୁ ଗୁକୁର୍ଲା ଗ୍ରାମବାସୀଙ୍କ ନିର୍ଭରଯୋଗ୍ୟ ଏକ ଜଳାଶୟକୁ ଡାକ୍ତରଖାନାରୁ ନିଷ୍କାସିତ ପାଣି ଛାଡ଼ାଯିବା ପାଇଁ କରାଯାଉଥିବା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଗୁକୁର୍ଲା ଗ୍ରାମବାସୀ ବରଗଡ଼-ଭଟଲି ରାସ୍ତାକୁ ଖେଦାପାଲି ଛକ ନିକଟରେ ଅବରୋଧ କରିଥିଲେ । ଖବର ପାଇ ସେଠାକୁ ସ୍ଥାନୀୟ ବିଧାୟକ ତଥା ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଡାକ୍ତରଖାନାରୁ ନିଷ୍କାସିତ ପାଣି ସେହି ଜଳାଶୟକୁ ଯେଭଳି ଆଦୌ ଯିବନାହିଁ, ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ ଏବଂ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

**ବରଗଡ଼ ଅଫିସ୍,୧୫।୨**

ସାଧାରଣ ନିର୍ବାଚନ ପାଖେଇ ଆସୁଛି । ଏଥିପାଇଁ ରାଜନୈତିକ ଦଳ ଗୁଡ଼ିକ ତତ୍ପର ହୋଇ ପଡ଼ିଛନ୍ତି । ଏହି କ୍ରମରେ ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବିଜେଡ଼ିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପରେ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଲୁତୁରୁ ସାହୁ, ଆନନ୍ଦ ପୂଝାରୀ, ଜୟଦେବ ଗଡ଼ତିଆ, ଗଜରାଜ ବିଶି, ଅଶ୍ୱିନୀ ତ୍ରିପାଠୀ, କ୍ଷୀରୋଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶହୀଦ ଯବାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୧୫।୨**

ଜମ୍ମୁ କଶ୍ମୀର ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କ ପ୍ରତି ବରଗଡ଼ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବରଗଡ଼ ସହରସ୍ଥିତ ମାଁ ଶ୍ୟାମାକାଳୀ ମନ୍ଦିର ସମିତି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ସଭାରେ ସମିତିର ସଭାପତି ସର୍ବେଶ୍ୱର ରଥ, ସମ୍ପାଦକ ରାଜେଶ ଶତପଥୀ, ଉପସଭାପତି ଗୌରାଙ୍ଗ ନାଏକ, ସହସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଅତାବିରା ବ୍ଲକ ଦୁଲମପୁର ଜାଗୃତି ହାଇସ୍କୁଲ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା ଏବଂ ଏଥିରେ ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ସାମିଲ ଥିଲେ । ଶହୀଦ ଯବାନଙ୍କ ସ୍ମୃତିରେ ବରଗଡ଼ ବ୍ଲକ ବରଡ଼ୋଲରେ ସ୍ଥାନୀୟ ସରସ୍ୱତୀ ପୂଜା କମିଟି ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ନିଷ୍ଠା ପରିବାର ପକ୍ଷରୁ ଏକ ରକ୍ତଦନ ଶିବିର ହୋଇଥିଲା। ଏଥିରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସିଏସଆର କୋର୍ଡ଼ିନେଟର ଜମିଲ ଖାନ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନିଷ୍ଠାର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ଶିବିର ସଂଯୋଜନା କରିଥିଲେ। ରକ୍ତଦାନ କରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବାବେଳେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ ଏବଂ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଘେଁସର ଏକ ଇଂଲିସ ମିଡ଼ିୟମ ସ୍କୁଲରେ ମଧ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ଶହୀଦଙ୍କୁ ନାଗରିକ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଓକିଲ ସଂଘ ପକ୍ଷରୁ ଆୟୋଜିତ ନାଗରିକ ଶ୍ରଦ୍ଧାଞ୍ଜଳି ଅବସରରେ ଅନୁଷ୍ଠିତ ମହମବତୀ ଶୋଭାଯାତ୍ରାରେ ସଂଘର ସଭାପତି ଅଶୋକ କୁମାର ଯୋଶୀ, ସାଧାରଣ ସମ୍ପାଦକ ଲିପ୍‌ସିତ ମିଶ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏବଂ ସହରର ନାଗରିକମାନେ ସାମିଲ ହୋଇଥିଲେ । ବରଗଡ଼ ବିଜେଡ଼ି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସେମାନେ ନୀରବ ପ୍ରାର୍ଥନା କରିଥିଲେ ।

**ଝାରବନ୍ଧ, ୧୫।୨ (ଡି.ଏନ.ଏ):** ଜମ୍ମୁ କଶ୍ମୀରରେ ଶହୀଦ ଯବାନଙ୍କୁ ଶୁକ୍ରବାର ଝାରବନ୍ଧ ଚାନ୍ଦିନୀଚୌକଠାରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଅଛି । ଏହି ଅବସରରେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ଜୁନିୟର କଲେଜ ଅଧ୍ୟକ୍ଷ ସାନନ୍ଦ କୁମାର ସାହୁ, ବୀରାଦୈତ୍ୟ ସାହୁ, ଦୁର୍ଗାପ୍ରସାଦ ଅଗ୍ରୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ । ବିକାଶ ଅଗ୍ରୱାଲ, ଜୟକୁମାର ନିଗମ, କୁମାର ଗୌରବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ତହସିଲ ଅଫିସ୍‌ଠାରେ ତହସିଲଦାର ପର୍ଶୁରାମ ପଣ୍ଡାଙ୍କ ନେତୃତ୍ୱରେ ଦୁଇ ମିନିଟ ନୀରବ ପ୍ରାର୍ଥନା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରେ ଶିକ୍ଷକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

**ବରପାଲି, (ଡି.ଏନ.ଏ):** ଜାମ୍ମୁ କଶ୍ମୀରର ପୁଲୱମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୪ ଜଣ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବରପାଲିର ବହୁ ଅନୁଷ୍ଠାନ, ବରିଷ୍ଠ ଓ ସଚେତନ ନାଗରିକ, ମାରୱାଡି ମହିଳା ମଞ୍ଚ ଓ ଅବସରପ୍ରାପ୍ତ ସୈନିକମାନେ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ପରେ ବଣିକ ସଂଘ ସଭାପତି ନନ୍ଦଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶହୀଦ ହୋଇଥିବା ବୀର ଯବାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

**ଗଣ୍ଡତୁରୁମ, (ଡି.ଏନ.ଏ):** ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତରେ ନାଗରିକ ମଞ୍ଚ ତରଫରୁ ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକ ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଲୋକ ମହୁଲପାଲି ପଞ୍ଚାୟତ ଛକରୁ ସ୍ଥାନୀୟ ସ୍କୁଲ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ । ପରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୁପ୍ତେଶ୍ୱର ପୁରୋହିତ, ମନବୋଧ ସାହୁ, ସଞ୍ଜୟ କର, ପ୍ରମୋଦ ପଧାନ, ପର୍ଶୁରାମ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**ସୋହେଲା,(ଡି.ଏନ.ଏ):** ସୋହେଲାରେ ବିଜୁ ଛାତ୍ର ଜନତା ଦଳ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଶୁକ୍ରବାର ସନ୍ଧ୍ୟାରେ ଜମ୍ମୁ କଶ୍ମୀରର ପୁଲୱାମା ଅବନ୍ତୀପୁରାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଯୁବକମାନେ ସ୍ଥାନୀୟ ଡେଲି ମାର୍କେଟରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ କ୍ୟାଣ୍ଡେଲ ଓ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ସୋହେଲା ପରିକ୍ରମା କରିବା ପରେ ଦୁର୍ଗା ମନ୍ଦିରରେ ସମାପନ ହୋଇଥିଲା। ଏଥିରେ ସବୁ ସଙ୍ଗଠନର ଯୁବଗୋଷ୍ଠୀ ସାମିଲ ହୋଇଥିଲେ ।

**ଅତାବିରା, (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପୁଲୱାମା ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ପାଇଁ ନିବ ପ୍ରାର୍ଥନା କରାଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର ଚୌହାନଙ୍କ ଅଧ୍ୟକ୍ଷତାରେ ପ୍ରଫେସର ରତନ ଶର୍ମା, ଡ. ପ୍ରମୋଦ ଭୋଇ, ଡ. ଦିଗମ୍ବର ଚାନ୍ଦ, ସାମାଜିକ କର୍ମୀ ସଚିବ ମହାକୁର, ଖଗେଶ୍ୱର ମେହେର, କୃଷ୍ଣ ଚନ୍ଦ୍ର ସାଥୁଆ ପ୍ରମୁଖ ଆତଙ୍କବାଦୀଙ୍କ ଏହି ବର୍ବର କାଣ୍ଡକୁ ନିନ୍ଦା କରିଥିଲେ । ଏଥିରେ କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀମାନେ ଯୋଗ ଦେଇଥିଲେ ।



ଦୁଲମପୁର ଜାଗୃତି ହାଇସ୍କୁଲ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍



## ସଂକ୍ଷେପରେ

### ବାଇକ୍-ଟ୍ରାକ୍ଟର ଧକ୍କା, ୩ ଆହତ

**ବୌଦ୍ଧ,୧୫।୨(ସ୍ୱ.ପ୍ର):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାଧାନଗର ଠାରେ ଶୁକ୍ରବାର ଏକ ଟ୍ରାକ୍ଟର ସହ ମଟର ସାଇକେଲ ଧକ୍କା ହେବାରୁ ୩ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି । ସୂଚନା ମୁତାବକ, ଅପରାହ୍ନରେ ବୀରନରସିଂହପୁର ଗ୍ରାମର ସୌମ୍ୟରଜନ ପ୍ରଧାନ (୨୭) ଏକ ବାଇକ୍‌ରେ ଲାଣ୍ଡିବନ୍ଧ ଆରସେଟିର ଧୂପକାଠି ତାଲିମ ପାଇଁ ଯାଇଥିବା ମା' ଶାନ୍ତିଲତା ପ୍ରଧାନ ଓ ଅନ୍ୟ ଜଣେ ମହିଳା କ୍ଷୀରାବ୍ଦି ମେଣ୍ଡୁଲିଙ୍କୁ ଧରି ନିଜ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ଜାତୀୟ ରାଜପଥର ରାଧାନଗର ଠାରେ ଏକ ଟ୍ରାକ୍ଟର ସହ ତାଙ୍କର ଧକ୍କା ହୋଇଥିଲା । ଦୁର୍ଘଟଣାରେ କ୍ଷୀରାବ୍ଦିଙ୍କ ଦୁଇ ଗୋଡ, ଶାନ୍ତିଲତାଙ୍କ ହାତ ଗୋଡ ଓ ସୌମ୍ୟରଞ୍ଜନଙ୍କ ମୁଣ୍ଡ ଓ ଗୋଡରେ ଆଘାତ ଲାଗିଛି । ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠରେ କ୍ଷୀରାବ୍ଦିଙ୍କ ଅବସ୍ଥା ଗୁରତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନେ ବୌଦ୍ଧ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

### ଅଷ୍ଟପ୍ରହର ନାମଯଜ୍ଞ

**ଜହ୍ନାପଙ୍କ, ୧୫।୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବୁରକଟା ଛକ ନିକଟରେ ଆନନ୍ଦମାର୍ଗ ଆଶ୍ରମଠାରେ ଶୁକ୍ରବାର ବାବାନାମ କେବଲମ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଆନନ୍ଦମାର୍ଗ ପ୍ରଚାରକ ସଂଘର କର୍ମକର୍ତ୍ତା ଅଧିବାସ ନାମଯଜ୍ଞ ଆରମ୍ଭ କରିଥିଲେ । ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳର ୧୪ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୂତି ହେବ। ଆନନ୍ଦ ମାର୍ଗର ବରିଷ୍ଠ ସଭ୍ୟ କେଦାରନାଥ ସାହୁ, ବିଦ୍ୟାଧର ସ୍ୱାଇଁ, ସନ୍ତୋଷ କୁମାର ସାହୁ, ବିରୁପାକ୍ଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

■ ଢାବା ଉଚ୍ଛେଦ ଓ ମଦ ବିକ୍ରି ବନ୍ଦ ଦାବି

# ରାସ୍ତାକୁ ଓହ୍ଲାଇଲେ ମହିଳା

**ଭଟଲି,୧୫।୨(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଖେଦାପାଲି ନିକଟରେ ସରକାରୀ ଜମିକୁ କବ୍‌ଜା କରି ସେଠାରେ ନିର୍ମିତ ଢ଼ାବାରେ ଚୋରାମଦ କାରବାରକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଟୁକୁର୍ଲା ଗ୍ରାମର ମହିଳାମାନେ ସେଠାରୁ ଢ଼ାବା ଗୁଡ଼ିକୁ ହଟାଇବାକୁ ଦାବି କରିଥିଲେ। ସେଠାରେ ପଲିଟେକନିକ୍ କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଥିବାବେଳେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ରହିଛି । ରାସ୍ତାକଡ଼ ସରକାରୀ ଜମିରେ ରହିଥିବା ସେହି ଢ଼ାବା ଗୁଡ଼ିକରେ ଅବାଧ ମଦବିକ୍ରି ଚାଲୁଥିବା ଯୋଗୁ ଅଞ୍ଚଳରେ ତାର କୁପ୍ରଭାବ ପଡୁଛି ଏବଂ ସେଠାରୁ ସେହି ଢ଼ାବା ଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରାଯାଉ ବୋଲି ଦାବି କରିଥିଲେ। ପରେ ସେଠାକୁ ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲା। ସେଠାରୁ ଢ଼ାବା ଗୁଡ଼ିକୁ ତୁରନ୍ତ ହଟା ନ ଗଲେ ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ ।



ଢ଼ାବା ଉଚ୍ଛେଦ ଓ ମଦବିକ୍ରିକୁ ବିରୋଧ କରି ମହିଳାଙ୍କ ରାସ୍ତାରୋକୋ ।

# ଗୌରୀଶଙ୍କର ପବ୍ଲିକ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ

**ବୌଦ୍ଧ,୧୫।୨(ସ୍ୱ.ପ୍ର)**

ବୌଦ୍ଧ ଗୌରୀଶଙ୍କର ପବ୍ଲିକ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ବିଦ୍ୟାଳୟର ସମ୍ପାଦକ ଧୁରୀଣ କୁମାର ଦେହୁରୀ, ଅଧକ୍ଷା ମାନମୟୀ ରଥ ସମ୍ମାନୀତ ଅତିଥି ଓ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ହରେକୃଷ୍ଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଗତ ଗୁରୁବାର ଜମ୍ମୁ କଶ୍ମୀରଠାରେ ଶହୀଦ ହୋଇଥିବା ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷା ରଥ ବିବରଣୀ ପାଠ କରିଥିଲେ । ଜିଲାରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଗୌରୀଶଙ୍କର ପବ୍ଲିକ ସ୍କୁଲର ଭୂମିକା ଗୁରତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ବାଚସ୍ପତି ଅମାତ କହିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀ ଉପାସନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଜୈବିକ କୃଷି ତାଲିମ ନେଲେ ଶହେ ଚାଷୀ

**ପାଇକମାଳ, ୧୫।୨(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ ବ୍ରାହ୍ମଣଟାଲ ଗ୍ରାମରେ ୧୦ ଦିନ ଧରି ପ୍ରଧାନମନ୍ତ୍ରୀ କୃଷି ଉଦ୍ୟୋଗ ବିକାଶ ତାଲିମ ଶିବିରର ଦ୍ୱିତୀୟ ପର୍ଯ୍ୟାୟ ଶୁକ୍ରବାର ଉଦ୍‌ଯାପତି ହୋଇଯାଇଛି ପାଇକମାଳର ମାସ୍, ଭୁବନେଶ୍ୱରର ସେଞ୍ଚୁରିୟନ କୃଷି ବିଶ୍ୱ ବିଦ୍ୟାଳୟ ଓ ପାରଳାଖେମୁଣ୍ଡିର ଗ୍ରାମ ତରଙ୍ଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ମୋଟ ୧୦୦ ଜଣ ଚାଷୀଙ୍କୁ ଜୈବିକ କୃଷି ବିଷୟରେ ତାଲିମ ଦିଆଯାଇଥିଲା । ଏହି ଶିବିରରେ ସେଞ୍ଚୁରିୟନର ତାଲିମଦାତା ଶୁଭେନ ପାଣିଗ୍ରାହୀ, ଗ୍ରାମ ତରଙ୍ଗର ଯୁଧିଷ୍ଠିର ସାହୁ ଜୈବିକ କୃଷି ଉପରେ ଚାଷୀମାନଙ୍କୁ ତାଲିମ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଚାଷୀମାନଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା। ମାସ୍ କାର୍ଯ୍ୟକ୍ରମ ସଂଯୋଜକ ଆଦିକନ୍ଦ ବିଶ୍ୱାଳ ଶିବିର ପରିଚାଳନା କରିଥିଲେ। ଦିଗେଶ କପାଟ, ଦୁର୍ଯ୍ୟୋଧନ ବିଶି, ରେବତୀ ରାଉତ, କେଶବ ଦଣ୍ଡସନା ପ୍ରମୁଖ ସହଯୋଗ କରିଥିଲେ ।



ଜୈବିକ କୃଷି ଉପରେ ଚାଷୀମାନଙ୍କୁ ତାଲିମ ଦିଆଯାଉଛି ।

■ ଛାତ୍ରୀ ନିବାସର ୨୯ତମ ବାର୍ଷିକ ଉତ୍ସବ

# ଛାତ୍ରୀ ଉଚ୍ଚ ଶିକ୍ଷିତା ହେଲେ ଦେଶର ପ୍ରଗତି ସମ୍ଭବ

**ଅତାବିରା, ୧୫।୨ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା ଛାତ୍ରୀ ନିବାସର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲେଜର ପୂର୍ବତନ ଅଧକ୍ଷ ଡ. ନେପାଳ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁ, ପର୍ବତାରୋହୀ ଲିପିକା ସେଠ, କଲେଜ ଅଧକ୍ଷ ଗଙ୍ଗାଧର ଚୌହାନ, ଡ. ନରେନ୍ଦ୍ର କୁମାର ବେହେରା, ଅଧାପକ ପବିତ୍ର କୁମାର ମାହାଣା, ଛାତ୍ରୀ ନିବାସ ସୁପରିଣ୍ଟେଣ୍ଡେଣ୍ଟ ଅମୃତା ସାମନ୍ତ, ଶାନ୍ତିଲତା ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପର୍ବତା ରୋହୀ ଲିପିକା ସେଠଙ୍କୁ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା । ଛାତ୍ରୀମାନେ ଉଚ୍ଚ ଶିକ୍ଷିତା ହେଲେ ଦେଶର ପ୍ରଗତି ସମ୍ଭବ। ନାରୀମାନେ ଦେଶର ପ୍ରଗତିର ମାଇଲଖୁଣ୍ଟ ବୋଲି ବକ୍ତାମାନେ କହିଥିଲେ । ସାଧାରଣ ସମ୍ପାଦିକା ଅର୍ପିତା ପ୍ରିୟଦର୍ଶନୀ, ପ୍ରମୋଦ ସେଠ, ସୁଶୀଲ ମହାକୁର, ତାରାଚାନ୍ଦ କଣ୍ଟା ପ୍ରମୁଖ ସହଯୋଗ କରିଥିଲେ ।



ଲରମ୍ଭା କଲେଜ ଛାତ୍ରୀନିବାସ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରାଯାଉଛି ।

# ବଢ଼ିଗାଁକୁ ହରାଇ ବୀରମହାରାଜପୁର ବିଜୟୀ

**ବୌଦ୍ଧ,୧୫।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ବଢିଗାଁଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍ ବଢିଗାଁ ଓ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ବୀରମହାରାଜପୁର ଦଳ ଗୋଟିଏ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ବରିଷ୍ଠ ଫୁଟବଲ ଖେଳାଳି ସୁରେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଶେଷଦେବ ବେହେରା, ପ୍ରବୀଣ ବେହେରା, ସୁରେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ । ଶନିବାର ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଗୋଳ ଆଠମଲିକ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ।

ଫୁଟବଲ ଟୁର୍ନାମେଣ୍ଟ



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

### ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

**ଅତାବିରା, ୧୫।୨ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାମ୍ପରସରା ଉଚ୍ଚ ବିଦ୍ୟାଳୟ ପରିସରରେର ଗୁରୁବାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବିଭକ୍ତ ସମ୍ବଲପୁର ଜିଲାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଟାମ୍ପରସରା ବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରୀଛାତ୍ର ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ବିଭୁତି ଭୂଷଣ ସାହୁ, ମନୋହର ଦାଶ, ସୁଷମା ସାହୁ, ଜୟକୃଷ୍ଣ କର, ଶିକ୍ଷକ ଉପେନ୍ଦ୍ର କର୍ଣ୍ଣ, ନରେନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ଥପା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । ଦଶମ ଶ୍ରେଣୀର ସୁଜାତା ମହାନନ୍ଦ, ଖୁସ୍‌ବୁ ସେଟ, ଶୁଭସ୍ମିତା ସୁଆର, ସୌରଭ ଦେହୁରୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଶେଷରେ ସତ୍ୟଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭତାରୁ ବଁଚିତ ୩ କଳାକାର



କଳାକାର ଭତାରୁ ବଁଚିତ୍ ହେଇଥିବାର ଅଂଚଲର ୩ କଳାକାର।

**ଅତାବିରା, ୧୫।୨ (ଡି.ଏନ.ଏ)**

ରାଏଜ୍‌ସରକାର ରାଏଜର କଳାକାରମାନକୁ ମାସିକ ୧୨ଶହ ଟଁକା ଲେଖେଁ କଳାକାର ଭତା ଯୁଗେଇ ଦେଉଛନ୍। ହେଲେ ଇ ଭତା ଲାଗି ଦରକାରି ପରମାନପତର, ବଏସ, ସଠିକ୍ ବିବରନ୍ ଦେବାର ଲାଗି ଆବେଦନ ଫର୍ମରେ ଲେଖା ଅଛେ। ଯେନ୍ କଳାକାରମାନକର ବଏସ୍ ୫୦ ବଛର ହେଇଥିବା ସେମାନେ ଇ ସୁଯୋଗ ପାଇପାରବେ। ହେଲେ କେତେ ଲୋକ କଳାକାର ନାଇଁହେଇ କରି ବି ଠକ୍‌ଭଁଡ୍ କାଗଡପତର କରି ଆବେଦନ କରୁଛନ୍। ଏନ୍‌ତାଥି ପରକୁତ କଳାକାରମାନେ ଭତା ପାଏବାରୁ ବଁଚିତ ହେଉଥିଲାବେଲେ ଯେନ୍‌ମାନେ କଳାକାର ନୁହଁନ୍ ସେମାନେ ଭତା ହାତଉଥିବାର ଅଂଚଲରେ ଚରଚାର ବିଷେ ହେଇଛେ। ଇ ଦିଗେ ପରଶାସନ ତଦଁତ୍ କଲେ କିଏ ପରକୁତ କଳାକାର ଆର କିଏ ନୁହେ ସତ୍ କଥାଟା ଜନାପଡ଼ବା ବଲି ବୁଧିଜୀବୀ ମହଲରେ ଦାବି ହେଉଛେ। ଅତାବିରା ବ୍ଲକ ପାଲିବୁଗବୁଗା ଗାଁର ପାର୍ଥିବ ନାୟକ, ଭେଡ଼େନ ବ୍ଲକ ବଡ଼ ପିପିଲିପାଲିର ଜଟାଧାରୀ ପ୍ରଧାନ, ବରପଦର ଗୁନା ପ୍ରଧାନ ଲେଖେଁ ଅନେକ କଳାକାର ଆଏଜ୍‌ତକ୍ କଳାକାର ଭତା ପାଏବାରୁ ବଁଚିତ ହେଇ ରହିଛନ୍। କଳାକାର ଭତା କରେଇ ଦେବାର ବାହାନାରେ କେତେ ଯୁବକ ଇମାନକରନୁ ଝନ୍‌ପିଛା ୩ଶହରୁ ୫ଶହ ଟଁକା ତକ୍ ନେଇଥିବାର ପାର୍ଥିବ ନାଏକକୁଁ ପଚରାଲାରୁ କହିଥିଲେ। ଇ ଦିଗେ ପରଶାସନ ଦୁରୁଷ୍ଟି ଦେଇ ପରକୁତ କଳାକାରମାନକୁ ଭତା ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।

# ଶହୀଦ ଯବାନଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବୌଦ୍ଧ,୧୫।୨(ସ୍ୱ.ପ୍ର)**

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ବୌଦ୍ଧ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତାଦଳ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ରଘୁନାଥ ମନ୍ଦିର ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ଶହୀଦଛକ, ଦୈନିକ ବଜାର, ଭୈରବୀ ଛକ ଦେଇ ଗାନ୍ଧୀ ଛକଠାରେ ସମାପ୍ତ ହୋଇଥିଲା । ଗାନ୍ଧୀଛକ ଠାରେ ନିରବ ପ୍ରାର୍ଥନା କରିଥିଲେ । ଏହି ଶୋଭାଯାତ୍ରାରେ ଯୁବ ଛାତ୍ର ଜନତା ଦଳର ରାକେଶ ପ୍ରଧାନ, ତୋଫାନ ପରିଡା, ସଂଗ୍ରାମ କେଶରୀ ଦାସ, ସଂଗ୍ରାମ ମଲିକ, ଶୁଭେନ୍ଦୁ ପ୍ରଧାନ, ପ୍ରଦୀପ ସାହୁ, ସୁକୁନ ବଡମାଳି, ଦେବାଶିଷ ପ୍ରଧାନଙ୍କ ସମେତ ଶତାଧିକ ବିଜୁଯୁବ ଛାତ୍ର ଜନତା ଦଳର କର୍ମୀ ଯୋଗ ଦେଇଥିଲେ । ସେହିପରି ବୌଦ୍ଧ ଜିଲା ମହିଳା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଶହୀଦ ଯବାନମାନଙ୍କୁ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜିଲା ମହିଳା ପ୍ରଭାରୀ ଅନିମା ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଭାବନୀ କ୍ଲାସେସ ଏବଂ ମୋହନ କରଡିଆ, ନିର୍ମଳ ବେହେରା କୋଚିଂ ସେଣ୍ଟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ରୀତା ମିଶ୍ର, ବନିତା ମିଶ୍ର, ମମତା ଅଗ୍ରୱାଲା, ସୁମିତା ପୃଷ୍ଟି, ରୁମିତା ଦାଶ, ପ୍ରମୁଖ ଉପସ୍ଥିତ ଥିଲେ ।




ଯୁବକମାନେ କ୍ୟାଣ୍ଡେଲ ଜାଳି ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

**ମନମୁଣ୍ଡା, (ଡି.ଏନ.ଏ):** ଜମ୍ମୁ କାଶ୍ମୀର ପୁଲୱାମା ନିକଟସ୍ଥ ଅବନ୍ତିପୁରାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ସିଆରପିଏଫର ୪୪ଜଣ ଯବାନ ଶହୀଦ ହୋଇଥିବା ବେଳେ ୪୦ଜଣ ଆହତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୫ଜଣ ଗୁରୁତର ଥିବା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ମନମୁଣ୍ଡା ସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ସୈନିକ ପୋଷାକ ଧାରୀ କୁନି କୁନି ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀମାନେ ଶୁକ୍ରବାର ସମବେତ ହୋଇ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଥିଲେ । ଏହାସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସ୍କୁଲ ଅଧକ୍ଷା ବୁଲବୁଲ ନାୟକ ସୈନିକ ମାନଙ୍କ ବୀରତ୍ୱ, ଦେଶ ସୁରକ୍ଷା ପ୍ରତି ସେମାନଙ୍କ ବଳିଦାନ ଅତୁଳନୀୟ ବୋଲି କହିଥିଲେ । ସେହିପରି ମନମୁଣ୍ଡା କମ୍ୟୁନିଟି ହଲଠାରେ କନ୍ଧମାଳ ଖବରଦାତା ସଂଘ ତରଫରୁ ମଧ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ସଂଘ ସଭାପତି ଯୋଗେଶ ପ୍ରସାଦ ନାୟକ, ବୈଦ୍ୟନାଥ ହୋତା, ବିରଜାନନ୍ଦନ ଦାନୀ, ସୁଶୀଲ କୁମାର ମିଶ୍ର, କୁନୁ ରାଜହଂସ, ବବିତା ହୋତା ପ୍ରମୁଖ ଉପସ୍ଥିତ ଥିଲେ ।



❝ ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।
- ମେରି ଆଷ୍ଟିନ



## ସଂକ୍ଷେପରେ

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଟିକ୍ରାପଡ଼ା, ୧୫ା୨ (ଡି.ଏନ.ଏ.)-** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁଲୱାମାଠାରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ସଂକୀର୍ତ୍ତନ ବାଗ ଏଥିରେ ଅଧକ୍ଷତା କରିଥିଲେ । ରମାକାନ୍ତ ରାଜପଲିଆ, ଭଗବାନ ରାଜପଲିଆ ଅତିଥିଭାବେ ଯୋଗ ଦେଇଥିଲେ । ବିନାୟକ କୁମ୍ଭାର, ଶିବ କୁମାର ସିଂଦେଓ, ଭୋଦେବ ବେହେରା, ଚମାର ନନ୍ଦ, ଆରତି ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଅଧକ୍ଷତା କରିଥିଲେ। ସୁରେନ୍ଦ୍ର ବଗର୍ତ୍ତି ସଭା ସଂଯୋଜନା କରିଥିଲେ । ଭାର୍ଗବୀ ରାଜପଲିଆ, ଭାରତୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ରଣା, ଉପମା ରାଜପଲିଆ, ରଶ୍ମି ପୁଟେଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୋକୁଳାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

### ରେଳଧାରଣାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଟିଟିଲାଗଡ଼, ୧୫ା୨(ଡି.ଏନ.ଏ.)-** ବଲାଙ୍ଗୀର ଜିଲା ଟିଟିଲାଗଡ-କେସିଙ୍ଗା ଷ୍ଟେଶନ ମଧ୍ୟସ୍ଥ ଲୁଥୁରବନ୍ଧ ଗ୍ରାମ ନିକଟରେ ଥିବା ରେଳଧାରଣା କଡରୁ ଶୁକ୍ରବାର ଜିଆରପି ଜନୈକ ଯୁବତୀଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଛି। ଅପରପକ୍ଷରେ ଯୁବତୀଙ୍କୁ ପ୍ରାୟ ୩୦ମିଟର ପର୍ଯ୍ୟନ୍ତ ଘୋଷାଡି ନେବା ଭଳି ରେଳଧାରଣା କଡ ମାଟିରେ ଦାଗ ରହିଥିବା ଦେଖିବାକୁ ମିଳିଛି। ଯୁବତୀଙ୍କ ମୁହଁରେ ପ୍ରବଳ ମାଡ ଯୋଗୁଁ କ୍ଷତିବିକ୍ଷତ ହୋଇଥିବା ଦେଖାଯାଇଛି। ଏ ନେଇ ଜିଆରପି ଅଧିକାରୀ ମୋହନ ନାୟକଙ୍କ ସୂଚନାମତେ ଏକ ମାଲ ଗାଡି ଡ୍ରାଇଭର ଶୁକ୍ରବାର ପୂର୍ବାହ୍ନ ୯ଟାରେ ରେଳଧାରଣା କଡରେ ଏକ ମୃତଦେହ ପଡିଥିବା ଟିଟିଲାଗଡ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଏ ନେଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ନିୟମ ମୁତାବକ ଚିହ୍ନଟ ପାଇଁ ୪ଦିନ ପର୍ଯ୍ୟନ୍ତ ଫ୍ରିଜରରେ ମୃତଦେହକୁ ସଂରକ୍ଷିତ ରଖାଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି।

### ଡୁମେରଚୁଆଁ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି, ୧୫ା୨(ଡି.ଏନ.ଏ.)-** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଲ ପଞ୍ଚାୟତ ଅନ୍ତର୍ଗତ ଡୁମେରଚୁଆଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପତି ହୋଇଛି। ଦୁଇଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବରେ ବିଦ୍ୟାଳୟର ୧ମରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଦିବସରେ ପଞ୍ଚାୟତର ସରପଞ୍ଚ ହରିସିଂ ପୋଦ୍ଦ ମୁଖ୍ୟ ଅତିଥି, ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗୀତା ବେହେରା, ପରିଚାଳନା ସମିତି ସଭାପତି ଚନ୍ଦ୍ରଧ୍ୱଜ ନିଆଲ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ଅନୀଲ ଚନ୍ଦ୍ର ନାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଧରାପଡ଼ିଲେ ୪ ହାଇୱେ ଲୁଟେରା

# ୩୧ଟନ୍ ଲୁଟ୍ ଲୁହାରଡ୍, ଟ୍ରକ୍ ଜବତ

**ବଲାଙ୍ଗୀର ଅଫିସ, ୧୫ା୨**



ଗିରଫ ଲୁଟେରା ସହ ବଲାଙ୍ଗୀର ପୋଲିସ ଅଧିକାରୀ ।



ଜବତ ଟ୍ରକ୍ ଓ ଲୁହାରଡ଼ ।



ଜବତ କାର୍ ଓ ପଲ୍‌ସର ବାଇକ୍ ।

- ଜବତ ଲୁହାରଡ୍‌ର ମୂଲ୍ୟ ୧୩ ଲକ୍ଷ ଟଙ୍କା
- ଗିରଫ ଅଭିଯୁକ୍ତ ଆଠମଲ୍ଲିକ ଅଞ୍ଚଳର

ବଲାଙ୍ଗୀର ଜିଲା ପୋଲିସ ଏକ ହାଇୱେ ଲୁଟେରା ଦଳକୁ କବ୍‌ଜାକୁ ନେଇଛି। ସେମାନଙ୍କଠାରୁ ସମସ୍ତ ଲୁଟ୍ ସାମଗ୍ରୀ ଓ ଲୁଟ୍‌ରେ ବ୍ୟବହୃତ ସାମଗ୍ରୀ ଜବତ୍ ହୋଇଛି । ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଲୁଟ୍ ହୋଇଥିବା ୩୧ଟନ୍ ଲୁହାରଡ୍, ଏକ ହୁଣ୍ଡାଇ ଆଇ୨୦ କାର୍, ଏକ ପଲସର ବାଇକ୍ ଓ ଏକ ମୋବାଇଲ ଫୋନ୍ ଜବତ କରିବା ସହ ଶୁକ୍ରବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ୪ ଜଣଙ୍କ ମଧ୍ୟରୁ ୩ଜଣ ଲୁଟେରା ହୋଇଥିବାବେଳେ ଅନ୍ୟ ଜଣେ ଲୁଟ୍ ସାମଗ୍ରୀ କିଣିଥିବା ବ୍ୟକ୍ତି । ଗିରଫ ଲୁଟେରାମାନେ ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ସିଆନ୍‌ବେରେନ୍ ଭାଲୁନଟି ଗାଁର ବୈକୁଣ୍ଠନାଥ ମଲ୍ଲିକ ଓରଫ୍ ବିଶ୍ୱ ଓରଫ୍ ବଡବାବୁ (୨୮), କବି ବିଟୁକୃଷ୍ଣ ମଲ୍ଲିକ (୨୦) ଓ କାମ୍‌ପଲା ଗାଁର ଦିବ୍ୟଜିତ୍ ନାୟକ ଓରଫ୍ ଲିକୁନ୍ (୨୧) । ଅଭିଯୁକ୍ତମାନଙ୍କଠାରୁ ଲୁଟ୍ ଲୁହାରଡ୍ କିଣିଥିବା ଅଭିଯୋଗରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଡିଗି ଗ୍ରାମର ରଞ୍ଜିତ କର୍ଣ୍ଣ (୩୬)ଙ୍କୁ ଗିରଫ କରାଯାଇଛି । ଏହି ଲୁଟେରାମାନେ ବଲାଙ୍ଗୀର ଜିଲା ବଇରାସର ଛକ ନିକଟରୁ ଏକ ଲୁହାରଡ୍ ବୋଝେଇ ଟ୍ରକ୍‌କୁ ଲୁଟିନେଇଥିଲେ । ଜବତ୍ ଲୁହାରଡ୍‌ର ମୂଲ୍ୟ ୧୨ଲକ୍ଷ ୯୬ ହଜାର ୭୫୪ ଟଙ୍କା ବୋଲି ଜଣାପଡିଛି ।

ଶୁକ୍ରବାର ପୁଇଁନ୍ତଲା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ଡାକି ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଏହି ଲୁଟ୍ ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି । ଗତ ଜାନୁୟାରୀ ମାସ ୨୨ତାରିଖ ରାତି ପ୍ରାୟ ୧୦ଟାରେ ସୁନ୍ଦରଗଡ ଜିଲା ରାଉରକେଲାଠାରୁ ୩୧ଟନ୍‌ର ଏକ ଲୁହାରଡ୍ ବୋଝେଇ ଟ୍ରକ୍(ଓଡି୧୪ସି-୯୩୨୧) କୋରାପୁଟ ଏବଂ କେସିଙ୍ଗା ଅଭିମୁଖେ ଆସୁଥିଲା । ଏହି ଲୁହାରଡ୍ ବୋଝେଇ ଟ୍ରକ୍ ସମ୍ବଲପୁର-ସୋନପୁର ଦେଇ ବଲାଙ୍ଗୀର ଆସୁଥିବାବେଳେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମେଟାକାନୀ ମନ୍ଦିର ନିକଟରୁ ୬ଜଣ ଲୁଟେରା ଲୁଟ୍ ଉଦ୍ଦେଶ୍ୟରେ ଟ୍ରକ୍‌କୁ ଏକ କାର (ଓଡି୦୨ଏବି ୫୮୬୯) ଓ କଳା ରଙ୍ଗର ପଲସର (ଓଆର୧୯ଏମ୍ ୯୫୨୦) ବାଇକ୍‌ରେ ପିଛା କରିଥିଲେ । ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ବଇରାସର ଛକ ନିକଟରେ ରାତି ପ୍ରାୟ ୧୦ଟାରେ ଉକ୍ତ ଟ୍ରକ୍‌କୁ ଅଟକାଇଥିଲେ। ଟ୍ରକ୍ ଡ୍ରାଇଭର ମହମ୍ମଦ ଇରସାଦ୍ ଓ ହେଲପର ରାଜେଶ କୁମାର ରାୟଙ୍କ ଆଖି ଓ ହାତ ବାନ୍ଧିଦେଇ କାର ଭିତରେ ବସାଇବା ପରେ ଉକ୍ତ ଟ୍ରକ୍‌କୁ ଲୁଟେରାମାନେ ବୌଦ୍ଧ ଜିଲା ବାଉଁଶୁଣୀ ନିକଟ ଏକ ଜଙ୍ଗଲ ଭିତରକୁ ନେଇଯାଇଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଲୁହାରଡ୍ କ୍ରେତା ରଞ୍ଜିତ କର୍ଣ୍ଣଙ୍କୁ ସମସ୍ତ ଲୁହାରଡ୍ ହସ୍ତାନ୍ତର କରିଥିଲେ । ଗୋଟିଏ ଦିନ ପର୍ଯ୍ୟନ୍ତ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ଏକ ନିର୍ଜନ ସ୍ଥାନରେ ଅଟକ ରଖିବା ପରେ ଆରଦିନ ଉକ୍ତ ଖାଲି ଟ୍ରକ୍ ସହ ଡ୍ରାଇଭର ଓ ହେଲପରଙ୍କୁ ଆଣି ବଲାଙ୍ଗୀର-ଟିଟିଲାଗଡ ୨୬ ନମ୍ବର ଜାତୀୟ ରାଜପଥର ମଠଖାଇ ମନ୍ଦିର ନିକଟରେ ଛାଡିଦେଇ ଫେରାର ହୋଇଯାଇଥିଲେ । ଏହାପରେ ଗତ ଜାନୁୟାରୀ ୨୪ ତାରିଖ ଦିନ ଟ୍ରକ୍ ଡ୍ରାଇଭର ଓ ହେଲପର ଘଟଣା ସମ୍ପର୍କରେ ପୁଇଁନ୍ତଲା ଥାନାରେ ଅଭିଯୋଗ କରି ହାଇୱେ ଲୁଟେରାଙ୍କ ସମ୍ପର୍କରେ ଜଣାଇଥିଲେ । ଏନେଇ ପୁଇଁନ୍ତଲା ଥାନାରେ ଏକ ମାମଲା (ନଂ୯/୧୯) ରୁଜୁ ହୋଇଥିଲା । ବଲାଙ୍ଗୀର ଏସପି କେ. ଶିବା. ସୁବ୍ରମଣିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଥିଲା । ଡିଏସ୍‌ପି କେ. କେ. ହରିପ୍ରସାଦ୍, ପୁଇଁନ୍ତଲା ଥାନାଧିକାରୀ ଅନନ୍ତ ପଧାନ, ଏଏସ୍‌ଆଇ ଜି .ମିଶ୍ର, ମମତା ବେହେରା, ବିଜାନନ୍ଦ ମାଝି ହାଇୱା ଲୁଟ୍ ଘଟଣାର ତଦନ୍ତ କରିଥିଲେ । ସ୍ୱତନ୍ତ୍ର ସ୍କ୍ୱାଡ ପ୍ରଥମେ ଲୁଟ୍ ଲୁହାରଡ୍ କିଣିଥିବା ଡିଗି ଗାଁର ରଞ୍ଜିତ କର୍ଣ୍ଣଙ୍କୁ ଜୋର କରିବା ପରେ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଥିଲା । ବାଉଁଶୁଣୀ ନିକଟସ୍ଥ ଏକ ଜଙ୍ଗଲରୁ ୩୧ଟନ୍ ଲୁହାରଡକୁ ଜବତ୍ କରିବା ପରେ ଆଠମଲ୍ଲିକ ଅଞ୍ଚଳରେ ଚଢ଼ାଉ କରି ୩ ଲୁଟେରାଙ୍କୁ ପୋଲିସ ଟିମ୍ ଗିରଫ କରିଥିଲେ । ଏହି ଲୁଟ୍‌ରେ ଆଉ ୩ ଜଣ ସାମିଲ ଥିଲେ ଓ ସେମାନେ ଏଯାବତ୍ ଫେରାର ଥିବା ଜଣାପଡିଛି । ବଲାଙ୍ଗୀର ଜିଲାରେ ପ୍ରଥମଥର ପାଇଁ ଏଭଳି ହାଇୱେ ଲୁଟେରା ସକ୍ରିୟ ଥିବା ଘଟଣା ଜଣାପଡିଛି । ତେବେ ଏହି ଲୁଟ୍ ଘଟଣାର ସମସ୍ତ ଲୁଟ୍ ସାମଗ୍ରୀ ଉଦ୍ଧାର ହୋଇଥିବାବେଳେ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ପୋଲିସର ଏକ ବଡ ସଫଳତା ବୋଲି କୁହାଯାଉଛି । ଗିରଫ ଅଭିଯୁକ୍ତମାନେ ହାଇୱେ ଲୁଟେରା ହୋଇଥିବାରୁ ଏମାନେ ଆଉ କେଉଁ ଆପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ଯାଞ୍ଚ କରୁଛି।

## କେଓମାଲରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା

**ଟିକ୍ରାପଡା, ୧୫ା୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧିନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶିବ ପଧାନ, ଗୀତା କୁଅଁର, ବିଜୟ ସୁନା କ୍ରିଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁଙ୍କ ଅଧକ୍ଷତାରେ ଓ ସିଆରସିସି ନିରଞ୍ଜନ ମାଝିଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଫ୍ଲୋରା ଗୁରିଆ ମୁଖ୍ୟ ଅତିଥି, ସମିତି ସଭ୍ୟ ଗଙ୍ଗାଧର ବାରିକ, ଟିକ୍ରାପଡା ସିଆରସିସି ଶୋଭାକର ପାଢୀ, ସଇଁତଳା ସିଆରସିସି କୃପାସିନ୍ଧୁ ମିଶ୍ର, ଶିକ୍ଷକ ମାୟାଧର ସାଏ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସାଧନ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଦଳଗତ ନୃତ୍ୟ, ଦୌଡ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ପୁଚି ଖେଳ, ଗଣିତ ଦୌଡ, କ୍ୱିଜ, ଡିକ୍ଟେସନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସତ୍ୟନାରାୟଣ ରାଜପଲିଆ, ଜ୍ଞାନେଶ୍ୱର ପ୍ରଧାନି, ବିକାଶ ପାତର, ଜୈମିନି ଧରୁଆ, ମୀନାକୁମାରୀ ନାଏକ, ଆର୍ତ୍ତତ୍ରାଣ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ନଅଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ ।

## ୨ଲକ୍ଷ ଟଙ୍କାର ଖଇର କାଠ ଜବତ

**କଣ୍ଟାବାଞ୍ଜି, ୧୫ା୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଡାଲମାନ୍ଦଲ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ କଣ୍ଟାବାଞ୍ଜି ରେଞ୍ଜ ଅଫିସର ଏସ୍.ଡି. ବଡମାଲଙ୍କ ନେତୃତ୍ୱରେ ଗୁରୁବାର ରାତିରେ ପାଟ୍ରୋଲିଂ ବେଳେ ଖଇର କାଠ ବୋଝେଇ ମିନିଟ୍ରକ ନଂ ଓ.ଆର.୨୬ଏ୫୬୪୩କୁ ଜବତ କରାଯାଇଛି। ଗାଡି ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ଏକ ମାମଲା(ନଂ.୧୯/୧୮-୧୯)ରୁଜୁ ହୋଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ। ଜବତ ଗାଡିରେ ପ୍ରାୟ ୧୦ କୁଇଣ୍ଟାଲ ଓଜନର କାଠ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜ ଅଫିସର ବଡମାଲି ସୂଚନା ଦେଇଛନ୍ତି।



କାଠ ସହ ଜବତ ଗାଡି।

## ବ୍ୟବସାୟୀଙ୍କ ଘର କବାଟ ଭାଙ୍ଗି ଚୋରି

**ଟିଟିଲାଗଡ, ୧୫ା୨ (ଡି.ଏନ.ଏ.)**

- ୭ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗ
- ୨୦୧୬ରେ ୮୦ଲକ୍ଷର ସାମଗ୍ରୀ ଚୋରି ହୋଇଥିଲା
- ଚୋରିବେଳେ ଘରେ ନଥିଲେ ଗୃହକର୍ତ୍ତା

ବଲାଙ୍ଗୀର ଜିଲା ଟିଟିଲାଗଡ ସହର ଜୈନ ପଡାର ବ୍ୟବସାୟୀ ରାମଲାଲ ଜୈନଙ୍କ ଘର କବାଟ ଭାଙ୍ଗି ଏକ ବଡ ଧରଣର ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ରାମଲାଲ ନିଜ ମାଙ୍କ ଚିକିତ୍ସା ପାଇଁ ଗତ ୯ ତାରିଖଠାରୁ କଣ୍ଟାବାଞ୍ଜିରେ ଅବସ୍ଥାନ କରି ଶୁକ୍ରବାର ଫେରିବା ବେଳେ ଘର କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। ଏ ନେଇ ସେ ତୁରନ୍ତ ଟିଟିଲାଗଡ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି। ରାମଲାଲଙ୍କ କହିବା ମୁତାବକ ସୁନାଚୁଡି, ଚେନ, କାନଫୁଲ, ପ୍ରାୟ ୬କେଜି ରୂପା, ୩ କେଜି ଚାନ୍ଦି ଟଙ୍କା ଆଦି ମିଶାଇ ମୋଟ ୭ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ୨୦୧୬ ଜାନୁୟାରୀ ୫ତାରିଖରେ ରାମଲାଲଙ୍କ ଘରେ ଚୋର ପଶି ଅଢେଇ କେଜି ଓଜନର ସୁନା ସହ ପ୍ରାୟ ୮୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରାଇ ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ସେ ସମୟରେ ପୋଲିସ ଚୋର ତଥା ଚୋରି ସାମଗ୍ରୀ ଉଦ୍ଧାର କରିପାରି ନ ଥିବା ନେଇ ରାମଲାଲଙ୍କ ପରିବାର ବଲାଙ୍ଗୀରଠାରେ ଏକ ଖବରଦାତା ସମ୍ମିଳନୀ ଡାକି ସମୂହ ଆତ୍ମାହୁତି ଧମକ ଦେଇଥିଲେ। ତେବେ ପୋଲିସ ମାତ୍ର ୨୫୦ ଗ୍ରାମ ସୁନା ହିଁ ଜବତ କରିଥିବା ରାମଲାଲ କହିଛନ୍ତି। ସମାନ ଢଙ୍ଗରେ ପୁଣି ଥରେ ରାମଲାଲଙ୍କ ଘରେ ଚୋରି ହେବାରୁ ସେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷରେ ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ଜଣେ ଜାତୀୟ ଦଳର ନେତା ତାଙ୍କ ପୂର୍ବ ଚୋରି ସୁନା ଉଦ୍ଧାରରେ ସହାୟତା ପାଇଁ ୪ ଲକ୍ଷ ୫୦ହଜାର ଟଙ୍କା ଠକି କରି ନେଇଥିବା ରାମଲାଲ ପୂର୍ବରୁ ଟିଟିଲାଗଡ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ନେତାଙ୍କ ବରୋଧରେ ତା୪ା୨ା୧୯ରିଖରେ ପୋଲିସ ପକ୍ଷରୁ ଦଫା ୪୨୦, ୫୦୬ରେ ଏକ ମାମଲା( ନଂ ୨୭/୧୯)ରୁଜୁ କରାଯାଇଛି।



କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଜିଲା ସଂଘର୍ଷ ସମିତିର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କଣ୍ଟାବାଞ୍ଜି, ୧୫ା୨(ଡି.ଏନ.ଏ.)**

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ଯବାନମାନଙ୍କୁ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଜିଲା ଦାବି ଧାରଣା ଶୁକ୍ରବାର ୯୦ଦିନରେ ପହଞ୍ଚିବା ଅବସରରେ ଧାରଣାସ୍ଥଳରେ ସମିତି ସଭାପତି ଶେଷଦେବ ପୁଟେଲ ଏବଂ କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ନେତୃତ୍ୱରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସମିତି ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ନବୀନ ଦୀପ, ଅମରଚନ୍ଦ ଶର୍ମା, କାଲୁ ସେଠୀ, ବିଜୟ ଶର୍ମା,ପଦ୍ମମୁଖ ଶତପଥୀ, ମୋହନଲାଲ ଶର୍ମା, ବେଣୁଧର ଜାଲ, ସୁଶାନ୍ତ ବାଗ, ତୀର୍ଥ ଚଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ଜରୁରୀକାଳୀନ ବୈଠକରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଂଘର ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ଆବାହକତ୍ୱରେ ସଂଘର ସହଦେବ ନାଗ, ସମିମ ଖାନ, କାହ୍ନୁଚରଣ ବହିଦାର, ସୁଧାଂଶୁ ଶେଖର ମିଶ୍ର, ଜଗନ୍ନାଥ ନାୟକ, ପଦ୍ମମୁଖ ଶତପଥୀ, ଭୁତେଶ୍ୱର ଦାସ, ସୁଶାନ୍ତ ବାଗ, ଲକ୍ଷ୍ମିଚରଣ ତାଣ୍ଡି, ବୃନ୍ଦାବନ ରାଉତ, ମୋହନଲାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଯୋଗ ଶିବିର

**ଦେଓଗାଁ, ୧୫ା୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ୫ ଦିନଧରି ଚାଲିଥିବା ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ପଧାନା ଆଚାର୍ଯ୍ୟ ସୁଶୀଲ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ଯୋଗ ଶିବିରରେ ହରିଦ୍ୱାରର ଯୋଗଗୁରୁ ଅଚ୍ୟୁତ ସାହୁ ଯୋଗଦେଇ ୫ଦିନ ଧରି ଶିଶୁ ଭଉଣୀଭାଇଙ୍କୁ ବିଭିନ୍ନ ପ୍ରାଣାୟାମ ଉପରେ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ମନ୍ଦିରର ସମସ୍ତ ଆଚାର୍ଯ୍ୟ ତଥା ସେବିକାସେବକ ସହଯୋଗ କରିଥିଲେ ।

## କୁଷ୍ଠରୋଗୀ ଚିହ୍ନଟ ବୈଠକ

**ଖପ୍ରାଖୋଲ୧୪ା୨ (ଡି.ଏନ.ଏ.)**

ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଲିମ ଗୃହଠାରେ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ପକ୍ଷରୁ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ସମ୍ପର୍କିତ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ସଂଯୋଜକ ବିନୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ତରଣୀ ସୁନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଷଷ୍ଠି ଝାଙ୍କର, ଡା.ସୁରଜ କୁମାର ଦିପ, ସିଡିପିଓ ପ୍ରମିଳା ମହାନ୍ତି, ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଆଗାମୀ ୧୫ ରୁ ୨୮ ତାରିଖ ମଧ୍ୟରେ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମ ପ୍ରତି ଗାଁରେ ହେବାକୁ ଥିବାବେଳେ କିଭଳି ରୋଗୀ ଚିହ୍ନଟ ସହ ଏମ୍‌ଡିଟି ଖାଇବା ପାଇଁ ସଚେତନ କରାଯିବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଆଇସିଡିଏସ୍ ସୁପରଭାଇଜର ଅଳୀ ମିଶ୍ର, ପଙ୍କଜିନୀ ମିଶ୍ର, ସୁମିତ୍ରା ମାଝି, ରଘୁନାଥ ସିଂ ବରିହା, ସନ୍ତୋଷ ବାଗ, ନାରାୟଣ ପଧାନୀ, ଦିନବନ୍ଧୁ ବେହେରା, ଯଯାତି ବେହେରାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଅଫିସ କାମ୍ ଚାଲିଛେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ

# ମଦୁଆକର କବ୍‌ଜାରେ ପଁଚେତ୍

**ସଇଁତଲା,୧୫ା୨ (ଡି.ଏନ.ଏ)**

ପଁଚେତ୍ ଅଫିସ ମଦୁଆକର ଆଡ୍ଡା ପାଲଟିଥିବାର ଲାଗି ପଁଚେତ୍‌ର ସବୁ କାମ୍ ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ଚାଲୁଥିବାର ଖୋଦ୍ ସରପଁଚ୍ କହୁଛନ୍। ଏନ୍ତା ଗୁଟେ ଆଶିରିଯ୍ ଘଟନା ଦେଖ୍‌ବାକେ ମିଲିଛେ ସଇଁତଲା ବ୍ଲକର କରମତଲା ପଁଚେତ ଅଫିସରେ। ଘଟନାରୁ ଜନାଯାଇଛେ ଯେ କରମତଲା ପଁଚେତ୍ ଅଫିସ ଗାଁର ସାପ୍ତାହିକ ବଜାର ସାମ୍‌ନାରେ ଅଛେ। ସେଠାନେ ପ୍ରାଥମିକ କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ, ଅଫିସ ଘର, ଚାଉଲ ଗୁଦାମ, ପଁଚେତ୍ ଲାଗି ବଡ଼େ ଘର ତିଆର ହେଇ ସୁରକ୍ଷା ଲାଗି ବାଡ଼ା ଆର ଗେଟର ବେବସ୍ତା ଅଛେ। ହେଲେ ମଦୁଆମାନେ ଅଂଚଲଟାକେ ନିଜର କବ୍‌ଜାରେ ରଖି ଅସାମାଜିକ କାମ୍‌କଲାପର ଆଡ୍ଡା ବନେଇଛନ୍। ମଦୁଆକର ବଢ଼ତି ଉତ୍‌ପାତ ଲାଗି ଗଲା ମାସକେତେ ତଲେ ଗାଁପାସେ ଥିବାର ଦେଶୀ ମଦଭାଟିକେ ଜନସାଧାରନ୍ ଆଂଦୋଲନ୍ କରି ବଁଦ୍ କରିଦେଇଥିଲେ। ମଦଭାଟି ସିନା ବଁଦ୍ ହେଲା, ହେଲେଏହେଦେ ଦିନ୍‌ଦାହାଡ଼େ ୧୦ରୁ ଅଧିକା କୁଚିଆ ଦୁକାନରେ ମଦ ବିକ୍ରି ଚାଲିଛେ। ଯେନ୍‌ଥିଲାଗି ମଦୁଆମାନେ ପଁଚେତ୍‌ର ବାଡ଼ା ଭିତରକେ ଯାଇ ବେଧଡ଼କ ମଦ ପିଉଥିବାର ଅଭିଯୋଗ ହେଉଛେ। ଅଂଚଲରେ ମଦୁଆକର ଉତ୍‌ପାତ ଏତେ ବଢ଼ିଯାଇଛେ ଯେ, କରମତଲା ପଁଚେତ୍ କତ୍ତୃପକ୍ଷ ପଦକ୍ଷେପ ନେବାର ଜାଗାରେ ପଁଚେତ୍ ଅଫିସନୁ ଅଲପ ଦୂରେ ଥିବାର ରାଜୀବ ଗାନ୍ଧୀ ସେବାକେନ୍ଦ୍ରକେ ନିଜର ଅଫିସ ଉଠେଇ ନେଇ କାମ୍ କରୁଛନ୍। ଇ ବାବ୍‌ଦେ ସରପଁଚ୍ ହିମାଞ୍ଚଳ ବୁଢ଼େକଙ୍କୁଁ ପଚରାଲାରୁ ମଦୁଆକର ଅତିଆଚାର କଥା ସେ ମାନିଥିଲେ।



କରମତଲା ପଁଚେତ୍ ଅଫିସ ଭିତରେ ମଦ ବୁତଲ ଆର ପାଉଚ ପଡ଼ିଛେ।

## ସର୍ବଭାରତୀୟ ଫୁଟବଲ

# ଝାରଖଣ୍ଡ ଏଲାଇଟକୁ ହରାଇଲା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା

**ଟିଟିଲାଗଡ଼, ୧୫ା୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଖୋଲାନ ମିନି ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ପଞ୍ଚମ ଦିବସ ଶୁକ୍ରବାରର ଖେଳ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଝାରଖଣ୍ଡ ଏଲାଇଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହିନ୍ଦ୍ରା ଦଳ ୩-୦ରେ ବିଜୟୀ ହୋଇଥିଲା। ଏହି ଅବସରରେ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ପ୍ରସାଦ ହୋତା, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜିବ ସାହୁ, ସାମାଜିକ କର୍ମୀ ଜୟ ଗୌଡ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। ଆୟୋଜକ ମା' ଦ୍ୱାରସେନୀ ଡେଭଲପଣ୍ଟ ସୋସାଇଟି ପକ୍ଷରୁ ଅନୁଷ୍ଠିତ ଏହି ମ୍ୟାଚକୁ ରେଫରି ଭାବରେ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଆଶିଷଦେବ ସା ଏବଂ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ।



ଶୁକ୍ରବାର ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ରେଫେରିମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ଫେବୃୟାରୀ, ୨୦୧୯



"ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।
- ମେରି ଆଣ୍ଟିନ



## ସଂକ୍ଷେପରେ

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଟିକ୍ରାପଡ଼ା, ୧୫।୨ (ଡି.ଏନ.ଏ.)- ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁଲୱାମାଠାରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ସଂକୀର୍ତ୍ତନ ବାଗ ଏଥିରେ ଅଧକ୍ଷତା କରିଥିଲେ । ରମାକାନ୍ତ ରାଜପଲିଆ, ଭଗବାନ ରାଜପଲିଆ ଅତିଥିଭାବେ ଯୋଗ ଦେଇଥିଲେ । ବିନାୟକ କୁମାର, ଶିବ କୁମାର ସିଂଦେଓ, ଭୋଦେବ ବେହେରା, ଚମାର ନନ୍ଦ, ଆରତି ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଅଧକ୍ଷତା କରିଥିଲେ। ସୁରେନ୍ଦ୍ର ବଗର୍ତ୍ତି ସଭା ସଂଯୋଜନା କରିଥିଲେ । ଭାର୍ଗବୀ ରାଜପଲିଆ, ଭାରତୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ରଣା, ଉପମା ରାଜପଲିଆ, ରଶ୍ମି ପୁଟେଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୋକୁଳାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

### ରେଳଧାରଣାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ଟିଟିଲାଗଡ଼, ୧୫।୨(ଡି.ଏନ.ଏ.)- ବଲାଙ୍ଗୀର ଜିଲା ଟିଟିଲାଗଡ-କେସିଙ୍ଗା ଷ୍ଟେଶନ ମଧ୍ୟସ୍ଥ ଲୁଥୁରବନ୍ଧ ଗ୍ରାମ ନିକଟରେ ଥିବା ରେଳଧାରଣା କଡରୁ ଶୁକ୍ରବାର ଜିଆରପି ଜନୈକ ଯୁବତୀଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଛି। ଅପରପକ୍ଷରେ ଯୁବତୀଙ୍କୁ ପ୍ରାୟ ୩୦ମିଟର ପର୍ଯ୍ୟନ୍ତ ଘୋଷାଡି ନେବା ଭଳି ରେଳଧାରଣା କଡ ମାଟିରେ ଦାଗ ରହିଥିବା ଦେଖିବାକୁ ମିଳିଛି। ଯୁବତୀଙ୍କ ମୁହଁରେ ପ୍ରବଳ ମାଡ ଯୋଗୁଁ କ୍ଷତବିକ୍ଷତ ହୋଇଥିବା ଦେଖାଯାଇଛି। ଏ ନେଇ ଜିଆରପି ଅଧିକାରୀ ମୋହନ ନାୟକଙ୍କ ସୂଚନାମତେ ଏକ ମାଲ ଗାଡି ଡ୍ରାଇଭର ଶୁକ୍ରବାର ପୂର୍ବାହ୍ନ ୯ଟାରେ ରେଳଧାରଣା କଡରେ ଏକ ମୃତଦେହ ପଡିଥିବା ଟିଟିଲାଗଡ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଏ ନେଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ନିୟମ ମୁତାବକ ଚିହ୍ନଟ ପାଇଁ ୪ଦିନ ପର୍ଯ୍ୟନ୍ତ ଫ୍ରିଜରରେ ମୃତଦେହକୁ ସଂରକ୍ଷିତ ରଖାଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି।

### ଡୁମେରଚୁଆଁ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

କଣ୍ଟାବାଞ୍ଜି, ୧୫।୨(ଡି.ଏନ.ଏ.)- ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଲ ପଞ୍ଚାୟତ ଅନ୍ତର୍ଗତ ଡୁମେରଚୁଆଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଦୁଇଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବରେ ବିଦ୍ୟାଳୟର ୧ମରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ପଞ୍ଚାୟତର ସରପଞ୍ଚ ହରିସିଂ ପୋଢ ମୁଖ୍ୟ ଅତିଥି, ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗୀତା ବେହେରା, ପରିଚାଳନା ସମିତି ସଭାପତି ଚନ୍ଦ୍ରଧ୍ୱଜ ନିଆଲ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ଅନୀଲ ଚନ୍ଦ୍ର ନାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଧରାପଡ଼ିଲେ ୪ ହାଇୱେ ଲୁଟେରା
# ୩୧ ଟନ୍ ଲୁଟ୍ ଲୁହାରଡ୍, ଟ୍ରକ୍ ଜବତ

ବଲାଙ୍ଗୀର ଅଫିସ, ୧୫।୨

ବଲାଙ୍ଗୀର ଜିଲା ପୋଲିସ ଏକ ହାଇୱେ ଲୁଟେରା ଦଳକୁ କବ୍‌ଜାକୁ ନେଇଛି। ସେମାନଙ୍କଠାରୁ ସମସ୍ତ ଲୁଟ୍ ସାମଗ୍ରୀ ଓ ଲୁଟ୍‌ରେ ବ୍ୟବହୃତ ସାମଗ୍ରୀ ଜବତ୍ ହୋଇଛି । ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଲୁଟ୍ ହୋଇଥିବା ୩୧ଟନ୍ ଲୁହାରଡ୍, ଏକ ହୁଣ୍ଡାଇ ଆଇ୨୦ କାର୍, ଏକ ପଲସର ବାଇକ୍ ଓ ଏକ ମୋବାଇଲ ଫୋନ୍ ଜବତ କରିବା ସହ ଶୁକ୍ରବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ୪ ଜଣଙ୍କ ମଧ୍ୟରୁ ୩ଜଣ ଲୁଟେରା ହୋଇଥିବାବେଳେ ଅନ୍ୟ ଜଣେ ଲୁଟ୍ ସାମଗ୍ରୀ କିଣିଥିବା ବ୍ୟକ୍ତି । ଗିରଫ ଲୁଟେରାମାନେ ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ସିଆନ୍‌ବେରେନ୍ ଭାଲୁନଟି ଗାଁର ବୈକୁଣ୍ଠନାଥ ମଲ୍ଲିକ ଓରଫ୍ ବିଶ୍ୱ ଓରଫ୍ ବଡବାବୁ (୨୮), କବି ବିଦ୍ରୁକୃଷ୍ଣ ମଲ୍ଲିକ (୨୦) ଓ କାମ୍‌ପଲା ଗାଁର ଦିବ୍ୟଜିତ୍ ନାୟକ ଓରଫ୍ ଲିକୁନ୍ (୨୧) । ଅଭିଯୁକ୍ତମାନଙ୍କଠାରୁ ଲୁଟ୍ ଲୁହାରଡ୍ କିଣିଥିବା ଅଭିଯୋଗରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଡିଗି ଗ୍ରାମର ରଞ୍ଜିତ କର୍ଣ୍ଣ (୩୬)ଙ୍କୁ ଗିରଫ କରାଯାଇଛି । ଏହି ଲୁଟେରାମାନେ ବଲାଙ୍ଗୀର ଜିଲା ବଇରାସର ଛକ ନିକଟରୁ ଏକ ଲୁହାରଡ୍ ବୋଝେଇ ଟ୍ରକ୍‌କୁ ଲୁଟିନେଇଥିଲେ । ଜବତ୍ ଲୁହାରଡ୍‌ର ମୂଲ୍ୟ ୧୨ଲକ୍ଷ ୯୬ ହଜାର ୭୫୪ ଟଙ୍କା ବୋଲି ଜଣାପଡିଛି ।



ଗିରଫ ଲୁଟେରା ସହ ବଲାଙ୍ଗୀର ପୋଲିସ ଅଧିକାରୀ ।



ଜବତ ଟ୍ରକ୍ ଓ ଲୁହାରଡ୍ ।



ଜବତ କାର୍ ଓ ପଲ୍‌ସର ବାଇକ୍ ।

- ଜବତ ଲୁହାରଡ୍‌ର ମୂଲ୍ୟ ୧୩ ଲକ୍ଷ ଟଙ୍କା
- ଗିରଫ ଅଭିଯୁକ୍ତ ଆଠମଲ୍ଲିକ ଅଞ୍ଚଳର

ଶୁକ୍ରବାର ପୁଇଁନ୍ତଲା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ଡାକି ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଏହି ଲୁଟ୍ ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି । ଗତ ଜାନୁୟାରୀ ମାସ ୨୨ତାରିଖ ରାତି ପ୍ରାୟ ୧୦ଟାରେ ସୁନ୍ଦରଗଡ ଜିଲା ରାଉରକେଲାଠାରୁ ୩୧ଟନ୍‌ର ଏକ ଲୁହାରଡ୍ ବୋଝେଇ ଟ୍ରକ୍(ଓଡି୧୪ସି-୯୩୨୧) କୋରାପୁଟ ଏବଂ କେସିଙ୍ଗା ଅଭିମୁଖେ ଆସୁଥିଲା । ଏହି ଲୁହାରଡ୍ ବୋଝେଇ ଟ୍ରକ୍ ସମ୍ବଲପୁର-ସୋନପୁର ଦେଇ ବଲାଙ୍ଗୀର ଆସୁଥିବାବେଳେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମେଟାକାନୀ ମନ୍ଦିର ନିକଟରୁ ୬ଜଣ ଲୁଟେରା ଲୁଟ୍ ଉଦ୍ଦେଶ୍ୟରେ ଟ୍ରକ୍‌କୁ ଏକ କାର (ଓଡି୦୨ଏବି ୫୮୬୯) ଓ କଳା ରଙ୍ଗର ପଲସର (ଓଆର୧୯ଏମ୍ ୯୫୨୦) ବାଇକ୍‌ରେ ପିଛା କରିଥିଲେ । ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ବଇରାସର ଛକ ନିକଟରେ ରାତି ପ୍ରାୟ ୧୦ଟାରେ ଉକ୍ତ ଟ୍ରକ୍‌କୁ ଅଟକାଇଥିଲେ। ଟ୍ରକ୍ ଡ୍ରାଇଭର ମହମ୍ମଦ ଇରସାଦ୍ ଓ ହେଲପର ରାଜେଶ କୁମାର ରାୟଙ୍କ ଆଖି ଓ ହାତ ବାନ୍ଧିଦେଇ କାର ଭିତରେ ବସାଇବା ପରେ ଉକ୍ତ ଟ୍ରକ୍‌କୁ ଲୁଟେରାମାନେ ବୌଦ୍ଧ ଜିଲା ବାଉଁଶୁଣୀ ନିକଟ ଏକ ଜଙ୍ଗଲ ଭିତରକୁ ନେଇଯାଇଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଲୁହାରଡ୍ କ୍ରେତା ରଞ୍ଜିତ କର୍ଣ୍ଣଙ୍କୁ ସମସ୍ତ ଲୁହାରଡ୍ ହସ୍ତାନ୍ତର କରିଥିଲେ । ଗୋଟିଏ ଦିନ ପର୍ଯ୍ୟନ୍ତ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ଏକ ନିର୍ଜନ ସ୍ଥାନରେ ଅଟକ ରଖିବା ପରେ ଆରଦିନ ଉକ୍ତ ଖାଲି ଟ୍ରକ୍ ସହ ଡ୍ରାଇଭର ଓ ହେଲପରଙ୍କୁ ଆଣି ବଲାଙ୍ଗୀର-ଟିଟିଲାଗଡ ୨୬ ନମ୍ବର ଜାତୀୟ ରାଜପଥର ମଠଖାଇ ମନ୍ଦିର ନିକଟରେ ଛାଡିଦେଇ ଫେରାର ହୋଇଯାଇଥିଲେ । ଏହାପରେ ଗତ ଜାନୁୟାରୀ ୨୪ ତାରିଖ ଦିନ ଟ୍ରକ୍ ଡ୍ରାଇଭର ଓ ହେଲପର ଘଟଣା ସମ୍ପର୍କରେ ପୁଇଁନ୍ତଲା ଥାନାରେ ଅଭିଯୋଗ କରି ହାଇୱେ ଲୁଟେରାଙ୍କ ସମ୍ପର୍କରେ ଜଣାଇଥିଲେ । ଏନେଇ ପୁଇଁନ୍ତଲା ଥାନାରେ ଏକ ମାମଲା (ନଂ୯/୧୯) ରୁଜୁ ହୋଇଥିଲା । ବଲାଙ୍ଗୀର ଏସପି କେ. ଶିବା. ସୁବ୍ରମଣିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଥିଲା । ଡିଏସ୍‌ପି କେ. କେ. ହରିପ୍ରସାଦ୍, ପୁଇଁନ୍ତଲା ଥାନାଧିକାରୀ ଅନନ୍ତ ପଧାନ, ଏଏସ୍‌ଆଇ ଜି.ମିଶ୍ର, ମମତା ବେହେରା, ବିଜାନନ୍ଦ ମାଝି ହାଇୱା ଲୁଟ୍ ଘଟଣାର ତଦନ୍ତ କରିଥିଲେ । ସ୍ୱତନ୍ତ୍ର ସ୍କ୍ୱାଡ ପ୍ରଥମେ ଲୁଟ୍ ଲୁହାରଡ୍ କିଣିଥିବା ଡିଗି ଗାଁର ରଞ୍ଜିତ କର୍ଣ୍ଣଙ୍କୁ ଜୋର କରିବା ପରେ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଥିଲା । ବାଉଁଶୁଣୀ ନିକଟସ୍ଥ ଏକ ଜଙ୍ଗଲରୁ ୩୧ଟନ୍ ଲୁହାରଡକୁ ଜବତ୍ କରିବା ପରେ ଆଠମଲ୍ଲିକ ଅଞ୍ଚଳରେ ଚଢ଼ାଉ କରି ୩ ଲୁଟେରାଙ୍କୁ ପୋଲିସ ଟିମ୍ ଗିରଫ କରିଥିଲେ । ଏହି ଲୁଟ୍‌ରେ ଆଉ ୩ ଜଣ ସାମିଲ ଥିଲେ ଓ ସେମାନେ ଏଯାବତ୍ ଫେରାର ଥିବା ଜଣାପଡିଛି । ବଲାଙ୍ଗୀର ଜିଲାରେ ପ୍ରଥମଥର ପାଇଁ ଏଭଳି ହାଇୱେ ଲୁଟେରା ସକ୍ରିୟ ଥିବା ଘଟଣା ଜଣାପଡିଛି । ତେବେ ଏହି ଲୁଟ୍ ଘଟଣାର ସମସ୍ତ ଲୁଟ୍ ସାମଗ୍ରୀ ଉଦ୍ଧାର ହୋଇଥିବାବେଳେ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ପୋଲିସର ଏକ ବଡ ସଫଳତା ବୋଲି କୁହାଯାଉଛି । ଗିରଫ ଅଭିଯୁକ୍ତମାନେ ହାଇୱେ ଲୁଟେରା ହୋଇଥିବାରୁ ଏମାନେ ଆଉ କେଉଁ ଆପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ଯାଞ୍ଚ କରୁଛି ।

### କେଓମାଲରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା

ଟିକ୍ରାପଡା, ୧୫।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧିନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶିବ ପଧାନ, ଗୀତା କୁଅଁର, ବିଜୟ ସୁନା କ୍ରିଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁଙ୍କ ଅଧକ୍ଷତାରେ ଓ ସିଆରସିସି ନିରଞ୍ଜନ ମାଝିଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଫ୍ଲୋରା ଗୁରିଆ ମୁଖ୍ୟ ଅତିଥି, ସମିତି ସଭ୍ୟ ଗଙ୍ଗାଧର ବାରିକ, ଟିକ୍ରାପଡା ସିଆରସିସି ଶୋଭାକର ପାଢୀ, ସଇଁତଲା ସିଆରସିସି କୃପାସିନ୍ଧୁ ମିଶ୍ର, ଶିକ୍ଷକ ମାୟାଧର ସାଏ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସାଧନ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଦଳଗତ ନୃତ୍ୟ, ଦୌଡ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ପୁଚି ଖେଳ, ଗଣିତ ଦୌଡ, କ୍ୱିଜ, ଡିକ୍ଟେସନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସତ୍ୟନାରାୟଣ ରାଜପଲିଆ, ଜ୍ଞାନେଶ୍ୱର ପ୍ରଧାନି, ବିକାଶ ପାତର, ଜୈମିନି ଧରୁଆ, ମୀନାକୁମାରୀ ନାଏକ, ଆର୍ତ୍ତତ୍ରାଣ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ନଅଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ ।

## ୨ଲକ୍ଷ ଟଙ୍କାର ଖଇର କାଠ ଜବତ

କଣ୍ଟାବାଞ୍ଜି, ୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଡାଲମାନ୍ଦଲ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ କଣ୍ଟାବାଞ୍ଜି ରେଞ୍ଜ ଅଫିସର ଏସ୍.ଡି. ବଡମାଲଙ୍କ ନେତୃତ୍ୱରେ ଗୁରୁବାର ରାତିରେ ପାଟ୍ରୋଲିଂ ବେଳେ ଖଇର କାଠ ବୋଝେଇ ମିନିଟ୍ରକ ନଂ ଓ.ଆର.୨୬ଏ୫୬୪୩କୁ ଜବତ କରାଯାଇଛି। ଗାଡି ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ଏକ ମାମଲା(ନଂ.୧୯/୧୮-୧୯)ରୁଜୁ ହୋଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ। ଜବତ ଗାଡିରେ ପ୍ରାୟ ୧୦ କୁଇଣ୍ଟାଲ ଓଜନର କାଠ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜ ଅଫିସର ବଡମାଲି ସୂଚନା ଦେଇଛନ୍ତି।



କାଠ ସହ ଜବତ ଗାଡି।



କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଜିଲା ସଂଘର୍ଷ ସମିତିର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

କଣ୍ଟାବାଞ୍ଜି, ୧୫।୨(ଡି.ଏନ.ଏ.)

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ଯବାନମାନଙ୍କୁ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଜିଲା ଦାବି ଧାରଣା ଶୁକ୍ରବାର ୯୦ଦିନରେ ପହଞ୍ଚିବା ଅବସରରେ ଧାରଣାସ୍ଥଳରେ ସମିତି ସଭାପତି ଶେଷଦେବ ପୁଟେଲ ଏବଂ କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ନେତୃତ୍ୱରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସମିତି ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ନବୀନ ଦୀପ, ଅମରଚନ୍ଦ ଶର୍ମା, କାଲୁ ସେଠୀ, ବିଜୟ ଶର୍ମା,ପଦ୍ମମୁଖ ଶତପଥୀ, ମୋହନଲାଲ ଶର୍ମା, ବେଣୁଧର ଜାଲ, ସୁଶାନ୍ତ ବାଗ, ତୀର୍ଥ ଚଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ଜରୁରୀକାଳୀନ ବୈଠକରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଂଘର ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ଆବାହକତ୍ୱରେ ସଂଘର ସହଦେବ ନାଗ, ସମିମ ଖାନ, କାହ୍ନୁଚରଣ ବହିଦାର, ସୁଧାଂଶୁ ଶେଖର ମିଶ୍ର, ଜଗନ୍ନାଥ ନାୟକ, ପଦ୍ମମୁଖ ଶତପଥୀ, ଭୁତେଶ୍ୱର ଦାସ, ସୁଶାନ୍ତ ବାଗ, ଲକ୍ଷ୍ମିଚରଣ ତାଣ୍ଡି, ବୃନ୍ଦାବନ ରାଉତ, ମୋହନଲାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟବସାୟୀଙ୍କ ଘର କବାଟ ଭାଙ୍ଗି ଚୋରି

ଟିଟିଲାଗଡ, ୧୫।୨ (ଡି.ଏନ.ଏ.)

- ୭ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗ
- ୨୦୧୬ରେ ୮୦ଲକ୍ଷର ସାମଗ୍ରୀ ଚୋରି ହୋଇଥିଲା
- ଚୋରିବେଳେ ଘରେ ନଥିଲେ ଗୃହକର୍ତ୍ତା

ବଲାଙ୍ଗୀର ଜିଲା ଟିଟିଲାଗଡ ସହର ଜୈନ ପଡାର ବ୍ୟବସାୟୀ ରାମଲାଲ ଜୈନଙ୍କ ଘର କବାଟ ଭାଙ୍ଗି ଏକ ବଡ ଧରଣର ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ରାମଲାଲ ନିଜ ମାଙ୍କ ଚିକିତ୍ସା ପାଇଁ ଗତ ୯ ତାରିଖଠାରୁ କଣ୍ଟାବାଞ୍ଜିରେ ଅବସ୍ଥାନ କରି ଶୁକ୍ରବାର ଫେରିବା ବେଳେ ଘର କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। ଏ ନେଇ ସେ ତୁରନ୍ତ ଟିଟିଲାଗଡ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି। ରାମଲାଲଙ୍କ କହିବା ମୁତାବକ ସୁନାଚୁଡି, ଚେନ, କାନଫୁଲ, ପ୍ରାୟ ୬କେଜି ରୂପା, ୩ କେଜି ଚାନ୍ଦି ଟଙ୍କା ଆଦି ମିଶାଇ ମୋଟ ୭ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ୨୦୧୬ ଜାନୁୟାରୀ ୫ତାରିଖରେ ରାମଲାଲଙ୍କ ଘରେ ଚୋର ପଶି ଅଢେଇ କେଜି ଓଜନର ସୁନା ସହ ପ୍ରାୟ ୮୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରାଇ ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ସେ ସମୟରେ ପୋଲିସ ଚୋର ତଥା ଚୋରି ସାମଗ୍ରୀ ଉଦ୍ଧାର କରିପାରି ନ ଥିବା ନେଇ ରାମଲାଲଙ୍କ ପରିବାର ବଲାଙ୍ଗୀରଠାରେ ଏକ ଖବରଦାତା ସମ୍ମିଳନୀ ଡାକି ସମୂହ ଆତ୍ମାହୁତି ଧମକ ଦେଇଥିଲେ। ତେବେ ପୋଲିସ ମାତ୍ର ୨୫୦ ଗ୍ରାମ ସୁନା ହିଁ ଜବତ କରିଥିବା ରାମଲାଲ କହିଛନ୍ତି। ସମାନ ଢଙ୍ଗରେ ପୁଣି ଥରେ ରାମଲାଲଙ୍କ ଘରେ ଚୋରି ହେବାରୁ ସେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷରେ ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ଜଣେ ଜାତୀୟ ଦଳର ନେତା ତାଙ୍କ ପୂର୍ବ ଚୋରି ସୁନା ଉଦ୍ଧାରରେ ସହାୟତା ପାଇଁ ୪ ଲକ୍ଷ ୫୦ହଜାର ଟଙ୍କା ଠକି କରି ନେଇଥିବା ରାମଲାଲ ପୂର୍ବରୁ ଟିଟିଲାଗଡ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ନେତାଙ୍କ ବରୋଧରେ ତା୪।୨।୧୯ରିଖରେ ପୋଲିସ ପକ୍ଷରୁ ଦଫା ୪୨୦, ୫୦୬ରେ ଏକ ମାମଲା( ନଂ ୨୭/୧୯)ରୁଜୁ କରାଯାଇଛି।

### ଯୋଗ ଶିବିର

ଦେଓଗାଁ, ୧୫।୨ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ୫ ଦିନଧରି ଚାଲିଥିବା ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ପଧାନା ଆଚାର୍ଯ୍ୟ ସୁଶୀଲ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ଯୋଗ ଶିବିରରେ ହରିଦ୍ୱାରର ଯୋଗଗୁରୁ ଅଚ୍ୟୁତ ସାହୁ ଯୋଗଦେଇ ୫ଦିନ ଧରି ଶିଶୁ ଭଉଣୀଭାଇଙ୍କୁ ବିଭିନ୍ନ ପ୍ରାଣାୟାମ ଉପରେ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ମନ୍ଦିରର ସମସ୍ତ ଆଚାର୍ଯ୍ୟ ତଥା ସେବିକାସେବକ ସହଯୋଗ କରିଥିଲେ ।

## କୁଷ୍ଠରୋଗୀ ଚିହ୍ନଟ ବୈଠକ

ଖପ୍ରାଖୋଲ୧୪।୨ (ଡି.ଏନ.ଏ.)

ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଲିମ ଗୃହଠାରେ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ପକ୍ଷରୁ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ସମ୍ପର୍କିତ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ସଂଯୋଜକ ବିନୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ତରଣୀ ସୁନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଷଷ୍ଠି ଝାଙ୍କର, ଡା.ସୁରଜ କୁମାର ଦିପ, ସିଡିପିଓ ପ୍ରମିଳା ମହାନ୍ତି, ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଆଗାମୀ ୧୫ ରୁ ୨୮ ତାରିଖ ମଧ୍ୟରେ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମ ପ୍ରତି ଗାଁରେ ହେବାକୁ ଥିବାବେଳେ କିଭଳି ରୋଗୀ ଚିହ୍ନଟ ସହ ଏମ୍‌ଡିଟି ଖାଇବା ପାଇଁ ସଚେତନ କରାଯିବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଆଇସିଡିଏସ୍ ସୁପରଭାଇଜର ଅଳୀ ମିଶ୍ର, ପଙ୍କଜିନୀ ମିଶ୍ର, ସୁମିତ୍ରା ମାଝି, ରଘୁନାଥ ସିଂ ବରିହା, ସନ୍ତୋଷ ବାଗ, ନାରାୟଣ ପଧାନୀ, ଦିନବନ୍ଧୁ ବେହେରା, ଯଯାତି ବେହେରାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଅଫିସ କାମ୍ ଚାଲିଛେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ
# ମଦୁଆକର କବ୍‌ଜାରେ ପଁଚେତ୍

ସଇଁତଲା,୧୫।୨ (ଡି.ଏନ.ଏ)

ପଁଚେତ୍ ଅଫିସ ମଦୁଆକର ଆଡ୍ଡା ପାଲଟିଥିବାର ଲାଗି ପଁଚେତ୍‌ର ସବୁ କାମ୍ ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ଚାଲୁଥିବାର ଖୋଦ୍ ସରପଁଚ୍ କହୁଛନ୍। ଏନ୍ତା ଗୁଟେ ଆଶିରିଯ୍ ଘଟନା ଦେଖ୍‌ବାକେ ମିଲିଛେ ସଇଁତଲା ବ୍ଲକର କରମତଲା ପଁଚେତ ଅଫିସରେ। ଘଟନାରୁ ଜନାଯାଇଛେ ଯେ କରମତଲା ପଁଚେତ୍ ଅଫିସ ଗାଁର ସାପ୍‌ତାହିକ ବଜାର ସାମ୍‌ନାରେ ଅଛେ। ସେଠାନେ ପ୍ରାଥମିକ କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ, ଅଫିସ ଘର, ଚାଉଲ ଗୁଦାମ, ପଁଚେତ୍ ଲାଗି ବଡ଼େ ଘର ତିଆର ହେଇ ସୁରକ୍ଷା ଲାଗି ବାଡ଼ା ଆର ଗେଟର ବେବସ୍‌ତା ଅଛେ। ହେଲେ ମଦୁଆମାନେ



କରମତଲା ପଁଚେତ୍ ଅଫିସ ଭିତରେ ମଦ ବୁତଲ ଆର ପାଉଚ ପଡ଼ିଛେ।

ଅଂଚଲଟାକେ ନିଜର କବ୍‌ଜାରେ ରଖି ଅସାମାଜିକ କାଯ୍‌କଲାପର ଆଡ୍ଡା ବନେଇଛନ୍। ମଦୁଆକର ବଢ଼ତି ଉତ୍‌ପାତ ଲାଗି ଗଲା ମାସକେତେ ତଲେ ଗାଁପାସେ ଥିବାର ଦେଶୀ ମଦଭାଟିକେ ଜନସାଧାରନ୍ ଆଂଦୋଲନ୍ କରି ବଁନ୍ଦ୍ କରିଦେଇଥିଲେ। ମଦଭାଟି ସିନା ବଁନ୍ଦ୍ ହେଲା, ହେଲେଏହେଦେ ଦିନ୍‌ଦାହାଡ଼େ ୧୦ରୁ ଅଧିକା କୁଟିଆ ଦୁକାନରେ ମଦ ବିକ୍‌ରି ଚାଲିଛେ। ଯେନ୍‌ଥିଲାଗି ମଦୁଆମାନେ ପଁଚେତ୍‌ର ବାଡ଼ା ଭିତରକେ ଯାଇ ବେଧଡ଼କ ମଦ ପିଉଥିବାର ଅଭିଯୋଗ ହେଉଛେ। ଅଂଚଲରେ ମଦୁଆକର ଉତ୍‌ପାତ ଏତେ ବଢ଼ିଯାଇଛେ ଯେ, କରମତଲା ପଁଚେତ୍ କତୃପକ୍ଷ ପଦକ୍ଷେପ ନେବାର ଜାଗାରେ ପଁଚେତ୍ ଅଫିସନୁ ଅଲପ ଦୂରେ ଥିବାର ରାଜୀବ ଗାନ୍ଧୀ ସେବାକେନ୍ଦ୍ରକେ ନିଜର ଅଫିସ ଉଠେଇ ନେଇ କାମ୍ କରୁଛନ୍। ଇ ବାବ୍‌ଦେ ସରପଁଚ୍ ହିମାଞ୍ଚଳ ବୁଢ଼େକଁ ପଚରାଲାରୁ ମଦୁଆକର ଅତିଆଚାର କଥା ସେ ମାନିଥିଲେ।

## ସର୍ବଭାରତୀୟ ଫୁଟବଲ
# ଝାରଖଣ୍ଡ ଏଲାଇଟକୁ ହରାଇଲା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା

ଟିଟିଲାଗଡ଼, ୧୫।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଖୋଲାନ ମିନି ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ପଞ୍ଚମ ଦିବସ ଶୁକ୍ରବାରର ଖେଳ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଝାରଖଣ୍ଡ ଏଲାଇଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହିନ୍ଦ୍ରା ଦଳ ୩-୦ରେ ବିଜୟୀ ହୋଇଥିଲା। ଏହି ଅବସରରେ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ପ୍ରସାଦ ହୋତା, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜିବ ସାହୁ, ସାମାଜିକ କର୍ମୀ ଜୟ ଗୌଡ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। ଆୟୋଜକ ମା' ଦ୍ୱାରସେନୀ ଡେଭଲପଣ୍ଟ ସୋସାଇଟି ପକ୍ଷରୁ ଅନୁଷ୍ଠିତ ଏହି ମ୍ୟାଚକୁ ରେଫରି ଭାବରେ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଆଶିଷଦେବ ସା ଏବଂ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ।



ଶୁକ୍ରବାର ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ରେଫରିମାନେ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଆଜି ଚାଷୀ ନେତା ବିଶ୍ୱନାଥ କର ବିଜେଡିରେ ମିଶିବେ

ଜୁନାଗଡ,୧୫।୨(ଡି.ଏନ.ଏ.)

ଶନିବାର ଦିନିକିଆ କଳାହାଣ୍ଡି ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଛନ୍ତି। ଏହି ଅବସରରେ ଜୁନାଗଡ ସହର ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆୟୋଜିତ ବିଜେଡିର ମିଶ୍ରଣ ପର୍ବରେ ଯୋଗଦେବେ। ଏଥିରେ କୃଷିଜିବୀ କଲ୍ୟାଣ ସଂଘ ଆବାହକ, ଚାଷୀ ନେତା ତଥା ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହେବେ। ଚାଷୀ ନେତା ବିଶ୍ୱନାଥ କର ବିଭିନ୍ନ ସଙ୍ଗଠନରେ ଜଡିତ ହୋଇ ଚାଷୀ ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ଆନ୍ଦୋଳନର ପୁରୋଧା ଅଟନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଜୁନାଗଡ ବିଧାୟକଙ୍କ ସହିତ ମିଶି ଲୋକଙ୍କ ସୁଖ, ଦୁଃଖରେ ସାମିଲ ହୋଇ ଜୀବନକୁ ଉତ୍ସର୍ଗୀତ କରିବା ପାଇଁ ସେ ବିଜେଡିରେ ସାମିଲ ହେବେ ବୋଲି ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

### ବଣାଇଁ ଆସନ ସିପିଏମକୁ ଛାଡିବାକୁ କଂଗ୍ରେସ ନେତାଙ୍କ ପ୍ରସ୍ତାବ

ରାଉରକେଲା ଅଫିସ,୧୫।୨

ସୁନ୍ଦରଗଡ ତଥା ରାଉରକେଲା ନିର୍ବାଚନ ମଣ୍ଡଳୀର ରାଜନୈତିକ ପରିସ୍ଥିତି ଦୃଷ୍ଟିରୁ ଯଦି କଂଗ୍ରେସ ସିପିଏମ ସହ ମେଣ୍ଟ କରେ ତେବେ ବଣାଇଁ ନିର୍ବାଚନ ମଣ୍ଡଳୀକୁ ସିପିଏମକୁ ଛାଡି ଦେବାକୁ ବରିଷ୍ଠ କଂଗ୍ରେସ ନେତା ପ୍ରଭାତ ମହାପାତ୍ର ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି। ମହାପାତ୍ର ପ୍ରକାଶ କରିଛନ୍ତି ଯେ, ଯଦି ଏହା ସମ୍ଭବ ହୁଏ ତେବେ ଏହା ଦଳ ପାଇଁ ଶୁଭଙ୍କର ହେବ। ଏ ଦିଗରେ ହାଇକମାଣ୍ଡ ବିଚାର କରିବାକୁ ମହାପାତ୍ର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

### ପରଶଖୋଲ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ

# ଗଭୀର ଅଧ୍ୟବସାୟ ଶିକ୍ଷାକୁ ସୁଦୃଢ କରିଥାଏ

**୬୦ତମ ବାର୍ଷିକୋତ୍ସବ**

- ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ନୂଆପଡା ଅଫିସ,୧୫।୨

ସ୍ଥାନୀୟ ପରଶଖୋଲ ସ୍ଥିତ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ହୋମସିଂ ମାଝି ସଭାପତିତ୍ୱ କରିଥିବାବେଳେ ବୋଡେନ ବ୍ଲକ ଶିକ୍ଷାଧିକାରୀ ଇନ୍ଦ୍ରମଣୀ ପାଣିଗ୍ରହୀ ମୁଖ୍ୟଅତିଥି, କୁରେଶ୍ୱର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଠାକୁର ମୁଖ୍ୟବକ୍ତା, ସିଆରସିସି ପାର୍ବତୀ ପଟ୍ଟନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଣେଶରାମ ସାହୁ, ହେମନ୍ତ କୁମାର ଦଣ୍ଡସେନା, କୁଳେଶ୍ୱର ସିଂ ମାଝି, ସୁରେଶ ସାହୁ, ଇକବାଲ ମହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁଲୱାମାରେ ଶହୀଦଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ହୋଇଥିଲା । ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ । ଏହି ଅବସରରେ ବକ୍ତାମାନେ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ଉପରେ ମାର୍ଗଦର୍ଶନ କରିଥିବାବେଳେ ଶିକ୍ଷକ ଏବଂ ଅଭିଭାବକଙ୍କ ସହଯୋଗ ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ଗଭୀର ଅଧ୍ୟବସାୟ ଶିକ୍ଷାକୁ ଆହୁରି ମଜଭୁତ କରିପାରିବ ବୋଲି କହିଥିଲେ । ଏହି ଅବସରରେ ନୂଆପଡା ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକଙ୍କୁ ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିବାରୁ ତାଙ୍କ ଅନୁପସ୍ଥିତିକ୍ରମେ ତାଙ୍କ ସହକର୍ମୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ଅଞ୍ଚଳରେ କଳାର ପ୍ରଚାର ପ୍ରସାର କରି ଜିଲାର ସଂସ୍କୃତି ସୁରକ୍ଷା ଦିଗରେ କାମ କରୁଥିବା କଂସ ଭୂମିକାରେ ଆସୁଥିବା ଶିକ୍ଷକ ମଧୁସୂଦନ ପାଣିଗ୍ରାହୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରିଡାରେ ଚାମ୍ପିୟନ ହୋଇଥିବା ହେମ କୁମାରୀ ମାଝି ଏବଂ ଡିଗେସ ବନଛୋରଙ୍କୁ ପୁରସ୍କୃତ କରାଯାଇଥିଲା । ଏ ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବରେ ସସ୍ମିତା ସାହୁଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷାର୍ଦ୍ଧରେ ଛାତ୍ରାଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଦୀର୍ଘ ୨ ଘଣ୍ଟା ଧରି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚକୁ ଦୁଲୁକାଇ ରଖିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସହ ଶିକ୍ଷକ ଶରତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅନୀଲ କୁମାର ରାଉତ, ଚନ୍ଦ୍ରକାନ୍ତି ମାଝି, ନିରୁପମା ବାରିକ, ଅମ୍ରିତା ଠାକୁର, ଜ୍ୟୋସ୍ନାମୟୀ ବଘେଲ, ଉଷାରାଣୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପରଶଖୋଲ ସମେତ ଆଖପାଖ ଗାଁର ଶତାଧିକ ଲୋକ ରୁଣ୍ଡ ହୋଇଥିଲେ।

# ଆତଙ୍କବାଦୀ ହମ୍‌ଲାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

କେସିଙ୍ଗା,୧୫।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉତକେଲା ଗ୍ରାମରେ ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଗତ ଗୁରୁବାର ଆତଙ୍କବାଦୀଙ୍କ ହମଲାରେ ଶହୀଦ ଯବାନଙ୍କ ପ୍ରତି ଶୁକ୍ରବାର ସନ୍ଧ୍ୟାରେ ଯୁବ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଉତ୍କେଲା ଗ୍ରାମର ଯୁବ ସମାଜ ଓ ଜାଗୃତି ଯୁବ ସମାଜ ପକ୍ଷରୁ ଦୁର୍ଗା ମଣ୍ଡପଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ପରେ ଦୁର୍ଗା ମଣ୍ଡପ ପରିସର ମଧ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ପ୍ରକାଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଶହୀଦ ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଗୋରବ ଜୈନ, ରବିନ୍ଦ୍ର ସାହୁ, ବିଶାଳ ଜୈନ, ରାଜୁ ପଟ୍ଟନାୟକ, ଆଶିଷ କୁମାର ବେହେରା, ଲିଙ୍ଗରାଜ ମିଶ୍ର, ଅନିରୁଦ୍ଧ ସାହୁ ପ୍ରମୁଖ ଶତାଧିକ ଯୁବକ ମାସିଲ ହୋଇ ବନ୍ଦେ ମାତରମ୍, ଭାରତ ମାତାଙ୍କ ପ୍ରଭୃତି ସ୍ଲୋଗାନ ଦେଇ ଦେଶ ସୁରକ୍ଷା ବିଷୟରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ ।



ଶହୀଦ ଯବାନଙ୍କ ପ୍ରତି ଯୁବ ସମାଜ ପକ୍ଷରୁ କେସିଙ୍ଗାଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା ।

# ଶହୀଦ ଯବାନଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଲାଞ୍ଜିଗଡ଼,୧୫।୨(ଡି.ଏନ.ଏ.)

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଗୁରୁବାର ସୁରକ୍ଷା ବଳ ଉପରେ ଘଟାଇଥିବା ବଡ଼ଧରଣର ବିସ୍ଫୋରଣ ଘଟଣାକୁ ଲାଞ୍ଜିଗଡ ଅଞ୍ଚଳବାସୀ ନିନ୍ଦା କରିବା ସହ ଶହୀଦ ଯବାନଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଲାଞ୍ଜିଗଡ ଯୁବକ ସଂଘ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ଲାଞ୍ଜିଗଡ ଯୁବକ ସଂଘଠାରୁ ବାହାରି ସହର ପରିକ୍ରମା କରିଥିଲା । ଏହି ଆକ୍ରମଣକୁ ନିନ୍ଦା କରି ଶହୀଦ ଜବାନ ଅମର ରହେ ନାରାରେ ଲାଞ୍ଜିଗଡ ସହର ପ୍ରକମ୍ପିତ ହୋଇଥିଲା । ଏହି ଶୋଭାଯାତ୍ରା ହାଇସ୍କୁଲ ପଡିଆଠାରେ ପହଞ୍ଚି ଦୁଇ ମିନିଟ୍ ଶହୀଦ ଯବାନଙ୍କ ପାଇଁ ନୀରବ ପ୍ରର୍ଥନା କରିଥିଲେ । ଲାଞ୍ଜିଗଡ ଯୁବକ ସଂଘ ନେତୃତ୍ୱରେ ହୋଇଥିବା ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବଣିକ ସଂଘ, ଲାଞ୍ଜିଗଡ ପ୍ରେସ କ୍ଲବ ଓ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ବେଦାନ୍ତ ଷ୍ଟାଫ୍ କଲୋନୀରେ ମଧ ଶହୀଦ ଜବାନଙ୍କ ଉଦ୍ଦେଶ୍ୟରେ ବେଦାନ୍ତ କମ୍ପାନୀର ସମସ୍ତ କର୍ମଚାରୀ ଦୁଇ ମିନିଟ୍ ନିରବ ପ୍ରର୍ଥନା କରିଥିଲେ ।




ଲାଞ୍ଜିଗଡ ଯୁବକ ସଂଘ ନେତୃତ୍ୱରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ।

# ୨୨ରୁ ନିୟମଗିରିରେ ନିୟମରଜା ପର୍ବ

ଭବାନୀପାଟଣା,୧୫।୨(ଡି.ଏନ.ଏ.)

ନିୟମଗିରି ବଞ୍ଚାଅ ଆନ୍ଦୋଳନ ଆରମ୍ଭଠାରୁ ପ୍ରତିବର୍ଷ ନିୟମଗିରି ପର୍ବତ ଉପରେ ଡଙ୍ଗରିଆ କନ୍ଧ ଓ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ବାର୍ଷିକ ନିୟମରଜା ପର୍ବ ବା ଡଙ୍ଗର ପର୍ବ ପାଳିତ ହେଉଛି। ଚଳିତବର୍ଷ ଫେବୃୟାରୀ ୨୨ରୁ ୨୪ ତାରିଖ ଯାଏ ନିୟମଗିରି ପାହାଡ ଉପରେ ନିୟମରଜାଙ୍କ ଡଙ୍ଗର ପର୍ବ ଅନୁଷ୍ଠିତ ହେବ ବୋଲି ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଘୋଷଣା କରାଯାଇଛି। ଏହି ପର୍ବରେ କଳାହାଣ୍ଡି ଓ ରାୟଗଡା ଜିଲାର ଡଙ୍ଗରିଆ ଆଦିବାସୀ, ଜନଜାତୀ ସମେତ ଆଖପାଖ ଅଞ୍ଚଳର ବହୁ ଆଦିବାସୀ ଯୋଗଦେବେ ବୋଲି ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ସୂଚନା ଦିଆଯାଇଛି। କଳାହାଣ୍ଡି ଓ ରାୟଗଡା ଜିଲା ନିୟମଗିରି ପର୍ବତ ଉପରେ ଦୀର୍ଘ ବର୍ଷ ଧରି ନିୟମରାଜା ଧରଣୀ ପେନୁରେ ପୂଜାର୍ଚ୍ଚନା ସହ ଆଦିବାସୀମାନେ ପୂଜା କରି ଆସୁଛନ୍ତି । ଏହି କର୍ଯ୍ୟକ୍ରମରେ ନିୟମଗିରିର ଜଳ ଜଙ୍ଗଲ, ଜମିର ସୁରକ୍ଷା ତଥା ଆଦିବାସୀମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ହୋଇଆସୁଛି। ନିୟମଗିରି ସୁରକ୍ଷା ସମିତିର କୁମୁଟି ମାଝି, ଲୋଦୋ ସିକୋକା, ଦଧି ପୁସିକା, ସତ୍ୟ ମାହାର, ଲିଙ୍ଗରାଜ ଆଜାଦ, ସତ୍ୟବାଦୀ ନାଏକ, ରଜନୀକାନ୍ତ ମିଶ୍ର, ଲେନିନ କୁମାର, ହେମନ୍ତ ଦଳପତି,ଜିତୁ ଜାକାସିକା ପ୍ରମୁଖ ନିୟମଗିରି ଆନ୍ଦୋଳନକୁ ଯୋରଦାର କରିବା ପାଇଁ ସମସ୍ତ ଜନ ଆନ୍ଦୋଳନକାରୀ ସଙ୍ଗଠନକୁ ଆହ୍ୱାନ କରିବା ସହ ସମସ୍ତ ଜାତିୟ ଓ ଅନ୍ତର୍ଜାତୀୟ ଗଣ ମଧ୍ୟମକୁ ଅନୁରୋଧ କରିଛନ୍ତି ।

### ଭୋଟର ତାଲିକାର ଏକ ଡ୍ରାଫ୍ଟ ପ୍ରକାଶ

# ୧୧ ଲକ୍ଷ ୨୭ ହଜାର ୬୮୩ ଭୋଟର

**କଳାହାଣ୍ଡି ଜିଲା**

- ୫ ବିଧାନସଭାରେ ସମୁଦାୟ ୪୦୫ଟି ମତଦାନ କେନ୍ଦ୍ର

ଭବାନୀପାଟଣା,୧୫।୨(ଡି.ଏନ.ଏ.)

ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନ ପକ୍ଷରୁ କଳାହାଣ୍ଡି ଜିଲାର ଭୋଟର ତାଲିକାର ଏକ ଡ୍ରାଫ୍ଟ ପ୍ରକାଶ ପାଇଛି। ଏହି ଡ୍ରାଫ୍ଟ ପବ୍ଲିକେଶନ ଅନୁଯାୟୀ କଳାହାଣ୍ଡି ଜିଲାର ସମୁଦାୟ ୧୧ ଲକ୍ଷ ୨୭ ହଜାର ୬୮୩ ଜଣ ଭୋଟର ଅଛନ୍ତି। ସମୋନଙ୍କ ମଧ୍ୟରେ ୫ ଲକ୍ଷ ୭୧ ହଜାର ୪୮୮ ଜଣ ପୁରୁଷ ଭୋଟର ଥିବାବେଳେ ୫ ଲକ୍ଷ ୫୬ ହଜାର ୧୩୨ ମହିଳା ଓ ଅନ୍ୟାନ୍ୟ ୬୩ ଜଣ ଭୋଟର ଅଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲାର ୫ଟି ବିଧାନ ସଭା ଆସନରେ ସମୁଦାୟ ୪୦୫ଟି ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଭବାନୀପାଟଣା ବିଧାନ ସଭା ନିର୍ବାଚନ ମଣ୍ଡଳିରେ ସମୁଦାୟ ୨୬୮ଟି ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଲାଞ୍ଜିଗଡ ବିଧାନସଭା ନିର୍ବାଚନ ମଣ୍ଡଳିରେ ୨୯୩ଟି, ନର୍ଲା ବିଧାନ ସଭା ନିର୍ବାଚନ ମଣ୍ଡଳିରେ ୨୭୯ଟି, ଜୁନାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳିରେ ୨୭୨ଟି ଓ ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳିରେ ୨୯୩ଟି ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ତେବେ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବବର୍ତ୍ତମାନ ମଧ ଭୋଟର ତାଲିକା ଯୋଗ କାର୍ଯ୍ୟକ୍ରମ ଚାଲିଛି। ଫଳରେ କିଛି ଭୋଟରଙ୍କ ସଂଖ୍ୟା ବଢିବାର ସମ୍ଭାବନା ରହିଛି। ଜିଲା ପ୍ରଶାସନ ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି, ମତଦାନ କେନ୍ଦ୍ର ଚିହ୍ନଟ ଓ ମତଦାନ କେନ୍ଦ୍ରଗୁଡିକରେ ଦିବ୍ୟାଙ୍ଗଙ୍କ ପାଇଁ ର୍‍ୟାମ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ଅପରପକ୍ଷରେ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟେକ ରାଜନୈତିକ ଦଳ ମଧ ଚଳଚଞ୍ଚଳ ହେବା ସହ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କ ତଲାସରେ ରହିଛନ୍ତି। ସାଧାରଣ ନିର୍ବାଚନକୁ ନେଇ ରାଜନୈତିକ ଦଳ ଓ ଭୋଟରଙ୍କ ମଧ୍ୟରେ ନାନା କଳ୍ପନା ଆରମ୍ଭ ହୋଇଥିବା ବେଳେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଟିକେଟ ହାତେଇବା ପାଇଁ ପ୍ରବଳ ଲବି ଆରମ୍ଭ ହୋଇଯାଇଛି। ଜିଲାରେ ବିଭିନ୍ନ ସହର ଓ ଗ୍ରାମାଞ୍ଚଳଗୁଡିକରେ ଆଶାୟୀ ପ୍ରାର୍ଥୀଙ୍କ ବଡ ବଡ ହୋର୍ଡିଂ ଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳୁଛି।

### ସିନାପାଲି ବ୍ଲକରେ ବୁଲୁଛି ମିଶନ ଶକ୍ତି ରଥ

# ଗୋଡାଲ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ

ସିନାପାଲି,୧୫।୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକରେ ମିଶନ ଶକ୍ତି ସଶକ୍ତିକରଣ ରଥ ପହଞ୍ଚିଛି । ଗୁରୁବାର ସନ୍ଧ୍ୟାରେ ଖଡିଆଳ ବ୍ଲକ ଦେଇ ଏହି ରଥ ଆସି ସିନାପାଲିରେ ପହଞ୍ଚିଥିଲା । ସିନାପାଲି ବ୍ଲକ କାପସି ଗ୍ରାମଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ତଥା ସଚେତନ ମହିଳାମାନେ ରଥକୁ ପୂଜା କରିବା ସହିତ ହୁଳହୁଳି ଦେଇ ସ୍ୱାଗତ କରିଥିଲେ । ଏହି ରଥ ଶୁକ୍ରବାର ସିନାପାଲି ସହର ଦେଇ ଗୋଡାଲ ଗ୍ରାମରେ ପହଞ୍ଚିଥିଲା । ଗୋଡାଲ ଗ୍ରାମର ଶତାଧିକ ମହିଳା, ସଚେତନ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବକ ସଂଘର ଅନେକ ସଦସ୍ୟମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଗୋଡାଲ ଶିବ ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଏକ ସଭା ଆୟୋଜନ କରାଯାଇଥିଲା । ସଭାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ସହିତ ସଂଯୋଗୀକରଣ ଓ ଋଣ ପ୍ରଦାନରେ ସହାୟକ ତଥା ବ୍ୟାଙ୍କ ଋଣ ମାଧ୍ୟମରେ ଗୋଷ୍ଠୀମାନଙ୍କ ଆର୍ଥିକ ବିକାଶ ଓ ଜୀବିକା ପ୍ରୋତ୍ସାହନ କରାଇବା ମିଶନ ଶକ୍ତିର ଏକ ପ୍ରମୁଖ କାର୍ଯ୍ୟକ୍ରମ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେହପରି ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାର୍ଯ୍ୟକ୍ଷମ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଯୋଜନା ଅଧିନରେ ଅନ୍ତର୍ଭୁକ୍ତ । ୧ ଏପ୍ରିଲ ୨୦୧୫ ପରଠାରୁ ବ୍ୟାଙ୍କରୁ ଋଣ ନେଇ ନୟମିତ କିସ୍ତି ପରିଶୋଧ କରୁଥିବା ଗୋଷ୍ଠୀ ଉକ୍ତ ଯୋଜନା ଅଧିନରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ଉପରେ ବାର୍ଷିକ ୧ ପ୍ରତିଶତ ସୁଧ ହାରର ସୁବିଧା ପାଇପାରିବେ, ଗୋଷ୍ଠୀମାନେ ବ୍ୟାଙ୍କର ପ୍ରଚଳିତ ସୁଧ ହାରରେ ନିୟମିତ କିସ୍ତି ପରିଶୋଧ କରୁଥିଲେ ରାଜ୍ୟ ସରକାର ବାର୍ଷିକ ୧ ପ୍ରତିଶତ ସୁଧ ରାଶିରୁ ଅଧିକ ସୁଧ ରାଶି ସମ୍ପୃକ୍ତ ଗୋଷ୍ଠୀମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ଫେରସ୍ତ କରୁଛନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବ୍ୟାଙ୍କ ଋଣ ମାଧ୍ୟମରେ ପାଉଥିବା ସୁଧ ରିହାତି ଗୋଷ୍ଠୀର ସଞ୍ଚୟ ଓ ଆୟ ବୃଦ୍ଧି ହେବାରେ ସାହାଯ୍ୟ କରୁଛି । ଏହାକୁ ବିନିଯୋଗ କରି ସେମାନେ ବିଭିନ୍ନ ସାମାଜିକ ଓ ଅନ୍ୟାନ୍ୟ ଅର୍ଥ ଉପାର୍ଜନକାରୀ କାର୍ଯ୍ୟକ୍ରମ ହାତକୁ ନେଇ ପାରୁଛନ୍ତି ବୋଲି ଏହି ବିଷୟରେ ବୁଝାଇଥିଲେ ।



ମିଶନ ଶକ୍ତି ରଥକୁ ସ୍ୱାଗତ ପାଇଁ ଗୋଡାଲ ଗ୍ରାମରେ ମହିଳାମାନେ ଅପେକ୍ଷା କରିଛନ୍ତି ।

# ଜିଲା ସୀମାନ୍ତରୁ ବାଜିଲା ଶଙ୍ଖ ଧ୍ୱନୀ

ନୂଆପଡା ଅଫିସ,୧୫।୨

ନୂଆପଡା ଜିଲାରେ ଗତ ଦିନରେ ବିଜେଡି ବିରୋଧିଙ୍କଠାରୁ ହାରିଥିଲା । ୫ ବର୍ଷ ମଧ୍ୟରେ ନିଜର ଭୁଲ କେଉଁଠି ରହିଛି ତାକୁ ଆମେ ଉପଲବ୍ଧି କରିପାରିଛୁ । ଏଥର ସମସ୍ତଙ୍କୁ ହାଇକମାଣ୍ଡଙ୍କ ଜଣେ ଜଣେ ରଥି ଭାବେ ଛିଡା ହୋଇ ଲଢିବାକୁ ପଡିବ । ବିରୋଧୀଙ୍କୁ ହଜାର ହଜାର ଭୋଟରେ ବାଜିମାତ ଦେବୁ ବୋଲି ଗର୍ଜିଛନ୍ତି ବିଜେଡି ବରିଷ୍ଠ କର୍ମକର୍ତ୍ତାମାନେ। ବିଜେଡିର ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ଏହି ଅବସରରେ ଜିଲାର ନୂଆପଡା ବିଧାନ ସଭାପତି ନିର୍ବାଚନ ମଣ୍ଡଳୀରୁ ୨୫ରୁ ଊର୍ଦ୍ଧ୍ୱ କଂଗ୍ରେସ ଏବଂ ଭାଜପାରୁ ବର୍ଷିୟାନ କର୍ମକର୍ତ୍ତାମାନେ ଆସି ଦଳରେ ଫୁଲମାଳ ପିନ୍ଧିଥିବା ଦଳ ପାଇଁ ଏକ ଶୁଭ ସଙ୍କେତ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି ।

ଶୁକ୍ରବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ସ୍ଥାନୀୟ ଖରିଆରରୋଡସ୍ଥିତ ବସନ୍ତ ନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ଢୋଲକିଆ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ କୁମାର ନିଗମ, ରାଜ୍ୟ ଆବାହକ ନନ୍ଦଲାଲ ସିଂ, ବିହାରୀଲାଲ ବିଶ୍ୱାଳ, ଜିଲା ଉପସଭାପତି ଭାନୁପ୍ରତାପ ସିଂ ମାଝି, ଜୋନାଲ ଯୁବ ବିଜେଡି ସମ୍ପାଦକ ସ୍ୱାଗତ ଯୋଷୀ, ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ସୁଧୀର କୁମାର ମିଶ୍ର, ଅବନୀ ଯୋଷୀ, ରମାକାନ୍ତ ଠାକୁର, ମନୋଜ କୁମାର ମିଶ୍ର, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁଲୱାମାରେ ଶହୀଦ ଯବାନମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ହୋଇଥିଲା । ପରେ ବିଜେଡିର ବିଧାନସଭାସ୍ତରୀୟ କର୍ମକର୍ତ୍ତାଙ୍କୁ ଜିଲା ସଭାପତି ସମେତ ଅନ୍ୟ ସଦସ୍ୟମାନେ ଜଣ ଜଣ କରି ଉଦ୍‌ବୋଧନ ଦେଇଥିଲେ । ଜିଲା ସଭାପତି ଆଗକୁ ନିର୍ବାଚନ ପାଖେଇ ଆସୁଛି । ତେଣୁ କରି ମାସକର ଏକ ବ୍ଲୁ ପ୍ରିଣ୍ଟ ବାହାରି କରି ସର୍ବ ସମ୍ମୁଖରେ ରଖିଥିଲେ । ଏହି ଅବଧି ମଧ୍ୟରେ ନିର୍ବାଚନ ମଣ୍ଡଳୀରେ ସମସ୍ତଙ୍କୁ ବିଭିନ୍ନ କାର୍ଯ୍ୟ ଭାର ଦେଇଥିଲେ । ନିର୍ବାଚନକୁ ସାମନା କରିବାର କେତେଗୋଟି ମୂଳ ମନ୍ତ୍ର ଦେଇଥିଲେ । ଏଠାରୁ ଆଜିଠୁଁ ଆମକୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ପଡିବ ବୋଲି କହିଥିଲେ । ଏହି ଅବସରରେ ଜିଲା କାର୍ଯ୍ୟାଳୟକୁ ଜିଲା ସଭାପତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥବା ବେଳେ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀରୁ ପ୍ରମୁଖ କର୍ମକର୍ତ୍ତାମାନେ ସ୍ୱତପ୍ରବୃତ ହୋଇ ଦଳକୁ ଆସିଥିଲେ । ସେମାନଙ୍କ ମଧ୍ୟରେ କଂଗ୍ରେସର ବର୍ଷିୟାନ ନେତା ତଥା କୁଲିହାବନ୍ଧା ପଞ୍ଚାୟତ ସମିତି ସଭ୍ୟ ହୀରାଲାଲ ପଟେଲ, ତାଙ୍କ ପୁତ୍ର ଘନଶ୍ୟାମ ପଟେଲ, ସରପଞ୍ଚ ପ୍ରତିନିଧୀ ମହେଶ ରାମ ଗଡତ, ଆମୋଦିରୁ ନରସିଂ ନାଏକ, ପୀତାମ୍ବର ମାଝି, ଭାଜପାରୁ ମାନିଗୁଡାର ଭିକାରୀ ବାଗ, କୃଷ୍ଣଚନ୍ଦ୍ର ବେମାଲ ପ୍ରମୁଖ ଆସି ଜିଲା ସଭାପତିଙ୍କଠାରୁ ଉତରୀୟ, ଫୁଲମାଳ ନେଇ ଦଳରେ ମିଶିଥିବା ସ୍ୱୀକାର କରିଥିଲେ । ପରେ ସମସ୍ତ କର୍ମକର୍ତ୍ତା ଶହୀଦଙ୍କ ସ୍ମୃତିରେ ଏକ ବିଶାଳ କ୍ୟାଣ୍ଡଲ ଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବଣ୍ଟି ଡାଗା, କଲ୍ୟାଣ ସିଂ ଗାନ୍ଧୀ, ରମେଶ ଅଗ୍ରୱାଲ, ଭୋଲାନାଥ ଚନ୍ଦ୍ରକାର, ମୁନ୍ନା ଜଗତ, ଭୁଗୁଲି ସୁନାନୀ ପ୍ରମୁଖ ଯୋଗଦେଇଥିଲେ ।




କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତୃବୃନ୍ଦ ।

- ନିର୍ବାଚନୀ ମନ୍ତ୍ର ଦେଲେ ଜିଲା ସଭାପତି
- ବିଜେଡି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ
- ୨୫ରୁ ଊର୍ଦ୍ଧ୍ୱ କଂଗ୍ରେସ, ଭାଜପା କର୍ମକର୍ତ୍ତାଙ୍କ ଯୋଗଦାନ



ସନ୍ତୁଷ୍ଟ ଲୋକଟି କେବେହେଲେ ଦରିଦ୍ର ନୁହେଁ, ଅସନ୍ତୁଷ୍ଟ କେବେହେଲେ ଧନୀ ନୁହେଁ।
- ଜର୍ଜ ଇଲିଅଟ୍



## ସଂକ୍ଷେପରେ

### ଏସ୍‌ବିଆଇ ଏଟିଏମ୍ ବନ୍ଦ, ଗ୍ରାହକ ହନ୍ତସନ୍ତ

**ଭବାନୀପାଟଣା,୧୫।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଥିବା ଏସ୍‌ବିଆଇ ଏଟିଏମ୍‌ରେ ଟଙ୍କା ଅଭାବ ଯୋଗୁ ଏଟିଏମ୍ ବନ୍ଦ ରହିଛି । ଫଳରେ ଏସ୍‌ବିଆଇ ଜମାକାରୀ ଟଙ୍କା ଉଠାଣ କରି ନ ପାରି ହନ୍ତସନ୍ତ ହେଉଥିବା ଦେଖାଯାଉଛି। ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଏଟିଏମ୍ କାଉଣ୍ଟର ବନ୍ଦ ରହୁଥିବା ଏବଂ କେତେକ ସ୍ଥାନରେ ଖୋଲା ରହୁଥିଲେ ମଧ ଟଙ୍କା ବାହାରୁ ନ ଥିବାରୁ ଜମାକାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କେତେକ ଏଟିଏମ୍ କାଉଣ୍ଟରେ ଘଣ୍ଟାଏ ଦୁଇ ଘଣ୍ଟା ଟଙ୍କା ବାହାରିବା ପରେ ସେଥିରେ ଟଙ୍କା ଶେଷ ହୋଇଯାଉଛି। ଏଟିଏମ୍‌ଗୁଡିକରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ୨୦୧୬ରେ ବିମୁଦ୍ରୀକରଣ ଭଳି ପରିସ୍ଥିତି ଏବେ ଭବାନୀପାଟଣା ସହରେ ଦେଖିବକୁ ମିଳୁଛି। ଜନସାଧାରଣ ଏଟିଏମ୍‌ଗୁଡିକରୁ ଟଙ୍କା ଉଠାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏସ୍‌ବିଆଇ କର୍ତ୍ତୃପକ୍ଷ ତୁରନ୍ତ ଏହି ଦିଗରେ ଧାନ ଦେଇ ଏଟିଏମ୍‌ଗୁଡିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

### ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲରେ ମାତୃପିତୃ ପୂଜନ ଦିବସ

**ଭବାନୀପାଟଣା,୧୫।୨(ଡି.ଏନ.ଏ.)**
ଫେବୃୟାରୀ ୧୪ ତାରିଖକୁ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ସମଗ୍ର ବିଶ୍ୱର ବିଭିନ୍ନ ଅଞ୍ଚଳରେ ଅଧିକାଂଶ ଯୁବକ ଯୁବତୀ, ଛାତ୍ରଛାତ୍ର ସ୍ନେହ ପ୍ରେମର ପ୍ରତିକ ଭାବେ ଭାଲେଣ୍ଟାଇନ୍ ଡେ ପାଳନ କରୁଥିବା ବେଳେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ ଛାତ୍ରଛାତ୍ରୀମାନେ ମାତୃପିତୃ ପୂଜନ ଦିବସ ଉତ୍ସବ ପାଳନ କରିଥିଲେ। ଏହି ଉତ୍ସବରେ ମଧପ୍ରଦେଶ ରାମକୃଷ୍ଣ ମିଶନର ସ୍ୱାମୀ ପ୍ରିୟବ୍ରତାନନ୍ଦ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ରାମକୃଷ୍ଣ ଆଶ୍ରମ ମ.ରାମପୁର ସ୍ୱାମୀ ଅଶୋକାନନ୍ଦ ମହାରାଜ, ପ୍ରିୟାଶଶିଧରଣ, ସାମାଜିକ କର୍ମୀ ଦୁଷ୍ମନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମାତୃପିତୃ ପୂଜନ ଦିବସ ସମ୍ପର୍କରେ ଅତିଥିମାନେ ଆଲୋଚନା କରିବା ସହ ଭାରତୀୟ ସଂସ୍କୃତିରେ ପିତାମାତା ସ୍ୱୟଂ ଭାଗବାନଙ୍କ ଅବତାର ଏବଂ ସାକ୍ଷାତ ଭଗବାନ ବୋଲି ମତ ଦେଇଥିଲେ। ସ୍କୁଲର ଛାତ୍ରଛାତ୍ରୀମାନେ ଏହି ଅବସରରେ ପିତାମାତାଙ୍କୁ ଧୂପ ଦୀପ ଓ ପୁଷ୍ପ ଅର୍ପଣ କରି ବନ୍ଦାପନା କରିବା ସହ ସେମାନଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ସ୍କୁଲ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶିବରାମ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍କୁଲର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ପାକିସ୍ଥାନର ଜାତୀୟ ପତାକା ପୋଡ଼ି

**ହେମଗିର, ୧୫।୨ (ଡି.ଏନ.ଏ)**
ଭାରତର ୪୪ ଯବାନ ଶହୀଦ ପ୍ରତିବାଦରେ ଶୁକ୍ରବାର କନିକାଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିରେ ଉତକ୍ଷିପ୍ତ ହୋଇ କନିକା ଗ୍ରାମବାସୀଙ୍କ ପକ୍ଷରୁ ସାମୂହିକ ଭାବେ ପାକିସ୍ଥାନର ଜାତୀୟ ପତାକା ପୋଡିବା ସହ ପାକିସ୍ଥାନ ମୁର୍ଦ୍ଦାବାଦ ନାରା ଦେଇଥିଲେ। ଯଦିଓ କନିକା ଗ୍ରାମର ପ୍ରାୟ ଅଧିକ ବାସୀନ୍ଦା ମୁସଲିମ ସମ୍ପ୍ରଦାୟର ତଥାପି ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଜୈସେ-ଇ- ମହମ୍ମଦର ଏପରି କୁତ୍ସିତ କାର୍ଯ୍ୟକୁ ନିନ୍ଦା କରିଛନ୍ତି।

# ମହିଳା ସମାବେଶ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ଭବାନୀପାଟଣା,୧୫।୨ (ଡି.ଏନ.ଏ.)**



ଭବାନୀପାଟଣା ନିକଟସ୍ଥ ରାଧାକୃଷ୍ଣ ନଗରଠାରେ ମୁଖ୍ୟମନ୍ତ୍ରୀଙ୍କ ସମାବେଶ ପାଇଁ ପ୍ରସ୍ତୁତି।

ଆସନ୍ତାକାଲି (ଶନିବାର) ଭବାନୀପାଟଣାରେ ରାଜ୍ୟ ସରକାରଙ୍କ ଏକ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଏହା ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଭବାନୀପାଟଣା ନିକଟସ୍ଥ ରାଧାକୃଷ୍ଣ ନଗରଠାରେ ସମାବେଶ ପାଇଁ ବ୍ୟାପକ ପ୍ରସ୍ତୁତି ବ୍ୟବସ୍ଥା ଜିଲା ପ୍ରଶାସନ ଦ୍ୱାରା କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରଥମେ ଜୁନାଗଡଠାରେ ଏକ ଦଳିୟ କାର୍ଯ୍ୟକ୍ରମର ମିଶ୍ରଣ ପର୍ବରେ ଯୋଗଦେଇ ପରେ ଭବାନୀପାଟଣାଠାରେ ମହିଳା ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ରାଜ୍ୟ ଓ ଜିଲା ବିଜେଡି କର୍ମକର୍ତ୍ତା, କିଛି ମନ୍ତ୍ରୀ, ଜିଲାର ସମସ୍ତ ବିଧାୟକ ଓ ନେତା ଦିନରାତୀ ଏକ କରି ପ୍ରସ୍ତୁରେ ଲାଗି ପଡିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରୁ ଉତକେଲା ଏରୋଷ୍ଟ୍ରିପ ଦିନ ଘ.୧୧.୧୦ ମି.ରେ ପହଞ୍ଚିବେ। ସେଠାରୁ ପ୍ରଥମେ ଜୁନାଗଡ ପହଞ୍ଚି ଦଳୀୟ ମିଶ୍ରଣ ସମାବେଶରେ ଯୋଗଦେଇ ଦିନ ଘ.୧୧.୫୦ମି.ରେ ଭବାନୀପାଟଣା ଶ୍ରୀକୃଷ୍ଣ ନଗର ପଡିଆରେ ପହଞ୍ଚି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଜୁନାଗଡଠାରେ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍, ହାତୀନଦୀ ବ୍ରିଜ ସହ ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୧୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି। ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ଅର୍କକେଶରୀ ଦେଓ, ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ସୁଜିତ୍ କୁମାର, ଜିଲା ବିଜେଡି ସଭାପତି ତଥା ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ବିଧାୟକ ଅନାମ ନାଏକ, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭବାନୀ ମିଶ୍ର, ଇଂ. ପ୍ରମୋଦ ପଟ୍ଟନାୟକ, ପୂର୍ବତନ ନଗରପାଳ ଆଦିତ୍ୟାନନ୍ଦ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲା ସମ୍ପାଦକ ପ୍ରବୋଧ ରଥ, ନଗର ସଭାପତି ଧବଳେଶ୍ୱର ମହାପାତ୍ରଙ୍କ ସମେତ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି। ସହରର ଶ୍ରୀକୃଷ୍ଣ ନଗର ପଡିଆଠାରେ ଏହି ମହିଳା ସମାବେଶ ଆୟୋଜନ ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇ ସମସ୍ତ ବନ୍ଦୋବସ୍ତ ଚାଲିଛି। ଏହି ମହିଳା ସମାବେଶରେ ୪୦ ହଜାର ମହିଳାଙ୍କ ସମାବେଶ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏହି ମହିଳା ସମବେଶରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟିକାମାନେ ଯୋଗଦେବା ପାଇଁ ଜିଲା ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଚଳାଇଛି। ଏଥି ନିମନ୍ତେ ୮ ଶହ ଯାନବାହନ ଜିଲାର ବିଭିନ୍ନ ପ୍ରାନ୍ତରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ଆଙ୍ଗନୱାଡି କର୍ମୀ ତଥା ସହାୟିକାମାନଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖରେ ରାହୁଳ ଗାନ୍ଧୀ କଳାହାଣ୍ଡି ଗସ୍ତରେ ଆସି ଯେଉଁ ସ୍ଥାନରେ ସଭା କରିଥିଲେ ସେହି ସ୍ଥାନରେ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ମହିଳା ସମାବେଶ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିବା ପ୍ରକାଶ ପାଇଛି। ଏହି ସମାବେଶରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବ ବୋଲି ଦଳିୟ କର୍ମକର୍ତ୍ତା ଆଶା ପ୍ରକାଶ କରୁଛନ୍ତି।

ଏବେ ବି ବଞ୍ଚିଛି ମାନବିକତା

# ହଜିଯାଇଥିବା ଡକୁମେଣ୍ଟ, ୫ ହଜାର ଟଙ୍କା ଫେରି ପାଇଲେ ଯୁବକ

**ଜୁନାଗଡ,୧୫।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ସହର କଲମପୁର ଛକସ୍ଥିତ ଏକ ସାଇକେଲ ଦୋକାନକୁ ଶୁକ୍ରବାର ବୋଦେଲ ଗ୍ରାମର ସଞ୍ଜୟ ପୁଟେଲ ନାମକ ଜଣେ ଯୁବକ ସାଇକେଲ ସାମଗ୍ରୀ କିଣିବା ପାଇଁ ଆସିଥିଲେ। କିଣିବା ପରେ ଯୁବକ ଜଣକ ନିଜ ସାଥିରେ ଆଣିଥିବା କାଗଜପତ୍ର ଡକୁମେଣ୍ଟ ଫାଇଲ ଓ ତାହା ଭିତରେ ଥିବା ୫ ହଜାର ଟଙ୍କାକୁ ଭୁଲିଯାଇ ଚାଲିଯାଇଥିଲେ। ଦୋକାନର ଏକ ଚୌକିରେ ଦୀର୍ଘ ସମୟ ଧରି ଏହି ସବୁ ଡକୁମେଣ୍ଟ ପଡିଥିବା ଦେଖି ସାମାଜିକ କର୍ମୀ ସୁଖବିନ୍ଦର ସିଂହ, ଦୋକାନ ମାଲିକ ସଞ୍ଜୟ ଅଗ୍ରୱାଲ, ମାଙ୍ଗେ ମେହେର ଚିନ୍ତିତ ହୋଇପଡିଥିଲେ। ପରେ ସୋସିଆଲ ମିଡିଆରେ ସାମାଜିକ କର୍ମୀ ସୁଖବିନ୍ଦର ସିଂହ ଏହାକୁ ପୋଷ୍ଟ କରିଥିଲେ। ଏହି ପୋଷ୍ଟକୁ ଦେଖି ଯୁବକ ଜଣକ ଦୋକାନକୁ ଆସି ନିଜର ଡକୁମେଣ୍ଟ ଓ ୫ ହଜାର ଟଙ୍କା ସେମାନଙ୍କଠାରୁ ଗ୍ରହଣ କରିଥିଲେ। ଏପରି ମାନବିକତା କାମ ପାଇଁ ସେମାନଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଂଶସା କରାଯାଇଛି।



ଯୁବକଙ୍କୁ ଡକୁମେଣ୍ଟ ଓ ଟଙ୍କା ଫେରା ଯାଉଛି।



ଶହୀଦ୍ ଯବାନଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣାଠାରେ ଆୟୋଜିତ ମହମବତୀ ଶୋଭାଯାତ୍ରା।

## ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି, ମହମବତି ଶୋଭାଯାତ୍ରା

**ଭବାନୀପାଟଣା,୧୫।୨ (ଡି.ଏନ.ଏ.)**
ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଗୁରୁବାର ସୁରକ୍ଷା ବଳ ଉପରେ ବଡ଼ଧରଣର ବିସ୍ଫୋରଣରେ ଶହୀଦ ସିଆରିପିଏଫ ଯବାନମାନଙ୍କୁ କଳାହାଣ୍ଡି ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଶ୍ରଦ୍ଧାଞ୍ଜଳି ଦେବା ସହ ଏକ କ୍ୟାଣ୍ଡେଲ ରାଲିର ଆୟୋଜନ କରାଯାଇଛି। ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ ଓ ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ କଲେଜ ଛକଠାରୁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ବାହାରି ମାଣିକେଶ୍ୱରୀ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଶିଶୁ ଓ ମହିଳା କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସ୍ୱତନ୍ତ୍ର ସଚିବ ସୁଜିତ କୁମାର, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ମହିଳା ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର, ରାଜ୍ୟ ଅନୁସୂଚିତ ଜାତୀ କାର୍ଯ୍ୟକାରିଣୀ ସଦସ୍ୟ ମଣ୍ଟୁ ନାଏକ, ରବି ପଟ୍ଟନାୟକ, ମନିନ୍ଦ ମହାନ୍ତି, ଶ୍ୟାମ ପଣ୍ଡା, ଲବଣୀ ମହାନନ୍ଦ, ତିଳୋତ୍ତମା ନାଏକ, ସୁରଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ (ଏବିଭିପି) ଭବାନୀପାଟଣା ନଗର ତରଫରୁ ଶହୀଦ୍ ଯବାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଦେବା ସହିତ ନଗର ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶାସ୍ତ୍ରୀଜୀ ମହିଳା ଶିକ୍ଷାନିକେତନ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀ ତଥା ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ଏହି ଯାତ୍ରାରେ ନଗର ସଙ୍ଗଠନ ସମ୍ପାଦକ ଅକ୍ଷ କୁମାର ଧଙ୍ଗଡାମାଝି, ମିଡିଆ ପ୍ରମୁଖ ସ୍ୱରାଜ ରାଉଳ, ଶଙ୍କର ପ୍ରଧାନ, ଅମରଜ୍ୟୋତି ଜେନା, ମୁକେଶ କୁମାର ବେହେରା, ଦିନେଶ ପ୍ରଧାନ, ମନୋଜ ନାୟକ, ଜିତ୍ ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କରାଯାଇଥିଲା।

## ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ଜୁନାଗଡ,୧୫।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ସହର ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶହୀଦ ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପାର୍ଥନା କରାଯାଇଥିଲା। ସେହିପରି ଆହାତ ଯବାନମାନଙ୍କ ତୁରନ୍ତ ଆରୋଗ୍ୟ କାମନା କରାଯାଇଥିଲା। ପରେ ଶହୀଦ ଯବାନଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପରିବାରକୁ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଜୁନାଗଡ ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର, ବର୍ତ୍ତମାନର ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ନାନ୍ଦୋଲ ଜୋନ ସଭାପତି ଲକ୍ଷ୍ମୀ ନାରାୟଣ ବାଣୁଆ, ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ନକଟିଗୁଡା ସମିତିସଭ୍ୟ ବିକାଶ ରଞ୍ଜନ ସରାଫ, ଦିବ୍ୟ ଶଙ୍କର ଦୀପ, ଭବାନୀ ଶଙ୍କର ଠାକୁର, ହାସ୍ୟ ବିଶ୍ୱାଳ, ଚିଣ୍ଟୁ ନାଗ, ରଜନୀ ପଣ୍ଡା, ଜିତେନ୍ଦ୍ର ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପିରବତୀ ଯୁକ୍ତ ୨ ମହିଳା କଲେଜର ତୃତୀୟ ବାର୍ଷିକ ଉତ୍ସବ

# ମହିଳା ଶିକ୍ଷିତ ହେଲେ ପରିବାର ଶିକ୍ଷିତ ହେବ

**କର୍ଲାମୁଣ୍ଡା,୧୫।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଅଞ୍ଚଳର ଏକମାତ୍ର ପିରବତୀ ଯୁକ୍ତ ୨ ମହିଳା ମହାବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପିରବତୀ ଯୁକ୍ତ ଦୁଇ ମହିଳା ବିଦ୍ୟାଳୟ ପ୍ରତିଷ୍ଠାତା ମୁରଲୀଧର ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଦୀପ୍ତ କୁମାର ନାଏକ, ମୁଖ୍ୟବକ୍ତା ଭାବେ ରିଷିତା ଜେ.କେ. ମହାବିଦ୍ୟାଳୟର ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହନୁମାନ ଦାସ କେଡିଆ, ତେରେସିଂହା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଷୀକେଶ ଗହୀର, ତେରେସିଂହା ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷ ଜୟନ୍ତ ବାଗ ପ୍ରମୁଖ ଯୋଗଦେଇଥିଲେ। ଜଣେ ମହିଳା ଶିକ୍ଷିତ ହେଲେ ସେହି ମହିଳାଙ୍କ ପରିବାର ସାରା ଶିକ୍ଷିତ ହୋଇଥାଏ, ଏଣୁ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରଗତିରେ ଏହି ମହାବିଦ୍ୟାଳୟ ଏକ ଦୃବ ସଦୃଶ ବୋଲି ଅତିଥିମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ବିଷ୍ଣୁଲାଲ ମହାନନ୍ଦ ବିବରଣୀ ପାଠ କରିଥିବା ବେଳେ ଅଧାପିକା ଅଞ୍ଜଳୀ ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଓଡିଆ ଇଚ୍ଛାଧୀନ ବିଭାଗରେ ମହାବିଦ୍ୟାଳୟର ଛାତ୍ରୀ ମନ୍ଦାକିନୀ ସାହୁ ନବେ ପ୍ରତିଶତ ମାର୍କ ରଖି ଫକୀର ମୋହନ ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ଅଧାପକ ଯଶୋବନ୍ତ ରଣା, ଅଜୟ ମହାନନ୍ଦ, ଶୋଭାକର ଘିଭେଲା, ପ୍ରଶନ୍ନ ରଣା, ବିଳାସିନୀ ବାଗ, ହରେକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।




ଓଡିଆ ଇଚ୍ଛାଧୀନ ବିଭାଗରେ କୃତୀ ଛାତ୍ରୀ ମନ୍ଦାକିନୀ ସାହୁଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି ।

# ମଧ ଇଂରାଜୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ



ସ୍ଥାନୀୟ ସରକାରୀ ମଧ ଇଂରାଜୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଭବାନୀପାଟଣା,୧୫।୨(ଡି.ଏନ.ଏ.)**
ସ୍ଥାନୀୟ ସରକାରୀ ମଧ ଇଂରାଜୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ମୁଖ୍ୟବକ୍ତା ଭାବେ ଏଡିଇଓ ବିଜୟ କୁମାର ସିଂ, ସମ୍ମାନିତ ଅତିଥି ଭାବେ ଏବିଇଓ ଜୟ କୁମାର ମାଝି, ସିଆରସିସି ସାରଦା ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ଅତିଥିମାନେ ଧାନ ଦେବାକୁ ସେ ଅନୁରୋଧ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଭଲ ପାଠ ପଢି ଏହି ସୁନାମଧନ୍ୟ ଓଡିଶାର ପୁରାତନ ବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନଙ୍କ ପାଠପଢା ସହିତ ସେମାନଙ୍କ ଭିତରେ ଥିବା କଳା, ସଂସ୍କୃତି ଓ କ୍ରୀଡା ଆଦିକୁ ଲୋକ ଲୋଚନକୁ ଆଣିବା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଯେଉଁ ଛାତ୍ରୀମାନେ ବାର୍ଷିକ ଉତ୍ସବର ବିଭିନ୍ନ ବିଭାଗରେ ଭଲ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି, ସେମାନଙ୍କ ସହିତ ଅନ୍ୟ ଛାତ୍ରୀମାନେ ପରବର୍ତ୍ତୀ ସମୟରେ ନିଜକୁ ସାମିଲ କରିପାରିଲେ ସେମାନେ ମଧ ଆଗାମୀ ଦିନରେ ବିଦ୍ୟାଳୟ ଦ୍ୱାରା ପୁରସ୍କୃତ ହୋଇପାରିବେ। ଏଥିପାଇଁ ଛାତ୍ରୀମାନଙ୍କ ଉତ୍ତମ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରମେଶଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରୀତିମୟୀ ହେହେରା, ସ୍ମିତା ପଟ୍ଟନାୟକ, ଚପଳା ସୁଆର, ସସ୍ମିତା ଦାଶ, ସୁରମା ପାଢୀ, କଲ୍ୟାଣୀ ଦାସ, ପଦ୍ମଜା ଦାସ ଓ ଈଶ୍ୱର ନାଏକ ପରିଚାଳନା କରିଥିଲେ।

# ଶହୀଦ ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି

**ସେରଗଡ଼,୧୫।୨(ଡି.ଏନ.ଏ.)**
ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଗୁରୁବାର ସୁରକ୍ଷା ବଳ ଉପରେ ବଡ଼ଧରଣର ବିସ୍ଫୋରଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୦ ଯବାନ ଶହୀଦ ହୋଇଛନ୍ତି। ଏହି ଆତଙ୍କବାଦୀଙ୍କ ଆକ୍ରମଣକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ କଡା ଜବାବ ଦେବାକୁ ଦେଶବାସୀ ଦାବି କରିଛନ୍ତି । ଦେଶରେ ପାକିସ୍ତାନ ବିପକ୍ଷରେ ବିକ୍ଷୋଭ ଜାରି ରହିଥିବା ବେଳେ କଳାହାଣ୍ଡି ଜିଲା ରୁପ୍ରାରୋଡ, ନର୍ଲା, ବୁଢୀପଦର ଆଦି ବିଭିନ୍ନ ସ୍ଥାନରେ ଶହୀଦ ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ କରାଯାଇଛି । ରୁପ୍ରାରୋଡଠାରେ ଶହୀଦ ଯବାନଙ୍କ ନିମନ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମାରୱାଡି ସମ୍ମେଳନ, ଦ୍ରୋଣାଚାର୍ଯ୍ୟ ସ୍କୁଲ, ରୁପ୍ରାରୋଡର ଯୁବ ସମାଜ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ରୁପ୍ରାରୋଡ ସରପଞ୍ଚ ଚିତ୍ତରଞ୍ଜନ ରଣା, ରାଜେଶ ଦତ୍ତା, ରତନ ଅଗ୍ରୱାଲ, ଭାରତୀ ମହାନ୍ତି, ଗୋବିନ୍ଦ ଖେତାନ, ଅଶୋକ କମାନୀ, କୈଳାସ ସା, ଅମିତ ଆଗ୍ରୁ, ଟିଙ୍କୁ ପ୍ରମୁଖ ଏଥିରେ ସାମିଲ ହୋଇ ଗଭୀର ଶୋକ ବ୍ୟକ୍ତ କରିଥିଲେ। ସେହିପରି ନର୍ଲା ସାମ୍ବାଦିକ ସଂଘ ତରଫରୁ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସଭାପତି ସଞ୍ଜୟ ଧଙ୍ଗଡାମାଝି, ବିଜୟ ଧଙ୍ଗଡାମାଝି, ଜୟଦ୍ରଥ ଜାଲ, ସୁଧୀର ଧଙ୍ଗଡାମାଝି, ଯୁବ ଯାଦବ ମହାସଭାରୁ ଶତ୍ରୁଘନ ଧଙ୍ଗଡାମାଝି, ରାକ୍ସି ସରପଞ୍ଚ ଚନ୍ଦମା ଧଙ୍ଗଡାମାଝି, ମାଣିକେଶ୍ୱରୀ ମହିଳା ସଙ୍ଗଠନ, ବୁଢ଼ୀପଦରରୁ ସଭାନେତ୍ରୀ ସବିତା ବିଶି, ସମ୍ପାଦିକା ସଂଯୁକ୍ତା ନାଗ ଯାଜବ ପ୍ରମୁଖ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ପାକିସ୍ତାନକୁ ଏକ ଘରକିଆ କରିବା ସହିତ ପ୍ରତ୍ୟକ୍ଷ ଯୁଦ୍ଧ ପାଇଁ ଆହ୍ୱାନ କରିବାକୁ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି ।



ବିଭିନ୍ନ ସଂଘ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ଫେବୃୟାରୀ, ୨୦୧୯



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ତେଲେନପାଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୁଢ଼ୀବାହାଲ ଚାମ୍ପିୟନ

ଖପ୍ରାଖୋଲ, ୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ଅନୁଷ୍ଠିତ ତେଲେନପାଲି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବୁଢ଼ିବାହାଲ ଓ ବନମାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନମାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୬ଓଭରରେ ୯ଉଇକେଟ୍ ବିନିମୟରେ ୮୧ରନ୍ ସଂଗ୍ରହ କରିଥିଲା। ଯବାବରେ ବୁଢ଼ିବାହାଲ ଦଳ ବ୍ୟାଟିଂ କରି ୧୪ଓଭରରେ ୫ଉଇକେଟ୍ ବିନିମୟରେ ନିର୍ଦ୍ଧାରିତ ୮୨ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ସରପଞ୍ଚ କନ୍ତଳା ମାଝୀ, ଗୋଲକ ମାରାଣ୍ଡି, ଦିନେଶ ସିଂ ବାରିକ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୪ହଜାର ଟଙ୍କା ପ୍ରଦାନ କରିଥିଲେ।

# ବିପୁଳ ପରିମାଣର ଦେଶୀମଦ, ମହୁଲ ପୋଚ ଜବତ

ପାଟଣାଗଡ, ୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକର ରେଙ୍ଗାଲି ଏବଂ ଛେଲଖାଇ ଗ୍ରାମରେ ଅବକାରୀ ବିଭାଗ ଚଢାଉ କରି ବିପୁଳ ପରିମାଣର ଦେଶୀ ରନ୍ଧାମଦ ଏବଂ ମହୁଲ ପୋଚ ଜବତ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ଡେପୁଟି କମିଶନର ଦିଲୀପ କୁମାର ନାଗଙ୍କ ନେତୃତ୍ୱରେ ବଲାଙ୍ଗୀର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀକର ମାଝି, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଯୁଗଳ କିଶୋର ବିଶ୍ୱାଳ, ଅବକାରୀ ବିଭାଗ ସମ୍ବଲପୁର, ବଲାଙ୍ଗୀର ମୋବାଇଲ ଅବକାରୀ ଷ୍ଟାଫ ଏବଂ ପାଟଣାଗଡ ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ ପାଟଣାଗଡ ବ୍ଲକର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢାଉ ବେଳେ ରେଙ୍ଗାଲି ଗ୍ରାମର କ୍ଷିରୋଦ୍ର ମହାନନ୍ଦ, ତ୍ରିଲୋଚନ ତାଣ୍ଡି, ଗୌରି ତାଣ୍ଡି ଏବଂ ଛେଲଖାଇ ଗ୍ରାମର ଯୋଗିନ୍ଦ୍ର ବରିହା ଏବଂ ସୁରେଶ ଧରୁଆଙ୍କ ଘରୁ ୧୭୬ ଲିଟର ଦେଶୀ ରନ୍ଧା ମଦ, ୧୨୦ କେଜି ମହୁଲ ଏବଂ ରେଙ୍ଗାଲି ଜଙ୍ଗଲରୁ ୩.୫ କୁଇଣ୍ଟାଲ ମହୁଲ ପୋଚ ଜବତ ହୋଇଥିଲା। ମହୁଲ ପୋଚକୁ ସେଠାରେ ନଷ୍ଟ କରି ଦିଆଯାଇଥିଲା। ଅଭିଯୁକ୍ତ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଅବକାରୀ ଟିମ୍ ଜବତ କରିଥିବା ମଦ ଓ ଗିରଫ କରିଥିବା ଅଭିଯୁକ୍ତ।

# ଇଓଙ୍କ ବିରୋଧରେ ଅଭିଯୋଗ କଲେ ଏସ୍‌ଏଚ୍‌ଜି ମହିଳା

ଦେଓଗାଁ, ୧୫।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚାୟତରେ ଶୁକ୍ରବାର ପିଠା କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ(ଇଓ)ଙ୍କୁ ବିରୋଧରେ ସ୍ଥାନୀୟ ଏସଏଚଜିର ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଞ୍ଚାୟତ ପରିସରରେ ପିଠା କାର୍ଯ୍ୟକ୍ରମ ଚାଲିଥିବା ସମୟରେ ସିକୁଆଁ ପଞ୍ଚାୟତସ୍ତରୀୟ ସଂଘର ସଦସ୍ୟାମାନେ ଇଓ ବିରେନ୍ଦ୍ର ଛତ୍ରିଆଙ୍କୁ ନିଜ ମତ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। ହେଲେ ଇଓ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଆପଣମାନେ ମତବ୍ୟକ୍ତ କରିପାରିବେ ବୋଲି କହି ସେମାନଙ୍କୁ ସଭାସ୍ଥଳରୁ କୁଆଡେ ଚାଲିଯିବାକୁ କହିଥିଲେ। ଏଥିରେ ଗୃପର ସଦସ୍ୟାମାନେ ଅପମାନିତ ବୋଧ କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓଙ୍କୁ ଲିଖିତଭାବେ ଅବଗତ କରାଯିବ ବୋଲି ସରପଞ୍ଚ କବିତା ବିଶି ଓ ଗୃପର ସଦସ୍ୟାମାନେ କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଛତ୍ରିୟାଙ୍କ ମତ ଲୋଡିବାରୁ ଉକ୍ତ ଏସଏଚଜିର ମା'ମାନେ କିଛି ଦିନତଳେ ବ୍ଲକ ଖେଳପଡିଆଠାରେ ହୋଇଥିବା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ନିଜ ହାତଖର୍ଚ୍ଚରେ ଗାଡି ଭଡା କରି ଯାଇଥିଲେ। ଅନ୍ୟ ପଞ୍ଚାୟତମାନଙ୍କର ମହିଳାମାନେ ଗାଡିଭଡା ଟଙ୍କା ପାଇଥିବା ବେଳେ ଆମକୁ କେବେ ଉକ୍ତ ଗାଡିଭଡା ଦେବେ କୁହନ୍ତୁ ବୋଲି କହି ପିଠା କାର୍ଯ୍ୟକ୍ରମ ସଭାକାର୍ଯ୍ୟକ୍ରମ ଅଧାରେ ବାଧା ଉପୁଜାଇଥିଲେ। ଏଣୁ ଆମେ ବିଡିଓଙ୍କୁ ଅବଗତ କରି ପୋଲିସର ସହାୟତା ନେଇଥିଲୁ। ସଭାସ୍ଥଳରୁ ତଡିଦେବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି।

## ଟିଟିଲାଗଡ଼ ଡିଏଭି କଲେଜର ବାର୍ଷିକ ଉତ୍ସବ

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଭାବନା ରହୁ

ଟିଟିଲାଗଡ଼,୧୫।୨ (ଡି.ଏନ.ଏ.)

ଟିଟିଲାଗଡ଼ ଡିଏଭି ସ୍ୱୟଂଶାସିତ କଲେଜର ୫୧ତମ ବାର୍ଷିକ ଉତ୍ସବ ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ତଥା ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଦୀପକ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପ୍ରତିଯୋଗିତା ମନୋଭାବ ରଖି ଆଗକୁ ଯିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ତଥା ହାସ୍ୟ କବି ରାଧୁ ମିଶ୍ର ବ୍ୟଙ୍ଗାତ୍ମକ ଶୈଳୀରେ ବିଭିନ୍ନ ଉଦାହରଣ ଦେଇ ମାର୍ଗଦର୍ଶନ କରିଥିଲେ। କଲେଜ ଅଧ୍ୟକ୍ଷ ବିକ୍ରମ କେଶରୀ ମିଶ୍ର ଛାତ୍ରୀଛାତ୍ର ତଥା କର୍ମଚାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଶ୍ୱଦ୍ୟାଳୟର ରେଜିଷ୍ଟ୍ରାର ସଞ୍ଜୀତ ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ର ଜ୍ଞାନରଞ୍ଜନ ସରାଫ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୩ ବିଜ୍ଞାନରେ ୧୯୫୩ ମାର୍କ ହାସଲ ସହ କଲେଜ ଟପ୍ପର ସୌମ୍ୟଶ୍ରୀ ପୁରୋହିତଙ୍କୁ କୁଳପତି ଗୋଲ୍ଡ ମେଡାଲ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଯୁକ୍ତ ୩ରେ ୧୯୧୨ ମାର୍କ ହାସଲ ସହ ବାଣିଜ୍ୟ ଟପ୍ପର କରିଷ୍ମା ଗୋୟଲ, ୧୮୫୯ ମାର୍କ ହାସଲ ସହ କଳାରେ ଟପ୍ପର ଅପୂର୍ବା ରାୟ ଚୌଧୁରୀଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦିଲ୍ଲୀରେ ଗତ ଜାନୁୟାରୀ ୨୬ ପରେଡରେ ଭାଗ ନେଇଥିବା ଏନ୍‌ସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି ସଭା ପରିଚାଳନା କରିଥିବା ବେଳେ ମେଜର ଡ. ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ପରେ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କଲେଜର ବାର୍ଷିକ ଉତ୍ସବ ଅବସରରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ଏବିଭିପିର ଜିଲା ସମ୍ମିଳନୀ

ବଲାଙ୍ଗୀର ଅଫିସ, ୧୫।୨

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ବଲାଙ୍ଗୀର ଜିଲା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଜିଲା ସମ୍ମିଳନୀରେ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଙ୍ଗଠନ ସମ୍ପାଦକ ତନ୍ମୟ ଦାସ ଯୋଗ ଦେଇ ଛାତ୍ର ଓ ଯୁବ ସମାଜ ଦେଶ ଗଠନରେ ସାମିଲ ହେବାକୁ କହିଥିଲେ। ଭୋଟ୍ ସମୟରେ ନୋଟାରେ ଭୋଟ୍ ନଦେଇ ନିଜର ବହୁମୂଲ୍ୟ ଭୋଟ୍‌କୁ ଦେଶ ପାଇଁ ଉତ୍ସର୍ଗୀକୃତ ପ୍ରାର୍ଥୀଙ୍କୁ ଦେବାକୁ କହିଥିଲେ। ନଗର ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ବୀରେନ୍ଦ୍ର ଚୌହାନ ମଞ୍ଚାସୀନ ଥିଲେ। ଅଧ୍ୟାପକ ହରି ପଧାନ ସଭାପତି, ଇଂ ହୃଦାନନ୍ଦ ପାତ୍ର ଓ ମହେନ୍ଦ୍ର ସ୍ୱାଇଁ ଉପସଭାପତି, ଛାତ୍ରନେତା ଲିପକ ମିଶ୍ର ନଗର ସମ୍ପାଦକ, ବୁଲୁ ମେହେର ସହସମ୍ପାଦକ, କଳ୍ପନା ପଧାନ ଛାତ୍ରୀ ପ୍ରମୁଖ ଭାବେ ମନୋନୀତ କରାଗଲା। ପୂର୍ବତନ ନଗର ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରାଙ୍କୁ ଜିଲା କାର୍ଯ୍ୟକାରିଣୀର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ନିର୍ବାଚିତ କରାଗଲା। ଏହା ସହିତ ବିଭିନ୍ନ ବ୍ଲକ୍ ସଂଯୋଜକଙ୍କ ନାମ ଘୋଷଣା କରାଯାଇଥିଲା। ଜିଲା ସଂଯୋଜକ ଦେବାଶିଷ ଶତପଥି ବିଭିନ୍ନ ପଦାଧିକାରୀଙ୍କ ନାମ ଘୋଷଣା କରିଥିଲେ।

# ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ବିଧାୟକ

ବଲାଙ୍ଗୀର ଅଫିସ, ୧୫।୨

ବଲାଙ୍ଗୀର ସହରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଶୁକ୍ରବାର ପରିଦର୍ଶନ କରିବା ସହ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ୧୮ନମ୍ବର ୱାର୍ଡ ଅଞ୍ଚଳରେ ବିଧାୟକଙ୍କ ପ୍ରଚେଷ୍ଟାରେ ନିର୍ମାଣାଧିନ କଲ୍ୟାଣ ମଣ୍ଡପ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଗତ ୫ ବର୍ଷ ମଧ୍ୟରେ ସହରରେ ୨ଟି କଲ୍ୟାଣ ମଣ୍ଡପ ନିର୍ମାଣ ସରିଥିବାବେଳେ ତୃତୀୟ କଲ୍ୟାଣ ମଣ୍ଡପ କାର୍ଯ୍ୟ ଚାଲିଛି। ମହାଲକ୍ଷ୍ମୀନଗରଠାରେ ନିର୍ମାଣାଧିନ କଲ୍ୟାଣ ମଣ୍ଡପସ୍ଥଳରେ ବିଧାୟକ ମିଶ୍ର ପଡାର ବୁଦ୍ଧିଜୀବୀ ତଥା ପୂର୍ତ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ଏହାବାଦ୍ ଏହି ଅଞ୍ଚଳରେ ଗମନାଗମନକୁ ନେଇ ଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। କଲ୍ୟାଣ ମଣ୍ଡପକୁ ସଂଲଗ୍ନ ରାସ୍ତାଗୁଡ଼ିକ ଯେପରି ଠିକ୍ ହିସାବରେ କାମ ହୋଇପାରିବ ତା ଉପରେ ମଧ ଆଲୋଚନା କରିଥିଲେ। ପରେ ରାଜୀବନଗରରୁ ରିଂରୋଡ ସଂଲଗ୍ନ ରାସ୍ତାର ନିର୍ମାଣ ସ୍ଥଳ ପରିଦର୍ଶନ କରି ନିର୍ମାଣ ଦାୟିତ୍ୱରେ ଥିବା ଲୋକ ଓ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତାର ମାନ ଠିକ୍ ରଖିବା ସହ ଶୀଘ୍ର ସମାପ୍ତ କରିବାକୁ କହିଥିଲେ। ପରେ ଲକ୍ଷ୍ମୀଯୋର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଅଞ୍ଚଳକୁ ପରିଦର୍ଶନ କରି ଲୋକେ ଯେପରି ଲକ୍ଷ୍ମୀଯୋର ଉପରେ ଆବର୍ଜନା ନ ପକାଇବେ ସେ ଉପରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ବ୍ରାହ୍ମଣପଡା ସ୍କୁଲ ପଛପଟେ ପ୍ରସ୍ତାବିତ ଆଉ ଏକ ଚେକ୍ ଡ୍ୟାମର କାମ ଯେପରି ଶୀଘ୍ର ଆରମ୍ଭ ହେବ ସେଦିଗରେ ଯତ୍ନବାନ ହେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ବିଧାୟକ ମିଶ୍ରଙ୍କ ସହ ପିସିସି ସଭ୍ୟ ଅସୀମ ପଟ୍ଟନାୟକ, ଯୁବନେତା ଅଜୟ ବାଲି, ଟାଉନ କଂଗ୍ରେସ ଉପସଭାପତି ମାନସ ମହାନ୍ତି, ସମ୍ପାଦକ ଆଶୁତୋଷ ମହାନ୍ତି, ଜିଲା କଂଗ୍ରେସ ସଂଗଠନ ସମ୍ପାଦକ ସଞ୍ଜୟ ମିଶ୍ର, ଟିଟୁ ରଣା, ଅଶୋକ ସିଂ, ସୁଦାମ ସିଂ, ପିଙ୍କୁ ବାଗ ଏବଂ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଉପସ୍ଥିତ ଥିଲେ।

### ଖଇର କାଠ ଜବତ

ଖପ୍ରାଖୋଲ, ୧୫।୨(ଡି.ଏନ.ଏ.)

ହରିଶଙ୍କର ରେଞ୍ଜ ଅଧିନ ଧଣ୍ଡାମୁଣ୍ଡା-ଚାଉଳବାଞ୍ଜି ରାସ୍ତାରୁ ଜଙ୍ଗଲ ବିଭାଗ ଖଇର କାଠ ଜବତ କରିଛି। ଜବତ କାଠ ପ୍ରାୟ ୫ କୁଇଣ୍ଟାଲ ହେବ ବୋଲି ବନ ବିଭାଗ କହିଛି। ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମରାଙ୍କ ନିର୍ଦ୍ଦେଶରେ ଖପ୍ରାଖୋଲ ବନପାଳ ଗୁଣନିଧି ପରିଡା, ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ, ବିନୋଦ ବିହାରି ଧରୁଆ, ବିଜ୍ଞାନନ୍ଦ ପାଣିଗ୍ରାହୀ ଚଢାଉ କରି କାଠ ଜବତ କରିଥିଲେ।

### ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

ଖପ୍ରାଖୋଲ, ୧୫।୨(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ବୁଢିବାହାଲ ଗାଁର ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ନିକଟରେ ପୂଜାପାଠ, ଇନ୍ଦ୍ରାଣି ଇନ୍ଦ୍ରଙ୍କ ମୂର୍ତ୍ତୀ ଗ୍ରାମ୍ୟ ପରିକ୍ରମା ସଂକୀର୍ତ୍ତନ୍ୟର ଟାନେ ଟାନେ ଅନୁଷ୍ଠିତ ହୋଇଥିଲା। ହର୍ଷବର୍ଦ୍ଧନ ଖର୍ସେଲ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

# ବେଆଇନ ବନ୍ଧ, କଟା ନିଲାମ ଅଭିଯୋଗ

ଲୋଇସିଂହା,୧୫।୨ (ଡି.ଏନ.ଏ.)

- ଥାନାରେ ୨ପରିବାରର ଧାରଣା
- ଅନଶନ ବେଳେ ଦିବ୍ୟାଙ୍ଗ ଯୁବକ ଗୁରୁତର

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ପକ୍ଷରୁ ନୂଆଁମୁଣ୍ଡା,ଗୁହୁରୀମୁଣ୍ଡା ଏବଂ ଆଡେନ କଟାକୁ ମାଛ ଚାଷ ପାଇଁ ନିଲାମ ଦିଆଯାଇଛି। ବେଆଇନ ଭାବେ ନିଲାମ ଦିଆଯାଇଥିବା ଅଭିଯୋଗ କରି ଗୋବିନ୍ଦ ତ୍ରିପଠୀ ଏବଂ କୃପାସିନ୍ଧୁ ଛତ୍ରିଆଙ୍କ ପରିବାର ଲୋଇସିଂହା ଥାନାରେ ଶୁକ୍ରବାର ଧାରଣା ଦେଇଛନ୍ତି। ଧାରଣାରତ ଜଣେ ଦିବ୍ୟାଙ୍ଗ ଯୁବକ ଚନ୍ଦ୍ର ଛତ୍ରିଆ ଗୁରୁତର ହୋଇ ଲୋଇସିଂହା ଡାକ୍ତରଖାନରେ ଭର୍ତ୍ତି ହୋଇଛନ୍ତି। ବେଆଇନ ନିଲାମ ଡାକରା ଦେଇଥିବା ଅଧିକାରୀଙ୍କୁ ଗରିଫ ଓ କ୍ଷତିପୂରଣ ଦାବି କରି ଅନଶନକାରୀ ଧାରଣା ଜାରି ରଖିଛନ୍ତି। ଆଇଆଇସି ଏଲ.ଏଲ.ବାର୍ଲ ବୁଝାଶୁଝା କରିଥିଲେ ସୁଦ୍ଧା ସେମାନେ ଜିଦରେ ଅଟଳ ରହିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଯୋଗୀସର୍ଡା ପଞ୍ଚାୟତ ସଦର ଗାଁର ଗୋବିନ୍ଦ ତ୍ରିପାଠୀ ନୂଆଁମୁଣ୍ଡା ଏବଂ ଗୁହୁରୀଆମୁଣ୍ଡା ପୋଖରୀରେ ୧୦ବର୍ଷ ହେଲା ମାଛ ଚାଷକରି ଆସୁଥିଲେ। ଅପରପକ୍ଷେ ପଞ୍ଚାୟତ ଅଧୀନ ଗୁର୍ଜିଭଟା ଗ୍ରାମର କୃପାସିନ୍ଧୁ ଛତ୍ରିଆଙ୍କ ପରିବାର ଦୀର୍ଘ ବର୍ଷ ହେଲା ଆଡେନକଟାଁକୁ ଦଖଲ କରି ମାଛ ଚାଷ କରୁଥିଲେ। ଚଳିତ ବର୍ଷ ମଧ୍ୟ ଉଭୟେ ମାଛ ଜାଆଁଳା ଛାଡି ଚାଷ କରିଥିଲେ। କିନ୍ତୁ ଲୋଇସିଂହା ବିଡିଓ ଏବଂ ଜିପିଓ ଏକ ମିଥ୍ୟା ଅଦେଶକୁ ନେଇ ଆମ ଜୀବନଜୀବିକାକୁ ନିଲାମ କରି ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରୁଛନ୍ତି। ନୂଆମୁଣ୍ଡା, ଗୁହରୀଆମୁଣ୍ଡାର ମାଛ ଜାଆଁଳା ଛାଡିଥିବାରୁ ମାଛ ମାରିଗଲେ ଗଣ୍ଡଗୋଳ କରାଯାଉଛି। ଏହାର ସମାଧାନ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ମିଳିନାହିଁ। ଫଳରେ ଅନଶନ କରିବାକୁ ବାଧ୍ୟ ହେଉଛୁ ଓ ନ୍ୟାୟ ନମିଳବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଗୋବିନ୍ଦ ଓ କୃପାସିନ୍ଧୁ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରଶାନ୍ତ ପଧାନଙ୍କୁ ପଚାରିବାରୁ, ଆରଡିସି କମିଶନରଙ୍କଠାରେ ୨୦୧୪ ମସିହାରୁ ଏକ ମାମଲା ଥିଲା। ଚଳିତ ବର୍ଷ ଉପଜିଲାପଳ ୧୩ ନମ୍ବର ଫର୍ମ ପଠାଇ ନିଲାମ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବଳରେ ନିଲାମ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ କାଗଜାତ ଦାଖଲ କରି ନିଲାମକୁ ସ୍ଥଗିତାଦେଶ ରଖିଥିଲେ। ୨୦୧୪ କେସରେ ଆରଡିସି କମିଶନର ପ୍ରତିପକ୍ଷଙ୍କୁ ରାୟ ଦେଇଛନ୍ତି। ଏବେ ବିଡିଓ ନିଲାମ କ୍ୟାନସେଲ ଅର୍ଡରକୁ ପୁଣି ପ୍ରତ୍ୟାହାର କରି ନେଇଥିବା ସେ କହିଥିଲେ।



ଜରାସିଂହାରେ ବିଜେଡିର ୱାର୍ଡକମିଟି ସମ୍ମିଳନୀ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

# ବିଜେଡିର ୱାର୍ଡ କମିଟି ସମ୍ମିଳନୀ

ଦେଓଗାଁ, ୧୫।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଲକ୍ଷ୍ମଣଝୁଲାଠାରେ ଶୁକ୍ରବାର ଜରାସିଂହା ପଞ୍ଚାୟତର ବିଜେଡି ୱାର୍ଡ କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରତିନିଧି ଉମା ଶଙ୍କର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହା, ବରକାନୀ, ଚନ୍ଦ୍ରପୁର ଆଦି ଗ୍ରାମର ବିଜେଡି କର୍ମୀ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସତ୍ୟ ନାରାୟଣ ପାଣି, ପ୍ରମୋଦ ସିଂ ନିନା, ହିତେଶ ଦଲାଇ, ରାଜୁ ମେହେର, ଜରାସିଂହା ସରପଞ୍ଚ କୁଶମଣି ମେହେର, ସନ୍ତୋଷ ଥନାପତି, ଶରତ କୁମାର ପୁଟେଲ, ଗଗନ ମେହେର, ଅଶୋକ ମେହେର, ସୁନୀଲ ମେହେର, ବୀରେନ ଦଲାଇ ପ୍ରମୁଖ ଦଳୀୟ କାର୍ଯ୍ୟକ୍ରମ ଉପରେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକ ଉପରେ ଗ୍ରାମାଞ୍ଚଳର ଲୋକଙ୍କୁ ଅବଗତ କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ।

## ଫଟୋରେ ଖବର











**ବଲାଙ୍ଗୀରରେ ଶହୀଦ ବୀରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି:** କଶ୍ମୀରଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀର ଯବାନଙ୍କୁ ଆକ୍ସନ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଯାଉଛି (ବାମ)। ବଲାଙ୍ଗୀର ଭାଜପା ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଶ୍ରଦ୍ଧାଞ୍ଜଳି (ମଝି)। ତୁଳସୀନଗର ଯୁବସମାଜ ତରଫରୁ ଶହୀଦ ଯବାନଙ୍କୁ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। (ଫଟୋ-ସୁନୀଲ)।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଫେବୃୟାରୀ ୧୬/୨୦୧୯



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି: କ୍ୟାଣ୍ଡେଲ ଶୋଭାଯାତ୍ରା

ବେଲପାହାଡ଼,୧୫।୨(ଡି.ଏନ୍.ଏ.)- ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ୪୦ ଯବାନ ଶହୀଦ ହୋଇଛନ୍ତି। ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଶୁକ୍ରବାର ସନ୍ଧ୍ୟାରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ବିଭିନ୍ନ ରାଜନୈତିକ ଦଳର କର୍ମୀ ଏବଂ ସ୍ଥାନୀୟ ନାଗରିକ ଯୋଗ ଦେଇଥିଲେ। ସମସ୍ତେ ହାତରେ କ୍ୟାଣ୍ଡେଲ ଧରି ଫାଟକରୁ ପଦଯାତ୍ରାରେ ବାହାରି ଗୁମାଡ଼େରାସ୍ଥିତ ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚିଥିଲେ। ସେଠାରେ ଶହୀଦଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏପରି କି ପାକିସ୍ତାନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### ପେନ୍‌ଚେକ୍ ସିଲଟ୍: ଓଡ଼ିଶାକୁ ସଫଳତା

ଝାରସୁଗୁଡା ଅଫିସ,୧୫।୨: ସର୍ବଭାରତୀୟ ଆନ୍ତଃଜୋନ ପେନଚେକ୍ ସିଲଟ୍ ଚାମ୍ପିୟନଶିପ୍ ଅମ୍ରିତସରର ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟରେ ହୋଇଯାଇଛି। ଏଥିରେ ଦେଶର ଇଷ୍ଟ, ୱେଷ୍ଟ, ନର୍ଥ ଏବଂ ସାଉଥ ଜୋନ୍‌ର ରାଜ୍ୟ ଅଂଶଗ୍ରହଣ କରିଥିଲେ। ପୂର୍ବାଞ୍ଚଳରୁ ଅଂଶଗ୍ରହଣ କରିଥିବା ଓଡ଼ିଶାର ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ଓଡ଼ିଶା ଦଳର ଅମରେନ୍ଦ୍ର ଦେ, ସୌମ୍ୟ ନାୟକ, ତପସ୍ୱିନୀ ନାୟକ, ଭବାନୀ କୁମାରୀ ସାହୁ, ଏମ.ଡି ମୋଜାମ୍, ଅମନ ପଣ୍ଡା ପ୍ରମୁଖ ଦୁଇଟି ଲେଖାଏଁ ପଦକ ହାସଲ କରିଥିଲେ। ଆନ୍ତର୍ଜାତୀୟ ରେଫରୀ ପ୍ରେମ୍ ସିଂ ଥାପ୍ପା, ମାରି ନାଇଡୁଙ୍କ ନେତୃତ୍ୱରେ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରି ଲୁଟ୍ ଉଦ୍ୟମ

ବ୍ରଜରାଜନଗର,୧୫।୨(ଡି.ଏନ.ଏ): ବ୍ରଜରାଜନଗର ଥାନା ଅଧୀନ ଚାରଭାଟି ଗ୍ରାମ ନିକଟରେ ଶୁକ୍ରବାର ୨ଜଣ ଦୁର୍ବୃତ୍ତ ଲୋଇସିଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯଦୁମଣି ନାଏକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ନାଏକ ହିତାଧିକାରୀମାନଙ୍କୁ ଭତ୍ତା ଟଙ୍କା ଦେବା ପାଇଁ ପୂର୍ବାହ୍ନ ୧୧ଟା ବେଳେ ଗାନ୍ଧୀଛକସ୍ଥିତ ଓରିଏଣ୍ଟାଲ ବ୍ୟାଙ୍କରୁ ୭ଲକ୍ଷ ୪୬ ହଜାର ୯ଶହ ଟଙ୍କା ଉଠାଇଥିଲେ। ପରେ ସେ ବାଇକ୍ (ଓଆର୍ ୨୩ ଡି- ୮୨୭୫)ଧରି ଲୋଇସିଂ ଅଭିମୁଖେ ଯାଉଥିଲେ। ସେତିକିବେଳେ ଚାରଭାଟି ଗ୍ରାମ ନିକଟ ନିଛାଟିଆ ରାସ୍ତାରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ପଛପଟୁ ଧକ୍କା ମାରିଲେ। ଫଳରେ ସେ ତଳେ ପଡିଯାଇଥିଲେ। ଏଡାରି ସୁଯୋଗ ନେଇ ଦୁର୍ବୃତ୍ତମାନେ ଗାଡି ଡିକି ଭାଙ୍ଗି ଟଙ୍କା ବ୍ୟାଗ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ହେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ନାଏକ ବ୍ୟାଗକୁ ଯାବୁଡି ଧରି ଚିତ୍କାର କରିଥିଲେ। ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ କୋଲାବିରା ନେଇ ଛାଡିଥିଲେ। ତାଙ୍କ ଦେହରେ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ଗାନ୍ଧୀଛକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

## ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣ

# କ୍ଷୋଭ, ପ୍ରତିଶୋଧରେ ଜନତା

ଝାରସୁଗୁଡା ଅଫିସ,୧୫।୨

ଜମ୍ମୁ-କାଶ୍ମୀରର ପୁଲୱାମା ଜିଲା ଅୱନ୍ତିପୋରାଠାରେ ଗୁରୁବାର ସିଆରପିଏଫ୍ ଯବାନଙ୍କ ଗାଡି ଉପରେ ଆତ୍ମଘାତି ଆକ୍ରମଣ ହୋଇଥିଲା। ଏଥିରେ ଓଡ଼ିଶାର ୨ ଜଣ ସମେତ ମୋଟ ୪୦ଜଣ ସିଆରପିଏଫ ଯବାନ ଶହୀଦ ହୋଇଛନ୍ତି। ଯବାନମାନେ ଜମ୍ମୁରୁ ଶ୍ରୀନଗର ଅଭିମୁଖେ ବସ୍‌ଯୋଗେ ଯାତ୍ରା କରୁଥିଲେ। ଏହି ସମୟରେ ପୁଲୱାମା ଜିଲାର ଅୱନ୍ତିପୋରାଠାରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ବିସ୍ଫୋରକ ବୋଝେଇ କାରରେ ଆତ୍ମଘାତୀ ଆକ୍ରମଣ କରାଯାଇଥିଲା। ଏହି ଘଟଣା ପରେ ଦେଶରେ ଶୋକ ଏବଂ ପ୍ରତିଶୋଧର ବାତାବରଣ ଦେଖାଦେଇଛି। ଆତଙ୍କବାଦୀଙ୍କ ଏହି ବର୍ବରକାଣ୍ଡ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେଶବାସୀ ସ୍ୱରଉତ୍ତୋଳନ କରିଛନ୍ତି। ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ ଓ ଆତଙ୍କବାଦୀଙ୍କୁ ପୋଷୁଥିବା ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସବୁ ମହଲରୁ ଦାବି ଉଠିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆତଙ୍କବାଦୀଙ୍କ ବର୍ବରତାକୁ ସମସ୍ତେ ଘୃଣା କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣା ପରେ ଶୁକ୍ରବାର ଝାରସୁଗୁଡା ଜିଲାରେ ଲୋକେ ନୀରବ ପ୍ରାର୍ଥନା, କ୍ୟାଣ୍ଡେଲ ଶୋଭାଯାତ୍ରା, ମଶାଲ ଶୋଭାଯାତ୍ରା, କୁଶପୁତ୍ତଳିକା ଦାହ, ବିକ୍ଷୋଭ ଏବଂ ପ୍ରତିବାଦ କରି ନିଜ କ୍ରୋଧ ଜାହିର କରିଛନ୍ତି। ଏପରି କି ଶହୀଦଙ୍କ ପରିବାରକୁ ସମବେଦନା ଜଣାଇବା ସହ ପାକିସ୍ତାନକୁ କଡା ଜବାବ ଦିଆଯିବା ବେଳ ଆସିଛି ବୋଲି କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭାଜପା, ବିଜେଡି, ଜେସିଆଇ, ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ, ପ୍ରେସ୍‌କ୍ଲବ୍, ଖିଦମତ କମିଟି ପକ୍ଷରୁ ଶହୀଦ ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।




ଶହୀଦ ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

### ଏମାନେ ଯାହା କହନ୍ତି...



ଆତଙ୍କବାଦୀଙ୍କ ଏଭଳି ଆକ୍ରମଣ ନିନ୍ଦନୀୟ। ଆତଙ୍କବାଦୀଙ୍କ ଏହିଭଳି ବାରମ୍ବାର ଆକ୍ରମଣକୁ ସରକାର ଦୃଢ ହସ୍ତରେ ଦମନ କରିବା ଆବଶ୍ୟକ ରହିଛି। ଫଳରେ ସେନାର ମନୋବଳ ବୃଦ୍ଧି ପାଇବା ସହ ଆକ୍ରମଣ ପୂର୍ବରୁ ଆତଙ୍କବାଦୀ ସଙ୍ଗଠନଗୁଡିକ ଚିନ୍ତା କରିବାକୁ ବାଧ୍ୟ ହେବେ। ପାକିସ୍ତାନ ବାରମ୍ବାର ଅନୁପ୍ରବେଶ କରାଇ ଭାରତର ଶାନ୍ତି ଓ ସମୃଦ୍ଧିରେ ବାଧା ସୃଷ୍ଟି କରୁଛି। ସରକାର ଏହାର ମୁହଁତୋଡ ଜବାବ ଦିଅନ୍ତୁ। -**ରତ୍ନାକର ପ୍ରଧାନ,ପୂର୍ବତନ ସେନା କର୍ମଚାରୀ**



ସିଆରପିଏଫ ଯବାନଙ୍କ ଉପରେ ଆକ୍ରମଣ ଏବଂ ସେଥିରେ ୪୦ଜଣଙ୍କ ମୃତ୍ୟୁ ଦେଶ ପାଇଁ ବଡ କ୍ଷତି। ସରକାର ଏହାକୁ ଗମ୍ଭୀରତାର ସହ ବିଚାର କରନ୍ତୁ। ସର୍ଜିକାଲ ଷ୍ଟ୍ରାଇକ୍‌ର ସଫଳତା ସାଉଣ୍ଟିଥିବା ସରକାର ପୁଲୱାମାରେ ୪୦ ଯବାନ ଶହୀଦଙ୍କ ଦୋଷ ସ୍ୱୀକାର କରି ନୈତିକତାର ପରିଚୟ ଦିଅନ୍ତୁ। ଅତଙ୍କବାଦୀ ସଙ୍ଗଠନଗୁଡିକ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହିଁ ଶହୀଦଙ୍କ ପରିବାରକୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। -**ତପନ କୁମାର ବାରିକ,ଅଧ୍ୟାପକ**

## ପ୍ରତିଶ୍ରୁତି ପରେ ମିଳିଲାନି ନ୍ୟାୟ

# ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,୧୫।୨ (ବ୍ୟୁରୋ)

ଶାଶୁଘର ଲୋକଙ୍କ ନିର୍ଯାତନାର ଶିକାର ହୋଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଶୁଭସ୍ମିତା ଦେ। ଅଭିଯୋଗ ଜଣାଇବାକୁ ସେ ଗତ ୭ ତାରିଖରେ ନବୀନ ନିବାସ ଆସିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ କରାଇ ଦିଆଯାଇ ନ ଥିଲା। ମାତ୍ର ପ୍ରତିଶ୍ରୁତି ମିଳିଥିଲା ଯେ, ଆମେ ଏସ୍‌ପିଙ୍କୁ କହିଦେବୁ ତୁମେ ଯାଇ ଦେଖାକର। ହେଲେ ସେଠାକୁ ଯିବା ପରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଶେଷରେ ଶୁଭସ୍ମିତା ଶୁକ୍ରବାର ପୁଣି ନବୀନ ନିବାସ ଆସିଥିଲେ। ସକାଳ ପ୍ରାୟ ୧୧ଟା ସମୟରେ ସେ ନବୀନ ନିବାସ ଆଗରେ ଆତ୍ମାହୁତି ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ଦୀର୍ଘ ସମୟ ଧରି ତାଙ୍କୁ ମହିଳା ଥାନାରେ ଅଟକ ରଖିବା ପରେ ଛାଡିଥିଲା। ୨୦୧୨ରେ ଜଳେଶ୍ୱର ଥାନା ଅନ୍ତର୍ଗତ ରାୟପୁର ଅଞ୍ଚଳର ହରିପଦ ଦେଙ୍କୁ ବୈଦିକ ରୀତିରେ ଶୁଭସ୍ମିତା ବିବାହ କରିଥିଲେ। ବିବାହ ପୂର୍ବରୁ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଶୁଭସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହାପରେ ହରିପଦ ତାଙ୍କୁ ପୁଣେ ନେଇଯାଇଥିଲେ। ସେଠାରେ ମଧ୍ୟ ତାଙ୍କୁ ମାରପିଟ କରିଥିଲେ। ଏପରି କି ଶୁଭସ୍ମିତା ଗର୍ଭବତୀ ଥିବାବେଳେ ତାଙ୍କୁ ହରିପଦ ବାପଘରେ ଛାଡି ଦେଇ ଯାଇଥିଲେ। ଏନେଇ ଶୁଭସ୍ମିତା ୨୦୧୫ରେ ସିଂଲା ଥାନାରେ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ-୧୦୯/୧୫ ରୁଜୁ କରାଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ଶୁଭସ୍ମିତା ଅଭିଯୋଗ କରିଛନ୍ତି। ଏ ନେଇ ସିଂଲା ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି, ଆମେ ତାଙ୍କ ସ୍ୱାମୀଙ୍କୁ ଧରିବାକୁ ଚଢାଉ କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳୁନି।

# ମନ୍ତ୍ରୀସ୍ତରୀୟ କମିଟିକୁ ସବୁଜ ପତ୍ରିକାଧାରୀଙ୍କ ସ୍ମାରକପତ୍ର

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ରାଜ୍ୟ ସରକାରଙ୍କ ମନ୍ତ୍ରୀସ୍ତରୀୟ କମିଟିଙ୍କୁ ଭେଟି ନିଜର ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ଏବଂ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ସବୁଜ ପତ୍ରିକାଧାରୀମାନଙ୍କୁ ୮ ଡିସିମିଲ ଘରଡିହ, ସ୍ଥାୟୀ ବାସଗୃହ, ମାସିକ ହଜାରେ ଟଙ୍କା ପେନ୍‌ସନ୍, ଭତ୍ତା ଓ ବୀମା, ସନ୍ତାନସନ୍ତତିଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ୧୦ ପ୍ରତିଶତ ସଂରକ୍ଷଣ ଏବଂ ସରକାରୀ କର୍ମଚାରୀଙ୍କୁ ଇନକ୍ରିମେଣ୍ଟ ଭଳି ଦାବି ସଙ୍ଗଠନ ପକ୍ଷରୁ ଉପସ୍ଥାପନ କରାଯାଇଛି। ଗତ ୧୨'ରେ ଉପରୋକ୍ତ ଦାବି ନେଇ ସଙ୍ଗଠନ ପକ୍ଷରୁ ରାଜଧାନୀର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହା ପରେ ମନ୍ତ୍ରୀସ୍ତରୀୟ କମିଟି ଜରିଆରେ ସମାଧାନର ରାସ୍ତା ବାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସଙ୍ଗଠନ ସଭାପତି ସୁର ଜେନା କହିଛନ୍ତି।

### ଅପାର କାରଖାନାରେ ଦୁର୍ଘଟଣା, ଶ୍ରମିକ ଗୁରୁତର

କୋଲାବିରା,୧୫।୨(ଡି.ଏନ୍.ଏ.)

କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ ଅଧୀନ କପାଗୁଡ଼ାଠାରେ ଥିବା ଅପାର ଇଣ୍ଡଷ୍ଟ୍ରିଜ କେବୁଲ କାରଖାନାରେ ଦୁର୍ଘଟଣା ଘଟି ଶ୍ରମିକ ଜଣକ ଆହତ ହୋଇଥିବା ଜଣାପଡିଛି। ସେ ହେଲେ ରଘୁନାଥ ପାଲି ଗ୍ରାମର ବିନୋଦ ରାଉତ (୪୬)। ବୁଧବାର ବିନୋଦ କାରଖାନାରେ କାମ କରୁଥିବା ବେଳେ ଟ୍ରକରୁ ଏକ ଡ୍ରମ ଗୁଞ୍ଜି ଆସି ଗୋଡରେ ଚାପି ଚାପି ହୋଇଯାଇଥିଲା। ଫଳରେ ବିନୋଦଙ୍କ ଆଣ୍ଠୁ ହାଡ ଭାଙ୍ଗି ଯିବା ସହ ସେ ଗୁରୁତର ଆହତ ହୋଇଛନ୍ତି। ଉପସ୍ଥିତ ଅନ୍ୟ ସହକର୍ମୀମାନେ ତାଙ୍କୁ ଭସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷେ କାରଖାନା କର୍ତ୍ତୃପକ୍ଷ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଥିବା ବେଳେ ଶ୍ରମିକ ଅସନ୍ତୋଷ ଦେଖାଦେଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ଶହୀଦ ପରିବାରକୁ ସମର୍ଥନ ସୋମବାର ୧୨ଘଣ୍ଟିଆ ବନ୍ଦ ରହିବ ବ୍ୟବସାୟ

ଝାରସୁଗୁଡା ଅଫିସ,୧୫।୨

ପୁଲୱାମାରେ ସିଆରପିଏଫ୍ ଯବାନଙ୍କ ଉପରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ଘଟଣାକୁ ବ୍ୟବସାୟୀ ସଂଘ ନିନ୍ଦା କରିଛି। ଏହି ଘଟଣାରେ ଶହୀଦ ଯବାନଙ୍କ ପରିବାରକୁ ସମର୍ଥନ ଜଣାଇ ଫେବ୍ରୁୟାରୀ ୧୮ ତାରିଖରେ ୧୨ ଘଣ୍ଟିଆ ବନ୍ଦ ପାଳନ କରିବ ବ୍ୟବସାୟୀ ସଂଘ। ଭାରତ ବ୍ୟାପାର ବନ୍ଦ ଆହ୍ୱାନ କ୍ରମେ ସୋମବାର ଝାରସୁଗୁଡା ବ୍ୟବସାୟୀମାନେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ବ୍ୟବସାୟ ବନ୍ଦ କରିବେ ବୋଲି ସଂଘର ସଭାପତି ହୀରାଲାଲ ଲୋକଚନ୍ଦାନୀ ସୂଚନା ଦେଇଛନ୍ତି। ଏହି ବନ୍ଦ ବେଳେ ରାସ୍ତାଘାଟ, ସ୍କୁଲ, କଲେଜ, ସରକାରୀ ଅଫିସ ଖୋଲା ରହିବ ବୋଲି ଘୋଷଣା କରାଯାଇଛି। ସେହିପରି ଶହୀଦଙ୍କ ପରିବାରକୁ ସମର୍ଥନ ଜଣାଇ ଝାରସୁଗୁଡା ବସଷ୍ଟାଣ୍ଡଠାରୁ ଝଣ୍ଡାଛକ ଯାଏଁ ଏକ ଶୋଭାଯାତ୍ରା କରାଯିବ ବୋଲି ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଆକାଉଣ୍ଟରୁ ୨ଲକ୍ଷ ଟଙ୍କା ଠକେଇ: ଥାନାରେ ଅଭିଯୋଗ

କୋଲାବିରା,୧୫।୨(ଡି.ଏନ୍.ଏ.)

କୋଲାବିରା ଥାନା ଅଧୀନ ରଘୁନାଥପାଲି ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୨ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡିଛି। ଏନେଇ କୋଲାବିରା ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତିବକ, କୋଲାବିରା ଥାନା ଅନ୍ତର୍ଗତ ରଘୁନାଥପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ନାଏକଙ୍କ ପାଖକୁ ବୁଧବାର ୨ଜଣ ବ୍ୟକ୍ତି କୋଲାବିରା କୃଷି ବିଭାଗରୁ ଆସିଥିବା କହି କଥାବାର୍ତ୍ତା କରିଥିଲେ। ପରେ ଯୁବକ ଦ୍ୱୟ ଅଧିକ ରୋଜଗାର କରେଇଦେବାକୁ କହି ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ଏନେଇ ତାଙ୍କୁ କିଛି ଟଙ୍କା ଦେବାକୁ କହିଥିଲେ। ହେଲେ ପୀତାମ୍ବର ଟଙ୍କା ଦେବାକୁ ମନା କରିଥିଲେ। ଯୁବକ ଦ୍ୱୟ କୌଶଳ କ୍ରମେ ତାଙ୍କୁଠାରୁ ୧ହଜାର ଟଙ୍କାର ଏକ ଚେକ୍ ନେଇଥିଲେ। ହେଲେ ରାତି ୮ଟାରେ ଶିକ୍ଷକ ନାଏକଙ୍କ ମୋବାଇଲ ନମ୍ବରକୁ ଏକ ମେସେଜ ଆସିଥିଲା। ତାଙ୍କ ଆକାଉଣ୍ଟରୁ ୨ଲକ୍ଷ ୧ହଜାର ଟଙ୍କା ଉଠାଇ ନିଆଯାଇଥିବା ଉଲ୍ଲେଖ ରହିଥିଲା। ଏପରି କି ବ୍ୟାଙ୍କରେ ତଦନ୍ତ ପରେ ଭୋଳାନାଥ ନାଏକ ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ସେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ରାଜପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ଶୁକ୍ରବାର ରାଜପୁର ପଞ୍ଚାୟତରେ ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ବ୍ରଜରାଜନଗର,୧୫।୨(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ଶୁକ୍ରବାର ରାଜପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବଘରାଚକା ଗଣ୍ଡାପଡ଼ାରେ ୬ଲକ୍ଷ ଟଙ୍କାର କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରାଯାଇଥିବା ବେଳେ ରାଜପୁର ପୁଟ୍ରାଡେରା ୫ଲକ୍ଷ ଟଙ୍କାରେ କଲ୍ୟାଣ ମଣ୍ଡ, ୪ଲକ୍ଷ ଟଙ୍କାରରେ ନିର୍ମିତ ହେବାକୁ ଥିବା ଆରକଣ୍ଟାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଏଥିରେ ପଞ୍ଚାୟତ ସମିତି ସଭ୍ୟ ଗଣେଷରାମ ବାଗ, ନାଏବ ସରପଞ୍ଚ ତପସ୍ୱିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।




ପରିବେଶ ସୁରକ୍ଷା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀମାନେ।

## ପରିବେଶ ସୁରକ୍ଷା ନେଇ ସାଇକେଲ ଶୋଭାଯାତ୍ରା

# ଜନ୍ମଦିନରେ ଗଛ ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ବେଲପାହାଡ଼,୧୫।୨(ଡି.ଏନ୍.ଏ)

ଜଙ୍ଗଲ କ୍ଷୟ ଓ ପରିବେଶ ଅବକ୍ଷୟ ଯୋଗୁ ବିଶ୍ୱ ଜଳବାୟୁ ଦ୍ରୁତ ଗତିରେ ପରିବର୍ତ୍ତନ ହେବାରେ ଲାଗିଛି । ଏହି କ୍ରମରେ କୋଇଲା ଖନନ ଏବଂ ଶିଳ୍ପାୟନ ଯୋଗୁ ଓଡ଼ିଶାର ଝାରସୁଗୁଡ଼ା ଏକ ପ୍ରଦୂଷିତ ଜିଲା ଭାବେ ପରିଗଣିତ ହୋଇଛି । ଏହି ସମସ୍ୟାର ନିରାକରଣ ସଚେତନତା ମଧ୍ୟମରେ ହୋଇପାରିବ । କାରଣ ଜିଲାର ଲଇକେରା ଓ କିର୍ମିରା ବ୍ଲକ ସୀମାନ୍ତରେ ଅବସ୍ଥିତ ଅନ୍ଧାରୀ ଜଙ୍ଗଲ ସଂରକ୍ଷଣ ସମସ୍ତଙ୍କ ପାଇଁ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଛି । ଜିଲାକୁ ପ୍ରଦୂଷଣ ମୁକ୍ତ ରଖିବା ନେଇ ଗତ ୧୧ତାରିଖରୁ ବନ୍ୟଜାତ ତତ୍ତ୍ୱାବଧାରକ ପ୍ରଫେସର ଧ୍ରୁବରାଜ ନାୟକଙ୍କ ନେତୃତ୍ୱରେ ଅନ୍ଧାରୀ ଗାଁ ମଣ୍ଡପରୁ ଏକ ସାଇକେଲ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ଗୁରୁବାର ପୂର୍ବାହ୍ନରେ ବେଲପାହାଡ଼ ସହରରେ ପହଞ୍ଚିଥିଲା। ଫଟକ ନିକଟରେ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ଜିଲା କଳାକାର ସଂଘ ସଭାପତି ସୁରଙ୍ଗ ପ୍ରଧାନ ଶୋଭାଯାତ୍ରାରେ ସାମିଲ ହୋଇ ସାମାଜିକକର୍ମୀଙ୍କୁ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ପରେ ଶୋଭାଯାତ୍ରା ଗିରିଧରଲାଲ ଉଚ୍ଚ ବିଦ୍ୟାଳୟକୁ ପହଞ୍ଚିଲା ପରେ ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଧ୍ରୁବରାଜ ନାୟକ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ପରିବେଶ ଅବକ୍ଷୟର ପ୍ରତିକୂଳ ପ୍ରଭାବ ଏବଂ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ନାୟକ ପାଠ ପଢିବା ସହିତ ପରିବେଶ ପ୍ରତି ସଚେତନ ରହିବା ପାଇଁ ଏବଂ ପ୍ରତ୍ୟେକ ବର୍ଷ ଜନ୍ମ ଦିବସରେ ଗୋଟିଏ ଲେଖାଏ ଚାରା ଗଛ ଲଗାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସଭାରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ନାୟକ, ବିଆର୍ ଉଚ୍ଚ ବିଦ୍ୟାଳୟ ଉପଦେଷ୍ଟା ରଞ୍ଜନ ଦାସ, ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାତ ପାଣିଗ୍ରାହୀ, ଶିକ୍ଷକ ପ୍ରହ୍ଲାଦ ନାୟକ, ଗୌରୀଦାସ ପ୍ରଧାନ, ସଞ୍ଜୁଲତା ନାୟକ, ଜିଲା କଳାକାର ସଂଘ ସଭାପତି ସୁରଙ୍ଗ ପ୍ରଧାନ ପରିବେଶ ସୁରକ୍ଷାର ଆବଶ୍ୟକତା ଉପରେ ମତ ଉପସ୍ଥାପନ କରିଥିଲେ। ସଭା ପରେ ଶୋଭାଯାତ୍ରା ବ୍ରଜରାଜନଗର ଅଭିମୁଖେ ବାହାରିଥିଲା। ଏହି ଶୋଭାଯାତ୍ରା ବିଭିନ୍ନ ପଞ୍ଚାୟତ ପରିକ୍ରମା ପରେ ଆସନ୍ତା ରବିବାର କୁଆଁରମାଲକୁ ଫେରିବ। ଶୋଭାଯାତ୍ରାରେ ୮୪ ବର୍ଷୀୟ ପୂର୍ବତନ କୁଳପତି ପ୍ରଫେସର ନାୟକଙ୍କ ସହିତ ୧୦ ଜଣ ଛାତ୍ରୀ ଯୋଗ ଦେଇଛନ୍ତି।



ଯେତେଦିନ ପର୍ଯ୍ୟନ୍ତ ତୁମେ ବଞ୍ଚିଛ, କିପରି ବଞ୍ଚିବାକୁ ହୁଏ ଶିକ୍ଷା କର।
-ସେନେକା



## ସଂକ୍ଷେପରେ

### କୋଇଡ଼ା ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ଶୁଭାରମ୍ଭ

ଟେନ୍‌ସା, ୧୫।୨ (ଡି.ଏନ.ଏ)

କୋଇଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନର ଶୁଭ ଉଦଘାଟନ ଉତ୍ସବ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ଚନ୍ଦ୍ର ହାଁସଦା, ସଭାପତି ଭାବେ କୋଇଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ହରମାନ ଟପ୍ପୋ, ସମ୍ମାନିତ ଅତିଥି ଏବିଇଓ ଶଶଧର ଆରଣ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ମାହାନ୍ତ, ମୁଖ୍ୟବକ୍ତା ଭାବେ ଏବିଇଓ ତଥା ବିଆରସିସି ମହେନ୍ଦ୍ର କୁମାର କର ଯୋଗଦାନ କରିଥିଲେ। ଏହି ସଭାରେ କୋଇଡା କ୍ଲବର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ମୋ ସ୍କୁଲ ଅଭିଯାନର ହୋର୍ଡିଂ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ଏହାର ସଫଳତା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହିପରି କାର୍ଯ୍ୟକ୍ରମ ସମସ୍ତ ଉଚ୍ଚ ବିଦ୍ୟାଳୟରେ ପାଳନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାମୁଡିହି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

### କିଞ୍ଜିରକେଲା ନୂତନ ଲ୍ୟାମ୍ପ୍ସ ଗୃହ ଉଦ୍‌ଘାଟିତ

ବାଲିଶଙ୍କରା, ୧୫।୨ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ ଅନ୍ତର୍ଗତ କିଞ୍ଜିରକେଲା ଲ୍ୟାମ୍ପ୍ସର ନୂତନ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସମବାୟ ସଭାପତି ଭବାନୀଶଙ୍କର ମାଝୀ ଓ ସୁନ୍ଦରଗଡ ଡିଆରସିଏସ ଜେରମ କେରକେଟ୍ଟା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀୟ ଅତିଥି କିଞ୍ଜିରକେଲା ଲ୍ୟାମ୍ପ୍ସ ସଭାପତି ସନ୍ତୋଷ କୁମାର ସା, ଏମଡି ରବିନ୍ଦ୍ର କୁମାର ଦାଶ, ଜିଏମ ଶକ୍ତିପଦା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।






କୁଆଁରମୁଣ୍ଡାରେ ମହମବତି ଶୋଭାଯାତ୍ରାରେ ଉପସ୍ଥିତ ବ୍ୟକ୍ତିମାନେ (ବାମ)। ସୁନ୍ଦରଗଡ଼ରେ ଓକିଲମାନଙ୍କ ବିଶାଳ ମହମବତି ଶୋଭାଯାତ୍ରା

# ସବୁଠି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ସୁନ୍ଦରଗଡ/କୁଆଁରମୁଣ୍ଡା/ହେମଗିର ୧୫।୨ (ଡି.ଏନ୍.ଏ)

କଶ୍ମୀରରେ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ବର୍ବରୋଚିତ ଆକ୍ରମଣ ଘଟଣାରେ ଶହୀଦ ଭାରତୀୟ ଯବାନଙ୍କ ଅମର ଆତ୍ମାର ସଦଗତି କାମନା ଉଦ୍ଦେଶ୍ୟରେ ସ୍ଥାନୀୟ ରଙ୍ଗାଡିପା ଜୟଦୁର୍ଗା କ୍ଲବ ପକ୍ଷରୁ ଦୀପ ପ୍ରଜ୍ୱଳନ କରାଯାଇଥିଲା। କ୍ଲବର ସଦସ୍ୟଙ୍କ ସମେତ ବହୁ ସଂଖ୍ୟାରେ ମହିଳା ପୁରୁଷ ଯୋଗଦେଇ ସାମୂହିକ ଭାବେ ଏହି ଦୀପ ପ୍ରଜ୍ୱଳନ କରିଥିଲେ। ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଏଭଳି ବର୍ବରୋଚିତ ଅମାନବୀୟ ଘଟଣାର ଦୃଢ ନିନ୍ଦା କରାଯାଇ ଆତଙ୍କବାଦୀଙ୍କୁ ଏହାର ଉଚିତ ଜବାବ ଦେବା ପାଇଁ ଭାରତ ସରକାରଙ୍କ ଠାରେ ଦାବି କରାଯାଇଥିଲା । ଏଥିରେ କ୍ଲବର ସଦସ୍ୟ ହରେକୃଷ୍ଣ ମିଶ୍ର, ବୀରବର ସାହୁ, ସଞ୍ଜିବ ପଟେଲ, ସତ୍ୟ ନାରାୟଣ ସିଂ, ପ୍ରଶାନ୍ତ ସେଠୀ, ଅମୀୟ ପଟ୍ଟନାୟକ, ଅରୁଣ ଭୋଇଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଜିଲା ଓକିଲ ସଂଘ ସଭାଗୃହଠାରେ ପୂର୍ବାହ୍ନ ୧୦ଟା ୩୦ମିନିଟରେ ଯବାନମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଓକିଲମାନେ ଶହୀନଙ୍କ ସମ୍ମାନାର୍ଥେ କୋର୍ଟ କାର୍ଯ୍ୟରୁ ବିରତ ରହିଥିଲେ। ସନ୍ଧ୍ୟା ୬ଟାରେ ଓକିଲମାନଙ୍କ ବିଶାଳ ମହମବତୀ ଶୋଭାଯାତ୍ରା ଜିଲା ଓକିଲ ସଂଘ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା ପରେ ଢେଙ୍ଗିଭାଡି ଛକ ଠାରେ ପହଞ୍ଚିଥିଲା। ସେଠାରେ ଶହୀଦଙ୍କ ଫଟୋ ତଳେ ମହମବତୀ ଓ ଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପାକିସ୍ଥାନର ଆତଙ୍କବାଦୀଙ୍କୁ ଦୃଢ ନିନ୍ଦା କରାଯାଇ କୁଶପୁତ୍ତଳିକା ଦାହ କରାଯାଇଥିଲା।

କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ବ୍ୟାଙ୍କ ଅଫ ଇଣ୍ଡିଆ ଛକରୁ ବାହାରି ରାହାସ ପଡ଼ିଆସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ସେଠାରେ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ 'ଶହୀଦ ଯବାନ ଅମର ରହେ...' ସ୍ଲୋଗାନ ଦେବା ସହ ମହମବତୀ ଜାଳିଥିଲେ। ଏହି ଶୋଭାଯାତ୍ରା କୁଆଁରମୁଣ୍ଡାର ଯୁବ ସାମାଜିକ କର୍ମୀ ଶୈଳେଶ ତିୱାରୀ(ରାଜୁ ଭାଇ) ନେତୃତ୍ୱ ନେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ଅବସରପ୍ରାପ୍ତ ସେନା ଅଧିକାରୀ ଗୋପିନାଥ ରାଏ, ବିଜୟ ପଟ୍ଟନାୟକ, ବୀରେନ କୁଜୁରଙ୍କ ସହ କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାସଦା, ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ଯୁବନେତା ସଞ୍ଜିବ ପ୍ରତାପ ସିଂଦେଓ, ରାଜେଶ କେର୍କେଟା, ଘନଶ୍ୟାମ ଦେବତା ଓ ଅନ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ପାକିସ୍ଥାନର ଜାତୀୟ ପତାକା ପୋଡ଼ି

ଭାରତର ୪୪ ଯବାନ ଶହୀଦ ପ୍ରତିବାଦରେ ଶୁକ୍ରବାର ହେବଗିର ବ୍ଲକ କନିକାଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିରେ ଉତକ୍ଷିପ୍ତ ହୋଇ କନିକା ଗ୍ରାମବାସୀଙ୍କ ପକ୍ଷରୁ ସାମୂହିକ ଭାବେ ପାକିସ୍ଥାନର ଜାତୀୟ ପତାକା ପୋଡିବା ସହ ପାକିସ୍ଥାନ ମୁର୍ଦ୍ଦାବାଦ ନାରା ଦେଇଥିଲେ। ଯଦିଓ କନିକା ଗ୍ରାମର ପ୍ରାୟ ଅଧିକ ବାସୀନ୍ଦା ମୁସଲିମ ସମ୍ପ୍ରଦାୟର ତଥାପି ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଜୈସେ-ଇ-ମହମ୍ମଦର ଏପରି କୁତ୍ସିତ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏଥିରେ ଉଭୟ ହିନ୍ଦୁ ମୁସଲିମ ଭାଇଚାରାର ଭାବ ନେଇ ପାକିସ୍ଥାନର ଏହି ଘୃଣ୍ୟ କାର୍ଯ୍ୟକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ନାରା ଦେଇଥିଲେ।

# ସିପିଆଇ(ଏମ୍)ର କର୍ମୀ ସମାବେଶ

ଲହୁଣୀପଡା, ୧୫।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସି ସ୍ଥିତ କୁଶଳ ତିର୍କୀ ହକି ଷ୍ଟାଡିୟମରେ ଶୁକ୍ରବାର ସିପିଆଇଏମ୍ ଦଳର ହଜାର ହଜାର କର୍ମୀଙ୍କ ଉପସ୍ଥିତିରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୦୧୯ ସାଧାରଣ ନିର୍ବାଚନ ନିମନ୍ତେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇଏମ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ମୁଖ୍ୟଅତିଥି, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ମାହାନ୍ତି, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିମାନ ମାଇତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତିର ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ରରେ ଭାଜପା ଦଳ ସାମ୍ପ୍ରଦାୟିକତା ନାମରେ ଜନସାଧାରଣଙ୍କୁ ଭାଗ ଭାଗ କରୁଥିବା ବେଳେ ରାଜ୍ୟର ବିଜେଡି ସରକାର ବିଜୁ ଯୁବ ବାହିନୀ, କାଳିଆ, ପିଠା, ଆମ ଗାଁ ଆମ ବିକାଶ ନାମରେ ରାଜ୍ୟ ରାଜକୋଶକୁ ଲୁଟ କରିଥିବା ଅଭିଯୋଗ କରି ଆସନ୍ତା ନିର୍ବାଚନରେ ସିପିଆଇଏମ ଏକମାତ୍ର ଦଳୀୟ ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ବିଜୟୀ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ପାରମ୍ପାରିକ ଆଦିବାସୀ ନୃତ୍ୟ ଗୀତର ତାଳେ ତାଳେ ରକ୍ସି ରେଳ ଫାଟକରୁ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ଏହି ଅବସରରେ ପୁରୁଣାପାଣି ଗ୍ରାମର ଜୁନାସ ସୁରିନ, ସୁଲେମାନ ସୁରିନ, ଅମରନାଥ ସିଂ, ମଞ୍ଜା ବେଡାର ବୁଧରାମ ସିଂ, ଜାମୁଡିହିର ହରିନାଥ ମୁଣ୍ଡାରି ପ୍ରମୁଖ ଅନ୍ୟ ଦଳରୁ ଆସି ଏହି କର୍ମୀ ସମ୍ମିଳନୀରେ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଥିଲେ । ଅତିଥି ତଥା ବିଧାୟକ ଲକ୍ଷ୍ମଣ ମୁଣ୍ଡା ପୁଷ୍ପମାଲ୍ୟ ପ୍ରଦାନ କରି ଦଳରେ ସାମିଲ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ କର୍ମୀ ଉପସ୍ଥିତ ଥିବା ବେଳେ ଲିଲୁମୋହନ ଗୋପ, ଜିଲା କମିଟି ସଭ୍ୟ ଆନନ୍ଦ ମାସି ହରୋ, ସମିତି ସଭ୍ୟ ମନୋଜ ପୂର୍ତ୍ତି, ଜିଲା ପରିଷଦ ସଦସ୍ୟ ଗୋପିନାଥ ମାହାନ୍ତ, ସରପଞ୍ଚ ଲିଲି ସରିତା ଗୁଡିଆ, ମିଖେଲ ମୁଣ୍ଡା, କରମପାଲ ସିଂ, ସରପଞ୍ଚ ନେଲସନ ମୁଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ, ସୟାନ୍ତି ସୁରିନ, ହରିଶ ରାୟ, କୃଷ୍ଣ ଚନ୍ଦ୍ର ବାରିକ, ପାଉଲସ କାଣ୍ଡୁଲାନା, ସହଦେବ ନାଏକ, ଧିରେଶ ବଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ସିପିଆଇଏମ୍ କର୍ମୀ ସମାବେଶରେ ଦଳୀୟ ବିଧାୟକ, ନେତା ମଞ୍ଚାସୀନ।

# ପ୍ରଧାନମନ୍ତ୍ରୀ ଆବାସିକ ଯୋଜନାର କାର୍ଯ୍ୟାଦେଶ ବିତରଣ

ବେଦବ୍ୟାସ, ୧୫।୨ (ଡି.ଏନ.ଏ)

ବେଦବ୍ୟାସ ବୈଦିକ ଆଶ୍ରମ ସମ୍ମୁଖ ସ୍ଥିତ ଖେଳ ପଡିଆ ପରିସରରେ ପ୍ରଧାନମନ୍ତ୍ରୀ ଆବାସିକ ଯୋଜନା ଓ ଶୌଚାଳୟ ନିର୍ମାଣ ନିମନ୍ତେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଗୁଗୁଡିଟୋଲା, ଗୋପପାଲି, ବେଦବ୍ୟାସ ଅଞ୍ଚଳର ପ୍ରାୟ ୬୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବିତରଣ କରିଥିଲେ। ଏହି ଅବସରରେ ବିଧାୟକଙ୍କ ରାଉରକେଲା ପ୍ରତିନିଧି ଶ୍ରୀକାନ୍ତ ଦାଶ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଜିତୁ ଦାଶ, ଲାଠିକଟା ବ୍ଲକ ବିଜେଡି ସଭାପତି ମହମ୍ମଦ ଛୋଟା ବାବୁ, ରାଉରକେଲା ମହାନଗର ନିଗମର ଉପକମିଶନର, ଯୁବନେତା ସୁଜିତ ସିଂ, ରବି ବସ୍ତିଆ, ଗୋଇନ୍ଦା ଟପ୍ପୋ, ଇଗ୍ନେଶିଆ ତିର୍କି, ମାଙ୍ଗରା ଟପ୍ପୋ, ଅଜିତ ଦାଶ, ସ୍ୱରାଜ ମିଶ୍ର, ସ୍ୱରୂପ ମହାପାତ୍ର, ତେକେ ମଇତ୍ରୀ, ନିର୍ମଳା ବେହେରା, ଅମରେଶ ପଣ୍ଡା, ମହିଳା ନେତ୍ରୀ ଆଶା ଦେବୀ, ଆରତୀ ପରିଡା ପ୍ରମୁଖ ବିଜେଡିର କର୍ମକର୍ତ୍ତା ଓ ସରକାରୀ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ। ନିକଟରେ ଥିବା ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ନୂତନ ନଳକୂପକୁ ବିଧାୟକ ଉଦଘାଟନ କରିଥିଲେ।



ବିଧାୟକ ମଙ୍ଗଳା କିଷାନ କାର୍ଯ୍ୟାଦେଶ ବିତରଣ କରୁଛନ୍ତି।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ

କୁତ୍ରା, ୧୫।୨ (ଡି.ଏନ.ଏ)

କୁତ୍ରା ବ୍ଲକରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକରେ କ୍ରୀଡା ସାମଗ୍ରୀ ଓ ସାଂସ୍କୃତିକ ପୋଷାକ ବଣ୍ଟନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ତଥା ସୁନ୍ଦରଗଡ ଜିଲା ବିଜୁ ଜନତା ଦଳର ସଭାପତି ମଙ୍ଗଳା କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ପରେ ଉନ୍ନୟନ ପରିଷଦ ପକ୍ଷରୁ ଚୟନ କରାଯାଇଥିବା ୧୬ଟି ହକି ଦଳକୁ ହକିବାଡି, ଜର୍ସି, ହକିବଲ, ବୁଟ ଆଦି ପ୍ରଦାନ କରାଯାଇଥିଲା। ଗୋଟିଏ ଫୁଟବଲ ଦଳକୁ ଫୁଟବଲ, ବୁଟ, ଜର୍ସି ପ୍ରଦାନ କରିଥିଲେ । ଏହାଛଡା ବ୍ଲକର ବିଭିନ୍ନ ସାଂସ୍କୃତିକ ଦଳକୁ ସାଂସ୍କୃତିକ ପୋଷାକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଜୁ ଜନତା ଦଳର ଟାଉନ ସଭାପତି ଅମ୍ରେସ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଜିତୁ ଦାଶ, କୁତ୍ରା ବ୍ଲକର ଓବିସି ନେତା କିଶୋର ଦାନୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୧୫ ଦିନ ହେଲା ଖାଲି ପଡ଼ିଛି ଫାଣ୍ଡି ଅଧିକାରୀ ପଦବୀ

କୁଆଁରମୁଣ୍ଡା,୧୫।୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧୀନ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳଟି ପିଏଲଏଫଆଇଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅସାମାଜିକ ସଙ୍ଗଠନଗୁଡିକର ଆଡ୍ଡାସ୍ଥଳ ଭାବେ ବେଶ ପରିଚିତ। ମାତ୍ର ଏହି ଫାଣ୍ଡିରେ ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ନ ରହିବା କାରଣରୁ ପାଟ୍ରୋଲିଂ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ମାମଲା ଗୁଡିକର ତଦନ୍ତ ପ୍ରକ୍ରିୟାରେ ଶିଥିଳତା ପ୍ରକାଶ ପାଇବାରେ ଲାଗିଛି। ଏପରିସ୍ଥଳେ ଦୀର୍ଘ ୧୫ ଦିନ ହେଲା ଏଠାରେ ଫାଣ୍ଡି ଅଧିକାରୀ ପଦବୀ ଖାଲି ପଡିଛି। ଫଳରେ ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ ପୂର୍ବପରି ହେଉ ନ ଥିବା ଜଣାପଡ଼ିଛି। ଏପରିକି ଗୁରୁବାର ସନ୍ଧ୍ୟାରେ ଚୁଟିଆଟୋଲି ନିକଟରେ ଝାଡଖଣ୍ଡର ସିମଡ଼େଗାକୁ ଦିବ୍ୟାଙ୍ଗମାନେ ଏକ ଅଟୋରେ ଯାଉଥିଲେ। ପଛରେ ଥିବା ଅନ୍ୟ ଏକ ସ୍କୁଟି ଅଟୋରେ ଘଷି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପରେ ଘଟଣାସ୍ଥଳରେ ପରିସ୍ଥିତି ଏମିତି ହୋଇଥିଲା ଯେ ସ୍କୁଟିରେ ଯାଉଥିବା ଯୁବକମାନେ ଦିବ୍ୟାଙ୍ଗମାନଙ୍କ ଅଟୋକୁ ଅଟକାଇ ସ୍କୁଟି ମରାମତି ପାଇଁ ବାଧ୍ୟ କରିଥିଲେ। ଏ ସମ୍ପର୍କରେ କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦିଆଯାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି କାହାରି ଦେଖା ମିଳି ନ ଥିଲା। ଆଉ ଏକ ଘଟଣାକ୍ରମରେ ଗତ ଜାନୁୟାରୀ ମାସ ୨୬ ତାରିଖ ବିଳମ୍ବିତ ରାତିରେ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପୋଡ଼ମରା ଆଦିବାସୀ କଲୋନୀରେ ବାବୁଲାଲ ସିଂ(୫୫) ନାମକ ଜଣେ ଚାଟ୍ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ଗଳା କାଟି ହତ୍ୟା କରିଥିଲେ। ହେଲେ ଏ ଲୋମଟାଙ୍କୁରା ଘଟଣାର ୨୦ ଦିନ ପରେ ମଧ୍ୟ ପୋଲିସ ହତ୍ୟାକାରୀମାନଙ୍କ ଟେର ପାଇପାରି ନାହିଁ। କାରଣ ସେତେବେଳେ ଫାଣ୍ଡି ଅଧିକାରୀ ଅନୀଲ ପରିଡ଼ା ଅନ୍ୟ ଏକ ପୁରୁଣା ଘଟଣାରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ସେ ଦିନଠାରୁ ଆଜିପର୍ଯ୍ୟନ୍ତ ଫାଣ୍ଡି ଅଧିକାରୀ ପଦବୀ ଖାଲି ପଡ଼ିଛି। ଏ ସଂକ୍ରାନ୍ତରେ ଗତ ୪ ଦିନ ତଳେ ସୁନ୍ଦରଗଡ଼ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନାରାୟଣ ବାରିକଙ୍କୁ ଫୋନରେ ଯୋଗାଯୋଗ କରିବାରୁ ଖୁବ୍ ଶୀଘ୍ର ଜଣଙ୍କୁ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଭାବେ ଦାୟିତ୍ୱ ଦିଆଯିବ ବୋଲି ସେ କହିଥିଲେ।

# ଟ୍ରେନିଂରୁ ଚାଲିଯାଇଥିବା ଶିକ୍ଷକଙ୍କୁ ନିଲମ୍ବନ କଲେ ବିଇଓ

ବଡଗାଁ, ୧୫।୨ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଆରମ୍ଭ ହୋଇଥିବା ଉଜ୍ଜଳା ଟ୍ରେନିଂକୁ ଆସିଥିବା କୁସୁନା ଉଚ୍ଚ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ପୌଲୁସ୍ତ ମହାନନ୍ଦିଆ ଟ୍ରେନିଂ ସମ୍ପୂର୍ଣ୍ଣ ନକରି ମଧ୍ୟାହ୍ନ ପରେ ଶିକ୍ଷା ଅଧିକାରୀଙ୍କୁ ସୂଚନା ନ ଦେଇ ଚାଲିଯାଇଥିଲେ। ଫଳରେ ବ୍ଲକ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି । ଶୁକ୍ରବାରରୁ ସୋମବାର ହେବାକୁ ଥିବା ଉଜ୍ଜଳା ଟ୍ରେନିଂର ପ୍ରଥମ ଦିବସରେ ଶିକ୍ଷକ ମହାନନ୍ଦିଆ ପ୍ରଥମ ଅଧିବେସନ ପରେ ବିଇଓଙ୍କୁ ଯିବା ପାଇଁ ଜଣାଇଥିଲେ । ବିଇଓ ମନା କଲାପରେ ସେ କାହାକୁ କିଛି ନ ଜଣାଇ ଟ୍ରେନିଂରୁ ଚାଲିଯାଇଥିଲେ। ବିଇଓଙ୍କ ଅଫିସ ଅର୍ଡର ନଂ. ୨୫୯ରେ ନିଲମ୍ବନ କରି ମେମୋ ନଂ. ୨୭୦ରେ କୁସୁନା ୟୁପି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଚିଠି କରିଛନ୍ତି ।

କିରେଇ ଇଞ୍ଜିନିୟରିଂ ସ୍କୁଲ ପରିଚାଳନା କମିଟି ସଭ୍ୟପଦରୁ ଯୋଗେଶଙ୍କ ଇସ୍ତଫା

# ମୋ ବିରୋଧରେ ହେଉଥିବା ଅପପ୍ରଚାର ଉଦ୍ଦେଶ୍ୟ ପ୍ରଣୋଦିତ: ଯୋଗେଶ

ସୁନ୍ଦରଗଡ,୧୫।୨ (ଡି.ଏନ୍.ଏ)

କିରେଇସ୍ଥିତ ସୁନ୍ଦରଗଡ ଇଞ୍ଜିନିୟରିଂ ସ୍କୁଲ (ଆଇଟିଟି) ରୁ ୫୨ଜଣ କର୍ମଚାରୀଙ୍କ ବହିଷ୍କୃତ ଘଟଣାକୁ ନେଇ ଏବେ ଉଭୟ ପରିଚାଳନା କମିଟି ଓ ବହିଷ୍କୃତ କର୍ମଚାରୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ପରିଚାଳନା କମିଟି ସଭ୍ୟପଦରୁ ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ ଗୁରୁବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ଆଇଟିଟି ପରିଚାଳନା କମିଟିର ଅଧ୍ୟକ୍ଷଙ୍କ ନିକଟକୁ ପଠାଇ ଦେଇଛନ୍ତି। ପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଂ ପ୍ରକାଶ କରିଛନ୍ତି ଯେ, କିଛିଦିନ ଧରି କେତେକ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ସୁନ୍ଦରଗଡ ଆଇଟିଟି ସହ ସମ୍ପୃକ୍ତ କରି ଅତିରଞ୍ଜିତ ଓ କପୋଳକଳ୍ପିତ ଭାବେ ମୋ ବିରୋଧରେ ଅପପ୍ରଚାର ଚଳାଇ ଆସିଛନ୍ତି। ତାଙ୍କୁ ଅଘରିଆ ସମାଜର ବିରୋଧୀ ଭାବେ ଦର୍ଶାଇ ତାଙ୍କ ନାମରେ ନାନା କୁତ୍ସାରଟନା ବାସ୍ତବିକ ଉଦ୍‌ବେଗର ବିଷୟ ବୋଲି ପ୍ରକାଶ କରି ଏଭଳି ଅଭିଯୋଗକୁ ସେ ଦୃଢ ଭାବେ ଖଣ୍ଡନ କରିଛନ୍ତି। କେତେକ ବ୍ୟକ୍ତି ଔଷଧ ବିକଳରେ ତାଟିଆ କାମୁଡିବା ସଦୃଶ ତାଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣି ହୀନ ରାଜନୀତି କରିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, କେବେ ବି ଜାତିଭିତ୍ତିକ ରାଜନୀତିକୁ ପ୍ରଶୟ ଦେଇନାହିଁ। ସବୁ ଜାତି, ସବୁ ସମ୍ପ୍ରଦାୟକୁ ଯଥୋଚିତ ସମ୍ମାନ ଦେଇ ଆସିଛି। ଅଘରିଆମାନଙ୍କୁ ଖୁବ୍ ସମ୍ମାନ କରେ। ଏବେ ନୁହେଁ ସର୍ଗିପାଲି ଜମିଦାର ପରିବାର ତଥା ମୋର ପୂର୍ବପୁରୁଷ କେଉଁ ପୁରୁଣା ଯୁଗରୁ ଅଘରିଆ ସମ୍ପ୍ରଦାୟକୁ ସମ୍ମାନ ଓ ସମର୍ଥନ ଦେଇଆସିଛନ୍ତି। ଏପରିକି ମୋର ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଧାୟକ ସମୟରେ ପ୍ରତ୍ୟେକ ବ୍ଲକ ଓ ବିଭାଗରେ ଅଘରିଆ ବ୍ୟକ୍ତିଙ୍କୁ ମୋର ପ୍ରତିନିଧି ଭାବେ ନିୟୋଜିତ କରିଆସିଛି। ତେବେ କିରେଇ ଆଇଟିଟିର କର୍ମଚାରୀ ବହିଷ୍କୃତ ମାମଲାରେ ତାଙ୍କର କୌଣସି ହସ୍ତକ୍ଷପ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଅନୁଷ୍ଠାନର ପରିଚାଳନା କମିଟିରେ ଜଣେ ସମାଜସେବୀ ଭାବେ ସଭ୍ୟ ରହିଥିଲି। ଆଉ କର୍ମଚାରୀଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ଉପରେ ମଧ୍ୟ ଉଭୟ ପକ୍ଷକୁ ନେଇ ବାରମ୍ବାର ସମାଧାନ ପାଇଁ ଚେଷ୍ଟା କରିଛି। ଆଉ ବହିଷ୍କାର ମାମଲାରେ ତାଙ୍କ ନିର୍ଦ୍ଦେଶରେ କଦାପି ହୋଇ ନାହିଁ। ଯାହା ହୋଇଛି ପରିଚାଳନା କମିଟିର ସର୍ବସମ୍ମତି ନିଷ୍ପତ୍ତି କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବହିଷ୍କୃତ କର୍ମଚାରୀମାନେ ଏହି ବହିଷ୍କାର ଘଟଣା ପଛରେ ତାଙ୍କର ଭୂମିକା ରହିଥିବା ସନ୍ଦେହ କରୁଥିବାରୁ ସେ ପରିଚାଳନା କମିଟି ସଭ୍ୟପଦରୁ ଆନୁଷ୍ଠାନିକ ଭାବେ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି।

ଭେଷଜ ପଟେଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ମହାବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା

ହେମଗିର, ୧୫।୨ (ଡି.ଏନ.ଏ)

ପ୍ରକୃତିରାଣୀର କଳା ହୀରାର ଗନ୍ଧାଘର ସାଜିଥିବା ହେମଗିର ଗଡର ବସୁନ୍ଧରା ତୀରରେ ଅବସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ପଶ୍ଚିମ ଓଡିଶାର ପ୍ରଖ୍ୟାତ ଲୋକ କବି ତଥା ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇଥିଲେ। ଏହି ମହାବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ସତ୍‌ମାର୍ଗରେ ଶିକ୍ଷା ଆହରଣ କରି ପୂଣ୍ୟ ଉତ୍କଳ ମାଟିର ସୁନାମ ରଖିବା ସହ ଭାରତ ମାଁର ଯଶ ସମଗ୍ର ବିଶ୍ୱରେ ପ୍ରଚାରିତ କରିବା ପାଇଁ ଉପଦେଶ ଦେଇ ନିଜ କୋଶଳୀ ଭାଷା ମାଧ୍ୟମରେ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ତହସିଲଦାର ମୋହନ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦେଶ ମାତୃକାର ସେବା ପାଇଁ ଆହ୍ୱାନ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ, ଏମ୍‌ସିଏଲର ଡିଜିଏମ ପ୍ରଦୀପ କୁମାର ନାଏକ, ଏନ୍‌ଟିପିସିର ସିନିୟର ମ୍ୟାନେଜର ଅମରେଶ ରାଉଳ, ଅରିନ୍ଦମ ପଟ୍ଟନାୟକ, ସୁକାନ୍ତ ପତି, ରବିରତ୍ନ ପଟେଲ, ସୁଷମା ପଟେଲ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଶିଲ ଚୌଧୁରୀ ସମାରୋହରେ ସଭାପତିତ୍ୱ କରିଥିଲେ। ୧୯୮୨ ମସିହାରେ ହେମଗିର ବ୍ଲକରେ ଏକମାତ୍ର ମହାବିଦ୍ୟାଳୟ ସ୍ୱର୍ଗତ ଭେଷଜ ପଟେଲଙ୍କ ଆପ୍ରାଣ ଉଦ୍ୟମ ବଳରେ ଡୁଡୁକାଠାରେ ପ୍ରତିଷ୍ଠା ହୋଇପାରିଥିଲା। ଏହି ମହାବିଦ୍ୟାଳୟ ୩୬ ବର୍ଷର ଘାତ ପ୍ରତିଘାତ ଦେଇ ବିଭିନ୍ନ କ୍ଷେତ୍ରରେ ଜିଲାସ୍ତରରୁ ରାଜ୍ୟ, ଦେଶରୁ ଆନ୍ତର୍ଜାତୀୟ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି ବୋଲି ଅଧ୍ୟକ୍ଷ ଚୌଧୁରୀ ସୂଚନା ଦେଇଥିଲେ। ଏହି ଅବସରରେ ବସୁଧା ନାମକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମିନତୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ଉଦିତ କୁମାର ପଟେଲ, ପ୍ରମୋଦ ପଣ୍ଡା, ଜୀବର୍ଦ୍ଧନ ପଟେଲ, ପରମେଶ୍ୱର ନାଏକ ତଥା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ବିଭୂତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଭେଷଜ ପଟେଲ କଲେଜର ବାର୍ଷିକ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ ଉଦ୍‌ବୋଧନ ଦେଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ଫେବୃୟାରୀ, ୨୦୧୯



ଯେଉଁମାନେ କମ୍ କାମ କରନ୍ତି, ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବଣାଇଁ ଆସନ ସିପିଏମ୍‌କୁ ଛାଡିବାକୁ କଂଗ୍ରେସ ନେତାଙ୍କ ପ୍ରସ୍ତାବ

**ରାଉରକେଲା ଅଫିସ,୧୫।୨**

ସୁନ୍ଦରଗଡ ତଥା ରାଉରକେଲା ନିର୍ବାଚନ ମଣ୍ଡଳୀର ରାଜନୈତିକ ପରିସ୍ଥିତି ଦୃଷ୍ଟିରୁ ଯଦି କଂଗ୍ରେସ ସିପିଏମ ସହ ମେଣ୍ଟ କରେ ତେବେ ବଣାଇଁ ନିର୍ବାଚନ ମଣ୍ଡଳୀକୁ ସିପିଏମକୁ ଛାଡି ଦେବାକୁ ବରିଷ୍ଠ କଂଗ୍ରେସ ନେତା ପ୍ରଭାତ ମହାପାତ୍ର ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏ ନେଇ ମହାପାତ୍ର ଏକ ବିବୃତିରେ ପ୍ରକାଶ କରିଛନ୍ତି ଯେ, ଯଦି ଏହା ସମ୍ଭବ ହୁଏ ତେବେ ଏହା ଦଳ ପାଇଁ ଶୁଭଙ୍କର ହେବ। ଏ ଦିଗରେ ହାଇକମାଣ୍ଡ ବିଚାର କରିବାକୁ ମହାପାତ୍ର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି, ମହମବତି ଶୋଭାଯାତ୍ରା

ରାଉରକେଲା ଅଫିସ,୧୫।୨- ପୁଲୱାମଠାରେ ଜୈସୀ ମହମ୍ମଦ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ପ୍ରତି ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦେଶ ପାଇଁ ଯବାନଙ୍କ ଆତ୍ମବଳି ସମଗ୍ର ଦେଶବାସୀଙ୍କୁ ସ୍ତବ୍ଧ କରି କରିଦେଇଛି। ଏଭଳି କାପୁରୁଷ ପଣିଆ ଓ ଅମାନୁଷିକ ଆକ୍ରମଣକୁ ଭାଜପା ଦୃଢ ନିନ୍ଦା କରିଛି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ପାର୍ଟିର ଜିଲା କର୍ମକର୍ତ୍ତା ଏଭଳି ବର୍ବୋରଚିତ ଆକ୍ରମଣର କଡା ଜବାବ ସପକ୍ଷରେ ମତ ରଖିଛନ୍ତି। ଏନେଇ ଉଚିତ ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏଭଳି ଘଡିସନ୍ଧି ସମୟରେ ଦେଶର ଏକତା, ଅଖଣ୍ଡତା ନେଇ ଦେଶବାସୀ ଐକ୍ୟବଦ୍ଧ ହେବାକୁ ଏଥିରେ ଆହ୍ୱାନ ଦିଆଯାଇଛି। ଦଳ ପକ୍ଷରୁ ଶହୀଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ବିଶ୍ରା ଛକରେ ଏକ ନିରବ ମହମବତୀ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

### ଲୁଆବାହାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ସୁନ୍ଦରଗଡ, ୧୫।୨ (ଡି.ଏନ୍.ଏ) ହେମଗିର ବ୍ଲକ ଅନ୍ତର୍ଗତ ଲୁଆବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଡିଲେଶ୍ୱର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅବସରପ୍ରାପ୍ତ ଶିକ୍ଷକ ନେତ୍ରମଣି ପଟେଲ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ସୁଷମା ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀ ଛାତ୍ରଙ୍କୁ ସତ ଚରିତ୍ରବାନ୍ ହେବା ସହିତ ବିଦ୍ୟାଳୟର ଗୌରବ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ନମିତା ନାଏକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଲିନା ନାୟକ, ରଶ୍ମିତା ସହସିଆ ସୁମିତ ଠାକୁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

### ଗୁଜରାଟରେ ଅଟକ ଶ୍ରମିକଙ୍କୁ ଫେରାଇ ଆଣିବାକୁ ଶ୍ରମ ବିଭାଗର ଦୃଷ୍ଟି ଆକର୍ଷଣ

# ୨୦ ହଜାର ଦେଇ ମୁକୁଳିଲେ ୫ ଶ୍ରମିକ, ୬ ଅଟକ

**ରାଉରକେଲା ଅଫିସ, ୧୫। ୨**

ଗତ ୨୨ଜାନୁଆରୀରେ ମଧ୍ୟସ୍ଥ ହାବୁଡରେ ପଡି କାମ କରିବାକୁ ଗୁଜରାଟ ଯାଇଥିବା ବିଶ୍ରା ଅଞ୍ଚଳର ୧୧ ଶ୍ରମିକଙ୍କ ମଧ୍ୟରୁ ୫ ଜଣ ମୁକୁଳିଛନ୍ତି। ପରିବାର ଲୋକେ ସେଠାରେ ପହଞ୍ଚି ଭାତିଆ ବାବଦକୁ ୨୦ ହଜାର ଭରଣା କରିବା ପରେ ଏମାନଙ୍କୁ ଛଡା ଯାଇଛି। ବାକି ୬ ଶ୍ରମିକ ଏବେ ବି ସେଠାରେ ଅଟକ ଅଛନ୍ତି। ଏନେଇ ଶୁକ୍ରବାର ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଶ୍ରମିକ ନେତା ଦିଗମ୍ବର ମହାନ୍ତି କହିଛନ୍ତି ଯେ, ବିଶ୍ରା ଥାନା ଅନ୍ତର୍ଗତ ଠେଠେଇପୋଷ ଗାଁର ନିତ୍ୟାନନ୍ଦ ତନ୍ତି(୧୯), ବାସୁଦେବ ତନ୍ତି(୨୪), ଦୁର୍ଗାଚରଣ ମୁଣ୍ଡାରୀ(୨୬), ଜଲଦା ସି ବ୍ଲକ ଅଞ୍ଚଳର ଦାୟଲ ମୁଣ୍ଡା(୨୬), ବିଶ୍ରା ଅଞ୍ଚଳର ମନୋହର ତିର୍କୀ(୩୦), ଅଜୁବା ଖାଲକୋ(୨୦), ଦିନେଶ ଏକ୍କା(୨୬), ଶିଶିର ଏକ୍କା(୨୪), ନିରନ୍ତର ଏକ୍କା(୨୫), ଅରୁଣ ବାଡା(୨୦), ଜୁଦାର୍ଶ ମିଞ୍ଜ(୨୬)ଙ୍କୁ ସମ୍ପୃକ୍ତ ମଧ୍ୟସ୍ଥ ମାସିକ ୧୧ ହଜାର ଟଙ୍କାରେ କାମ ଦେବାକୁ କହି ଗୁଜରାଟ ନେଇଥିଲେ। ସେଠାରେ ଥିବା ଏକ ଟାଇଲ କାରଖାନାରେ ୮ଘଣ୍ଟା ପରିବର୍ତ୍ତେ ଏମାନଙ୍କୁ ୧୨ଘଣ୍ଟା ପର୍ଯ୍ୟନ୍ତ ଖଟା ଯାଉଥିଲା। ସମସ୍ତଙ୍କ ମୋବାଇଲକୁ ଛଡାଇ ନେଇଥିଲା ମଧ୍ୟସ୍ଥ। ସେଠାରେ ପୂର୍ବରୁ ଦେବଗଡ ଓ ମୟୁରଭଞ୍ଜ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲେ। ଦୀର୍ଘ ୮ ମାସ ଧରି କାମ କରୁଥିବା ଏହି ଶ୍ରମିକଙ୍କୁ ଆଦୌ ପାଉଣା ଦିଆଯାଉ ନ ଥିଲା ବୋଲି ଫେରିଥିବା ଶ୍ରମିକ ପ୍ରକାଶ କରିଛନ୍ତି। କେବଳ ଖାଇବା ବ୍ୟବସ୍ଥା କରାଯାଇଥିଲା। ଏହା ପେଟକୁ ଅଣ୍ଟୁ ନ ଥିଲା ବୋଲି ସୂଚନା ଦେଇଛନ୍ତି ନିର୍ଯ୍ୟାତିତ ଶ୍ରମିକ। ରାଉରକେଲାର ଦୁଇ ଜଣ ମଧ୍ୟସ୍ଥଙ୍କ ହାତରେ ସମସ୍ତ ଟଙ୍କା ପଇସା, ମୋବାଇଲ ରଖାଯାଉଛି। କେହି ପରିବାର ସହ ଯୋଗାଯୋଗ କରିବାକୁ ଚାହିଁଲେ ତାକୁ ନିର୍ଯାତନା ଦିଆଯାଉଛି ବୋଲି ସେଠୁ ଫେରିଥିବା ଶ୍ରମିକ ସୂଚନା ଦେଇଛନ୍ତି। ଦିନେଶ ଏକ୍କା ନାମକ ଶ୍ରମିକ କୌଶଳକ୍ରମେ ରାଉରକେଲାରେ ଥିବା ତାଙ୍କ ମା'ଙ୍କୁ ଏନେଇ ସୂଚନା ଦେଇଥିଲେ। ପରେ ତାଙ୍କ ସମ୍ପର୍କୀୟ ସେଠାକୁ ଯାଇ ଉକ୍ତ ଯୁବକଙ୍କୁ ଫେରାଇ ଆଣିବାକୁ ଦାବି କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶେଷରେ ୧୫ ଦିନର ଭାତିଆ ବାବଦକୁ ୨୦ ହଜାର ଦେବା ପରେ ମଧ୍ୟସ୍ଥ ଦିନେଶ ଏକ୍କା, ଶିଶିର ଏକ୍କା, ନିରନ୍ତର ଏକ୍କା, ଅରୁଣ ବାଡା ଓ ଜୁଦାଶ ମିଞ୍ଜଙ୍କୁ ମୁକୁଳାଇ ରାଉରକେଲା ଫେରିଛନ୍ତି। ଅନ୍ୟ ୬ଜଣ ଗୁଜରାଟରେ ଅଟକ ରହିଛନ୍ତି। ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ନିରିହ ଯୁବକ ଗୁଜରାଟରୁ ମୁକୁଳି ପାରିବେ ବୋଲି ଶ୍ରମିକ ନେତା ମହାନ୍ତି ପ୍ରକାଶ କରିଛନ୍ତି। ଏନେଇ ତାଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଉଦ୍ଧାର ଶ୍ରମିକ ଶୁକ୍ରବାର ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।




ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

## ବାର୍ଷିକ ପୁରସ୍କାର ବିତରଣି ଉତ୍ସବ

**ବିଶ୍ରା, ୧୫।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ଉଡୁଷୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ମାହାନ୍ତଙ୍କ ଅଧକ୍ଷତାରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଥମେ ଅତିଥି ପରିଚୟ ଦେଇ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ଅବସରରେ ମୁଖ୍ୟବକ୍ତା ଭାବେ ଏବିଇଓ ପ୍ରଦୀପ କୁମାର ରଥ, ମୁଖ୍ୟଅତିଥି ଭାବେ ଏବିଇଓ ପ୍ରଶାନ୍ତ ବେହେରା, ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରୋହିତେଶ ମାହାନ୍ତ, ଉଡୁଷୁ ପଞ୍ଚାୟତ ସରପଞ୍ଚ ଆନନ୍ଦ ଏକ୍କା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ା ତଥା ଖେଳ ପ୍ରତିଯୋଗୀତା ବିଷୟରେ ବିଭିନ୍ନ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ରା ବ୍ଲକର ବିଭିନ୍ନ କ୍ଲଷ୍ଟରର ସିଆରସିସି ତଥା ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ଖେଳ ପ୍ରତିଯୋଗିତାରେ ଉପକୃତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ରାଜ୍ୟ ସରକାରଙ୍କ ବିରୋଧରେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗ

# କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ବାଧା ସୃଷ୍ଟି କରାଯାଉଛି

**ରାଉରକେଲା ଅଫିସ,୧୫। ୨**

ଦେଶବାସୀଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁ ଯୋଜନା କରିଛନ୍ତି। ସାମାଜିକ ସମୃଦ୍ଧି କ୍ଷେତ୍ରରେ କିପରି ବୈପ୍ଳବିକ ପରିବର୍ତ୍ତନ ଆସିବ ସେନେଇ ନିରନ୍ତର ପ୍ରୟାସ ଜାରି ରହିଛି। ଓଡିଶାରେ କେନ୍ଦ୍ରୀୟ ଯୋଜନା ଲାଗୁ କରିବାରେ ବାଧା ଦିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ରାମକ୍ରିପାଲ ଯାଦବ ଅଭିଯୋଗ କରିଥିଲେ। ସେକ୍ଟର-୫ ଭଞ୍ଜଭବନଠାରେ ଗୁରୁବାର ଅପରାହ୍ନରେ ଆୟୋଜିତ ସଂକଳ୍ପ ପତ୍ର ଜାରି କାର୍ଯ୍ୟକ୍ରମରେ ଯୋଗଦେଇ ଯାଦବ ଏଭଳି କହିଥିଲେ। ଆୟୁଷ୍ମାନ ଭାରତ ଯୋଜନାକୁ ଏଠାରେ ଲାଗୁ କରାଇ ଦିଆଯାଉନାହିଁ। ମୋଦି ସରକାରଙ୍କ ବିକାଶ ଯୋଜନା ଲାଗୁ କରାଯାଇ ଥିଲେ ଓଡିଶାର ସାମଗ୍ରିକ ଚିତ୍ର ବଦଳି ଯାଇଥାନ୍ତା ବୋଲି ଯାଦବ କହିଥିଲେ। ଏଣୁ ଓଡିଶା ପଛରେ ପଡିଛି। ଶ୍ରମିକ ହୁଅନ୍ତୁ କି କୃଷକ ସମସ୍ତଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। କୃଷକଙ୍କ ପାଇଁ ୬ ହଜାର ସହାୟତା ରାଶି ଘୋଷଣା କରାଯାଇଥିବା ବେଳେ ଅସଙ୍ଗଠିତ ଶ୍ରମିକଙ୍କ ପେନସନ ବାବଦକୁ ୩ ହଜାର ପ୍ରଦାନ କରିବାକୁ ଅର୍ଥ ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା କୃଷକ ଓ ଶ୍ରମିକ ଉପକୃତ ହୋଇପାରିବେ। ଏକ ଦୁର୍ନୀତିମୁକ୍ତ ସରକାର ଦେବାରେ ଭାଜପା ସକ୍ଷମ ହୋଇଛି। ବିରୋଧି ଏନେଇ ଆଙ୍ଗୁଳି ଟେକି ପାରିବେନି। ଦେଶକୁ ବିଶ୍ୱର ଏକ ନମ୍ବର କରିବାକୁ ନରେନ୍ଦ୍ର ମୋଦି ସରକାର ସଂକଳ୍ପ ନେଇଛନ୍ତି। ଦେଶର ୧କୋଟି ୩୦ଲକ୍ଷ ଗରିବ ଲୋକଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇଛି। ସ୍ୱଚ୍ଛ ଭାରତ ଯୋଜନାରେ ସାଧାରଣ ଲୋକଙ୍କ ଶୌଚାଳୟ ନିର୍ମାଣ ସରକାରଙ୍କ ଏକ ବଡ ସଫଳତା। ଏପରି ଅବସ୍ଥାରେ ମୋଦିଙ୍କୁ ସମାଲୋଚନା କରୁଥିବା ବିରୋଧି ଆତ୍ମ ସମୀକ୍ଷା କରିବା ଉଚିତ ବୋଲି ଯାଦବ କହିଥିଲେ। ଚକ୍ରାନ୍ତକାରୀ କେବେ ସଫଳ ହେବେ ନାହିଁ। ଭାଜପା ପୂର୍ବାପେକ୍ଷା ଅଧିକ ଆସନ ଜିଣି ପୂନର୍ବାର କ୍ଷମତାକୁ ଆସିବ। ଏନେଇ ଦେଶବାସୀ ବେଶ ସଚେତନ ବୋଲି ସେ କହିଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଭାରତ କେ ମନ କି ବାତ ସମ୍ପର୍କରେ ଆଲୋଚନା କରି କହିଥିଲେ, ଏପରି ସଂକଳ୍ପ ପତ୍ର ଦେଶବାସୀଙ୍କ ମନରେ ଆଶା ସଞ୍ଚାର କରିଛି। ଓଡିଶାର ସମସ୍ତ ଲୋକସଭା ଓ ବିଧାନସଭା କ୍ଷେତ୍ରରେ ଲୋକମତ ସଂଗ୍ରହ କରାଯିବ। ଏଥିରେ ଲୋକଙ୍କ ମନର କଥା ରହିବ। ଲୋକମତକୁ ଗୁରୁତ୍ୱ ଦିଆଯିବ। ଏନେଇ ଜାରି କରାଯାଇଥିବା ୱେବସାଇଟ ଓ ଟୋଲ ଫ୍ରି ନମ୍ବର ମାଧ୍ୟମରେ ମତାମତ ଦେବାକୁ ଓରାମ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖପାତ୍ର ଭଗବାନ ରାଉତ ପରିଚାଳନା କରିଥିବା ବେଳେ ଜିଲା ସଭାପତି ଜଗବନ୍ଧୁ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଦଳର ବରିଷ୍ଠ ନେତା କିଶୁନ ସାହୁ, ଭାଜପା ରାଜ୍ୟ ସମ୍ପାଦକ ଧିରେନ ସେନାପତି, ନିହାର ରାୟ, ରଘୁବଳ, ପ୍ରମିଳା ଦାସ, ଲତିକା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ ଯାଦବ ସଂକଳ୍ପ ରଥର ଶୁଭାରମ୍ଭ କରିଥିଲେ। ଏହା ସୁନ୍ଦରଗଡ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀ ପରିକ୍ରମା କରି ଜନମତ ସଂଗ୍ରହ କରିବ ବୋଲି ଏଥିରେ କୁହାଯାଇ ଥିଲା।



ଭଞ୍ଜଭବନଠାରେ ସଂକଳ୍ପ ପତ୍ର ଜାରି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ।

# ବିରଜା କ୍ଷେତ୍ର ସଂଘ ପକ୍ଷରୁ ଅଭିମନ୍ୟୁ ସାମନ୍ତସିଂହାର ଜୟନ୍ତୀ

**ରାଉରକେଲା ଅଫିସ,୧୫।୨**

ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ବିରଜା କ୍ଷେତ୍ର ସଂଘ ପକ୍ଷରୁ କବି ଅଭିମନ୍ୟୁ ସାମାନ୍ତସିଂହାରଙ୍କ ଜୟନ୍ତୀ ସେକ୍ଟର-୭ ସିୟର ଭବନଠାରେ ପାଳିତ ହୋଇ ଯାଇଛି। ସଂଘ ସଭାପତି ଅଭୟ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ହୁସେନ ରବି ଗାନ୍ଧି ଯୋଗଦେଇ ସାମନ୍ତସିଂହାରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏଭଳି ଜୟନ୍ତୀ ପାଳନ ଦ୍ୱାରା ସାମନ୍ତସିଂହାରଙ୍କ ରଚନା କୃତୀ ଉଜ୍ଜିବୀତ ହୋଇ ରହିବ ବୋଲି ଗାନ୍ଧି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଇସ୍ପାତ କଲେଜର ପୂର୍ବତନ ପ୍ରାଧ୍ୟାପକ ଡଃ ଅଶ୍ୱିନୀ ରାୟ କହିଥିଲେ, ସାମନ୍ତସିଂହାରଙ୍କ ରଚିତ ଭକ୍ତି ପୁସ୍ତକ ବେଶ ଉଚ୍ଚକୋଟିର। କବିଙ୍କ କାଳଜୟୀ ରଚନା ତାଙ୍କୁ ଚିର ଜାଜ୍ଜୁଲ୍ୟମାନ କରି ରଖିବ ବୋଲି ରାୟ ଏଥିରେ ମତ ପ୍ରକାଶ କରିଥିଲେ। ସଂଘ ଉପଦେଷ୍ଟା ଚିତ୍ତରଞ୍ଜନ ଦାସ, ବୈଦ୍ୟନାଥ ଦାସ ପ୍ରମୁଖ କବିଙ୍କ ଲୋକଗୀତ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ଏହି ଅବସରରେ କବୟିତ୍ରୀ ଉର୍ବଶୀ ଦାସପତିଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକକୁ ମଞ୍ଚାସୀନ ଅତିଥି ଉନ୍ମୋଚନ କରିଥିଲେ। ଏଥିରେ ଦେବକାନ୍ତ ଧଳ, ଅକ୍ଷୟ ଧଳ, ମନୋରଞ୍ଜନ ସାମଲ, ଅନିରୁଦ୍ଧ ସାମଲ, ନବଘନ ସାମଲ, ଅନୁପ ସାମଲ, ଅକ୍ଷୟ ଜେନା, ପ୍ରତାପ ରାୟ, ବୈକୁଣ୍ଠ ଦ୍ୱିବେଦୀ, ନିରୋଦ ସାମଲ ଓ ଅଞ୍ଜଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କବୟିତ୍ରୀ ଉର୍ବଶୀ ଦାସପତିଙ୍କ ଦ୍ୱାରା ରଚିତ ପୁସ୍ତକକୁ ମଞ୍ଚାସୀନ ଅତିଥି ଉନ୍ମୋଚନ କରୁଛନ୍ତି।

### ଆତଙ୍କବାଦୀ ଆକ୍ରମଣ ନେଇ ବଜରଙ୍ଗ ଦଳର ଉଦ୍‌ବେଗ

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ରାଉରକେଲା ଅଫିସ,୧୫। ୨**

ଗତ ୧୪ରେ ଜମ୍ମୁ କଶ୍ମିରର ପୁଲୱାମା ଜିଲାର ଅବନ୍ତୀପୁର ଠାରେ ପାକିସ୍ଥାନ ଆତଙ୍କବାଦୀ ଭାରତୀୟ ସେନା ଉପରେ ଅତର୍କିତ ଆକ୍ରମଣ କରି ୪୦ରୁ ଊର୍ଦ୍ଧ୍ୱ ସୈନିକଙ୍କ ଜୀବନ ନେବା ଘଟଣାକୁ ଯେତେ ନିନ୍ଦା କଲେ କମ ପଡିବ ବୋଲି ରାଉରକେଲା ବଜରଙ୍ଗ ଦଳ ପ୍ରକାଶ କରିଛି। ଦେଶ ପାଇଁ ଏହି ସୈନିକଙ୍କ ବଳିଦାନ କେବେ ଅକାରଣ ଯିବ ନାହିଁ। ଠିକଣା ସମୟରେ ଉଚିତ ଜବାବ ଦିଆଯିବ ବୋଲି ଦଳର କର୍ମକର୍ତ୍ତା କହିଛନ୍ତି। ପାକିସ୍ଥାନ ପ୍ରାୟୋଜିତ ଆତଙ୍କବାଦୀ ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ କରିବା ଘଟଣାରେ ଦେଶ କଡା ଆଭିମୂଖ୍ୟ ଆପଣାଇବା ଉଚିତ। ଘର ପରିବାର ଛାଡି ଦେଶ ମାତୃକାର ସେବା ପାଇଁ ଯାଇଥିବା ଯବାନଙ୍କୁ ସରକାର ନ୍ୟାୟ ଦିଅନ୍ତୁ ବୋଲି କହିଥିଲେ ଦଳର କର୍ମକର୍ତ୍ତା। ଏଭଳି ନାରକୀୟ କାଣ୍ଡରେ ସମ୍ପୃକ୍ତ ଆତଙ୍କବାଦୀ ପାକିସ୍ଥାନରେ ଲୁଚି ରହିବା ଅତି ଲଜ୍ୟାଜନକ ଘଟଣା। ଏମାନଙ୍କୁ ସରକାର ଠାବ କରିବା ସହ ଯେସାକୁ ତେସା ନୀତି ଆପଣାଇବା ଉଚିତ ବୋଲି ଏଥିରେ କୁହାଯାଇଥିଲା। ଏହି ଅବସରରେ ପାକିସ୍ଥାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ କୁଶପୁତ୍ତଳିକା ଓ ପାକିସ୍ଥାନୀ ଝଣ୍ଡା ପୋଡିଥିଲେ ଦଳର ସମର୍ଥକ। ମୃତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଆହତଙ୍କ ଆଶୁ ଆରୋଗ୍ୟ ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରାଉରକେଲା ଏଡିଏମଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପଶ୍ଚିମପ୍ରାନ୍ତ ଗୋ ରକ୍ଷା ପ୍ରମୁଖ ରାଜୁ ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




ରାଉରକେଲା ବଜରଙ୍ଗ ଦଳ କର୍ମକର୍ତ୍ତା ଦାବିପତ୍ର ଦେବାକୁ ଯାଉଛନ୍ତି।

### ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ମଣିଷକୁ ନୈତିକତା ଆପଣାଇବାକୁ ପଡିବ

**ରାଉରକେଲା ଅଫିସ, ୧୫। ୨**

ଜଲଦା ନିକଟସ୍ଥ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଏହାର ୩୩ତମ ବାର୍ଷିକ ଉତ୍ସବ ଗୁରୁବାର କଲେଜ ଅଧକ୍ଷା ସୌଦାମିନୀ ଭୂୟାଁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସମ୍ମାନିତ ଅତିଥି ଭାବେ ଡଃ ଅକ୍ଷୟ ସାମଲ ଓ ଛାତ୍ରୀ ପ୍ରତିନିଧି ଗଙ୍ଗା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ତରାଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ, ଜୀବନରେ ସଫଳ ମଣିଷ ହେବାକୁ ହେଲେ ନୈତିକତାକୁ ଆପଣାଇବାକୁ ପଡିବ। ଏକ ଶୃଙ୍ଖଳିତ ସମାଜ ପାଇଁ ତ୍ୟାଗୀ ମଣିଷର ଆବଶ୍ୟକତା ରହିଛି। ସ୍ୱୀକୀୟ ପ୍ରତିଭା ଓ ଦକ୍ଷତା ବଳରେ ଆମେ ସବୁ କ୍ଷେତ୍ରରେ ସଫଳ ହୋଇପାରିବା। ଏକ ସୁରକ୍ଷିତ ସମାଜ ପାଇଁ ପ୍ରତ୍ୟେକ ନାଗରିକଙ୍କ ଗୁରୁଦାୟିତ୍ୱ ରହିଛି। ଏଥିରୁ ଆମେ କେବେ ପଛଘୁଞ୍ଚା ଦେବା ଉଚିତ ବୁହେଁ ବୋଲି ତରାଇ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଡଃ ସାମଲ କହିଥିଲେ, ଉପଯୁକ୍ତ ଶିକ୍ଷା ହିଁ ସାମର୍ଥ୍ୟକୁ ଦ୍ୱିଗୁଣିତ କରିଥାଏ। ଏ ଦିଗରେ ଛାତ୍ରୀମାନେ ସଚେତନ ହେବା ଆବଶ୍ୟକ। ପାଠପଢା ସହ ଏକ ସୁସ୍ଥ ସମାଜ ଗଠନରେ ବ୍ରତୀ ହେଲେ ଜୀବନ ସଫଳ ହୋଇଥାଏ ବୋଲି ସାମଲ କହିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ନିକିତା ସାମଲ ଓ ଶିବାନୀ ନାୟକ ସଂଯୋଜନା କରିଥିଲେ। ଅଧକ୍ଷା ସୌଦାମିନୀ ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ କଲେଜ ଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିରେ ସଫଳ ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ଏଥିରେ ଅଧ୍ୟାପିକା ରଞ୍ଜୁ ପେଟେଲ, ନନ୍ଦିତା ମହାନ୍ତି, ମୀନା ମହାନ୍ତ ଓ ଇତିଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀ ଶ୍ରଦ୍ଧା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।




ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଧନୁଯାତ୍ରା: ଷୋହଳ କୁଞ୍ଜରେ ଶ୍ରୀକୃଷ୍ଣ

**ଅମ୍ବାଭୋନା, ୧୫।୨ (ଡି.ଏନ.ଏ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲେଲେହର-ଚଣ୍ଡିପାଲି ଧନୁଯାତ୍ରାର ଷଷ୍ଠ ରଜନୀରେ ମଥୁରାନଗରୀରେ କଂସର ଦିଗବିଜୟ, ଗୋପପୁରରେ ଷୋହଳ କୁଞ୍ଜରେ ଶ୍ରୀକୃଷ୍ଣ, କୃଷ୍ଣ ବଳରାମଙ୍କ ମଥୁରା ପ୍ରବେଶ ଦୃଶ୍ୟ ଅଭିନୀତ ହୋଇଥିଲା । କଂସ ଦରବାରରେ ଲଖନପୁର ୱାଇଲ୍ଡ ଲାଇଫ ରେଞ୍ଜର ଅଭିରାମ ପାତ୍ର ରାଜଅତିଥି ଭାବେ ଯୋଗ ଦେଇଥିଲେ। କଂସ ମହାରାଜଙ୍କ ନିର୍ଦ୍ଦେଶରେ ରାଜଦରବାରରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ । କଳାକାରମାନଙ୍କୁ ଧନୁଯାତ୍ରା କମିଟିର ସଭାପତି ହୀରାଧର ସାହୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

### ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ ଧାରଣା ଜାରି

**ବରଗଡ଼ ଅଫିସ୍,୧୫।୨:** ବିଭିନ୍ନ ଦାବି ନେଇ ବରଗଡ଼ ଜିଲା ବିଏସଏନଏଲ୍ ଠିକା କର୍ମଚାରୀମାନେ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିବସରେ ପହଞ୍ଚିଛି । ୪ ମାସର ବକେୟା ଦରମା ପ୍ରଦାନ, ୫ ମାସର ଇପିଏଫ, ଇଏସଆଇ ପ୍ରଦାନ ଆଦି ଦାବି ନେଇ ସେମାନେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ଦାବି ସେମାନେ ବାରମ୍ବାର ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା କର୍ମଚାରୀମାନେ କହିଛନ୍ତି । ଫଳରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ଦାବି ସମୂହ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

# ଭୂମି ଅଧିକାର ଦାବିରେ ବିକ୍ଷୋଭ

ବରଗଡ଼ ଅଫିସ୍,୧୫।୨

ଭୂମି ଅଧିକାର ପ୍ରଦାନ ଦାବି ନେଇ ବରଗଡ଼ରେ ଆନ୍ଦୋଳନ ଜୋର୍ ଧରିଛି । ସ୍ଥାନୀୟ ଭୂମିହୀନମାନେ ସଙ୍ଗଠିତ ହୋଇ ଆନ୍ଦୋଳନକୁ ବ୍ୟାପକ କରିବାରେ ଲାଗି ପଡ଼ିଛନ୍ତି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର ଆହ୍ୱାନରେ ଅଞ୍ଚଳର ବହୁସଂଖ୍ୟକ ଭୂମିହୀନ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସାଧବୀ ଦେହୁରୀଆଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ବରଗଡ଼ ସହର ସମେତ ତୋରା, ସରସରା, ବରଡ଼ୋଲ, ଖୁଣ୍ଟପାଲି ଆଦି ପଞ୍ଚାୟତର ଭୂମିହୀନ ଲୋକେ ସପରିବାର ସ୍ଥାନୀୟ ଲମ୍ବା ବିଲ୍ଡିଂ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳ ଅଫିସ ଅଭିମୁଖେ ଆସିଥିଲେ । ସେମାନେ ହାତରେ ପ୍ଲାକାର୍ଡ଼ ଧରି ଭୂମି ଅଧିକାର ପ୍ରଦାନ ଦାବି ନେଇ ନାରାବାଜି କରିଥିଲେ। ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ଭୂମିହୀନ ପରିବାର ଲୋକେ ସେଠାରେ ଧାରଣାରେ ବସିଥିଲେ । ଏହାସହିତ ସେଠାରେ ରିଲେ ଅନଶନ ଚଳାଇଥିବା ତୋରା ଟିନିକଳର ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ସମର୍ଥନ ଜଣାଇଥିଲେ।




ଜିଲାପାଳ ଅଫିସ ଆଗରେ ଭୂମିହୀନଙ୍କ ଧାରଣା, ବିକ୍ଷୋଭ ସମାବେଶ ଚାଲିଛି ।

ଧାରଣାସ୍ଥଳରେ ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର ଭବାନୀ ପ୍ରସାଦ ସାହୁ, ରମେଶ ମହାପାତ୍ର, ହର ବଣିଆଁ, ବାସନ୍ତୀ ବନଛୋର, ମାରିୟନ ବାର୍ଲା, ଅମିତାଭ ପାତ୍ର, ଏମଡ଼ି ଅସଲମ, ସୁରେଖା ଭୋଇ, ଯଶୋବନ୍ତୀ ପୋଡ଼, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ ସରକାରଙ୍କ ଜାଗା ମିଶନ ଏବଂ କେନ୍ଦ୍ର ସରକାରଙ୍କ ଭୂମି ଅଧିକାର ଘୋଷଣାକୁ ସେମାନେ କଡ଼ା ସମାଲୋଚନା କରିଥିଲେ। ପରେ ସେଠାକୁ ଡେପୁଟି କଲେକ୍ଟର ଦେହୁରୀଆ ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିଥିଲେ । ପ୍ରତ୍ୟେକ କାର୍ଯ୍ୟରେ ଜମି ପଟ୍ଟା ଭଳି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଦରକାର ପଡୁଥିବାବେଳେ ଏପର୍ଯ୍ୟନ୍ତ ସେମାନଙ୍କୁ ତାହା ମିଳିପାରିନାହିଁ। ସେଥିପାଇଁ ସ୍ଥାୟୀ ପରିଚୟରୁ ବଞ୍ଚିତ କରାଯିବା ସ୍ୱାଧୀନ ଭାରତରେ ସେମାନଙ୍କ ପାଇଁ ଉପହାସ ସଦୃଶ ବୋଲି ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ନିକଟ ଭବିଷ୍ୟତରେ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଜାଗା ମିଶନ ନାମରେ ଅଳ୍ପ କିଛି ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରିବା ଏବଂ ଠିକ୍ ଭାବେ ସର୍ଭେ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇବା ଘୋଷଣା ଲୋକଙ୍କୁ ଭୂଆଁ ବୁଲାଇବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ କହିଥିଲେ ଏବଂ ଜାଗା ମିଶନ ଘୋଷଣାନାମାକୁ ପୋଡ଼ିଥିଲେ । ଭୂମିହୀନଙ୍କୁ ଚିହ୍ନଟ କରି ତୁରନ୍ତ ଜମିପଟ୍ଟା ପ୍ରଦାନ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

**ବରଗଡ଼ ଜିଲା**
- ଜିଲାପାଳ ଅଫିସ ଆଗରେ ଧାରଣା, ବିକ୍ଷୋଭ
- କେନ୍ଦ୍ର, ରାଜ୍ୟ ସରକାର ଉପରେ ବିକ୍ଷୋଦ୍‌ଗାର
- ଘୋଷଣାନାମାକୁ ପୋଡ଼ି ପ୍ରତିବାଦ ଜଣାଇଲେ

ଶିକ୍ଷକଙ୍କ ଛାତ୍ରୀମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ଘଟଣା

# ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

**ରାଜଗାଙ୍ଗପୁର**
- ଅଭିଭାବକ ମହଲରେ ଅସନ୍ତୋଷ
- ଜିଲା ଶିକ୍ଷା ଅଧିକାରୀ କହିଲେ ଜାଣିନାହିଁ

ସୁନ୍ଦରଗଡ, ୧୫।୨ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଲାଇଙ୍ଗସ୍ଥିତ ଏକ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ଛାତ୍ରୀମାନଙ୍କ ପ୍ରତି ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଛାତ୍ରୀମାନଙ୍କ ପକ୍ଷରୁ ଶିକ୍ଷକଙ୍କର ଏଭଳି ବ୍ୟବହାର ସମ୍ପର୍କରେ ପ୍ରଥମେ ଗତ ୧ ତାରିଖରେ ପ୍ରଧାନ ଶିକ୍ଷୟିତ୍ରୀ ଓ ପରେ ବିଦ୍ୟାଳୟ ଶିକ୍ଷା କମିଟି ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ସମ୍ପର୍କରେ ବିଦ୍ୟାଳୟ ଶିକ୍ଷା କମିଟିର ତଦନ୍ତ ଓ ଛାତ୍ରୀମାନଙ୍କ ଅଭିଯୋଗ ସମ୍ପର୍କରେ ଗତ ୪ ତାରିଖରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଧିବଦ୍ଧ ଭାବେ ଇମେଲ ଜରିଆରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ। ଏହା ପରେ ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ ଓ ରାଣୀବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱରାଜ ରାଉତରାୟ ଉକ୍ତ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରି ଛାତ୍ରୀମାନଙ୍କ ଅଭିଯୋଗ ଓ ବୟାନ ରେକର୍ଡ କରି ଫେରିଥିଲେ। ଅଦ୍ୟାବଧି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଜିଲା ଶିକ୍ଷା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଛାତ୍ରୀମାନଙ୍କ ଅଭିଯୋଗ ଉପରେ କୌଣସି ସମାଧାନ ନ ହେଲା ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ସେହି ଶ୍ରେଣୀରେ କ୍ଲାସ ନେବାକୁ ବାରଣ କରିବାକୁ ବିଦ୍ୟାଳୟ ଶିକ୍ଷା କମିଟି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ଫଳରେ ଏହି ଘଟଣାକୁ ନେଇ ବିଦ୍ୟାଳୟରେ ପାଠପଢାରେ ବାଧା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କୁ ପଚାରିବାରେ ଏ ବାବଦରେ କିଛି ଜାଣି ନାହିଁ। ଅଫିସ ଗସ୍ତରେ ବ୍ୟସ୍ତ ଥିବାରୁ ଫାଇଲ ଦେଖି ପରେ କହିପାରିବି ବୋଲି କହିଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ବିଦ୍ୟାଳୟରେ ସୁସ୍ଥ ଶୈକ୍ଷିକ ବାତାବରଣ ବଜାୟ ରଖିବାକୁ ଅଭିଭାବକ ମହଲରେ ଦାବି ହୋଇଛି।







ସୁନ୍ଦରଗଡ ଜିଲା ବଡଗାଁ ବସ୍ତି ଦେବ ମଣ୍ଡପଠାରେ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ମହିଳାମାନେ ଜମ୍ମୁ କଶ୍ମୀର ଅବନ୍ତିପୁରାଠାରେ ଆତଙ୍କବାଦୀଙ୍କ ଦ୍ୱାରା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଜଗନ୍ନାଥ ମନ୍ଦିରରେ ଦୀପ ଜଳାଉଛନ୍ତି (ବାମ) । ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଝାରବନ୍ଧ (ମଝି) ଓ ସୋହେଲା ଅଞ୍ଚଳରେ ଲୋକେ କ୍ୟାଣ୍ଡେଲ ଜାଳୁଛନ୍ତି ।

### ପାଇକମାଳରେ କ୍ୟାଣ୍ଡେଲ ଶୋଭାଯାତ୍ରା

ପାଇକମାଳ,୧୫।୨(ଡି.ଏନ.ଏ)

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ବରଗଡ଼ ଜିଲା ପାଇକମାଳରେ ଶୁକ୍ରବାର ରାତ୍ରିରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଛି। ଏଥିରେ ଶତାଧିକ ଯୁବକ, ସଚେତନ ନାଗରିକ ଯୋଗଦାନ କରି କ୍ୟାଣ୍ଡେଲ ଜାଳିବା ସହ ନିରବ ପ୍ରାର୍ଥନା କରିଥିଲେ । ଶହୀଦ ଓଡ଼ିଆ ଯବାନ ପ୍ରସନ୍ନ ସାହୁ, ଓ ମନୋଜ ବେହେରାଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

କଲୁଙ୍ଗା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ସମାରୋହ

### ଶିକ୍ଷା ବ୍ୟବସ୍ଥା ଏକ ତ୍ରିଭୁଜ ସଦୃଶ

ବେଦବ୍ୟାସ, ୧୫।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ କଲୁଙ୍ଗା ଗ୍ରାମ ପଞ୍ଚାୟତର ସର୍ବପୁରାତନ କଲୁଙ୍ଗା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ଏକ ତ୍ରିଭୁଜ ସଦୃଶ। ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉତ୍ତମ ସମନ୍ୱୟରେ ଶିକ୍ଷାର ବିକାଶ ହୋଇପାରିବ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ। ସମାଜସେବୀ ଆକୁଳ ଚରଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୃଥ୍ୱୀନାଥ ଚତୁର୍ବେଦୀ, ସଞ୍ଜିତ ସାହୁ, କଲୁଙ୍ଗା (କ) ସରପଞ୍ଚ ରାମ ମାଝି, ଏସଏସ ପ୍ରସାଦ, ଜିଲା କଂଗ୍ରେସ ସମ୍ପାଦକ ଛବିଳ ପୂଜାରୀ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସବିତା ରାୟ ପ୍ରମୁଖ ମଞ୍ଚାସୀନ ହୋଇ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପିଟିଏ କମିଟିର ସଭାପତି ଛବିଳ ପୂଜାରୀ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ଅସୁବିଧା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିଜୟ ବିହାରୀ ହୋତା ଓ ଭଲୁଆ ମହାନ୍ତଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ଯଜ୍ଞ: ଶହୀଦଙ୍କ ପାଇଁ ପ୍ରାର୍ଥନା

ବଡଗାଁ, ୧୫।୨ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ଗ୍ରାମସ୍ଥିତ ମା' ମଙ୍ଗଳା ମନ୍ଦିରରେ ପଞ୍ଚ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ପୂର୍ବାହ୍ନରେ ଆରମ୍ଭ ହୋଇଛି। ପଞ୍ଚ ଦିନାତ୍ମକ ଏହି ଯଜ୍ଞରେ ଦିବ୍ୟାଲୋଚନ ମିଶ୍ର, ଗୌରାଙ୍ଗ ତ୍ରିପାଠୀ, ବିଜୟ ନାୟକ, ମୋନୁ ପାଣିଗ୍ରାହୀ, ପିଙ୍କୁ ପାଣିଗ୍ରାହୀ ପୂଜକ ଓ ମୁଖ୍ୟକର୍ତ୍ତା ଫକିର ମୋହନ ଜେନା ଓ ତାଙ୍କ ସ୍ତ୍ରୀ ବାସନ୍ତି, ସହକର୍ତ୍ତା ବନମାଳୀ ପୃଷେଟ ଓ ସ୍ୱର୍ଣ୍ଣଲତା, ଭରତ କେଶରୀ ଓ ପ୍ରଣିତା, ହଳଧର ସା ଓ ହେମବତୀ, ପଞ୍ଚମ ପୃଷେଟ ଓ ପୂର୍ଣ୍ଣିମା କର୍ତ୍ତା ଦାୟୀତ୍ୱ ତୁଲାଉଛନ୍ତି । ସକାଳେ କଳସ ଯାତ୍ରା ପରେ ଯଜ୍ଞ ଆରମ୍ଭ ହୋଇଥିଲା । ଏହା ସହିତ ଜମ୍ମୁ କଶ୍ମୀରରେ ଆତଙ୍କବାଦୀଙ୍କ ଆତ୍ମଘାତି ଆକ୍ରମଣରେ ଶହୀଦ ଯବାନଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା।



କଳସ ଯାତ୍ରାରେ ପୂଜକ ଓ କର୍ତ୍ତା ।

# ଶହୀଦ ଯବାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ବରଗଡ଼ ଅଫିସ୍,୧୫।୨

ଜମ୍ମୁ କଶ୍ମୀର ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କ ପ୍ରତି ବରଗଡ଼ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବରଗଡ଼ ସହରସ୍ଥିତ ମାଁ ଶ୍ୟାମାକାଳୀ ମନ୍ଦିର ସମିତି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ସଭାରେ ସମିତିର ସଭାପତି ସର୍ବେଶ୍ୱର ରଥ, ସମ୍ପାଦକ ରାଜେଶ ଶତପଥୀ, ଉପସଭାପତି ଗୌରାଙ୍ଗ ନାଏକ, ସହସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଅତାବିରା ବ୍ଲକ ଦୁଲମପୁର ଜାଗୃତି ହାଇସ୍କୁଲ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା ଏବଂ ଏଥିରେ ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ସାମିଲ ଥିଲେ । ଶହୀଦ ଯବାନଙ୍କ ସ୍ମୃତିରେ ବରଗଡ଼ ବ୍ଲକ ବରଡ଼ୋଲରେ ସ୍ଥାନୀୟ ସରସ୍ୱତୀ ପୂଜା କମିଟି ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ନିଷ୍ଠା ପରିବାର ପକ୍ଷରୁ ଏକ ରକ୍ତଦନ ଶିବିର ହୋଇଥିଲା। ଏଥିରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସିଏସଆର କୋର୍ଡ଼ିନେଟର ଜମିଲ ଖାନ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନିଷ୍ଠାର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ଶିବିର ସଂଯୋଜନା କରିଥିଲେ। ରକ୍ତଦାନ କରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବାବେଳେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ ଏବଂ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଘେଁସର ଏକ ଇଂଲିସ ମିଡ଼ିୟମ ସ୍କୁଲରେ ମଧ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ଶହୀଦଙ୍କୁ ନାଗରିକ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଓକିଲ ସଂଘ ପକ୍ଷରୁ ଆୟୋଜିତ ନାଗରିକ ଶ୍ରଦ୍ଧାଞ୍ଜଳି ଅବସରରେ ଅନୁଷ୍ଠିତ ମହମବତୀ ଶୋଭାଯାତ୍ରାରେ ସଂଘର ସଭାପତି ଅଶୋକ କୁମାର ଯୋଶୀ, ସାଧାରଣ ସମ୍ପାଦକ ଲିପ୍‌ସିତ ମିଶ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏବଂ ସହରର ନାଗରିକମାନେ ସାମିଲ ହୋଇଥିଲେ । ବରଗଡ଼ ବିଜେଡ଼ି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସେମାନେ ନୀରବ ପ୍ରାର୍ଥନା କରିଥିଲେ ।

**ଝାରବନ୍ଧ, ୧୫।୨ (ଡି.ଏନ.ଏ):** ଜମ୍ମୁ କଶ୍ମୀରରେ ଶହୀଦ ଯବାନଙ୍କୁ ଶୁକ୍ରବାର ଝାରବନ୍ଧ ଚାନ୍ଦିନୀଚୌକଠାରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଅଛି । ଏହି ଅବସରରେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ଜୁନିୟର କଲେଜ ଅଧ୍ୟକ୍ଷ ସାନନ୍ଦ କୁମାର ସାହୁ, ବୀରାଦୈତ୍ୟ ସାହୁ, ଦୁର୍ଗାପ୍ରସାଦ ଅଗ୍ରୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ । ବିକାଶ ଅଗ୍ରୱାଲ, ଜୟକୁମାର ନିଗମ, କୁମାର ଗୌରବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ତହସିଲ ଅଫିସ୍‌ଠାରେ ତହସିଲଦାର ପର୍ଶୁରାମ ପଣ୍ଡାଙ୍କ ନେତୃତ୍ୱରେ ଦୁଇ ମିନିଟ ନୀରବ ପ୍ରାର୍ଥନା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରେ ଶିକ୍ଷକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

**ବରପାଲି, (ଡି.ଏନ.ଏ):** ଜାମ୍ମୁ କଶ୍ମୀରର ପୁଲଓମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୪ ଜଣ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବରପାଲିର ବହୁ ଅନୁଷ୍ଠାନ, ବରିଷ୍ଠ ଓ ସଚେତନ ନାଗରିକ, ମାରୱାଡି ମହିଳା ମଞ୍ଚ ଓ ଅବସରପ୍ରାପ୍ତ ସୈନିକମାନେ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ପରେ ବଣିକ ସଂଘ ସଭାପତି ନନ୍ଦଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶହୀଦ ହୋଇଥିବା ବୀର ଯବାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

**ଗଣ୍ଡତୁରୁମ, (ଡି.ଏନ.ଏ):** ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତରେ ନାଗରିକ ମଞ୍ଚ ତରଫରୁ ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକ ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଲୋକ ମହୁଲପାଲି ପଞ୍ଚାୟତ ଛକରୁ ସ୍ଥାନୀୟ ସ୍କୁଲ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ । ପରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୁପ୍ତେଶ୍ୱର ପୁରୋହିତ, ମନବୋଧ ସାହୁ, ସଞ୍ଜୟ କର, ପ୍ରମୋଦ ପଧାନ, ପର୍ଶୁରାମ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**ସୋହେଲା,(ଡି.ଏନ.ଏ):** ସୋହେଲାରେ ବିଜୁ ଛାତ୍ର ଜନତା ଦଳ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଶୁକ୍ରବାର ସନ୍ଧ୍ୟାରେ ଜମ୍ମୁ କଶ୍ମୀରର ପୁଲୱାମା ଅବନ୍ତୀପୁରାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଯୁବକମାନେ ସ୍ଥାନୀୟ ଡେଲି ମାର୍କେଟରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ କ୍ୟାଣ୍ଡେଲ ଓ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ସୋହେଲା ପରିକ୍ରମା କରିବା ପରେ ଦୁର୍ଗା ମନ୍ଦିରରେ ସମାପନ ହୋଇଥିଲା। ଏଥିରେ ସବୁ ସଙ୍ଗଠନର ଯୁବଗୋଷ୍ଠୀ ସାମିଲ ହୋଇଥିଲେ ।

**ଅତାବିରା, (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପୁଲୱାମା ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ପାଇଁ ନିବ ପ୍ରାର୍ଥନା କରାଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର ଚୌହାନଙ୍କ ଅଧ୍ୟକ୍ଷତାରେ ପ୍ରଫେସର ରତନ ଶର୍ମା, ଡ. ପ୍ରମୋଦ ଭୋଇ, ଡ. ଦିଗମ୍ବର ଚାନ୍ଦ, ସାମାଜିକ କର୍ମୀ ସଚିବ ମହାକୁର, ଖଗେଶ୍ୱର ମେହେର, କୃଷ୍ଣ ଚନ୍ଦ୍ର ସାଥୁଆ ପ୍ରମୁଖ ଆତଙ୍କବାଦୀଙ୍କ ଏହି ବର୍ବର କାଣ୍ଡକୁ ନିନ୍ଦା କରିଥିଲେ । ଏଥିରେ କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀମାନେ ଯୋଗ ଦେଇଥିଲେ ।



ଦୁଲମପୁର ଜାଗୃତି ହାଇସ୍କୁଲ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।